# ପାହାଡ଼ି ଛଡ଼ିଆ



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଭୁବନେଶ୍ୱର

# ପାହାଡ଼ି ଖଡ଼ିଆ

ନିର୍ଦ୍ଦେଶକ

ପ୍ରଫେସର (ଡକ୍ଟର) ଅଖିଲ ବିହାରୀ ଓତା

ସଂକଳକ

ଡକ୍ଟର ଅନନ୍ତ ଚରଣ ସାହୁ

ତଥ୍ୟ ସଂଗ୍ରହକାରୀ

ଡକ୍ଟର ଲତା ଭୋଳ

ଶ୍ରୀ ବିବେକାନନ୍ଦ ଦାସବାବୁ

ସମ୍ପାଦକ

ପ୍ରଫେସର ଡକ୍ଟର କୃଷ୍ଣ କୁମାର ମହାନ୍ତି

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଭୁବନେଶ୍ୱର

# ପାହାଡ଼ି ଖଡ଼ିଆ

*ନିର୍ଦ୍ଦେଶକ* : ପ୍ରଫେସର (ଡକ୍ଟର) ଅଖିଳ ବିହାରୀ ଓତା

*ସଂକଳକ* : ଡକ୍ଟର ଅନନ୍ତ ଚରଣ ସାହୁ
ପ୍ରାକ୍ତନ ନିର୍ଦ୍ଦେଶକ,
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ

*ତଥ୍ୟ ସଂଗ୍ରହକାରୀ* : ଡକ୍ଟର ଲତା ଭୋଳ
ଶ୍ରୀ ବିବେକାନନ୍ଦ ଦାସବାବୁ

*ସମ୍ପାଦକ* : ପ୍ରଫେସର (ଡକ୍ଟର) କୃଷ୍ଣ କୁମାର ମହାନ୍ତି

© *ପ୍ରକାଶକ* : ସଦସ୍ୟ ସଚିବ,
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଆଦିବାସୀ ପ୍ରଦର୍ଶନୀ ପଡିଆ
ୟୁନିଟ୍ - ୧, ଭୁବନେଶ୍ୱର - ୭୫୧୦୦୯

*ପ୍ରଥମ ପ୍ରକାଶ* : ୨୦୦୯

ମୁଦ୍ରଣ : ଭୋଳାନାଥ ପ୍ରେସ୍
୧୨୦୧/୧୬୦୧, ବମିଖାଲ, ଭୁବନେଶ୍ୱର-୧୦

# PAHADI KHADIA

**Director** : **Prof.(Dr.) A. B. Ota**

**Compiler** : **Dr. A. C. Sahoo,**
**Formerly, Director, ATDC**

**Data Collection** : **Dr. Lata Bhol**
**Shri Bibekananda Dasbabu**

**Editor** : **Prof. (Dr.) K. K. Mohanti**

© ***Publisher*** : Member Secretary,
Academy of Tribal Languages & Culture
Adivasi Exhibition Ground
Unit - I, Bhubaneswar - 751 009

***First Edition*** : 2009

***First Edition*** : 2009

***Printed at*** : Bholanath Press
1201/1601, Bomikhal, Bhubaneswar-10

# ଅଗ୍ରଲେଖ

ଓଡ଼ିଶାର ଜନଜାତି ପରମ୍ପରା ଅନନ୍ୟ । ଏକ ଭୌଗୋଳିକ ପରିମଣ୍ଡଳରେ ବସବାସ କରୁଥିଲେ ସୁଦ୍ଧା ଏମାନଙ୍କର ବୈଶିଷ୍ଟ୍ୟ ଅନ୍ୟ ଗୋଷ୍ଠୀଠାରୁ ସ୍ୱତନ୍ତ୍ର । ଐତିହ୍ୟ ଓ ପରମ୍ପରାକୁ ନେଇ ଓଡ଼ିଶାରେ ବସବାସ କରୁଥିବା ୬୨ ପ୍ରକାର ଅନୁସୂଚିତ ଜନଜାତିଙ୍କ ମଧ୍ୟରେ ସାଂସ୍କୃତିକ ବିବଧତା ପରିଲକ୍ଷିତ ହୁଏ । ବିକ୍ଷିପ୍ତ ଭାବରେ ବସବାସ କରୁଥିଲେ ମଧ୍ୟ ଏମାନଙ୍କ ସାମୂହିକ ଜୀବନଚର୍ଯ୍ୟା ଓଡ଼ିଶାର ସଂସ୍କୃତିକୁ ପୁଷ୍ଟ କରିବାରେ ବିଶେଷ ସହାୟକ । ଓଡ଼ିଶାର ଭାଷା, ସଂସ୍କୃତି ଓ ଭୌଗୋଳିକ ପରିମଣ୍ଡଳ ଜନଜାତିମାନଙ୍କ ଦ୍ୱାରା ପରିପୁଷ୍ଟ ।

ଓଡ଼ିଶାର ଅନୁସୂଚିତ ଜନଜାତିମାନଙ୍କ ସଂଖ୍ୟା ୨୦୦୧ ମସିହା ଜନଗଣନା ଆଧାରରେ ୮,୧୪୫,୦୮୧ ଅଟେ, ଯାହା ଓଡ଼ିଶାର ମୋଟ ଜନସଂଖ୍ୟାର ୨୨.୧୩ ଶତାଂଶ । ଜନଜାତି ସମାଜର ସାମାଜିକ ରୀତିନୀତି, ରାଜନୈତିକ ପୃଷ୍ଠଭୂମି, ଅର୍ଥନୈତିକ ବ୍ୟବସ୍ଥା ଏବଂ ଧର୍ମୀୟ ପରମ୍ପରାକୁ ସୂକ୍ଷ୍ମ ଭାବରେ ଅନୁଶୀଳନ କଲେ ଲୋକତାନ୍ତ୍ରିକ ସମାଜ ବ୍ୟବସ୍ଥାର ମୂଳ ଭିତ୍ତି ସ୍ପଷ୍ଟ ପରିଲକ୍ଷିତ ହୋଇଥାଏ । ଏହି ଲୋକତାନ୍ତ୍ରିକ ବ୍ୟବସ୍ଥା ଓ ଲଘୁ ପରମ୍ପରା କାଳାନୁକ୍ରମେ ମହାଭାରତୀୟ ସଂସ୍କୃତିର ଆଧାର ହୋଇଛି । ସଂସ୍କୃତିର ଉଦ୍‌ବିକାଶ ହେବା ସ୍ୱାଭାବିକ । ଜନଜାତି ସଂସ୍କୃତିର ପ୍ରମୁଖ ମହନୀୟତା ମହାଭାରତୀୟ ସଂସ୍କୃତିର ଏକ ବିଶିଷ୍ଟ ଅଂଶ । ମାତ୍ର ଜନଜାତି ସଂସ୍କୃତି ମହାଭାରତୀୟ ସଂସ୍କୃତିରେ ବିଲୀନ ହୋଇଯାଇନାହିଁ, ପରନ୍ତୁ ନିଜସ୍ୱ ସାଂସ୍କୃତିକ ବୈଶିଷ୍ଟ ମଧ୍ୟରେ ତା'ର ସତ୍ତା ଅଦ୍ୟାବଧି ବଜାୟ ରଖିପାରିଛି । ମୁଖ୍ୟସ୍ରୋତରୁ କାଳାନୁକ୍ରମେ ଦୂରେଇ ରହିଥିଲେ ମଧ୍ୟ ସାଂସ୍କୃତିକ ଏକକ ହିସାବରେ ପ୍ରତ୍ୟେକ ଜନଜାତି ନିଜର ପରିଚିତି ବଜାୟ ରଖିବାକୁ ସଂଗ୍ରାମ କରୁଛି । ଏହା ସ୍ୱାଭିମାନ ଓ ପରମ୍ପରାର ଏକ ମଧୁର ସମନ୍ୱୟ ପରିଚୟ ପ୍ରଦାନ କରେ ।

ଓଡ଼ିଶାର ଜନଜାତି ଭାଷା କ୍ଷେତ୍ରରେ ଆର୍ଯ୍ୟ, ଦ୍ରାବିଡ଼, ଓ ଅଷ୍ଟ୍ରିକ ଏହି ତିନିଗୋଟି ଭାଷା ପ୍ରଭାଗ ପରିଲକ୍ଷିତ । ପ୍ରତ୍ୟେକ ଗୋଷ୍ଠୀର ନିଜସ୍ୱ ଅନନ୍ୟତା ଥିଲେ ମଧ୍ୟ ପଡ଼ୋଶୀ ଗୋଷ୍ଠୀଗୁଡ଼ିକ ସହ ସେମାନଙ୍କ ସୁସମ୍ପର୍କ ପ୍ରତିଷ୍ଠିତ । ଖଡ଼ିଆ ଗୋଷ୍ଠୀକୁ ଲକ୍ଷ୍ୟ କଲେ

ଏହି ବୈଶିଷ୍ଟ୍ୟ ଆହୁରି ସ୍ପଷ୍ଟ ହୋଇଥାଏ । ଏମାନଙ୍କ ମଧ୍ୟରେ ତିନିଗୋଟି ଉପ ବିଭାଗ ଦେଖାଯାଏ । ପ୍ରଥମ ଦୁଇ ଗୋଷ୍ଠୀ ଢେଲ୍କି ଖଡ଼ିଆ ଓ ଦୁଧ୍ ଖଡ଼ିଆ ହିସାବରେ ପରିଚିତ, କିନ୍ତୁ, ତୃତୀୟ ଶାଖା ପାହାଡ଼ି ଖଡ଼ିଆ ହିସାବରେ ନିଜ ସ୍ୱତନ୍ତ୍ର ପରିଚିତି ବହନ କରିଛି । ଏପରିକି ଏମାନେ ଭାଷା, ସମାଜ ଓ ସାଂସ୍କୃତିକ ଦୃଷ୍ଟିରେ ପୂର୍ବୋକ୍ତ ଦୁଇ ଗୋଷ୍ଠୀଠାରୁ ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖିଛନ୍ତି ।

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ପାହାଡ଼ି ଖଡ଼ିଆ ଜନଜାତିମାନଙ୍କ ମୌଳିକ ପରମ୍ପରା ଯଥା; ଖାଦ୍ୟ, ପାନୀୟ, ବାସଗୃହ, ବସତି, ଶ୍ରମ ସମବାୟ ଇତ୍ୟାଦି ବିଷୟବସ୍ତୁକୁ ଆଧାର କରି କ୍ଷେତ୍ର ଅଧ୍ୟୟନ ପୂର୍ବକ ପାଣ୍ଡୁଲିପି ପ୍ରସ୍ତୁତ କରିଛନ୍ତି । ପୁରାତନ ସାଂସ୍କୃତିକ ବିଲୁପ୍ତିର ଚରମ ମୁହୂର୍ତ୍ତରେ ଏହି ସବୁ ପାରମ୍ପରିକ ବିଷୟବସ୍ତୁକୁ ସଂଗ୍ରହ ଓ ସଂକଳନ କରିବା ଏକ ଦୁରୂହ ବ୍ୟାପାର । ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ବନାଞ୍ଚଳରେ ବସବାସ କରୁଥିବା ପାହାଡ଼ି ଖଡ଼ିଆମାନଙ୍କ ପରମ୍ପରାର ପରିଚୟ ଏଥିରେ ବର୍ଣ୍ଣିତ ହୋଇଅଛି । ଜନଜାତି ସମାଜର ସାଂସ୍କୃତିକ ବିଭବର ସଂପୂର୍ଣ୍ଣ ବିବରଣୀ ସଂକଳନ ସହଜସାଧ୍ୟ ନୁହେଁ । କେତେକ ନିର୍ବାଚିତ ବିଷୟକୁ ଏକାଡ଼େମୀ ବର୍ଣ୍ଣନା କରିଅଛି । ପ୍ରକାଶିତ "ପାହାଡ଼ି ଖଡ଼ିଆ" ପୁସ୍ତିକାଟି ଏକ ଗବେଷଣାତ୍ମକ ଅଧ୍ୟୟନ ହୋଇଥିବାରୁ ଜ୍ଞାନପିପାସୁ ପାଠକ, ପାଠିକା, ଗବେଷକ, ଛାତ୍ରଛାତ୍ରୀ, ଅଧ୍ୟାପକ, ଐତିହାସିକ ତଥା ଜନଜାତିମାନଙ୍କର ଉନ୍ନୟନ ନିମନ୍ତେ କାର୍ଯ୍ୟ କରୁଥିବା ବିଭିନ୍ନ ସରକାରୀ ତଥା ବେସରକାରୀ ସଂସ୍ଥାମାନଙ୍କ ପାଇଁ ଉପାଦେୟ ହୋଇପାରିବ ବୋଲି ଦୃଢ଼ ଆଶା ଓ ବିଶ୍ୱାସ ।

ଚୈତନ୍ୟ ପ୍ରସାଦ ମାଝି

ମାନ୍ୟବର ମନ୍ତ୍ରୀ

*ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ*

*ତଥା ସଂଖ୍ୟାଲଘୁ ଓ ଅନଗ୍ରସରବର୍ଗ କଲ୍ୟାଣ*

# ମୁଖବନ୍ଧ

ପ୍ରାକୃତିକ ପରିବେଶରେ ବସବାସ କରି ରହୁଥିଲେ ମଧ୍ୟ ଜନଜାତିମାନଙ୍କ ଏକ ସ୍ୱତନ୍ତ୍ର ପରିଚୟ ରହିଛି । ସେମାନଙ୍କ ଜୀବନ ଧାରା ପରିବେଶକୁ ଖାପ ଖୁଆଇ ଗଢ଼ି ଉଠିଛି । ଯେଉଁ ଜନଜାତି ପରିବେଶକୁ ନିଜର କରି ସ୍ଥାୟୀ ଭାବରେ ବସବାସ କରି ରହି ଆସିଛି, ସେଠାରେ ସେହି ଜନଜାତିର ସାମାଜିକ ଉଦ୍‌ବର୍ତ୍ତନ ସହିତ କାଳାନୁକ୍ରମେ ନିଜସ୍ୱ ସାଂସ୍କୃତିକ ବାତାବରଣ ସୃଷ୍ଟି ହୋଇଛି । ଓଡ଼ିଶାରେ ବସବାସ କରୁଥିବା ଜନଜାତିମାନଙ୍କ ସାଂସ୍କୃତିକ ପରଂପରାକୁ ଲକ୍ଷ୍ୟ କଲେ ପାରିବେଶିକ ସ୍ଥିତି ବାରି ହୁଏ ।

ଜନଜାତିମାନେ ପ୍ରକୃତି ଉପରେ ମୁଖ୍ୟତଃ ନିର୍ଭରଶୀଳ । ପରିବର୍ତ୍ତିତ ସମୟକୁ ଆଧାର କରି ସେମାନଙ୍କ ଜୀବନଯାତ୍ରାରେ ପରିବର୍ତ୍ତନ ଦେଖାଦେବା ସ୍ୱାଭାବିକ । ପରଂପରାପୁଷ୍ଟ ଜନଜାତିମାନଙ୍କ ଚଳଣି, ସର୍ବୋପରି ସଂସ୍କୃତି ହଠାତ୍ ପରିବର୍ତ୍ତିତ ହୋଇଯିବ ଏହା ଆଶା କରାନଗଲେ ମଧ୍ୟ ସଂସ୍କୃତିର ଉଦ୍‌ବିକାଶ ଅବଶ୍ୟମ୍ଭାବୀ ।

ଏହି ଉଦ୍ଦେଶ୍ୟକୁ ଆଖି ଆଗରେ ରଖି ଓଡ଼ିଶାର ଆଦିବାସୀମାନଙ୍କ ପରମ୍ପରା ଓ ଜ୍ଞାନକୌଶଳ ଉପରେ ଆଧାରିତ ଗବେଷଣା ପ୍ରକଳ୍ପ ଏକ ସମୟୋଚିତ ଉଦ୍ୟମ । ପ୍ରଥମ ପର୍ଯ୍ୟାୟରେ ବଣ୍ଡା, ସାନ୍ତାଳ, ହୋ, ଦେଶିଆକନ୍ଧ, ମାଙ୍କିଡ଼ିଆ, ଲୋଧା, ଖଡ଼ିଆ, ଜୁଆଙ୍ଗ, ଡିଡାୟୀ, ଚୁକ୍‌ଟିଆ ଭୁଞ୍ଜିଆ, ଡଙ୍ଗରିଆକନ୍ଧ, କୁଟିଆ କନ୍ଧ, କୋୟା, ଗଣ୍ଡ୍, ପାଉଡ଼ିଭୂୟାଁ, ଭୂମିଆ, ସଉରା, ଓରାଓଁ, କିଶାନ୍, ପରଜା, ଗଦବା, ଧାରୁଆ, ବିଞ୍ଝିଆ ଓ ଭୂମିଜ ଜନଜାତିଙ୍କ ପରମ୍ପରା ଓ ଜ୍ଞାନକୌଶଳ ଉପରେ କ୍ଷେତ୍ର ଅଧ୍ୟୟନ କରାଯାଇ ପାଣ୍ଡୁଲିପି ପ୍ରସ୍ତୁତ କରାଯାଇଛି । ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟାନ୍ୟ ଅନାଲୋଚିତ ଗୋଷ୍ଠୀ ସମୂହର ପରମ୍ପରା ଓ ଜ୍ଞାନକୌଶଳ ଉପରେ କ୍ଷେତ୍ର ଅଧ୍ୟୟନ କରାଯିବାର ପ୍ରସ୍ତାବ ରହିଛି ।

ସମ୍ପ୍ରତି ସାମାଜିକ ସାଂସ୍କୃତିକ ପରିବର୍ତ୍ତନଗୁଡ଼ିକ ଲକ୍ଷ୍ୟ କରିବା ଉଚିତ। ସ୍ୱାଧୀନତାର ୬୦ ବର୍ଷ ବିତି ଯାଇଥିଲେ ସୁଦ୍ଧା ତାଙ୍କ ପାଖରେ ଉନ୍ନୟନର ସଫଳ ରୂପାୟନ ହୋଇ ପାରିନାହିଁ। ଆମେ ମୁଖ୍ୟତଃ ତାଙ୍କ ମୂଳ ଆବଶ୍ୟକତା ସହ ସଚେତନ ନୋହୁଁ। ସେମାନଙ୍କ ସଂସ୍କୃତି, ପରମ୍ପରା ଓ ଜ୍ଞାନକୌଶଳ ଆମେ ଭଲ ଭାବରେ ଜାଣିନାହୁଁ। ତେଣୁ ଅଧିକାଂଶ ଯୋଜନାବଦ୍ଧ ଉନ୍ନୟନ ପ୍ରକଳ୍ପଗୁଡ଼ିକର ସଫଳ ରୂପାୟନ ହୋଇପାରୁନାହିଁ।

ଅଧୁନା ଏ ସଂପର୍କରେ ସବିଶେଷ ଚିନ୍ତନର ଆବଶ୍ୟକତା ଦେଖାଯାଇଛି। ସେମାନଙ୍କ ଜୀବନଧାରା ବିଷୟ ଜ୍ଞାନ ଲାଭକରି ଉଚିତ ପଦକ୍ଷେପ ନେଲେ ପ୍ରକ୍ରିୟାର ରୂପାୟନ ସମ୍ଭବ ହେବ।

ପ୍ରକାଶିତ "ପାହାଡ଼ି ଖଡ଼ିଆ" ପୁସ୍ତିକା ଏମାନଙ୍କ ପରିବେଶ, ସଂସ୍କୃତି ଓ ପରମ୍ପରାକୁ ନେଇ ପୁଷ୍ଟ। ଏହି ପୁସ୍ତିକା ସଂକଳନରେ ଡ଼ଃ ଲତା ଭୋଲ ଏବଂ ଶ୍ରୀ ବିବେକାନନ୍ଦ ଦାସବାବୁଙ୍କ ଶ୍ରମ ସ୍ୱୀକୃତ। ପାଣ୍ଡୁଲିପିର ଆବଶ୍ୟକ ପରିମାର୍ଜନ ସହ ମୟୂରଭଞ୍ଜ ଅଞ୍ଚଳର ବହୁ ବିଦ୍ୱାନ ବ୍ୟକ୍ତି ଶ୍ରମ ସ୍ୱୀକାର ପୂର୍ବକ ତଥ୍ୟ ଯୋଗାଇଦେଇ ପାଣ୍ଡୁଲିପିକୁ ପ୍ରକାଶନ ଉପଯୋଗୀ କରିଛନ୍ତି। ପୁସ୍ତକ ପ୍ରକାଶନ ଅବସରରେ ଏକାଡ଼େମୀ ସେମାନଙ୍କ ନିକଟରେ କୃତଜ୍ଞ।

ଆମ ବିଭାଗର ମାନ୍ୟବର ମନ୍ତ୍ରୀ ମହୋଦୟ ପୁସ୍ତିକାର ଅଗ୍ରଲେଖ ପ୍ରଦାନ କରିଥିବାରୁ ଆମ୍ଭେମାନେ ତାଙ୍କ ନିକଟରେ ଋଣୀ ଓ କୃତଜ୍ଞ।

ଅଖିଳ ବିହାରୀ ଓଟା
ସଦସ୍ୟ-ସଚିବ

# ସୂଚୀପତ୍ର


| କ୍ର.ସଂ. | ବିଷୟ | ପୃଷ୍ଠା |
|---|---|---|
| | ଅଗ୍ରଲେଖ | |
| | ମୁଖବନ୍ଧ | |
| ୧. | ଉପକ୍ରମଣିକା | ୧ |
| ୨. | ଖାଦ୍ୟ ପରମ୍ପରା | ୧୦ |
| ୩. | କନ୍ୟାସୁନା (ପଣ) | ୨୧ |
| ୪. | ଶ୍ରମ ସମବାୟ | ୨୬ |
| ୫. | ପାରମ୍ପରିକ ଗ୍ରାମସଭା | ୩୨ |
| ୬. | ଧର୍ମ ଓ ଗୁଣିଗାରେଡ଼ି କାର୍ଯ୍ୟନିର୍ବାହୀ | ୪୨ |
| ୭. | ବସତି ସଂରୂପ | ୫୦ |
| ୮. | ବାସଗୃହ | ୫୭ |
| ୯. | ବାର୍ଷିକ ପର୍ବପର୍ବାଣି ସାରଣୀ | ୬୯ |
| ୧୦. | ବାର୍ଷିକ କୃଷି ସାରଣୀ | ୭୫ |
| ୧୧. | ବାର୍ଷିକ ବନଜାତ ଦ୍ରବ୍ୟ ସଂଗ୍ରହ ପଞ୍ଜିକା | ୮୨ |
| ୧୨. | ପାରମ୍ପରିକ ହସ୍ତଶିଳ୍ପ ଓ କାରୁକଳା | ୮୭ |
| ୧୩. | ଭେଷଜ ଓ ଲୋକ ଭେଷଜଜ୍ଞ | ୯୩ |
| ୧୪. | ପଡ଼ୋଶୀ ଗୋଷ୍ଠୀ | ୯୯ |

# ଉପକ୍ରମଣିକା

ଓଡ଼ିଶାର ଜନଜାତି ସଂସ୍କୃତି ଓ ପରଂପରା ଖୁବ୍ ପ୍ରାଚୀନ ଓ ମହାନ୍ । ଗୌରବମୟ ସଂସ୍କୃତି ଓ ପରଂପରାକୁ ପାଥେୟ କରି ଅନୁସୂଚିତ ଜନଜାତି ଗୋଷ୍ଠୀର ଲୋକମାନେ ବାସ କରନ୍ତି । ଓଡ଼ିଶାର ସମଗ୍ର ଜନଜାତିଙ୍କ ମଧ୍ୟରୁ ଆଦିମ ଆଦିବାସୀ ଗୋଷ୍ଠୀଗୁଡ଼ିକ ମଧ୍ୟରେ ପାହାଡ଼ି ଖଡ଼ିଆ ଅନ୍ୟତମ । ୨୦୦୧ ଜନଗଣନା ଅନୁସାରେ ଓଡ଼ିଶାରେ ବସବାସ କରୁଥିବା ମୋଟ ଅନୁସୂଚିତ ଜନଜାତି ସଂପ୍ରଦାୟର ଲୋକ ସଂଖ୍ୟା ୮୧,୪୫,୦୮୧ । ଯାହା ମୋଟ ଜନସଂଖ୍ୟାର ଶତକଡ଼ା ୨୨.୧୩ । ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାରେ ପାହାଡ଼ି ଖଡ଼ିଆ ଗୋଷ୍ଠୀର ଲୋକମାନେ ସର୍ବାଧିକ ଦେଖାଯାଆନ୍ତି । ଶିମିଳିପାଳ ପାର୍ବତ୍ୟାଞ୍ଚଳର ଚ଼ତୁଃପାର୍ଶ୍ୱରେ ଏହି ସଂପ୍ରଦାୟର ଲୋକମାନେ ବିକ୍ଷିପ୍ତ ଭାବରେ ବସବାସ କରନ୍ତି । ଅନ୍ୟାନ୍ୟ ଜନଜାତିମାନଙ୍କ ସହିତ ଏକତ୍ର ସହାବସ୍ଥାନ ଯୋଗୁଁ ସାଂସ୍କୃତିକ ସଂସ୍ପର୍ଶର ପରିଚୟ ମିଳେ ।

ନୃତତ୍ତ୍ୱବିତ୍‌ମାନେ 'ଖଡ଼ଖଡ଼ିଆ' ଶବ୍ଦରୁ ଖଡ଼ିଆମାନଙ୍କ ଉତ୍ପତ୍ତି ବୋଲି ମତ ପ୍ରଦାନ କରିଛନ୍ତି । ଏହି ଖଡ଼ଖଡ଼ିଆ ଶବ୍ଦର ଅର୍ଥ ହେଲା 'ପାଲିଙ୍କି' । ଅର୍ଥାତ୍ ପୂର୍ବକାଳରେ ଯେଉଁମାନେ ପାଲିଙ୍କି / ସବାରୀ ବୋହିବା କାମ କରୁଥିଲେ, ସେମାନେ ପରବର୍ତ୍ତୀ କାଳରେ 'ଖଡ଼ିଆ' ଭାବରେ ପରିଚିତ ହେଲେ । ଭାଷା ଦୃଷ୍ଟିରୁ ଏମାନେ ଭାରତୀୟ ଆର୍ଯ୍ୟ ଭାଷା ପରିବାର ଅନ୍ତର୍ଭୁକ୍ତ ।

ଜଙ୍ଗଲ ସମୀପବର୍ତ୍ତୀ ଅଞ୍ଚଳଗୁଡ଼ିକରେ ପାହାଡ଼ିଖଡ଼ିଆ ଗ୍ରାମଗୁଡ଼ିକ ଦେଖାଯାଏ । ଗ୍ରାମବସତିରେ ଘରଗୁଡ଼ିକ ଦୁଇ ଧାଡ଼ିରେ ତିଆରି ନ ହୋଇ ଏଣେତେଣେ ବିକ୍ଷିପ୍ତ ଭାବରେ ପରିଲକ୍ଷିତ । କେତେକ ଅଞ୍ଚଳରେ ଘରଗୁଡ଼ିକ ଲାଗିଲାଗି ଅଣଓସାରିଆ ଗ୍ରାମରାସ୍ତାର ଉଭୟ ପାର୍ଶ୍ୱରେ ପରସ୍ପରକୁ ମୁହିଁ କରି ତିଆରି କରାଯାଇଥାଏ । ଘରଗୁଡ଼ିକ ଅସଜଡ଼ା ଭାବରେ ତିଆରି ହୋଇଥିବାର ଦେଖାଯାଏ । ସାଧାରଣତଃ ପାହାଡ଼ି ଖଡ଼ିଆ ଗ୍ରାମଗୁଡ଼ିକ ଆକାରରେ ଛୋଟ, ଯେଉଁଠାରେ ଦଶରୁ ତିରିଶି ଗୋଟି ପରିବାର ମଧ୍ୟ ବସବାସ କରିଥାନ୍ତି । କେତେକ ଗ୍ରାମରେ ପାଞ୍ଚରୁ ଦଶଟି ପରିବାର ବସବାସ କରି ରହିଆସୁଥିବାର ଦେଖାଯାଏ । ଅନ୍ୟ ଗୋଷ୍ଠୀର ଲୋକମାନେ ମଧ୍ୟ ପାହାଡ଼ିଖଡ଼ିଆମାନଙ୍କ ବସବାସ କରୁଥିବା ଗ୍ରାମଗୁଡ଼ିକରେ ସ୍ୱତନ୍ତ୍ର ଭାବରେ ଘର ତିଆରି କରି ରହିଥାନ୍ତି । ଗୋଟିଏ ସ୍ଥାନରେ ନୂତନ ବସତି ଗଢ଼ିବାକୁ ହେଲେ ସର୍ବପ୍ରଥମେ ଦେହୁରୀ ପୂଜାପାଠ କରିଥାନ୍ତି । ପୁରୁଖା ଲୋକମାନଙ୍କ ସହାୟତାରେ ଦେହୁରୀ ନୂତନ ସ୍ଥାନ ମନୋନୟନ କରିବା ପୂର୍ବରୁ ବିଧିବଦ୍ଧ ଭାବରେ ପୂଜା କରାଯାଏ ।

ଭବିଷ୍ୟତରେ କୌଣସି ଅସୁବିଧା ନହେବା ପାଇଁ ପାରଂପରିକ ରୀତିରେ ଦେବଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇ ସ୍ଥାନ ମନୋନୟନ କରାଯାଇଥାଏ । ସ୍ଥାନ ମନୋନୟନ ପରେ ଘରର ଲମ୍ବ ଭାଗ ପୂର୍ବ-ପଶ୍ଚିମ ଦିଗରେ ରହୁଥିବା ବେଳେ ପ୍ରସ୍ଥ ଭାଗ ଉତ୍ତର-ଦକ୍ଷିଣ ଦିଗକୁ ହୋଇଥାଏ । ଘର ତିଆରି ପାଇଁ ପ୍ରାୟତଃ ପନ୍ଦର ଗୋଟି ଖୁଣ୍ଟ ଦରକାର ହୋଇଥାଏ । ଘରଟି ସାଧାରଣତଃ ଏକ ପ୍ରକୋଷ୍ଠ ବିଶିଷ୍ଟ । ସଂପୃକ୍ତ ଅଞ୍ଚଳରେ ଥିବା ଜଙ୍ଗଲରୁ ମିଳୁଥିବା ଘାସ ଦ୍ୱାରା ଘର ଛପର କରାଯାଇଥାଏ । ଘରର ସମ୍ମୁଖ ଭାଗରେ ବାରଣ୍ଡା ତିଆରି କରାଯାଇଥାଏ । ଘର ସମ୍ମୁଖ କାନ୍ଥରେ ଘରପାଇଁ କବାଟ ଲଗାଯାଇଥାଏ । ଘରର ଇଷାଣ କୋଣରେ ଚୂଲି ତିଆରି କରାଯାଇ ସେଥିରେ ରୋଷେଇ ହୋଇଥାଏ । ଚୂଲି ପାଖାପାଖି ପୂର୍ବପୁରୁଷମାନଙ୍କ ଆସ୍ଥାନ ରଖାଯାଇ ସେମାନଙ୍କ ଉଦ୍ଦେଶ୍ୟରେ ପୂଜାପାଠ କରାଯାଇଥାଏ । ଘର ବାହାର ପାଖରେ ଘରକୁ ଲାଗି ଛେଳିଗୁହାଳ ତିଆରି କରାଯାଇଥାଏ । ଘର ଚାରିପାଖରେ ବାଡ଼ କରାଯାଇଥାଏ । ପ୍ରତ୍ୟେକ ଘର ପଛ ପାଖ ବଗିଚାରେ ଲଙ୍କା, କାକୁଡ଼ି, ଶିମ୍ବ ଆଦି ଫସଲ ଲଗାଇଥାନ୍ତି ।

ସଂପୂର୍ଣ୍ଣ ଭାବରେ ଜଙ୍ଗଲ ଉପରେ ନିର୍ଭର କରି ପାହାଡ଼ି ଖଡ଼ିଆମାନେ ଜୀବିକା ନିର୍ବାହ କରନ୍ତି । କେଉଁ ଆବହମାନ କାଳରୁ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବରେ ଜଙ୍ଗଲ ଏମାନଙ୍କୁ ସହାୟତା ପ୍ରଦାନ କରିଆସିଅଛି । ବଞ୍ଚି ରହିବାପାଇଁ ବିଭିନ୍ନ ପ୍ରକାର ଖାଦ୍ୟ ସମାଗ୍ରୀ, ବାସଗୃହ ନିର୍ମାଣ ପାଇଁ ବିବିଧ ଉପକରଣ ଜଙ୍ଗଲ ଯୋଗାଇଥାଏ । ବର୍ଷର ବିଭିନ୍ନ ସମୟରେ ଏମାନେ ଜଙ୍ଗଲରୁ ବହୁ ପ୍ରକାର ଫଳ, ଫୁଲ, ପତ୍ର, ଜାଳେଣୀ କାଠ, ଝୁଣା, ମହୁ, ଲାଖ, ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷ, କୁସୁମ, ଶାଳ, ଟୋଲ, ମହୁଲ, ତେନ୍ତୁଳୀ, କରଞ୍ଜ ମଞ୍ଜି, ବିଭିନ୍ନ ପ୍ରକାର ଛତୁ, କନ୍ଦା, କୋଳି, ଅଠା, ଝାଡୁ, ଶାଗ ଇତ୍ୟାଦି ସଂଗ୍ରହ କରିଥାନ୍ତି । ସଂଗୃହୀତ ବନଜାତ ଦ୍ରବ୍ୟକୁ ନିଜର ଆବଶ୍ୟକତା ଅନୁସାରେ ରଖି ଅବଶିଷ୍ଟ ଜିନିଷକୁ ସେମାନେ ନିକଟସ୍ଥ ହାଟ କିମ୍ବା ବଜାରରେ ବିକ୍ରିକରି କିଛି ଅର୍ଥ ଉପାର୍ଜନ କରିଥାନ୍ତି । ଏତଦ୍‌ବ୍ୟତୀତ ଜଙ୍ଗଲରୁ ବିଭିନ୍ନ ପଶୁ ଓ ପକ୍ଷୀ ଶିକାର କରି ସେମାନଙ୍କ ମାଂସକୁ ମଧ୍ୟ ବିକ୍ରି କରି କିଛି ଅର୍ଥ ରୋଜଗାର କରିଥାନ୍ତି । ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ କରିବା କ୍ଷେତ୍ରରେ ପାହାଡ଼ିଖଡ଼ିଆମାନେ ଦିନ ଦିନ ଧରି ଜଙ୍ଗଲରେ ରହିଯାନ୍ତି । ସାଧାରଣତଃ ବ୍ୟକ୍ତିଗତ ଭାବରେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିଥାନ୍ତି । କିନ୍ତୁ ମହୁ ସଂଗ୍ରହ ଏବଂ ପଶୁଶିକାର କରିବା ପାଇଁ ଅନ୍ୟମାନଙ୍କ ସହ ଜଙ୍ଗଲକୁ ଯାଇଥାନ୍ତି । ଏତଦ୍‌ବ୍ୟତୀତ ପାଳୁଅ ସଂଗ୍ରହ କରିବାରେ ପାହାଡ଼ ଖଡ଼ିଆମାନେ ଧୁରନ୍ଧର । ସାଧାରଣତଃ ପୁରୁଷମାନେ ପାଳୁଅ ଓ ମହୁ

ସଂଗ୍ରହ କରିଥାନ୍ତି । ଜଙ୍ଗଲର ବିଭିନ୍ନ ପ୍ରକାର ପଶୁ ଓ ପକ୍ଷୀଙ୍କୁ ଧରି ଗ୍ରାମାଞ୍ଚଳ ଲୋକମାନଙ୍କୁ ବିକ୍ରି କରି କିଛି ଅର୍ଥ ଉପାର୍ଜନ କରିଥାନ୍ତି ।

ଛେଳି ଓ କୁକୁଡ଼ାକୁ ପାହାଡ଼ିଖଡ଼ିଆ ଲୋକମାନେ ଘରେ ପାଳନ କରନ୍ତି । ଅଭାବ ଓ ଅସୁବିଧା ସମୟରେ ଗୃହପାଳିତ ପଶୁପକ୍ଷୀଙ୍କୁ ନିକଟସ୍ଥ ହାଟରେ ବିକ୍ରି କରି କିଛି ଅର୍ଥ ଉପାର୍ଜନ କରିଥାନ୍ତି । କେତେକ ପୂଜାପାର୍ବଣରେ ଦେବଦେବୀଙ୍କ ଉଦ୍ଦେଶ୍ୟରେ ପଶୁ ଓ ପକ୍ଷୀଙ୍କୁ ବଳି ଦିଆଯାଇଥାଏ । ଫଳରେ ଦେବଦେବୀ ସନ୍ତୁଷ୍ଟ ହୋଇ ବର୍ଷସାରା ଲୋକମାନଙ୍କୁ ସୁଖ ଶାନ୍ତିରେ ରଖନ୍ତି ବୋଲି ପାହାଡ଼ି ଖଡ଼ିଆମାନଙ୍କର ଦୃଢ଼ ବିଶ୍ୱାସ ।

ବିଭିନ୍ନ ସମୟରେ କୃଷିକ୍ଷେତ୍ରରେ ଶ୍ରମିକ ଭାବରେ କାର୍ଯ୍ୟ କରି, ଜଙ୍ଗଲଜାତ ସଂଗ୍ରହ ଏବଂ ବିକ୍ରି କରି ଉପାର୍ଜିତ ଅର୍ଥରେ ସାପ୍ତାହିକ ହାଟରୁ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ର କ୍ରୟ କରିଥାନ୍ତି । ଜଙ୍ଗଲରୁ ମହୁ ଓ ପାଳୁଅ ସଂଗ୍ରହ କରି ଆବଶ୍ୟକତାଠାରୁ ବଳକା ଅଂଶ ବିକ୍ରି କରି କିଛି ଅର୍ଥ ଉପାର୍ଜନ କରିଥାନ୍ତି । ବିବାହ ତଥା ପର୍ବପର୍ବାଣି ଆଦି ସାମାଜିକ ଉତ୍ସବାନୁଷ୍ଠାନଗୁଡ଼ିକରେ ଗୃହପାଳିତ ପଶୁ ଓ ପକ୍ଷୀ ମଧ୍ୟରେ ଛେଳି ଓ କୁକୁଡ଼ାକୁ ମାରି ମାଂସ ତରକାରୀ କରି ଆମନ୍ତ୍ରିତ ବନ୍ଧୁବାନ୍ଧବ, ସଂପର୍କୀୟମାନଙ୍କୁ ଆପ୍ୟାୟିତ କରିଥାନ୍ତି ।

ଦିନକୁ ଦିନ ଜଙ୍ଗଲ କ୍ଷୟ ହେବା ସହକୁ ପୂର୍ବଭଳି ଅନାୟାସରେ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବା ଅସମ୍ଭବ ହେଉଥିବାରୁ ପାହାଡ଼ିଖଡ଼ିଆମାନଙ୍କ ଜୀବନଧାରଣ ଦୁର୍ବିସହ ହୋଇଥିବା ଜଣାଯାଏ । ସେମାନଙ୍କ ସ୍ୱତନ୍ତ୍ର ଭାବରେ ସେଭଳି କୌଣସି ଆୟର ଉତ୍ସ ନଥିବା କହିଲେ ଚଳେ । ସମସ୍ତ ପ୍ରକାର ଦୁଃଖ କଷ୍ଟ ମଧ୍ୟରେ ବଞ୍ଚିବାର ମଜାଥାଏ ବୋଲି ପାହାଡ଼ିଖଡ଼ିଆମାନେ ମତ ଦେଇଥାନ୍ତି । ଦୁଃଖ କଷ୍ଟକୁ ଲାଘବ କରିବା ନିମନ୍ତେ ଅବସର ସମୟରେ ଉଭୟ ପୁରୁଷ ଓ ମହିଳା ମିଳିମିଶି ନୃତ୍ୟଗୀତରେ ନିଜକୁ ହଜାଇ ଦେଇଥାନ୍ତି ।

ପାହାଡ଼ିଖଡ଼ିଆ ସଂପ୍ରଦାୟର ଲୋକମାନେ ଯେତେ ସମ୍ଭବ କମ୍ ବସ୍ତ୍ର ପରିଧାନ କରିଥାନ୍ତି । ପୁରୁଷମାନେ ପୂର୍ବେ ଲେଙ୍ଗୁଟି ମାରୁଥିଲେ ଏବଂ ମହିଳାମାନେ ଖଦଡ଼ସୂତାରେ ତିଆରି ଏକ ଗାମୁଛାକୁ ଅଣ୍ଟାରେ ଏବଂ ଅନ୍ୟ ଏକ ଗାମୁଛାକୁ ଶରୀର ଉପରେ ଆବୃତ୍ତ କରୁଥିଲେ । ଛୋଟ ଛୋଟ ପିଲାମାନେ ପ୍ରାୟତଃ ଲଙ୍ଗଳା ହୋଇ ରହୁଥିଲେ । ସମୟର ଦ୍ରୁତ ପରିବର୍ତ୍ତନ ଫଳରେ ଏବଂ ବାହାର ଲୋକମାନଙ୍କ ସଂସ୍ପର୍ଶରେ ଆସି ଏମାନଙ୍କ ପୋଷାକପତ୍ରରେ ଅନେକ ପରିବର୍ତ୍ତନ ହୋଇଥିବା ଲକ୍ଷ୍ୟ କରାଯାଏ । ପୁରୁଷମାନେ ବର୍ତ୍ତମାନ ଧୋତି, ଗାମୁଛା, ଲୁଙ୍ଗି, ପୁରାପ୍ୟାଣ୍ଟ, ସାର୍ଟ ଇତ୍ୟାଦି ପିନ୍ଧୁଥିବା ବେଳେ ମହିଳାମାନେ ରଙ୍ଗ ବେରଙ୍ଗର ବିଭିନ୍ନ ପ୍ରକାର ଶାଢୀ ବ୍ୟବହାର କରୁଛନ୍ତି ।

ଏତଦ୍‌ବ୍ୟତୀତ ବିଭିନ୍ନ ପ୍ରକାର ପ୍ରସାଧନ ସାମଗ୍ରୀ ହାଟରୁ କ୍ରୟକରି ବ୍ୟବହାର କରୁଥିବା ଲକ୍ଷ୍ୟ କରାଯାଏ ।

ଅଧିକାଂଶ ପାହାଡ଼ି ଖଡ଼ିଆ ମହିଳାମାନେ ପ୍ରାୟତଃ ଅଳଙ୍କାର ବ୍ୟବହାର କରିନଥାନ୍ତି । କେତେକ ରସ, କଂସା, ରୂପା ଆଦି ଧାତୁରେ ତିଆରି ଅଳଙ୍କାର ବ୍ୟବହାର କରନ୍ତି । କାନଫୁଲ, ନାକଫୁଲ, ବେକହାର, ହାତମୁଦି, ପାଦ ଆଙ୍ଗୁଠି ମୁଦି, ଗୋଡ଼ବଳା ଇତ୍ୟାଦି ପିନ୍ଧିବାକୁ ମହିଳାମାନେ ଭଲ ପାଆନ୍ତି । ଅଳ୍ପ କେତେଜଣ ସୁନାର ବେକହାର ଏବଂ କାନଫୁଲ ବ୍ୟବହାର କରୁଥିବା ଦେଖାଯାଏ । ବର୍ତ୍ତମାନ ବଜାରରେ ମିଳୁଥିବା ବିଭିନ୍ନ ଅଳଙ୍କାର କ୍ରୟ କରି ପିନ୍ଧିବା ଦେଖାଯାଏ । ପାରଂପରିକ ଅଳଙ୍କାରମାନ ପ୍ରାୟତଃ ଅଧୁନା ଦେଖିବାକୁ ମିଳେନାହିଁ ।

ପାହାଡ଼ି ଖଡ଼ିଆ ଲୋକମାନେ ବିଶେଷତଃ ଗରିବ ଶ୍ରେଣୀର ହୋଇଥିବାରୁ ଘରେ ରୋଷେଇ ପାଇଁ ମାଟିହାଣ୍ଡି ବ୍ୟବହାର କରିବା ସଙ୍ଗେ ସଙ୍ଗେ ପାଣି ରଖିବା ହାଣ୍ଡି ଏବଂ ହାଣ୍ଡିଆ ରଖିବା ପାତ୍ର ଭାବରେ ମାଟିହାଣ୍ଡିର ବହୁଳ ବ୍ୟବହାର ଦେଖାଯାଏ । ସାଧାରଣତଃ ମାଟିର ହାଣ୍ଡି, ମାଠିଆ ଇତ୍ୟାଦି ନିକଟସ୍ଥ ହାଟରୁ କିଣାଯାଏ । ଅଳ୍ପକେତେକ ପରିବାରର କଂସା, ପିତଳ ଓ ରସର ବିବିଧ ଗୃହୋପକରଣ ଥିବା ଦେଖାଯାଇଥାଏ । ଅଧିକାଂଶ ଘରେ ପତ୍ରଦୋନାର ବହୁଳ ବ୍ୟବହାର ହୋଇଥାଏ । ପଥରରେ ତିଆରି ଗିନା, ବାଉଁଶ ତିଆରି ଡାଲା, ବୋଝ ଇତ୍ୟାଦି ଘରେ ରହିଥାଏ । ଶିକାର ଉପକରଣ ହିସାବରେ ଟାଙ୍ଗିଆ, ଛୁରୀ, ଧନୁ, ଶର, ବର୍ଚ୍ଛା, ଫାର୍ସା ରହିଥିବା ବେଳେ ଲଙ୍ଗଳ, ଜୁଆଳି, ଦାଆ, କୋଡ଼ି, କୋଦାଳ ଇତ୍ୟାଦି ଶିକାର ଉପକରଣ ଅଧିକାଂଶ ପାହାଡ଼ି ଖଡ଼ିଆ ଘରେ ଦେଖିବାକୁ ମିଳେ । ଏତଦ୍‌ବ୍ୟତୀତ ମାଛ ଧରିବା ପାଇଁ ବାଉଁଶ ତିଆରି ଖଇଁଚି, ପୋଲୁହ ତଥା ଜାଲର ବ୍ୟବହାର ହୋଇଥାଏ । ସେହିଭଳି ବାଦ୍ୟଯନ୍ତ୍ର ଭାବରେ ପାହାଡ଼ିଖଡ଼ିଆମାନେ ଘଙ୍ଗୁବାଦ୍ୟକୁ ମୁଖ୍ୟ ଭାବରେ ବ୍ୟବହାର କରିଥାନ୍ତି ।

ପାହାଡ଼ି ଖଡ଼ିଆମାନଙ୍କ ପାରିବାରିକ ତଥା ସାମାଜିକ ଜୀବନ ଶୃଙ୍ଖଳିତ । ସେମାନଙ୍କ ସମାଜରେ ପରିବାର ହେଉଛି ଏକ କ୍ଷୁଦ୍ରତମ ସାମାଜିକ ଅନୁଷ୍ଠାନ । ପାହାଡ଼ି ଖଡ଼ିଆ ସମାଜରେ ସରଳ ତଥା ନ୍ୟୁକ୍ଲିୟସୀୟ ପରିବାର ଦେଖାଯାଏ । ସେଠାରେ ପିତାମାତା ଏବଂ ଅବିବାହିତ ପୁଅ ଝିଅମାନେ ଏକତ୍ର ରହିଥାନ୍ତି । ପରିବାର ପ୍ରାୟତଃ ଚାରିରୁ ପାଞ୍ଚଜଣ ସଦସ୍ୟଙ୍କୁ ନେଇ ଗଠିତ ହୋଇଥାଏ । ଏହି ସରଳ ପରିବାରରେ ପିତାହିଁ ମୁଖ୍ୟ । ବାପାଙ୍କୁ ପରିବାରରେ ସମସ୍ତେ ମାନିବା ସଙ୍ଗେ ସଙ୍ଗେ ଯଥା ସମ୍ମାନ ପ୍ରଦର୍ଶନ କରିଥାନ୍ତି । ମୁଣ୍ଡା

ଏବଂ ସାନ୍ତାଳମାନଙ୍କ ସମକକ୍ଷ ବୋଲି ନିଜକୁ ପାହାଡ଼ିଖଡ଼ିଆମାନେ ବିବେଚନା କରନ୍ତି । କିନ୍ତୁ ମୁଣ୍ଡା ଓ ସାନ୍ତାଳ ଗୋଷ୍ଠୀର ଲୋକମାନଙ୍କ ସହିତ ଏମାନଙ୍କର କୌଣସି ବୈବାହିକ ନଥାଏ । ପରିବାରସ୍ତରୀୟ ବିବିଧ ପୂଜାପାଠ ତଥା ସାମାଜିକ ଉତ୍ସବାନୁଷ୍ଠାନମାନଙ୍କରେ ସେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି । ବିଶେଷତଃ ବିବିଧ ପୂଜାପାଠରେ ମୁଖ୍ୟ ପୁରୋଧା ହିସାବରେ ସେ କାର୍ଯ୍ୟ କରନ୍ତି । ପରିବାରସ୍ତରୀୟ ବିଭିନ୍ନ ଗଣ୍ଡଗୋଳର ସରଳ ସମାଧାନ ସେ ହିଁ କରିଥାନ୍ତି । ସମସ୍ତ ନିଷ୍ପତ୍ତି ସେହିଁ ଶୁଣାଇଥାନ୍ତି ପରିବାର ପାଇଁ । ପାହାଡ଼ି ଖଡ଼ିଆସମାଜରେ ପିତୃକୈନ୍ଦ୍ରୀୟ ପରିବାରକୁ ଅଧିକକୁ ଗୁରୁତ୍ୱ ଦିଆଯାଇଥାଏ । ପରିବାରର ମୁଖ୍ୟ ପିତାଙ୍କର ମୃତ୍ୟୁ ପରେ ବଡ଼ପୁଅହିଁ ପରିବାରର ସମସ୍ତ ଦାୟିତ୍ୱ ବହନ କରିଥାଏ । ପୁଅର ବୟସ କମ୍ ହୋଇଥିଲେ ସେ କ୍ଷେତ୍ରରେ ତା'ର ମାଆ ପରିବାରର ଦାୟିତ୍ୱ ନେଇଥାନ୍ତି । ପିତାଙ୍କ ଅନ୍ତେ ପୁତ୍ରମାନଙ୍କ ମଧ୍ୟରେ ସମାନ ଭାବରେ ପିତୃ ସଂପତ୍ତିର ବଣ୍ଟନ କରାଯାଇଥାଏ । ମାତ୍ର, ଗହଣା ବା ସୁନାରୂପା ଅଳଙ୍କାରର ବଣ୍ଟନ ଝିଅମାନଙ୍କ ମଧ୍ୟରେ ହୋଇଥାଏ । ପୁଅ-ଝିଅମାନେ ବଡ଼ ହୋଇ ବିବାହ କରିବା ପର୍ଯ୍ୟନ୍ତ ବାପାମାଆଙ୍କୁ କାମରେ ସହଯୋଗ କରିଥାନ୍ତି । କୃଷି କାର୍ଯ୍ୟଠାରୁ ଆରମ୍ଭ କରି ବିବିଧ ପର୍ବପର୍ବାଣି, ସାଂସ୍କୃତିକ କାର୍ଯ୍ୟକ୍ରମ, ଜନ୍ମୋତ୍ସବ, ବିବାହ ଆଦି ସାମାଜିକ ଉତ୍ସବାନୁଷ୍ଠାନମାନଙ୍କରେ ପ୍ରତିବେଶୀ ଲୋକମାନେ ପରସ୍ପରକୁ ସହଯୋଗ କରିଥାନ୍ତି । ପରିବାର ମଧ୍ୟରେ ଅନୁଷ୍ଠିତ ସାମାଜିକ ଉତ୍ସବଗୁଡ଼ିକରେ ବନ୍ଧୁବାନ୍ଧବ ତଥା ସଂପର୍କୀୟମାନଙ୍କୁ ଆମନ୍ତ୍ରଣ କରି ଭୋଜିଭାତ ତଥା ପାନୀୟ ଅର୍ପଣ ପୂର୍ବକ ସତ୍କାର କ୍ଷେତ୍ରରେ ପରିବାର ସଦସ୍ୟମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ନିଜ କୁଟୁମ୍ବଲୋକମାନଙ୍କ ସହିତ ଉତ୍ତମ ସଂପର୍କ ରକ୍ଷା କରି ପରିବାର ଲୋକମାନେ ବିବିଧ କାର୍ଯ୍ୟରେ ସହଯୋଗ କରିଥାନ୍ତି ।

ମନୁଷ୍ୟ ତା'ର ଜୀବନକାଳ ମଧ୍ୟରେ ମୁଖ୍ୟତଃ ବିଭିନ୍ନ ପର୍ଯ୍ୟାୟ, ଯଥା:- ଜନ୍ମ, ବିବାହ ଏବଂ ମୃତ୍ୟୁ ଦେଇ ଗତି କରିଥାଏ । ପାହାଡ଼ିଖଡ଼ିଆ ପରିବାରରେ ଶିଶୁଟିଏ ଜନ୍ମହେଲେ ପରିବାର ସାରା ଆନନ୍ଦିତ ହୋଇଥାନ୍ତି । ପ୍ରସବ ଯନ୍ତ୍ରଣା ଉପରାନ୍ତ ଅଭିଜ୍ଞ ଧାଇମା'ଙ୍କୁ ଡ଼କାଯାଇଥାଏ । ସେ ନବଜାତ ଶିଶୁର ଯତ୍ନ ନେବା ସଙ୍ଗେ ସଙ୍ଗେ ଶିଶୁ ଯତ୍ନର ସହଜ ଉପାୟ ପ୍ରସୂତୀକୁ ବତାଇ ଦେଇଥାନ୍ତି । ଶିଶୁ ଜନ୍ମର ନବମଦିବସରେ ଉଠିଆରି ପାଳନ କରାଯାଏ । ଏହି ଦିନ ଉଭୟ ମାଆ ଏବଂ ଶିଶୁ ପବିତ୍ର ଜଳରେ ସ୍ନାନ କରନ୍ତି । ନଅଦିନ ପର୍ଯ୍ୟନ୍ତ ମାଆ ରୋଷେଇ କରିନଥାଏ । ସ୍ୱତନ୍ତ୍ର ଭାବରେ ପୂଜାପାଠ କରାଯାଇଥାଏ । ସାଧାରଣତଃ ଶିଶୁର ପରିହାସ ସଂପର୍କ ଥିବା ପୂର୍ବପୁରୁଷଙ୍କ ନାମାନୁସାରେ

ନାମକରଣ କରାଯାଇଥାଏ । ଘରେ ବ୍ୟବହୃତ ପୁରୁଣା ମାଟିହାଣ୍ଡିକୁ ବଦଳ କରାଯାଇ ନୂଆ ମାଟିହାଣ୍ଡି କ୍ରୟ କରାଯାଇଥାଏ । ନାମକରଣ ଉତ୍ସବରେ ବନ୍ଧୁବାନ୍ଧବ, ସଂପର୍କୀୟ ତଥା ପଡ଼ୋଶୀମାନଙ୍କୁ ନିମନ୍ତ୍ରଣ କରାଯାଇଥାଏ । ଉପସ୍ଥିତ ଲୋକମାନଙ୍କ ପାଇଁ ଭୋଜିଭାତ ସାଙ୍ଗକୁ ମଦ୍ୟପାନର ବ୍ୟବସ୍ଥା କରାଯାଇଥାଏ । ପରେ ପରେ ନୃତ୍ୟଗୀତର ଆସର ଜମିଯାଇଥାଏ । ଶିଶୁଟିକୁ ଆଠ କିମ୍ବା ନଅମାସ ହେବାପରେ ତାକୁ ପ୍ରଥମଥର ପାଇଁ ଅନ୍ନ ଖାଇବାକୁ ଦିଆଯାଏ । ଶିଶୁର ବୟସ ପାଞ୍ଚ କିମ୍ବା ଛଅ ବର୍ଷ ହୋଇଗଲେ ତାର ନାକ ଓ କାନ ଫୋଡ଼ାଯାଇଥାଏ । ପରିବାର ମଧ୍ୟରେ ଶିଶୁଟି ଧୀରେ ଧୀରେ ବଢିବାକୁ ଲାଗେ । ବଡ଼ ହୋଇ ପିତାମାତାଙ୍କୁ ତାଙ୍କ କାମରେ ସହଯୋଗ କରିଥାଏ । ନିଜେ ମଧ୍ୟ ବିଭିନ୍ନ କଠିନ କାର୍ଯ୍ୟକରି କିଛି ଅର୍ଥ ଉପାର୍ଜନ କରିଥାଏ । ରୋଜଗାରକ୍ଷମ ହୋଇପାରିଲେ ପିଲାର ବିବାହ ପାଇଁ ପିତାମାତା ଚିନ୍ତା କରନ୍ତି । ସାଧାରଣତଃ ପୁଅକୁ ଅଠରରୁ ପଚିଶି ଓ ଝିଅକୁ ପନ୍ଦରରୁ ଏକୋଇଶି ବର୍ଷ ହୋଇଗଲେ ସେମାନେ ବିବାହଯୋଗ୍ୟ ହୋଇଥାନ୍ତି ବୋଲି ପାହାଡ଼ି ଖଡ଼ିଆମାନେ ବିବେଚନା କରିଥାନ୍ତି ।

ସାମାଜିକ ଅନୁଷ୍ଠାନ ମଧ୍ୟରେ ବିବାହ ହେଉଛି ବ୍ୟକ୍ତିଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା । ଅନ୍ୟ ଜନାଜାତିଙ୍କ ଭଳି ପାହାଡ଼ିଖଡ଼ିଆ ସମାଜ ଭିନ୍ନ ଗୋଷ୍ଠୀ ମଧ୍ୟରେ ରକ୍ତ ସଂପର୍କୀୟ ମଧ୍ୟରେ ବିବାହକୁ ନିଷିଦ୍ଧ କରିଥାଏ । ପାହାଡ଼ିଖଡ଼ିଆ ସମାଜରେ ସାଧାରଣତଃ ଆୟୋଜିତ ବା ସ୍ଥିରୀକୃତ ବିବାହ, ଜବରଦସ୍ତ ବିବାହ ବା ବଳପୂର୍ବକ ଉଦୁଲିଆ ବିବାହ, ବିଧବା ବିବାହ, ପରିତ୍ୟକ୍ତା ସ୍ତ୍ରୀ ବିବାହ ଇତ୍ୟାଦି ପ୍ରଚଳିତ । ଆୟୋଜିତ ବା ସ୍ଥିରୀକୃତ ବିବାହକୁ ସମାଜ ଅଧିକ ଗୁରୁତ୍ୱ ଦେଇଥାନ୍ତି । ସନ୍ତାନ ସନ୍ତତି ଥାଇ ସ୍ତ୍ରୀର ମୃତ୍ୟୁ ହେଲେ ପୁରୁଷ ପୁନଃବିବାହ ବା ଦ୍ୱିତୀୟ ପତ୍ନୀ ଗ୍ରହଣ କରିଥାଏ, ଯାହାକି ସମାଜ ଦ୍ୱାରା ସ୍ୱୀକୃତ । ମାମୁଁଝିଅ ଓ ପୀଉସୀ ଝିଅ ବିବାହ ସମାଜରେ ପ୍ରାୟତଃ ଦେଖାଯାଏନାହିଁ । ପାହାଡ଼ି ଖଡ଼ିଆ ସମାଜରେ କନ୍ୟାସୁନା ପ୍ରଦାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବରପକ୍ଷ ତରଫରୁ କନ୍ୟାପକ୍ଷକୁ କନ୍ୟାସୁନା ପାରଂପରିକ ରୀତି ଅନୁସାରେ ପ୍ରଦାନ କରାଯାଏ । ବିବାହ ଦିବସର ପନ୍ଦର ଦିନ ପୂର୍ବରୁ ବରପକ୍ଷ ତରଫରୁ କନ୍ୟାସୁନା ସ୍ୱରୂପ ବାରଟଙ୍କା, ବାରଖଣ୍ଡ ଶାଢୀ, ଏକପୌଟି ଧାନ, ଦୁଇମାଠିଆ ମଦ, ଗୋଟିଏ ଛେଳି ଇତ୍ୟାଦି କନ୍ୟାପକ୍ଷକୁ ପ୍ରଦାନ କରିଥାଏ । ଏତଦ୍‌ବ୍ୟତୀତ କନ୍ୟା ଗୃହରେ ହେବାକୁ ଥିବା ବିବାହ ଭୋଜି ନିମନ୍ତେ ସମସ୍ତ ଆବଶ୍ୟକୀୟ ସାମଗ୍ରୀ ବରପକ୍ଷ ମଧ୍ୟ ଯୋଗାଇଥାଏ । ବିବାହ ଉତ୍ସବରେ ନିମନ୍ତ୍ରିତ ଅତିଥି, ବନ୍ଧୁବାନ୍ଧବ ତଥା ସଂପର୍କୀୟମାନଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ଭୋଜିଭାତର

ଆୟୋଜନ କରାଯାଇଥାଏ । ଏହା ସହିତ ମଦ୍ୟ ପାନର ବ୍ୟବସ୍ଥା ମଧ୍ଯ କରାଯାଇଥାଏ । ବିବାହ କାର୍ଯ୍ୟ ସଂପନ୍ନ ହେବା ପରେ ବର କନ୍ୟାକୁ ସଙ୍ଗରେ ଧରି ବରଯାତ୍ରୀ ଦଳ ବରଗ୍ରାମ ଅଭିମୁଖେ ଯାତ୍ରା କରନ୍ତି । ପରେ ପରେ ସାଧାରଣ ଭାବରେ ବରକନ୍ୟା ଦାମ୍ପତ୍ୟ ଜୀବନରେ ବାନ୍ଧି ହୋଇଯାଇଥାନ୍ତି । ବିବାହ ପରେ ପୁଅ ବୋହୂ କେତେକ ସ୍ଥଳରେ ଅଲଗା ରହିଥାନ୍ତି । ପାହାଡ଼ି ଖଡ଼ିଆ ସମାଜରେ ନବବିବାହିତ ପୁଅଝିଅ ଘରଠାରୁ ଅଲଗା ହୋଇ ଅନ୍ୟ ଜାଗାରେ ରହିଥାନ୍ତି ।

ମହାନ କାର୍ଯ୍ୟରେ କୁଟୁମ୍ବ ଲୋକ ଅଶୁଦ୍ଧ ହୁଅନ୍ତି । ସ୍ୱତନ୍ତ୍ର ଭାବରେ ଶେଷଦିନ ପୂଜାପାଠ କରାଯାଇଥାଏ । ପରିବାର ଏବଂ କୁଟୁମ୍ବଲୋକମାନେ ପବିତ୍ର ଜଳରେ ସ୍ନାନ କରିଥାନ୍ତି । ପୂର୍ବପୁରୁଷମାନଙ୍କୁ ପୂଜା କରିବା ସଙ୍ଗେ ସଙ୍ଗେ ସେମାନଙ୍କ ଉଦ୍ଦେଶ୍ୟରେ କୁକୁଡ଼ା ବଳି ସାଙ୍ଗକୁ ମଦ ଅର୍ପଣ କରାଯାଇଥାଏ । ପୂଜା ପରେ ପରେ ଦେହୁରୀ ମନ୍ତ୍ରିତ ଜଳ ପରିବାର ଏବଂ କୁଟୁମ୍ବଲୋକଙ୍କ ଉପରେ ସିଞ୍ଚନ କରିବା ସଙ୍ଗେ ସଙ୍ଗେ ଘର ଦୁଆରେ ସିଞ୍ଚନ କରିଥାନ୍ତି । ଫଳରେ ସମସ୍ତେ ଶୁଦ୍ଧି ହୋଇଥାନ୍ତି ବୋଲି ଲୋକ ବିଶ୍ୱାସ ରହିଛି । ଶୁଦ୍ଧିକ୍ରିୟା ଦିନ ସ୍ୱତନ୍ତ୍ର ଭାବରେ ଏକ ଭୋଜିରେ ଆୟୋଜନ କରାଯାଇଥାଏ । ଭୋଜିର ପୁରୁଖାଲୋକ, କୁଟୁମ୍ବ, ବନ୍ଧୁବାନ୍ଧବ ତଥା ସଂପର୍କୀୟମାନେ ସକ୍ରିୟ ଅଂଶଗ୍ରହଣ କରିଥାନ୍ତି । ଆମନ୍ତ୍ରିତ ଅତିଥିମାନେ ମୃତକର ପରିବାରବର୍ଗଙ୍କୁ ଆଶ୍ୱସନା ଦେଇଥାନ୍ତି । ମୃତ୍ୟୁପରେ ପୁର୍ନଜନ୍ମ ଉପରେ ପାହାଡ଼ି ଖଡ଼ିଆମାନଙ୍କ ବିଶ୍ୱାସ ରହିଛି । ମୃତାତ୍ମା ଯାଇ ପୂର୍ବପୁରୁଷମାନଙ୍କ ସହିତ ମିଶିଯାଇଥାଏ ବୋଲି ସମସ୍ତଙ୍କର ଧାରଣା । ଅତୃପ୍ତ ଆତ୍ମା ପୂର୍ବପୁରୁଷମାନଙ୍କ ସହିତ ମିଶିଯାଇଥାଏ ବୋଲି ଲୋକ ବିଶ୍ୱାସ ରହିଛି ।

ଅନ୍ୟ ଜନଜାତିଙ୍କ ଭଳି ପାହାଡ଼ିଖଡ଼ିଆ ସମାଜରେ ଲୋକମାନଙ୍କ ଭଲମନ୍ଦ ବୁଝିବା, ଗ୍ରାମର ଶାନ୍ତିଶୃଙ୍ଖଳା ରକ୍ଷା ତଥା ଗ୍ରାମସ୍ତରୀୟ ବିବିଧ ଗଣ୍ଡଗୋଳର ସରଳ ସମାଧାନ ନିମନ୍ତେ ପାରଂପରିକ ବିଚାର ବ୍ୟବସ୍ଥା ରହିଛି । ପାରିବାରିକ, ଗୋଷ୍ଠୀଭିତ୍ତିକ ସର୍ବୋପରି ଗ୍ରାମସ୍ତରୀୟ ବିବିଧ ବିବାଦକୁ ସମାଧାନ କରିବା ପାଇଁ ଗ୍ରାମମୁଖ୍ୟ ହିସାବରେ 'ପ୍ରଧାନ', ଉପମୁଖ୍ୟ ହିସାବରେ ଲେମ୍ବର୍ ଏବଂ ଡ଼ାକୁଆ ହିସାବରେ ଛାଟିଆ କାର୍ଯ୍ୟ କରିଥାନ୍ତି । ଗ୍ରାମସଭାରେ 'ପ୍ରଧାନ' ସଭାପତିତ୍ୱ କରିଥାନ୍ତି ଏବଂ ଆଲୋଚ଼ନାର ଶେଷ ନିଷ୍ପତ୍ତି ଘୋଷଣା କରିଥାନ୍ତି । ତାଙ୍କୁ ଶାସନକାର୍ଯ୍ୟରେ ସହଯୋଗ କରିବା ପାଇଁ ଲେମ୍ବର ଥାନ୍ତି । ବାର୍ତ୍ତାବାହକ ରୂପେ 'ଛାଟିଆ'ଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଲୋକମାନଙ୍କ ସହିତ ଉତ୍ତମ ସଂପର୍କ ରକ୍ଷା କରିବା ସଙ୍ଗେ ସଙ୍ଗେ ଗ୍ରାମସଭା ବସିବାର ଉଦ୍ଦେଶ୍ୟ ଏବଂ ଗ୍ରାମ ସଭାରେ

ନିଆଯାଇଥିବା ନିଷ୍ପତ୍ତିକୁ ଲୋକମାନଙ୍କୁ ଜଣାଇଥାନ୍ତି । ଗ୍ରାମର ଶାନ୍ତିଶୃଙ୍ଖଳା ରକ୍ଷା କରିବା ଦିଗରେ ଗ୍ରାମବାସୀଙ୍କର ପ୍ରମୁଖ ଭୂମିକା ରହିଛି । ପ୍ରତ୍ୟେକ ପରିବାରର ମୁଖ୍ୟ ଗ୍ରାମସଭାରେ ସକ୍ରିୟ ଅଂଶଗ୍ରହଣ କରିଥାନ୍ତି । ଦୋଷୀର ଦୋଷ ଅନୁସାରେ ଦଣ୍ଡପ୍ରଦାନର ବ୍ୟବସ୍ଥା ଗ୍ରାମସଭା କାର୍ଯ୍ୟ ପରିସରଭୁକ୍ତ । ଦଣ୍ଡର ପରିମାଣକୁ କମ୍ କିମ୍ବା କଠୋର କରିବା କ୍ଷମତା ମୁଖ୍ୟଙ୍କ ଉପରେ ନ୍ୟସ୍ତ କରାଯାଇଥାଏ । ପାରଂପରିକ ରୀତି ଅନୁସାରେ ଭାଇ-ଭାଇ ମଧ୍ୟରେ ପୈତୃକସଂପତ୍ତି ବଣ୍ଟନ, ପୋଡୁଚାଷ ନିମନ୍ତେ ଜମିବଣ୍ଟନ, ଧର୍ମୀୟ ସାଂସ୍କୃତିକ ତଥା ସାମାଜିକ ଉତ୍ସବାନୁଷ୍ଠାନକୁ ସାମୂହିକ ଭାବରେ ଆୟୋଜନ ଇତ୍ୟାଦି ଗ୍ରାମସଭା କାର୍ଯ୍ୟ ପରିସର ଅନ୍ତର୍ଭୁକ୍ତ । ଗ୍ରାମସଭା ସଦସ୍ୟ ମାନଙ୍କର ପଦଗୁଡ଼ିକ ପୁରୁଷାନୁକ୍ରମିକ । ପିତାଙ୍କ ପରେ ପୁତ୍ର ଗ୍ରାମ ସଭାର ଭାର ଗ୍ରହଣ କରିଥାନ୍ତି । ଗ୍ରାମକୁ ସବୁଦୃଷ୍ଟିରୁ ଉନ୍ନତ କରି ଗଢିତୋଳିବା ଦିଗରେ ମନୋନୀତ ସଦସ୍ୟ ତଥା ଗ୍ରାମବାସୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

ପାହାଡ଼ି ଖଡ଼ିଆ ଲୋକମାନେ ଅତ୍ୟନ୍ତ ଧର୍ମବିଶ୍ୱାସୀ । ଐଶ୍ୱରୀୟ ଶକ୍ତି ଏବଂ ଐଶ୍ୱରୀୟ ସତ୍ତା ଉପରେ ଏମାନଙ୍କର ଦୃଢ ବିଶ୍ୱାସ ରହିଛି । ଏପରିକି ବିଭିନ୍ନ ଦେବଦେବୀ ତଥା ପୂର୍ବପୁରୁଷଙ୍କ ଉପରେ ଏମାନଙ୍କର ପ୍ରଗାଢବିଶ୍ୱାସ । ମୁଖ୍ୟ ଦେବୀ ହିସାବରେ 'ଠାକୁରାଣୀ' ବା ମାଟିଦେବତାଙ୍କୁ ସ୍ୱତନ୍ତ୍ର ଭାବରେ ପୂଜା କରିଥାନ୍ତି । ଏତଦ୍‌ବ୍ୟତୀତ ଧରଣୀଦେବତା ଓ ସୂର୍ଯ୍ୟଦେବତାଙ୍କ ପୂଜାର୍ଚ୍ଚନା କରିଥାନ୍ତି । ସେମାନଙ୍କ ପାଇଁ କେତେକ ଦେବଦେବୀ ମଙ୍ଗଳକାରୀ ହୋଇଥିବା ବେଳେ ଆଉ କେତେକ ଅମଙ୍ଗଳକାରୀ । ଅମଙ୍ଗଳକାରୀ ମଧ୍ୟ ଭୂତ, ପ୍ରେତ, ଡାହାଣୀ ଇତ୍ୟାଦି ସର୍ବଦା ଅନିଷ୍ଟ କରିଥାନ୍ତି । ଏପରିକି ବେଳେ ବେଳେ ଏମାନଙ୍କ ପ୍ରକୋପରେ ମଣିଷ ମୃତ୍ୟୁ ମୁଖରେ ପଡ଼ିଥାଏ । ଜଙ୍ଗଲ ମଧ୍ୟରେ ରହିଥିବା ଦେବଦେବୀଙ୍କୁ ସ୍ୱତନ୍ତ୍ର ଭାବରେ ପୂଜା ଆରାଧନା କରିଥାନ୍ତି । ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବା ପାଇଁ ଜଙ୍ଗଲରେ ପ୍ରବେଶ କରିବା ପୂର୍ବରୁ ଜଙ୍ଗଲ ଦେବତାଙ୍କୁ ପୂଜା ଆରାଧନା କରିଥାନ୍ତି । ସୁସ୍ଥ ଭାବରେ ଜୀବନଯାପନ କରିବା, ଭଲଭାବରେ ଶିକାର ମିଳିବା ତଥା ସାର୍ବଜନୀନ ମଙ୍ଗଳ ପାଇଁ ପୂର୍ବପୁରୁଷମାନଙ୍କୁ ବିଭିନ୍ନ ଉତ୍ସବାନୁଷ୍ଠାନମାନଙ୍କରେ ପୂଜା କରାଯାଇଥାଏ । ପୂର୍ବପୁରୁଷମାନେ ସନ୍ତୁଷ୍ଟ ହେଲେ ପରିବାର ଲୋକମାନେ ନୀରୋଗ ରହିବା ସଙ୍ଗେ ସଙ୍ଗେ ପରିବାର ମଧ୍ୟରେ ସୁଖଶାନ୍ତି ବିରାଜମାନ କରିବ ବୋଲି ଲୋକମାନଙ୍କ ବିଶ୍ୱାସ ରହିଛି । ଗ୍ରାମସ୍ତରୀୟ ପୂଜକ 'ଦେହୁରୀ' ବର୍ଷର ବିଭିନ୍ନ ପୂଜୋତ୍ସବରେ ଲୋକମାନଙ୍କୁ ରକ୍ଷା କରିଥାନ୍ତି ବୋଲି ଲୋକମାନଙ୍କର ଦୃଢବିଶ୍ୱାସ ।

ପାରଂପରିକ ଚେରମୂଳି ଔଷଧ, ପାରଂପରିକ ଗୁଣିଗାରେଡ଼ି କର୍ମକର୍ତ୍ତା ଭାବରେ ଗୁଣିଆ, ଦେହୁରୀଙ୍କ ଉପରେ ପାହାଡ଼ିଖଡ଼ିଆମାନଙ୍କ ଅତୁଟ ବିଶ୍ୱାସ । ପାରଂପରିକ ପଦ୍ଧତିରେ ଚିକିତ୍ସାକୁ ଲୋକମାନେ ଅଧିକ ପସନ୍ଦ କରୁଥିବା ବେଳେ ଅଧୁନା ଡ଼ାକ୍ତରୀ ଚିକିତ୍ସା ତଥା ଡ଼ାକ୍ତରୀ ଔଷଧ ପ୍ରତି ଅଧିକାଂଶ ମନ ବଳାଇଲେଣି । ପାହାଡ଼ି ଖଡ଼ିଆ ସମାଜରେ ଗୁଣିଗାରେଡ଼ି କର୍ମକର୍ତ୍ତାମାନେ ସକ୍ରିୟ ନହେଲେ ମଧ୍ୟ ନିଷ୍କ୍ରିୟ ନୁହଁନ୍ତି । ଦିନକୁ ଦିନକୁ ପୂର୍ବାପେକ୍ଷା ସମାଜରେ ସେମାନଙ୍କ ଆଦର କମିବାରେ ଲାଗିଛି ।

ଜନ୍ମଠାରୁ ମୃତ୍ୟୁ ଏବଂ ବର୍ଷ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ପାହାଡ଼ି ଖଡ଼ିଆ ଲୋକମାନେ ବିବିଧ ପର୍ବପର୍ବାଣି ଏବଂ ତତ୍ ସଂପୃକ୍ତ ନୃତ୍ୟଗୀତ ସହିତ ଓତଃପ୍ରୋତଃ ଭାବେ ଜଡ଼ିତ । ଧର୍ମୀୟ ତଥା ସାଂସ୍କୃତିକ ଜୀବନକୁ ବାସ୍ତବ ରୂପରେଖ ଦେବା ପାଇଁ ବିବିଧ ପୂଜାପାଠ ଓ ପର୍ବପର୍ବାଣିକୁ ପାହାଡ଼ିଖଡ଼ିଆମାନେ ଆନନ୍ଦର ସହିତ ପାଳନ କରିଥାନ୍ତି । କେତେକ ପୂଜା ଗ୍ରାମସ୍ତରୀୟ ବା ସାମୂହିକ ଭାବରେ ପାଳନ କରିବା ବେଳେ ଆଉ କେତେକ ପାରିବାରିକ ବା ବ୍ୟକ୍ତିଗତ ଭାବରେ ପାଳନ କରାଯାଇଥାଏ । ବର୍ଷର ବିଭିନ୍ନ ସମୟରେ ପାହାଡ଼ିଖଡ଼ିଆମାନେ ସେମାନଙ୍କ ପର୍ବପର୍ବାଣିକୁ ପାଳନ କରୁଥିବା ଲକ୍ଷ୍ୟ କରାଯାଏ । ସାମୁହିକ ପୂଜା ସହ ଦେବଦେବୀଙ୍କ ଉଦ୍ଦେଶ୍ୟରେ କୁକୁଡ଼ା, ଛେଳି ଆଦି ପଶୁ ଓ ପକ୍ଷୀ ବଳି ଅର୍ପଣ କରାଯାଇଥାଏ । ଦେବଦେବୀ ସନ୍ତୁଷ୍ଟ ହୋଇ ଗ୍ରାମବାସୀଙ୍କର ମଙ୍ଗଳ କରିଥାନ୍ତି ବୋଲି ଲୋକବିଶ୍ୱାସ ରହିଛି । କୌଣସି କାରଣରୁ ମହାମାରୀ ରୋଗ ବ୍ୟାପିଲେ ଅବା, ଭୂତ, ପ୍ରେତ, ଡାହାଣୀ ଆଦି ଦୁଷ୍ଟ ପ୍ରେତଙ୍କ କବଳରୁ ଗ୍ରାମର ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ଭାବରେ ଗ୍ରାମବାହାରେ ପୂଜାପାଠ କରାଯାଇ ଦୁଷ୍ଟ ପ୍ରେତାତ୍ମାଙ୍କୁ ଗ୍ରାମମଧ୍ୟରୁ ବିତାଡ଼ିତ କରାଯାଇଥାଏ । ବିବିଧ ପର୍ବପର୍ବାଣି ପାଳନ ଅବସରରେ ନୃତ୍ୟଗୀତ ସାଙ୍ଗକୁ ମଦ୍ୟପାନର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥାଏ । ଘରେ ଘରେ ପିଠାପଣା ପ୍ରସ୍ତୁତ କରାଯାଇଥାଏ । ବନ୍ଧୁବାନ୍ଧବ, ସଂପର୍କୀୟମାନଙ୍କୁ ନିମନ୍ତ୍ରଣ କରାଯାଇ ଭୋଜିଭାତ ତଥା ନୃତ୍ୟଗୀତ ମାଧ୍ୟମରେ ସମସ୍ତଙ୍କୁ ଆପ୍ୟାୟିତ ତଥା ଉତ୍ସାହିତ କରାଯାଇଥାଏ । ନୃତ୍ୟଗୀତ ମାଧ୍ୟମରେ ସେମାନେ ସେମାନଙ୍କ ସାଂସ୍କୃତିକ ପରିଚୟ ପ୍ରଦାନ କରନ୍ତି ।

ନିଆଯାଇଥିବା ନିଷ୍ପତ୍ତିକୁ ଲୋକମାନଙ୍କୁ ଜଣାଇଥାନ୍ତି । ଗ୍ରାମର ଶାନ୍ତିଶୃଙ୍ଖଳା ରକ୍ଷା କରିବା ଦିଗରେ ଗ୍ରାମବାସୀଙ୍କର ପ୍ରମୁଖ ଭୂମିକା ରହିଛି । ପ୍ରତ୍ୟେକ ପରିବାରର ମୁଖ୍ୟ ଗ୍ରାମସଭାରେ ସକ୍ରିୟ ଅଂଶଗ୍ରହଣ କରିଥାନ୍ତି । ଦୋଷୀର ଦୋଷ ଅନୁସାରେ ଦଣ୍ଡପ୍ରଦାନର ବ୍ୟବସ୍ଥା ଗ୍ରାମସଭା କାର୍ଯ୍ୟ ପରିସରଭୁକ୍ତ । ଦଣ୍ଡର ପରିମାଣକୁ କମ୍ କିମ୍ବା କଠୋର କରିବା କ୍ଷମତା ମୁଖ୍ୟଙ୍କ ଉପରେ ନ୍ୟସ୍ତ କରାଯାଇଥାଏ । ପାରଂପରିକ ରୀତି ଅନୁସାରେ ଭାଇ-ଭାଇ ମଧ୍ୟରେ ପୈତୃକସଂପତ୍ତି ବଣ୍ଟନ, ପୋଡୁଚାଷ ନିମନ୍ତେ ଜମିବଣ୍ଟନ, ଧର୍ମୀୟ ସାଂସ୍କୃତିକ ତଥା ସାମାଜିକ ଉତ୍ସବାନୁଷ୍ଠାନକୁ ସାମୂହିକ ଭାବରେ ଆୟୋଜନ ଇତ୍ୟାଦି ଗ୍ରାମସଭା କାର୍ଯ୍ୟ ପରିସର ଅନ୍ତର୍ଭୁକ୍ତ । ଗ୍ରାମସଭା ସଦସ୍ୟ ମାନଙ୍କର ପଦଗୁଡ଼ିକ ପୁରୁଷାନୁକ୍ରମିକ । ପିତାଙ୍କ ପରେ ପୁତ୍ର ଗ୍ରାମ ସଭାର ଭାର ଗ୍ରହଣ କରିଥାନ୍ତି । ଗ୍ରାମକୁ ସବୁଦୃଷ୍ଟିରୁ ଉନ୍ନତ କରି ଗଢିତୋଳିବା ଦିଗରେ ମନୋନୀତ ସଦସ୍ୟ ତଥା ଗ୍ରାମବାସୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

ପାହାଡ଼ି ଖଡ଼ିଆ ଲୋକମାନେ ଅତ୍ୟନ୍ତ ଧର୍ମବିଶ୍ୱାସୀ । ଐଶ୍ୱରୀୟ ଶକ୍ତି ଏବଂ ଐଶ୍ୱରୀୟ ସତ୍ତା ଉପରେ ଏମାନଙ୍କର ଦୃଢ ବିଶ୍ୱାସ ରହିଛି । ଏପରିକି ବିଭିନ୍ନ ଦେବଦେବୀ ତଥା ପୂର୍ବପୁରୁଷଙ୍କ ଉପରେ ଏମାନଙ୍କର ପ୍ରଗାଢବିଶ୍ୱାସ । ମୁଖ୍ୟ ଦେବୀ ହିସାବରେ 'ଠାକୁରାଣୀ' ବା ମାଟିଦେବତାଙ୍କୁ ସ୍ୱତନ୍ତ୍ର ଭାବରେ ପୂଜା କରିଥାନ୍ତି । ଏତଦ୍‌ବ୍ୟତୀତ ଧରଣୀଦେବତା ଓ ସୂର୍ଯ୍ୟଦେବତାଙ୍କ ପୂଜାର୍ଚ୍ଚନା କରିଥାନ୍ତି । ସେମାନଙ୍କ ପାଇଁ କେତେକ ଦେବଦେବୀ ମଙ୍ଗଳକାରୀ ହୋଇଥିବା ବେଳେ ଆଉ କେତେକ ଅମଙ୍ଗଳକାରୀ । ଅମଙ୍ଗଳକାରୀ ମଧ୍ୟ ଭୂତ, ପ୍ରେତ, ଡାହାଣୀ ଇତ୍ୟାଦି ସର୍ବଦା ଅନିଷ୍ଟ କରିଥାନ୍ତି । ଏପରିକି ବେଳେ ବେଳେ ଏମାନଙ୍କ ପ୍ରକୋପରେ ମଣିଷ ମୃତ୍ୟୁ ମୁଖରେ ପଡ଼ିଥାଏ । ଜଙ୍ଗଲ ମଧ୍ୟରେ ରହିଥିବା ଦେବଦେବୀଙ୍କୁ ସ୍ୱତନ୍ତ୍ର ଭାବରେ ପୂଜା ଆରାଧନା କରିଥାନ୍ତି । ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବା ପାଇଁ ଜଙ୍ଗଲରେ ପ୍ରବେଶ କରିବା ପୂର୍ବରୁ ଜଙ୍ଗଲ ଦେବତାଙ୍କୁ ପୂଜା ଆରାଧନା କରିଥାନ୍ତି । ସୁସ୍ଥ ଭାବରେ ଜୀବନଯାପନ କରିବା, ଭଲଭାବରେ ଶିକାର ମିଳିବା ତଥା ସାର୍ବଜନୀନ ମଙ୍ଗଳ ପାଇଁ ପୂର୍ବପୁରୁଷମାନଙ୍କୁ ବିଭିନ୍ନ ଉତ୍ସବାନୁଷ୍ଠାନମାନଙ୍କରେ ପୂଜା କରାଯାଇଥାଏ । ପୂର୍ବପୁରୁଷମାନେ ସନ୍ତୁଷ୍ଟ ହେଲେ ପରିବାର ଲୋକମାନେ ନୀରୋଗ ରହିବା ସଙ୍ଗେ ସଙ୍ଗେ ପରିବାର ମଧ୍ୟରେ ସୁଖଶାନ୍ତି ବିରାଜମାନ କରିବ ବୋଲି ଲୋକମାନଙ୍କ ବିଶ୍ୱାସ ରହିଛି । ଗ୍ରାମସ୍ତରୀୟ ପୂଜକ 'ଦେହୁରୀ' ବର୍ଷର ବିଭିନ୍ନ ପୂଜୋତ୍ସବରେ ଲୋକମାନଙ୍କୁ ରକ୍ଷା କରିଥାନ୍ତି ବୋଲି ଲୋକମାନଙ୍କର ଦୃଢବିଶ୍ୱାସ ।

ପାରଂପରିକ ଚେରମୂଳି ଔଷଧ, ପାରଂପରିକ ଗୁଣିଗାରେଡ଼ି କର୍ମକର୍ତ୍ତା ଭାବରେ ଗୁଣିଆ, ଦେହୁରୀଙ୍କ ଉପରେ ପାହାଡ଼ିଖଡ଼ିଆମାନଙ୍କ ଅତୁଟ ବିଶ୍ୱାସ । ପାରଂପରିକ ପଦ୍ଧତିରେ ଚିକିତ୍ସାକୁ ଲୋକମାନେ ଅଧିକ ପସନ୍ଦ କରୁଥିବା ବେଳେ ଅଧୁନା ଡ଼ାକ୍ତରୀ ଚିକିତ୍ସା ତଥା ଡ଼ାକ୍ତରୀ ଔଷଧ ପ୍ରତି ଅଧିକାଂଶ ମନ ବଳାଇଲେଣି । ପାହାଡ଼ି ଖଡ଼ିଆ ସମାଜରେ ଗୁଣିଗାରେଡ଼ି କର୍ମକର୍ତ୍ତାମାନେ ସକ୍ରିୟ ନହେଲେ ମଧ୍ୟ ନିଷ୍କ୍ରିୟ ନୁହଁନ୍ତି । ଦିନକୁ ଦିନକୁ ପୂର୍ବାପେକ୍ଷା ସମାଜରେ ସେମାନଙ୍କ ଆଦର କମିବାରେ ଲାଗିଛି ।

ଜନ୍ମଠାରୁ ମୃତ୍ୟୁ ଏବଂ ବର୍ଷ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ପାହାଡ଼ି ଖଡ଼ିଆ ଲୋକମାନେ ବିବିଧ ପର୍ବପର୍ବାଣି ଏବଂ ତତ୍ ସଂପୃକ୍ତ ନୃତ୍ୟଗୀତ ସହିତ ଓତଃପ୍ରୋତଃ ଭାବେ ଜଡ଼ିତ । ଧର୍ମୀୟ ତଥା ସାଂସ୍କୃତିକ ଜୀବନକୁ ବାସ୍ତବ ରୂପରେଖ ଦେବା ପାଇଁ ବିବିଧ ପୂଜାପାଠ ଓ ପର୍ବପର୍ବାଣିକୁ ପାହାଡ଼ିଖଡ଼ିଆମାନେ ଆନନ୍ଦର ସହିତ ପାଳନ କରିଥାନ୍ତି । କେତେକ ପୂଜା ଗ୍ରାମସ୍ତରୀୟ ବା ସାମୂହିକ ଭାବରେ ପାଳନ କରିବା ବେଳେ ଆଉ କେତେକ ପାରିବାରିକ ବା ବ୍ୟକ୍ତିଗତ ଭାବରେ ପାଳନ କରାଯାଇଥାଏ । ବର୍ଷର ବିଭିନ୍ନ ସମୟରେ ପାହାଡ଼ିଖଡ଼ିଆମାନେ ସେମାନଙ୍କ ପର୍ବପର୍ବାଣିକୁ ପାଳନ କରୁଥିବା ଲକ୍ଷ୍ୟ କରାଯାଏ । ସାମୂହିକ ପୂଜା ସହ ଦେବଦେବୀଙ୍କ ଉଦ୍ଦେଶ୍ୟରେ କୁକୁଡ଼ା, ଛେଳି ଆଦି ପଶୁ ଓ ପକ୍ଷୀ ବଳି ଅର୍ପଣ କରାଯାଇଥାଏ । ଦେବଦେବୀ ସନ୍ତୁଷ୍ଟ ହୋଇ ଗ୍ରାମବାସୀଙ୍କର ମଙ୍ଗଳ କରିଥାନ୍ତି ବୋଲି ଲୋକବିଶ୍ୱାସ ରହିଛି । କୌଣସି କାରଣରୁ ମହାମାରୀ ରୋଗ ବ୍ୟାପିଲେ ଅବା, ଭୂତ, ପ୍ରେତ, ଡାହାଣୀ ଆଦି ଦୁଷ୍ଟ ପ୍ରେତଙ୍କ କବଳରୁ ଗ୍ରାମର ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ଭାବରେ ଗ୍ରାମବାହାରେ ପୂଜାପାଠ କରାଯାଇ ଦୁଷ୍ଟ ପ୍ରେତାତ୍ମାଙ୍କୁ ଗ୍ରାମମଧ୍ୟରୁ ବିତାଡ଼ିତ କରାଯାଇଥାଏ । ବିବିଧ ପର୍ବପର୍ବାଣି ପାଳନ ଅବସରରେ ନୃତ୍ୟଗୀତ ସାଙ୍ଗକୁ ମଦ୍ୟପାନର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥାଏ । ଘରେ ଘରେ ପିଠାପଣା ପ୍ରସ୍ତୁତ କରାଯାଇଥାଏ । ବନ୍ଧୁବାନ୍ଧବ, ସଂପର୍କୀୟମାନଙ୍କୁ ନିମନ୍ତ୍ରଣ କରାଯାଇ ଭୋଜିଭାତ ତଥା ନୃତ୍ୟଗୀତ ମାଧ୍ୟମରେ ସମସ୍ତଙ୍କୁ ଆପ୍ୟାୟିତ ତଥା ଉତ୍ସାହିତ କରାଯାଇଥାଏ । ନୃତ୍ୟଗୀତ ମାଧ୍ୟମରେ ସେମାନେ ସେମାନଙ୍କ ସାଂସ୍କୃତିକ ପରିଚୟ ପ୍ରଦାନ କରନ୍ତି ।

# ଖାଦ୍ୟ ପରମ୍ପରା

ମନୁଷ୍ୟର ଜୀବନଧାରଣ ନିମନ୍ତେ କେତେକ ଅତ୍ୟାବଶ୍ୟକ ସାମଗ୍ରୀ ଆବଶ୍ୟକ । ତନ୍ମଧ୍ୟରେ ଖାଦ୍ୟ, ବସ୍ତ୍ର ଓ ବାସଗୃହ ଅନ୍ୟତମ । ଏହିସବୁ ଆବଶ୍ୟକତା ପରିପୂରଣ ଦିଗରେ ଜନଜାତି ଲୋକମାନେ ସମ୍ପୂର୍ଣ୍ଣ ଭାବରେ ପ୍ରକୃତି ଉପରେ ନିର୍ଭର କରିଥାଏ । ପ୍ରକୃତିରୁ ଖାଦ୍ୟ, ବସ୍ତ୍ର, ବାସଗୃହର ସମସ୍ତ ଉପାଦାନ ସଂଗ୍ରହ କରନ୍ତି । କାଳର ଗତିରେ ବିଭିନ୍ନ ଅଞ୍ଚଳର ଆଦିବାସୀମାନଙ୍କର ଖାଦ୍ୟପେୟରେ ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ । ଭୌଗୋଳିକ ଅବସ୍ଥିତିକୁ ଆଧାର କରି ଏହି ପରିବର୍ତ୍ତନ ଘଟିଥାଏ । ଏହି ପରିବର୍ତ୍ତନ ସାଧାରଣତଃ ସେହି ଅଞ୍ଚଳର ସଂସ୍କୃତି ଓ ଜଳବାୟୁ ଉପରେ ନିର୍ଭର କରିଥାଏ । ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ବସବାସ କରୁଥିବା ପାହାଡ଼ି ଖଡ଼ିଆ ଗୋଷ୍ଠୀ ଏହିପରି ଏକ ଗୋଷ୍ଠୀ, ଯେଉଁମାନେ ଖାଦ୍ୟ ସେବନ ବିଧିରେ ଅନ୍ୟ ଗୋଷ୍ଠୀମାନଙ୍କଠାରୁ କିଞ୍ଚିତ ସ୍ୱତନ୍ତ୍ର ।

## ମୁଖ୍ୟଖାଦ୍ୟ :

ସାଧାରଣତଃ ପାହାଡ଼ି ଖଡ଼ିଆ ଲୋକମାନେ ଦୈନନ୍ଦିନ ଜୀବନରେ ଭାତ ଓ ବଣଆଳୁ ପ୍ରଭୃତିକୁ ମୁଖ୍ୟ ଖାଦ୍ୟରୂପେ ଗ୍ରହଣ କରିଥାନ୍ତି । ଏହି ଖାଦ୍ୟ ପୁରୁଷ ଓ ମହିଳା, ବୃଦ୍ଧ ଓ ବୃଦ୍ଧାମାନଙ୍କର ମୁଖ୍ୟ ଖାଦ୍ୟ ରୂପେ ବିବେଚିତ ହୁଏ । ବର୍ତ୍ତମାନ ଯଦିଓ ବଣଆଳୁକୁ ମୁଖ୍ୟ ଖାଦ୍ୟ ରୂପେ ଗ୍ରହଣ କରିବା କ୍ୱଚିତ ପରିଲକ୍ଷିତ ହେଉଛି, ତଥାପି ଅତୀତରେ ଖଡ଼ିଆ ଲୋକମାନେ ଏହାକୁ ନିଜର ପାରମ୍ପରିକ ଓ ମୁଖ୍ୟଖାଦ୍ୟ ରୂପେ ଗ୍ରହଣ କରୁଥିବା ଜଣାଯାଏ । ଏବେ ବି କେହି କେହି ନିଜ ଘରେ ଭାତ ନଥିଲେ ବଣଆଳୁ ସେବନ କରି ଦିନେ କିମ୍ବା ଦୁଇଦିନ ପର୍ଯ୍ୟନ୍ତ ରହିଯାଇପାରନ୍ତି । ତେବେ ବର୍ତ୍ତମାନ ପ୍ରାୟ ସମସ୍ତେ ଭାତ ଉପରେ ଅଧିକ ପ୍ରାଧାନ୍ୟ ଦେଉଥିବାରୁ ଭାତ ହିଁ ମୁଖ୍ୟ ଖାଦ୍ୟରେ ପରିଣତ ହୋଇଛି ।

## ଅନ୍ୟାନ୍ୟ ଖାଦ୍ୟ:

ଅନ୍ୟାନ୍ୟ ଖାଦ୍ୟ ମଧ୍ୟରେ ମୁଢ଼ି ଓ ଚୂଡ଼ା ସହିତ ଆଳୁଖିରି (ମଣ୍ଡେଇ ଆଳୁ, ପାଣି ଆଳୁ, ରୁଞ୍ଜି ଆଳୁ ଏବଂ ଚୁଙ୍ଗା ଆଳୁରୁ ପ୍ରସ୍ତୁତ) ପାଳୁଅ ଖିରି (ପାଳୁଅ, ଚିନି ଓ

ଅରୁଆ ଚାଉଳରେ ପ୍ରସ୍ତୁତ) ଅନ୍ତର୍ଗତ । ଏଥି ସହିତ ବିଭିନ୍ନ ଋତୁ ଅନୁଯାୟୀ ଜଙ୍ଗଲ ଓ ବାଡ଼ିବଗିଚାମାନଙ୍କରୁ ମିଳୁଥିବା ବିଭିନ୍ନ ଫଳ ଯଥା- ଆମ୍ବ, ପଣସ, ଅମୃତଭଣ୍ଡା, ଜାମୁକୋଳି, ଜମ୍ବୀରା ଇତ୍ୟାଦିକୁ ଗୌଣ ଖାଦ୍ୟ ରୂପେ ବ୍ୟବହାର କରନ୍ତି ।

ଅନ୍ୟାନ୍ୟ ଖାଦ୍ୟପଦାର୍ଥ ମଧ୍ୟରେ (କୋଳଥ ଡ଼ାଲି ଜଙ୍ଗଲରୁ ସଂଗୃହିତ), ଶାଗମାନଙ୍କ ମଧ୍ୟରେ ସୁଜୁନା ଶାଗ, ମାରିଶ ଶାଗ, କଣ୍ଟା ଶାଗ, ମାଟି ଶାଗ, ସାରୁ ଶାଗ (ସାରୁ ଗାରିଡ଼ି) ଇତ୍ୟାଦି ଅନ୍ୟତମ । ଅନେକ ପ୍ରକାର ଛତୁ ଯଥା: ପତଡାଛତୁ, ଗଛ ଛତୁ, ବାଲି ଛତୁ, ଟିକିରା ଛତୁ, ରୁଟୁକା ଛତୁ ଇତ୍ୟାଦି ଖାଇଥାନ୍ତି । ବାଡ଼ି ବଗିଚାରେ ଚାଷ ହୋଇଥିବା ବୋଇତାଳୁ, ଲାଉ, କାକୁଡ଼ି ଇତ୍ୟାଦିକୁ ମଧ୍ୟ ବ୍ୟବହାର କରିଥାନ୍ତି । ଏତଦ୍‌ବ୍ୟତୀତ ମାଛ, ମାଂସ ତଥା ପିଆଜ ଲଙ୍କା ଇତ୍ୟାଦିକୁ ଖାଦ୍ୟ ହିସାବରେ ଗ୍ରହଣ କରନ୍ତି । ଉପରୋକ୍ତ ଖାଦ୍ୟ ସାଧାରଣତଃ ମୁଖ୍ୟ ଖାଦ୍ୟ ସେବନ ବେଳେ ତରକାରୀ ଆକାରରେ ଗ୍ରହଣ କରାଯାଇଥାଏ ।

## ନିତିଦିନିଆ ଖାଦ୍ୟ:

ଖଡ଼ିଆ ଲୋକମାନେ ପ୍ରତ୍ୟହ ପଖାଳ ଭାତ କିମ୍ବା ଗରମଭାତ ସହିତ ତରକାରି ଭାବେ ଶାଗଭଜା, ଶୁଖୁଆ ପୋଡ଼ା, ଜହ୍ନି, ଭେଣ୍ଡି, ବାଇଗଣ, କଖାରୁ, ଲାଉ, କୁନ୍ଦୁରୀ ଇତ୍ୟାଦିକୁ ପୋଡି କିମ୍ବା ସିଝାଇ ଖାଦ୍ୟ ହିସାବରେ ଗ୍ରହଣ କରିଥାନ୍ତି । ଏହା ବ୍ୟତୀତ ଜଙ୍ଗଲରୁ ସଂଗୃହିତ ମଣ୍ଡେଇ ଆଳୁ, ପିଟା ଆଳୁ, ତୁଙ୍ଗା ଆଳୁ, ବାଗଁ ଆଳୁ ଇତ୍ୟାଦିକୁ କେହି କେହି ଦୈନନ୍ଦିନ ଖାଦ୍ୟଭାବେ ସେବନ କରନ୍ତି ।

## ପର୍ବପର୍ବାଣିର ଖାଦ୍ୟ:

କର୍ମମୟ ଜୀବନକୁ ଲାଘବ କରିବା ପାଇଁ ଓ ଆନନ୍ଦମୁଖର କରିବା ପାଇଁ ଖଡ଼ିଆ ମାନେ ବର୍ଷରେ ବିଭିନ୍ନ ପ୍ରକାର ପର୍ବ ପାଳନ କରିଥାନ୍ତି ଓ ଏହି ଦିନ ମାନଙ୍କରେ ସେବନ କରୁଥିବା ଖାଦ୍ୟ ଅନ୍ୟଦିନମାନଙ୍କଠାରୁ ଟିକିଏ ଅଲଗା ଓ ସୁଆଦିଆ ହୋଇଥାଏ । ଆମିଷ ଦ୍ରବ୍ୟ ମଧ୍ୟରେ ମାଛ, ମାଂସର ବ୍ୟବହାର ସାଧାରଣତଃ ଏହି ପର୍ବପର୍ବାଣିମାନଙ୍କରେ ଏକ ଅତ୍ୟାବଶ୍ୟକ ଦ୍ରବ୍ୟ ରୂପେ ରନ୍ଧାଯାଇ ସେବନ କରାଯାଇଥାଏ । ବର୍ଷର ବିଭିନ୍ନ ପର୍ବପର୍ବାଣି ମଧ୍ୟରେ ରଜପର୍ବ, ମକର ପର୍ବ, ଗହ୍ମାପର୍ବ ଓ ନୂଆଖାଇ ପର୍ବକୁ ବେଶୀ ଗୁରୁତ୍ୱ ଦେଇ ପାଳନ କରିଥାନ୍ତି ଓ ଏହି ପର୍ବଗୁଡ଼ିକର ଦୈନନ୍ଦିନ ଖାଦ୍ୟ ତାଲିକାଠାରୁ ଟିକିଏ ଅଲଗା ହୋଇଥାଏ ।

## ରଜପର୍ବ:

ରଜପର୍ବରେ ସେମାନେ ମାଂସ ଭାତ,ମାଛଭାତ, ପାଲୁଅ କ୍ଷୀରି ଓ ଅରୁଆଚାଉଳ ପିଠା ସ୍ୱତନ୍ତ୍ରଭାବେ ପ୍ରସ୍ତୁତ କରି ଖାଇଥାନ୍ତି । ଏହା ବ୍ୟତୀତ ଏହି ସମୟରେ ମିଳୁଥିବା ପାଚିଲା ପଣସ ଓ ପଣସରୁ ପ୍ରସ୍ତୁତ ପିଠା, ଆମ୍ବ, ଜାମୁକୋଳି ଅଧିକାଂଶ ଲୋକଙ୍କ ଘରେ ମହଜୁଦ୍ ଥାଏ ଓ ଏହାକୁ ପ୍ରାୟ ସମସ୍ତେ ସେବନ କରିଥାନ୍ତି । ତା' ସହିତ ମୁଢ଼ି ଓ ଚୂଡ଼ା ପର୍ବପର୍ବାଣୀମାନଙ୍କରେ ଖାଇବା ପାଇଁ ପୂର୍ବରୁ ଏହାକୁ ନିଜେ ଭାଜି କିମ୍ବା କିଣି ଘରେ ସାଇତି ରଖନ୍ତି । ମୁଢ଼ି ଓ ଚୂଡା ସହିତ ପାଚିଲା କଦଳୀ ଓ ପଣସକୁ ମିଶାଇ ଖାଇଥାନ୍ତି ।

## ମକର ପର୍ବ:

ମକର ପର୍ବରେ ମଧ ମାଛ, ମାଂସ ସହିତ ପାଲୁଅ କ୍ଷୀରି, ଅରୁଆ ଚାଉଳଗୁଣ୍ଡରୁ ପ୍ରସ୍ତୁତ ପିଠା ତିଆରି କରି ଖାଇଥାନ୍ତି । ମାଂସ ମଧ୍ୟରେ କୁକୁଡ଼ା ମାଂସର ବ୍ୟବହାର ପ୍ରତ୍ୟେକ ଘରେ ହୋଇଥାଏ । ମୁଢ଼ି ଓ ଚୂଡ଼ା ମଧ ମକରପର୍ବରେ ପ୍ରତ୍ୟେକେ ମହଜୁଦ କରି ରଖିଥାନ୍ତି ଓ ଏହାକୁ ଜଳଖିଆ ଆକାରରେ ସେବନ କରନ୍ତି । ଫଳମୂଳ ମଧ୍ୟରେ କଦଳୀ, ଖାନ୍ଦିଆ (ବଡ଼ ଧରଣର ଲେମ୍ବୁ) ଜମ୍ବୀରା (ବଡ଼ ଧରଣର କମଳା), ଶିଆଳୀ ଫଳ ପ୍ରଭୃତିକୁ ଖାଦ୍ୟ ହିସାବରେ ଗ୍ରହଣ କରିଥାନ୍ତି । କିନ୍ତୁ ସବୁଠାରୁ ପ୍ରିୟ ଖାଦ୍ୟ ହିସାବରେ ଏହି ପର୍ବରେ ମାଛ ଭାତ କିମ୍ବା ମାଂସଭାତକୁ ଗ୍ରହଣ କରାଯାଇଥାଏ ।

## ନୂଆଖାଇ ପର୍ବ:

ନୂଆଖାଇ ପର୍ବରେ ସେମାନେ ମଧ ମାଛଭାତ, ମାଂସଭାତ, ପାଲୁଅ କ୍ଷୀରି ପ୍ରଭୃତି ଖାଇଥାନ୍ତି । ଏହି ପର୍ବରେ ଖଡ଼ିଆ ଲୋକମାନେ ସଦ୍ୟ ଅମଳ ହୋଇଥିବା ନୂଆ ଚାଉଳର ଭାତ ସହିତ ଆମିଷ ତରକାରୀ ରୂପେ ମାଛ, ମାଂସକୁ ଗ୍ରହଣ କରନ୍ତି । ଏତଦ୍‌ବ୍ୟତୀତ ନୂଆ ଚାଉଳରେ ପ୍ରସ୍ତୁତ ବିଭିନ୍ନ ପ୍ରକାର ପିଠାପଣା ମଧ୍ୟରୁ ଚାଓ୍ୱାପିଠା, ଛଙ୍କାପିଠା ସହିତ ଅରୁଆ ଚାଉଳରେ ପ୍ରସ୍ତୁତ କ୍ଷୀରି ଏବଂ ପାଲୁଅ କ୍ଷୀରି ମଧ ପ୍ରସ୍ତୁତ କରିଖାଇଥାନ୍ତି । ମାଛ ଓ ମାଂସ ବ୍ୟତୀତ ଅନ୍ୟ ତରକାରି ଦ୍ରବ୍ୟ ମଧ୍ୟରେ ଡାଲି, ଆଳୁ ଓ ପନିପରିବା ମଧ୍ୟରେ ଜହ୍ନି, ବାଇଗଣ, କୁନ୍ଦୁରୀ, ଭେଣ୍ଡି ପ୍ରଭୃତି ଖାଦ୍ୟାକାରରେ ବ୍ୟବହୃତ ହୁଏ । ତତ୍ ସଙ୍ଗେ ସଙ୍ଗେ ଏହି ପର୍ବ ସମୟରେ ମିଳୁଥିବା ନୂଆ ମହୁ ସଂଗ୍ରହ ହେଉଥିବାରୁ ଏହାକୁ ମଧ ସେବନ କରନ୍ତି ।

## ଗହ୍ମାପର୍ବ:

ଅନ୍ୟ ପର୍ବପର୍ବାଣି ଭଳି ଗହ୍ମାପର୍ବକୁ ମଉଜ ମଜଲିସ୍‌ରେ ପାଳନ କରନ୍ତି ଓ ମାଂସ, ମାଛ, ଭାତ ସହିତ ପିଠାପଣା କରିଥାନ୍ତି । ତାଳ ପିଠା ଏହି ପର୍ବର ପ୍ରଧାନ ଆକର୍ଷଣ । ତାଳପିଠା ପ୍ରାୟ ସମସ୍ତଙ୍କ ଘରେ କରାଯାଏ । ଏହା ବ୍ୟତୀତ ଅନ୍ୟଦିନମାନଙ୍କ ପରି ପନିପରିବା ଯଥା- ବାଇଗଣ, ଆଳୁ, ଭେଣ୍ଡି, ଜହ୍ନି ଆଦି ତରକାରି କରି ସେବନ କରନ୍ତି । ଏହିପରି ନାନା ପର୍ବପର୍ବାଣିରେ ବିଭିନ୍ନ ପ୍ରକାରର ଖାଦ୍ୟ ପ୍ରସ୍ତୁତ କରି ମହାଆନନ୍ଦରେ ପର୍ବପର୍ବାଣିଗୁଡ଼ିକୁ ପାଳନ କରିବା ପୂର୍ବକ ନିଜ ଗୋଷ୍ଠୀର ପରମ୍ପରାଗତ ଖାଦ୍ୟାଭ୍ୟାସକୁ ବଜାୟ ରଖନ୍ତି ।

## ଶିଶୁ ଓ ଛୋଟ ପିଲାଙ୍କ ଖାଦ୍ୟ:

ସାଧାରଣତଃ ଖଡ଼ିଆ ଗୋଷ୍ଠୀର ଶିଶୁ ଓ ଛୋଟ ପିଲାମାନଙ୍କୁ ଖାଦ୍ୟ ଖୁଆଇବା ଦାୟିତ୍ୱ ପିତାମାତାଙ୍କ ଉପରେ ନ୍ୟସ୍ତ ଥାଏ । ମାଆର କ୍ଷୀର ଶିଶୁପାଇଁ ଉପଯୁକ୍ତ ଖାଦ୍ୟ । ଏଣୁ ଶିଶୁଟି ୬ ମାସ ହେବା ପର୍ଯ୍ୟନ୍ତ କେବଳ ମାଆ କ୍ଷୀର ଦିଅନ୍ତି । ୬ ମାସ ଅତିକ୍ରମ କରିଗଲା ପରେ ଶିଶୁପାଇଁ ସେମାନେ ମାଆର କ୍ଷୀର ଦେବା ସଙ୍ଗେ ସଙ୍ଗେ ବିସ୍କୁଟ୍, ମହୁ, ବଟାପିଠା (ସିଝା, ବା ପୋଡ଼ା) ଇତ୍ୟାଦି ଦିଅନ୍ତି । ଉଷୁନା ଚାଉଳକୁ ବତୁରାଇ ତାକୁ ଶୀଳରେ ବାଟି ଏହି ପିଠା ତିଆରି କରାଯାଏ । ଏହି ଖାଦ୍ୟ ସେମାନେ ପିଲାଙ୍କୁ ୮-୯ ମାସ ପର୍ଯ୍ୟନ୍ତ ଦିଅନ୍ତି । ଏହାପରେ ତାକୁ ଭାତ ଖାଇବା ଧିରେ ଧିରେ ଶିଖାନ୍ତି । ଭାତକୁ ଚକଟି ଡାଲି ସହିତ ଖାଇବାକୁ ଦେଇଥାନ୍ତି । ଛୋଟ ପିଲାମାନେ ସାଧାରଣତଃ ସମସ୍ତଙ୍କ ଭଳି ଖାଦ୍ୟ ଖାଆନ୍ତି । ବଡ଼ ଲୋକମାନଙ୍କ ପରି ଭାତ, ଆଳୁ ସିଝା, ଡାଲି, ମାଛ, ମାଂସ, ପନିପରିବା ତରକାରୀ ତଥା ବିଭିନ୍ନ ପ୍ରକାରର ପିଠାପଣା ଆଦି ଖାଇଥାନ୍ତି ।

## ଗର୍ଭବତୀ ମହିଳା ଓ ପ୍ରସୂତୀଙ୍କ ଖାଦ୍ୟ:

ଖଡ଼ିଆ ସମ୍ପ୍ରଦାୟର କୌଣସି ମହିଳା ଗର୍ଭବତୀ ହୋଇଥିଲେ ବା ଗର୍ଭଧାରଣ କରିଥିଲେ ତାଙ୍କୁ ସ୍ୱତନ୍ତ୍ର ଭାବେ କେତେକ ଖାଦ୍ୟ ଦିଆଯାଏ । ସେଗୁଡ଼ିକ ମଧ୍ୟରୁ ଭାତ- ମାଛ, ମାଂସ, ଡ଼ାଲି ଆଳୁସିଝା (ଜଙ୍ଗଲରୁ ମିଳୁଥିବା) ଶାଗ ମଧ୍ୟରେ ସୁଜୁନା ଶାଗ, ମାରିଶ ଶାଗ, ମାଟି ଶାଗ, ମାମୁଡ଼ି ଶାଗ ଇତ୍ୟାଦି ଖାଇଥାନ୍ତି । ଋତୁ ଅନୁଯାୟୀ ମିଳୁଥିବା ସମସ୍ତପ୍ରକାର ଫଳ ଯଥା- ଆମ୍ବ, ପଣସ, ପିଜୁଳି, ଜମ୍ବୀରା ସହିତ ବିଭିନ୍ନ ପ୍ରକାରର ପନିପରିବା ମଧ୍ୟ ଖାଆନ୍ତି ।

## ପ୍ରସୂତୀ ମାଆ ପାଇଁ ଖାଦ୍ୟ:

ନବଜାତ ଶିଶୁ ଜନ୍ମଲାଭ କଲାପରେ ଦୁଗ୍ଧ ପ୍ରଦାନକାରୀ ମାଆମାନଙ୍କୁ କେତେଗୁଡ଼ିଏ ଖାଦ୍ୟ ଗ୍ରହଣ କରିବାକୁ ଦିଆଯାଇଥାଏ । ଶିଶୁ ଯେତେଦିନ ପର୍ଯ୍ୟନ୍ତ କ୍ଷୀର ଖାଉଥିବ ସେତେଦିନ ପର୍ଯ୍ୟନ୍ତ ମାଆମାନେ କେତେକ ସ୍ୱତନ୍ତ୍ର ଖାଦ୍ୟ ଖାଆନ୍ତି । ସେଥିମଧ୍ୟରେ ଗରମଭାତ, ସମସ୍ତ ପ୍ରକାରର ଆଳୁ, ମାଛ, ମାଂସ, ସମସ୍ତ ପ୍ରକାରର ପନିପରିବା ଓ ଶାଗ ଫଳ ମଧ୍ୟରେ ଋତୁ ଅନୁଯାୟୀ ଜଙ୍ଗଲ ଓ ବାଡ଼ିଘରରୁ ମିଳୁଥିବା ଫଳସବୁ ଅତ୍ୟତମ। କେବଳ ଖଟା ଜାତୀୟ ଦ୍ରବ୍ୟ ଓ ଅତ୍ୟଧିକ ରାଗ, ମସଲାଯୁକ୍ତ ତରକାରୀ ଇତ୍ୟାଦି ପ୍ରସୂତୀମାଆଙ୍କୁ ଖାଦ୍ୟାକାରରେ ଦିଆଯାଏ ନାହିଁ । ଶିଶୁ ଜନ୍ମ ନେବାର ଛଅମାସ ପର୍ଯ୍ୟନ୍ତ ମାଆଙ୍କୁ ଏହି ନିୟମ ମାନି ଚଳିବାକୁ ପଡ଼ିଥାଏ । ଏହି ସମୟ ପରେ ଆସ୍ତେ ଆସ୍ତେ ଏହି କଟକଣା ଓ ବାରଣକୁ କୋହଳ କରିଦିଆଯାଏ ।

## ନିରାମିଷ ଓ ଆମିଷ ଖାଦ୍ୟ:

ଶିଶୁମାନଙ୍କ ପାଇଁ ସାଧାରଣତଃ ବିଭିନ୍ନ ପ୍ରକାର ଶାଗ, ମାଛ, ମାଂସ, ଲଙ୍କା ଓ ପିତା ଜାତୀୟ ଖାଦ୍ୟ ଇତ୍ୟାଦି ନିଷେଧ କରାଯାଇଥାଏ । ଗର୍ଭବତୀ ମହିଳାମାନଙ୍କୁ କେତେକ ଜାତୀୟ ଛତୁ ଯଥା- ପଚଡ଼ା ଛତୁ, କାଠ ଛତୁ, ଗୁଟୁକା ଛତୁ ଆଦି ଦିଆଯାଏ ନାହିଁ । ପର୍ବପର୍ବାଣିରେ ଦେବଦେବୀଙ୍କ ନିକଟରେ ବଳି ପଡ଼ିଥିବା ପଶୁ-ପକ୍ଷୀଙ୍କ ମାଂସକୁ ମଧ୍ୟ ଗର୍ଭବତୀ ମହିଳାମାନେ ଖାଆନ୍ତିନାହିଁ । ପ୍ରସୂତୀ ମାଆଙ୍କ ପାଇଁ ଯେଉଁ ଖାଦ୍ୟ ନିଷେଧ ରହିଛି ତାହା ମଧ୍ୟରେ ଖଟାଜାତୀୟ ଓ ରାଗ-ମସଲାଯୁକ୍ତ ଖାଦ୍ୟ ପ୍ରଧାନ । ଏହି ଖାଦ୍ୟକୁ ଶିଶୁ ଜନ୍ମ ହେବାର ଛଅମାସ ପର୍ଯ୍ୟନ୍ତ ନିଷେଧ କରାଯାଇଥାଏ । କୌଣସି ପୁଅ କିମ୍ବା ଝିଅର ବାହାଘର ସମୟରେ ସେମାନଙ୍କର ବାପା ଓ ମାଆ କୌଣସି ଆମିଷ ଭକ୍ଷଣ କରନ୍ତି ନାହିଁ ।

ସାଧାରଣତଃ ଖଡ଼ିଆମାନେ ନିରାମିଷ ଖାଦ୍ୟକୁ ଅଧିକ ପସନ୍ଦ କରନ୍ତି । ନିରାମିଷ ଖାଦ୍ୟ କହିଲେ ବିଭିନ୍ନ ପ୍ରକାରର ପନିପରିବା, ଡାଲି, ଶାଗ, ଜଙ୍ଗଲରୁ ମିଳୁଥିବା ବିଭିନ୍ନ ପ୍ରକାରର ଆଳୁ ଓ ନାନାପ୍ରକାରର ଛତୁ, ଫଳ ଓ ଶସ୍ୟ ସମୂହକୁ ବୁଝାଏ । ଏସବୁ ଖାଦ୍ୟ ଖାଇବା ଦ୍ୱାରା ଶରୀର ନିରୋଗ ରହେ । ରୋଗ ସହଜରେ ଆକ୍ରମଣ କରିପାରେ ନାହିଁ ଓ ଦେହ ସର୍ବଦା ଫୁର୍ତ୍ତି ରହେ ବୋଲି ସେମାନଙ୍କ ଧାରଣା । ଏହାଦ୍ୱାରା ଦୃଷ୍ଟିଶକ୍ତି ବୃଦ୍ଧିପାଇଥାଏ ଓ ନିରାମିଷ ଦ୍ରବ୍ୟ ସହଜରେ ହଜମ ହୋଇଥାଏ ।

ଆମିଷ ଖାଦ୍ୟ କହିଲେ ସାଧାରଣତଃ ମାଛ, ମାଂସ, ଅଣ୍ଡା ଇତ୍ୟାଦିକୁ ବୁଝିଥାନ୍ତି । ନିଜର ଜିହ୍ୱା ଲାଳସାକୁ ଚରିତାର୍ଥ କରିବା ପାଇଁ ଆମିଷ ଖାଦ୍ୟ ଗ୍ରହଣ କରନ୍ତି । ଆମିଷ ଖାଦ୍ୟ ସମ୍ବନ୍ଧରେ କେତେକ ଧାରଣା ସେମାନଙ୍କର ରହିଛି । ଆମିଷ ଖାଦ୍ୟ ଖାଇବା ଦ୍ୱାରା ନିଜର ତେଜଶକ୍ତି ବୃଦ୍ଧିପାଏ । ସମସ୍ତ ସ୍ନାୟୁ ଚଳଚଞ୍ଚଳ ହୋଇଉଠେ । ଏକାଦିକ୍ରମେ ଏହି ଖାଦ୍ୟ ଖାଇଲେ ଦେହର ଉତ୍ତେଜନା ବୃଦ୍ଧିପାଏ, ରାଗ ସହଜରେ ପ୍ରଶମିତ ହୁଏନାହିଁ । ହଜମ ଶକ୍ତି ହ୍ରାସ ଘଟେ । ଆମିଷ ଖାଦ୍ୟ ଖାଇବା ଦ୍ୱାରା ଦେହ ମାନ୍ଦା ଓ ଅଳସୁଆ ଲାଗେ । ଏହାକୁ ଗୁରୁପାକ ଖାଦ୍ୟ ବୋଲି ବିବେଚନା କରାଯାଇଥାଏ ।

## କୃଷି, ଜଙ୍ଗଲ ଓ ଅନ୍ୟାନ୍ୟ କ୍ଷେତ୍ରରୁ ମିଳୁଥିବା ଖାଦ୍ୟ ସାମଗ୍ରୀ:

ବିଭିନ୍ନ ପ୍ରକାରର ଖାଦ୍ୟ ପ୍ରଧାନତଃ କୃଷି, ଜଙ୍ଗଲ ଓ ଅନ୍ୟ ଉତ୍ସରୁ ସଂଗ୍ରହ କରାଯାଏ ।

**କୃଷି:**

ଖଡ଼ିଆ ଲୋକମାନେ ଚାଷ କାର୍ଯ୍ୟ ମଧ୍ୟରେ ଧାନ ଚାଷକୁ ବେଶୀ ପ୍ରାଧାନ୍ୟ ଦେଇଥାନ୍ତି । ସମସ୍ତଙ୍କ ଚାଷ ଜମି ପର୍ଯ୍ୟାପ୍ତ ନଥିବାରୁ ସମସ୍ତେ ଏହା କରନ୍ତି ନାହିଁ । ଯାହାଙ୍କ ଚାଷଜମି ଅଛି, ସେ ହିଁ କେବଳ ଚାଷ କରନ୍ତି । ଏହା ବ୍ୟତୀତ ଡ଼ାଲି ଜାତୀୟ ଶସ୍ୟ ହିସାବରେ କୋଳଥ ବିରି, ମୁଗ, ହରଡ, ଜାରା, ନାଡୁକା ଇତ୍ୟାଦି ଚାଷ କରନ୍ତି । ବାଡ଼ିବଗିଚାରୁ କେହି କେହି ପନିପରିବା ମଧ୍ୟ ଆମଦାନୀ କରିଥାନ୍ତି । ସେଗୁଡ଼ିକ ହେଲା ବାଇଗଣ, କଖାରୁ, ଲାଉ, ଜହ୍ନି, ବିଲାତି ବାଇଗଣ, କଲରା, ଅମୃତଭଣ୍ଡା, ଭେଣ୍ଡି ଇତ୍ୟାଦି।

**ଜଙ୍ଗଲ:**

ଖଡ଼ିଆ ଲୋକମାନେ ଜଙ୍ଗଲ ସହିତ ବେଶ୍ ପରିଚିତ । ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ଜଙ୍ଗଲ ଓ ଜଙ୍ଗଲରୁ ସଂଗୃହିତ ଖାଦ୍ୟ ଉପାଦାନ ଉପରେ ନିର୍ଭର କରି ନିଜର ଖାଦ୍ୟାଭାବ ମେଣ୍ଟାଇ ଆଆନ୍ତି । ମୁଖ୍ୟତଃ ବିଭିନ୍ନ ପ୍ରକାର ଖାଦ୍ୟ ଯଥା: ମଣ୍ଡେଇ ଆଳୁ, ରୁଞ୍ଜି ଆଳୁ, କଷା ଆଳୁ, ପିତା ଆଳୁ, ତୁଙ୍ଗା ଆଳୁ, ବାଇଁ ଆଳୁ, ଖମ୍ଭ ଆଳୁ ଇତ୍ୟାଦିକୁ ଜଙ୍ଗଲରୁ ସଂଗ୍ରହ କରିଥାନ୍ତି । ଏହା ବ୍ୟତୀତ ବିଭିନ୍ନ ପ୍ରକାରର ଶାଗ ଓ ଛତୁ ମଧ୍ୟ ସଂଗୃହିତ ହୁଏ । ଶାଗ ମଧ୍ୟରେ ମାମୁଡ଼ି ଶାଗ, ପିତା ଶାଗ ଓ ମାଟି ଶାଗ, କଣ୍ଟା ଶାଗ ଓ ଛତୁମାନଙ୍କ ମଧ୍ୟରେ ବଡ଼ ଛତୁ, ଗଛ ଛତୁ, ଟିକିରା ଛତୁ, ପତଡ଼ା ଛତୁ,

ବାଲି ଛତୁ ଇତ୍ୟାଦି । ଫଳଗୁଡ଼ିକ ମଧ୍ୟରେ ଖାନ୍ଦିଆ (ବଡ଼ ଧରଣର ଲେମ୍ବୁ), ଜମ୍ବୀରା (ବଡ଼ ଧରଣର କମଳା), ଚିଅଁର (ବଡ଼ ଧରଣର ଶାଳମା), ଆମ୍ବ, ପଣସ, ଡିମିରି ଫଳ, ଜାମୁ କୋଳି ଇତ୍ୟାଦି ସଂଗ୍ରହ କରି ଖାଦ୍ୟ ଆକାରରେ ସେବନ କରିଥାନ୍ତି ।

## ଅନ୍ୟାନ୍ୟ ଉତ୍ସରୁ ଖାଦ୍ୟ ସଂଗ୍ରହ:

ସମୟ ସମୟରେ ଖଡ଼ିଆ ଲୋକମାନେ ନିକଟସ୍ଥ ନଦୀ, ନାଳ ଓ ବନ୍ଧମାନଙ୍କରୁ ମାଛ ଧରନ୍ତି। ଘରେ ପୋଷିଥିବା କୁକୁଡ଼ା ଓ ଛେଳିର ମାଂସ ଖାଆନ୍ତି, ପଡ଼ୋଶୀ ଲୋକଙ୍କ ସାମାଜିକ ଉତ୍ସବ ଓ ପର୍ବପବାଣିରେ ଯୋଗଦେଇ ଖାଦ୍ୟ ଗ୍ରହଣ କରନ୍ତି ।

## ଖାଦ୍ୟପ୍ରସ୍ତୁତି ଓ ସଂରକ୍ଷଣ ପ୍ରଣାଳୀ:

ଖଡ଼ିଆ ଲୋକମାନେ ବିଭିନ୍ନ ପ୍ରକାରର ଖାଦ୍ୟ ନିଜର ରୁଚି ମୁତାବକ ପ୍ରସ୍ତୁତ କରିଥାନ୍ତି । ନିମ୍ନରେ କେତେକ ଖାଦ୍ୟ ଓ ତାହାର ପ୍ରସ୍ତୁତି ପ୍ରଣାଳୀ ବର୍ଣ୍ଣନ କରାଗଲା ।

ଏକ ଡ଼େକ୍‌ଚିରେ ପାଣିକୁ ଗରମ କରିବା ପରେ ସେଥିରେ ଉଷୁନା ଚାଉଳକୁ ଧୋଇ ପକାଯାଏ । ଚାଉଳ ସିଝିବା ପରେ ସେହି ଡେକ୍‌ଚିରୁ ଚଟୁ ସାହାଯ୍ୟରେ ପେଜ ବାହାର କରି ଦିଆଯାଏ ଓ ତାହା ଗରମ ଭାତ ହିସାବରେ ଖିଆଯାଇଥାଏ ଭାତ ଡେକ୍‌ଚିରେ ଥଣ୍ଡା ଜଳ ଭର୍ତ୍ତି କରି ପଖାଳ ଭାତ ପ୍ରସ୍ତୁତ କରିଥାନ୍ତି ।

କୌଣସି ଏକ କଡ଼େଇରେ ମାଂସକୁ ସିଝାଇ ସାରିବା ପରେ ତାହାକୁ ଏକ ପାତ୍ରରେ କାଢ଼ି ରଖାଯାଇଥାଏ । ତାହା ପରେ ସେଇ କଡ଼େଇରେ ତେଲ ପକାଇ ତହିଁରେ ବଟା ମସଲାକୁ (ଜିରା, ଧଣିଆଁ, ଲଙ୍କା, ଅଦା, ପିଆଜ, ରସୁଣ ଇତ୍ୟାଦିକୁ ଏକତ୍ର ବଟାଯାଇଥାଏ) ପକାଇ କସି ସାରିଲା ପରେ ସିଝା ମାଂସକୁ ସେଥିରେ ପକାଇ ଲୁଣ ଦେଇ ଚଟୁରେ ଘାଣ୍ଟି ଦିଆଯାଏ । କିଛି ସମୟ ପରେ ଆବଶ୍ୟକତା ଅନୁଯାୟୀ ପାଣି ଦିଆଯାଏ ଓ ପାଣି ଫୁଟି ତରକାରୀ ପ୍ରସ୍ତୁତ ହୋଇଗଲେ ଚୂଲିରୁ ଓହ୍ଲାଇଦେଇ ପରଷାଯାଏ।

## ଶାଗ ଖରଡ଼ା:

କୌଣସି ଶାଗକୁ କାଟି ସାରିବା ପରେ ଚୂଲିରେ ବସିଥିବା କଡ଼େଇରେ ଅଳ୍ପ ତେଲ ଦେଇ ତହିଁରେ କଟାଯାଇଥିବା ଶାଗକୁ ପକାଇ କିଛି ପାଣି ଚିଞ୍ଚା ଯାଇଥାଏ । କିଛି ସମୟପରେ ତାହା ଶିଝିଗଲେ ଶାଗଭଜା ତରକାରୀ ରୂପେ ଖିଆଯାଏ ।

## ଆଳୁକ୍ଷୀରି:

ଜଙ୍ଗଲରୁ ସଂଗୃହିତ ଆଳୁକୁ ଖଣ୍ଡ ଖଣ୍ଡ କରି କାଟି ଡ଼େକ୍‌ଚିରେ ପାଣି ସଙ୍ଗରେ ପକାଯାଇ ଚୂଲିରେ ବସାଇ ଦିଆଯାଏ । ସିଝାଗଲା ପରେ ଏହାର

ଚୋପାକୁ ଛଡ଼ାଇ ଦିଆଯାଇ ତହିଁରେ ପାଣି ଓ ଲୁଣ ଦେଇ ଘାଣ୍ଟି ଘାଣ୍ଟି କ୍ଷୀରି ପ୍ରସ୍ତୁତ କରି ଖାଆନ୍ତି ।

## ପାଲୁଅ କ୍ଷୀରି:

ସାଧାରଣତଃ ପାହାଡ଼ି ଖଡ଼ିଆ ଲୋକମାନେ ସ୍ୱତନ୍ତ୍ରଭାବେ ପାଲୁଅ କ୍ଷୀରି ପ୍ରସ୍ତୁତ କରିଥାନ୍ତି । ପ୍ରଥମେ ପାଲୁଅକୁ ପାଣିରେ ଗୋଳେଇ ଦେଇ ଚୁଲ୍ଲିରେ ଗରମ କରାଯାଏ । କିଛି ସମୟ ପରେ ଅରୁଆ ଚାଉଳ ଗୁଣ୍ଡକୁ ମିଶାଯାଇ ତହିଁରେ ଆବଶ୍ୟକ ଅନୁଯାୟୀ ଚିନି ଓ ଲୁଣ ଦିଆଯାଇଥାଏ । କିଛି ସମୟ ପରେ ଏହାକୁ ଓହ୍ଲାଇ ସେବନ କରାଯାଏ ।

## ବିଭିନ୍ନ ପ୍ରକାର ମସଲା:

ସାଧାରଣତଃ ପାହାଡ଼ି ଖଡ଼ିଆ ସମ୍ପ୍ରଦାୟର ଲୋକମାନେ ଖାଦ୍ୟକୁ ସୁସ୍ୱାଦୁ କରିବା ପାଇଁ ବିଭିନ୍ନ ପ୍ରକାର ମସଲା ବ୍ୟବହାର କରିଥାନ୍ତି, ଯଥା :- ଜିରା, ସୋରିଷ ରାଇ, ଧଣିଆଁ, ଲଙ୍କା, ହଳଦୀ, ପିଆଜ ରସୁଣ ଇତ୍ୟାଦି । ଏହିସବୁ ମସଲାଦେଇ ରାନ୍ଧିବା ଦ୍ୱାରା ଖାଦ୍ୟର ସ୍ୱାଦ ବଢ଼ିଥାଏ ବୋଲି ସେମାନଙ୍କର ମତ ।

## ଖାଦ୍ୟ ପରଷିବା ପ୍ରଣାଳୀ:

ପାହାଡ଼ି ଖଡ଼ିଆ ଲୋକମାନେ କେତେକ ସ୍ୱତନ୍ତ୍ର ଦିବସ ଓ ଉତ୍ସବମାନଙ୍କରେ, ଯଥା : ଜନ୍ମଦିନ, ନାମକରଣ ଉତ୍ସବ ଓ ବିବାହୋତ୍ସବ ମାନଙ୍କରେ ସ୍ୱତନ୍ତ୍ର ଭାବେ ଭୋଜି ଭାତର ଆୟୋଜନ କରି ଅତିଥିଙ୍କୁ ଆପ୍ୟାୟିତ କରିଥାନ୍ତି । ସେହିସବୁ ଦିବସମାନଙ୍କରେ ଅତିଥିମାନଙ୍କ ପାଇଁ ଗରମଭାତ, ମାଂସ ତରକାରୀ, ଡ଼ାଲି, ଇତ୍ୟାଦି ପ୍ରସ୍ତୁତ କରି ପରଷା ଯାଇଥାଏ । ବନ୍ଧୁବାନ୍ଧବ ଓ ଅତିଥିମାନଙ୍କୁ ଧାଡି ଧାଡି ଆସନରେ ବସାଇ ଖଲିପତ୍ର ଓ ଦୋନାରେ ଭାତ ଓ ତରକାରୀ ପରଷା ଯାଏ । ଏହି ସମୟରେ ଖାଦ୍ୟ ରାନ୍ଧିବା ପାଇଁ ଗ୍ରାମର କୌଣସି ଲୋକ, ଯିଏକି ରାନ୍ଧିବା କାର୍ଯ୍ୟରେ ପାରଙ୍ଗମ ତାହାଙ୍କ ସହାୟତା ନିଆଯାଏ ।

## ଭୋଜନରେ ଶିଷ୍ଟାଚାର:

ପାହାଡ଼ି ଖଡ଼ିଆମାନଙ୍କ ସାଧାରଣତଃ ଖାଦ୍ୟ ସେବନ କରିବାରେ କେତେକ ଶୈଳୀ ବା ଶିଷ୍ଟାଚାର ରହିଛି । ଅଧିକାଂଶ ଲୋକ ନିଜର ଏକ ସ୍ୱତନ୍ତ୍ର ରୋଷେଇ ଘରେ ରନ୍ଧାବଢ଼ା ଓ ଖିଆପିଆ କରନ୍ତି । ବୟସ୍କ ଲୋକମାନେ ଖାଇବାବେଳେ କାଠପଟା ବ୍ୟବହାର କରିଥାନ୍ତି, କିନ୍ତୁ ପିଲାମାନେ ତଳେ କିଛି ନ ପକାଇ ଖାଇବାକୁ ଭଲପାନ୍ତି । ପିଲାମାନେ ତାଙ୍କ ବାପା-ମାଆ ତଥା ବଡ଼ ଲୋକଙ୍କ ସଙ୍ଗରେ ଖାଇବାକୁ ଭଲ ପାଆନ୍ତି ।

ମହିଳାମାନେ ଖାଦ୍ୟ ଖାଇବାବେଳେ କାଠ ପିଢ଼ା ଉପରେ ବସନ୍ତି। ସାଧାରଣତଃ ସେମାନେ ସମସ୍ତ ଲୋକ ଖାଇବା ସମୟରେ ପାଖରେ ସମସ୍ତ ଜିନିଷ ନେଇ ବସିଥାନ୍ତି, ଯଥା:- ଭାତ, ତରକାରୀ ପାଣି, ଲୁଣ, ଲଙ୍କା ଇତ୍ୟାଦି । ସବୁ ଖାଦ୍ୟଦ୍ରବ୍ୟ ଏକ ସଙ୍ଗରେ ଖାଇବା ପାଖରେ ରଖାଯାଇଥାଏ । ଆବଶ୍ୟକ ପରିମାଣର ଖାଦ୍ୟ ଖାଇବାପରେ ବଳକା ଖାଦ୍ୟପଦାର୍ଥ ଡ଼େକଚିରେ ରଖାଯାଏ । ଖାଇସାରିବା ପରେ ସେହି ସ୍ଥାନଟିକୁ ଖାଲିପାଣିରେ ଲିପି ଦେଇଥାନ୍ତି । ଖାଇବା ସମୟରେ କେହି କେହି ଦରକାର ପଡ଼ିଲେ କଥାବାର୍ତ୍ତା କରିଥାନ୍ତି, କିନ୍ତୁ ଆବଶ୍ୟକରୁ ଅଧିକ କଥା ହୁଅନ୍ତି ନାହିଁ।

## ଭିନ୍ନ ଗୋଷ୍ଠୀରୁ ଖାଦ୍ୟ ଗ୍ରହଣ:

ଖଡ଼ିଆ ଲୋକମାନେ ଅନ୍ୟ ଗୋଷ୍ଠୀଠାରୁ ଖାଦ୍ୟ ଗ୍ରହଣ କରିବାରେ କେତେକ କଟକଣା ଥିବା ପରିଲକ୍ଷିତ ହୁଏ । ମାଙ୍କିଡ଼ିଆ ସମ୍ପ୍ରଦାୟଠାରୁ ଏମାନେ କୌଣସି ସମୟରେ ଖାଦ୍ୟ କିମ୍ୱା ପାନୀୟ ଗ୍ରହଣ କରନ୍ତିନାହିଁ । ବାଥୁଡ଼ି, କୋହ୍ଲ, ସାନ୍ତାଳ, ଲୋଧା ଇତ୍ୟାଦି ଗୋଷ୍ଠୀମାନଙ୍କଠାରୁ ସେମାନଙ୍କର ବିବାହୋତ୍ସବ, ଜନ୍ମଉତ୍ସବମାନଙ୍କରେ ଖାଦ୍ୟ ଗ୍ରହଣ କରିପାରନ୍ତି, କିନ୍ତୁ ସେହି ଖାଦ୍ୟକୁ ଖଡ଼ିଆ ସମ୍ପ୍ରଦାୟର ଯେ କୌଣସି ଲୋକ ରାନ୍ଧିଥିବା ଆବଶ୍ୟକ । ଅବଶ୍ୟ ଆଜିକାଲି ଏହି ନିୟମକୁ କେହି ନିଷ୍ଠାର ସହ ପାଳୁ ନାହାନ୍ତି, କିନ୍ତୁ ଖଡ଼ିଆ ଗୋଷ୍ଠୀର ଯୁବତୀ ଓ ମହିଳାମାନେ ଅନ୍ୟ କୌଣସି ଗୋଷ୍ଠୀଠାରୁ ଖାଦ୍ୟ ଗ୍ରହଣ କରନ୍ତି ନାହିଁ ।

## ଅଶୌଚ ସମୟରେ ଖାଦ୍ୟ ଗ୍ରହଣ:

କୌଣସି ପରିବାରର କେହି ବ୍ୟକ୍ତି ବା ସଦସ୍ୟଙ୍କର ଜନ୍ମ ବା ମୃତ୍ୟୁ ହେଲେ ସଂପୃକ୍ତ କୁଟୁମ୍ବ ଅନ୍ତର୍ଗତ ପରିବାର ମଧ୍ୟରେ ପରସ୍ପର ପରସ୍ପର ଠାରୁ ଖାଦ୍ୟ ଦେବା-ନେବା କିମ୍ୱା ଖିଆ-ପିଆରେ କୌଣସି ବାରଣ ନାହିଁ, କିନ୍ତୁ ଅନ୍ୟ ପରିବାର ଓ କୁଟୁମ୍ବର ସଦସ୍ୟମାନେ ଛୁଟିକିଆ କିମ୍ୱା ମୃତିକିଆ ଆଦି ଅଶୁଦ୍ଧ କାଳ ଲାଗି ରହିଥିବା ପରିବାରଠାରୁ ଖାଦ୍ୟଦ୍ରବ୍ୟ ଗ୍ରହଣ କରନ୍ତିନାହିଁ, ଏପରିକି ଚାଉଳ କିମ୍ୱା ପନିପରିବା ମଧ୍ୟ ଗ୍ରହଣ କରନ୍ତି ନାହିଁ । କାରଣ ଏ ସବୁ ଦ୍ରବ୍ୟ ସଂଗ୍ରହ କରିବା ଦ୍ୱାରା ଉକ୍ତ ଜିନିଷ ଅଶୁଦ୍ଧ ହୋଇଯାଇଥାଏ ବୋଲି ସେମାନେ ମତପୋଷଣ କରନ୍ତି । ଛୁଟିକିଆଠାରୁ ୨୧ ଦିନ ପରେ ଓ ମୃତ୍ୟୁଠାରୁ ୧୧ ଦିନ ପରେ ସଂପୃକ୍ତ ପରିବାରଠାରୁ ଖାଦ୍ୟ ଦ୍ରବ୍ୟ ଗ୍ରହଣ କରାଯାଇପାରେ ।

## ଖାଦ୍ୟର ଉପାଦେୟତା:

ପ୍ରତ୍ୟେକ ଖାଦ୍ୟର କିଛି ନା କିଛି ବ୍ୟବହାରିକ ମୂଲ୍ୟ ଅଛି । ସେଥି ମଧ୍ୟରୁ ଭାତ ଖାଇବା ଦ୍ୱାରା ଶରୀରର ଶକ୍ତି ବୃଦ୍ଧି ଘଟେ । ପଶୁ ମାଂସ ଖାଇବା ଦ୍ୱାରା ଶରୀରର ଶକ୍ତି ବୃଦ୍ଧି ଘଟିବା ସଙ୍ଗେ ସଙ୍ଗେ ଶଟୀରରେ ସ୍ନାୟୁଗୁଡ଼ିକ ସତେଜ ହୋଇଉଠନ୍ତି ଓ ଉତ୍ତେଜନା ଶକ୍ତି ବୃଦ୍ଧିପାଏ । କୁକୁଡ଼ା ମାଂସ ଖାଇବା ଦ୍ୱାରା ଶରୀରରେ ରକ୍ତ ତିଆରିରେ ସୁବିଧା ହୁଏ । ପନିପରିବା ତରକାରୀ ଖାଇବା ଦ୍ୱାରା ରକ୍ତର ସ୍ୱଚ୍ଛତା ଆସେ । ମନରେ ଶାନ୍ତି ଜାଗ୍ରତ ହୁଏ, ପିତାଜାତୀୟ ଖାଦ୍ୟ ଖାଇବାଦ୍ୱାରା ଶରୀରର ପିତ୍ତଜନିତ ରୋଗ ଦୂର ହୋଇଥାଏ । ଶାଗ ଖାଇବା ଦ୍ୱାରା ଦୃଷ୍ଟିଶକ୍ତି ବୃଦ୍ଧିପାଇବା ସଙ୍ଗେ ସଙ୍ଗେ ମନୁଷ୍ୟର ପରମାୟୁ ବୃଦ୍ଧି ଘଟିଥାଏ ବୋଲି ଖଡ଼ିଆ ଲୋକମାନଙ୍କ ବିଶ୍ୱାସ ।

## ପୌଷ୍ଟିକ ଖାଦ୍ୟ:

ଶରୀରକୁ ହୃଷ୍ଟପୁଷ୍ଟ ରଖିବାକୁ ହେଲେ ପୁଷ୍ଟିବର୍ଦ୍ଧକ ଖାଦ୍ୟ ଏକାନ୍ତ ପ୍ରୟୋଜନ । ପଖାଳଭାତ, ଗରମଭାତ, ସମସ୍ତ ପ୍ରକାରର ବଣଆଳୁ ଶରୀରକୁ ପ୍ରଚୁର ଖାଦ୍ୟପ୍ରାଣ ଯୋଗାଇଥାଏ । ପଖାଳଭାତ ସାଙ୍ଗରେ ଶାଗଭଜା ଖାଇଲେ ଦେହ ନିରୋଗ ରହେ । କ୍ଷୀର ଖାଇବା ଦ୍ୱାରା ଶରୀରରେ ବଳ ହେବା ସଙ୍ଗେ ସଙ୍ଗେ ଶରୀର ଚିକ୍କଣ ଦେଖାଯାଇଥାଏ । ପିତା ଜାତୀୟ ଖାଦ୍ୟ ଖାଇଲେ ରକ୍ତ ପରିଷ୍କାର ରହେ । ଅଟା, ସୁଜି ଇତ୍ୟାଦି ଖାଇବାରେ ମଧ୍ୟ ଶରୀର ସୁସ୍ଥ-ସବଳ ରହେବୋଲି ଖଡ଼ିଆ ଲୋକମାନେ ବିଶ୍ୱାସ କରନ୍ତି ।

## ଖାଦ୍ୟ ଅଭିରୁଚି:

ଖଡ଼ିଆ ଲୋକମାନେ ଖାଦ୍ୟକୁ ସ୍ୱାଦଯୁକ୍ତ କରିବା ପାଇଁ କେତେକ ମସଲାର ବ୍ୟବହାର କରିଥାନ୍ତି । ଯଥା- ଜିରା, ସୋରିଷ, ଲଙ୍କା, ଧଣିଆ, ହଳଦୀ, ରାଶି ଇତ୍ୟାଦି । ଏହାକୁ ତରକାରୀରେ ବ୍ୟବହାର କରନ୍ତି । ମାଛ ଓ ମାଂସକୁ ପତ୍ରରେ ହଳଦୀ, ଲୁଣ ଅନ୍ୟାନ୍ୟ ମସଲାକୁ ଗୋଳେଇ ପୁଡ଼ିଆ କରି ନିଆଁରେ ପୋଡିଖାଇଲେ ଅଧିକ ସୁସ୍ୱାଦୁ ହୋଇଥାଏ ବୋଲି କେତେକ ମତବ୍ୟକ୍ତ କରିଥାନ୍ତି । ପାଳୁଅକୁ ଚିନି ଓ ଅରୁଆ ଚାଉଳ ସହିତ ମିଶାଇ ରାନ୍ଧିଲେ ସ୍ୱାଦଯୁକ୍ତ ହୋଇଥାଏ ଓ ଏହା ପେଟକୁ ଥଣ୍ଡା ରଖେ ବୋଲି ସେମାନଙ୍କ ଧାରଣା ।

## ଖାଦ୍ୟର ସାମାଜିକ ଓ ଧାର୍ମିକ ମୂଲ୍ୟବୋଧ:

ଖଡ଼ିଆ ଲୋକମାନେ ଜନ୍ମଠାରୁ ମୃତ୍ୟୁପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ପୂଜାପାଠ ଓ ପର୍ବପର୍ବାଣୀ ପାଳନ କରିଥାନ୍ତି । ପୂଜାପାଠ ଓ ପର୍ବପର୍ବାଣିମାନଙ୍କରେ ବିଭିନ୍ନ ପ୍ରକାରର ନୂତନ ଖାଦ୍ୟ ଗ୍ରହଣ କରିଥାନ୍ତି । ସାମାଜିକ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଶିଶୁ ଜନ୍ମ /ନାମକରଣ ଉତ୍ସବରେ ଓ କୁଟୁମ୍ବମାନଙ୍କୁ ଆମନ୍ତ୍ରଣ କରାଯାଇଥାଏ । ଆମନ୍ତ୍ରିତ ଲୋକଙ୍କୁ ଭାତ ସହିତ ମାଂସ, ମାଛ ଓ ପାଳୁଅକ୍ଷୀରି ଇତ୍ୟାଦି ପ୍ରସ୍ତୁତ କରାଯାଇ ପ୍ରଦାନ କରାଯାଇଥାଏ । ଏହି ଭୋଜିଭାତ ପ୍ରଦାନ କରିବାର ଉଦ୍ଦେଶ୍ୟ ଏହି ଯେ ସଂପୃକ୍ତ ପରିବାରରେ ଏକ ନବଜାତ ଶିଶୁ ଜନ୍ମ ହୋଇଛି ବୋଲି ସମସ୍ତେ ଜାଣିପାରବେ । ପ୍ରତିଦାନ ସ୍ୱରୂପ ଆମନ୍ତ୍ରିତ ଅତିଥି ଶିଶୁକୁ ଆଶୀର୍ବାଦ ଦେଇ ଘରକୁ ଫେରନ୍ତି । ସେହିପରି ବିବାହୋତ୍ସବରେ ଅତିଥି, ପରିବାରବର୍ଗ, କୁଟୁମ୍ବବର୍ଗ ଓ ପୋଡ଼ଶୀ ଗ୍ରାମର ଲୋକମାନଙ୍କୁ ଆମନ୍ତ୍ରଣ କରାଯାଇଥାଏ । ଏଥିପାଇଁ ଭୋଜିଭାତର ଆୟୋଜନ ମଧ୍ୟ ହୋଇଥାଏ । ବାହାଘର କାର୍ଯ୍ୟ ସୁଚାରୁରୂପେ ତୁଲାଇବା ପାଇଁ ସମସ୍ତଙ୍କର ସହଯୋଗ ଲୋଡ଼ା ଯାଇଥାଏ । କୌଣସି ବ୍ୟକ୍ତିକୁ ବା ପ୍ରତ୍ୟେକଙ୍କ ଘରୁ ଜଣେ ଲେଖାଏଁ ଆମନ୍ତ୍ରଣ କରାଯାଇ ଭୋଜି ପ୍ରଦାନ କରାଯାଇଥାଏ । ଅଶୁଚିର ଶୁଚି ହେବା ସକାଶେ ଏହି ଭୋଜି ପ୍ରଦାନ କରାଯାଇଥାଏ । ଏହି ସବୁ କାମ କାର୍ଯ୍ୟରେ ସଂପୃକ୍ତ ପରିବାର ସହିତ ବନ୍ଧୁବାନ୍ଧବ, ସାହିପଡ଼ିଶା, ପରିବାରବର୍ଗ ସୁ-ସମ୍ପର୍କରେ ଆବଦ୍ଧ ହେବା ପାଇଁ ଖାଦ୍ୟ ଏକ ବଳିଷ୍ଠ ମାଧ୍ୟମ । କାରଣ ଉକ୍ତ ସାମାଜିକ କର୍ମକର୍ମାଣିରେ ସ୍ୱତନ୍ତ୍ର ଖାଦ୍ୟପ୍ରଦାନ କରିବା ଏକ ଅତ୍ୟାବଶ୍ୟକ ବ୍ୟବସ୍ଥା ହୋଇଥିବାରୁ ନିମନ୍ତ୍ରିତ ଅତିଥି, ବନ୍ଧୁ-ବାନ୍ଧବ, ସାହିପଡ଼ିଶାଙ୍କ ସମାଗମ ହୋଇଥାଏ ଓ ଲୋକମାନଙ୍କ ମଧ୍ୟରେ ସାମାଜିକ ସମ୍ପର୍କ ଦୃଢ଼ୀଭୂତ ହୋଇଥାଏ ।

ଧର୍ମୀୟ ଦୃଷ୍ଟିରୁ ଦେଖିବାକୁ ଗଲେ ଏହି ଏମାନେ କେତେକ ପୂଜାପାଠ ଓ ଠାକୁର ଠାକୁରାଣୀଙ୍କ ନିକଟରେ ପଶୁ କିମ୍ବା ପକ୍ଷୀଙ୍କୁ ବଳି ପକାନ୍ତି । ଏହି ବଳି ପଡ଼ିଥିବା ପଶୁ-ପକ୍ଷୀଙ୍କର ମାଂସକୁ ରୋଷେଇ କରାଯାଇ ପ୍ରତ୍ୟେକ ଭୋଗ ଆକାରରେ ଖାଇଥାନ୍ତି । ଫଳରେ ମଣିଷ ନିରୋଗ ରହେ ଓ ଉକ୍ତ ମାଂସଭୋଗ ସେବନ କଲେ ଠାକୁର-ଠାକୁରାଣୀଙ୍କ ଆଶୀର୍ବାଦ ମିଳିଥାଏ ବୋଲି ଖଡ଼ିଆ ଲୋକମାନେ ବିଶ୍ୱାସ କରନ୍ତି ଏବଂ ଏହା ମଧ୍ୟ ଗ୍ରାମରେ ଏକତା ସୃଷ୍ଟି କରିଥାଏ । ବିଭିନ୍ନ ପୂଜାପାର୍ବଣରେ ଇଷ୍ଟଦେବତାଙ୍କୁ ପିଠା, ଚୂଡ଼ା, ଗୁଡ଼, ସେମାନଙ୍କ ଉଦ୍ଦ୍ୟେଶରେ ପ୍ରଦାନ କରି ତାହାକୁ ସେବନ କରିଥାନ୍ତି । ଫଳରେ ଇଷ୍ଟ ଦେବତା ସନ୍ତୁଷ୍ଟ ହୋଇ ଆଶୀର୍ବାଦ ପ୍ରଦାନ କରିଥାନ୍ତି ବୋଲି ସେମାନେ ବିଶ୍ୱାସ କରିଥାନ୍ତି । ଏହିପରି ଭାବରେ ଖଡ଼ିଆମାନଙ୍କ ଖାଦ୍ୟର ଧର୍ମୀୟ ଚିନ୍ତାଧାରା ନିହିତ ଥିବା ପରିଲକ୍ଷିତ ହୋଇଥାଏ ।

# କନ୍ୟାସୁନା (ପଣ)

ପ୍ରତ୍ୟେକ ସମାଜରେ ବିବାହ ଏକ ଚିରାଚରିତ ସାମାଜିକ ପ୍ରଥା । ପୁରୁଷ ଓ ନାରୀର ସଂପର୍କକୁ ପବିତ୍ର ତଥା ସାମାଜିକ ସ୍ୱୀକୃତି ପ୍ରଦାନ କରି ବିବାହ ପ୍ରକ୍ରିୟା ବଂଶବୃଦ୍ଧି କିମ୍ବା ବଂଶରକ୍ଷାରେ ସହାୟକ ହୋଇଥାଏ । ପ୍ରାୟ ସୃଷ୍ଟି ପ୍ରାରମ୍ଭରୁ ଏହି ପରିକଳ୍ପନା ଦେଖାଯାଏ । ଅବଶ୍ୟ ସମୟାନୁକ୍ରମେ ବିଭିନ୍ନ ଗୋଷ୍ଠୀରେ ବିବାହ ଶୈଳୀରେ ଭିନ୍ନତା ପରିଲକ୍ଷିତ ହୁଏ । ଏହି ଭିନ୍ନତା ହିଁ ପର୍ଯ୍ୟାୟାନୁଯାୟୀ ପରମ୍ପରା ବା ପ୍ରଥାର ରୂପନିଏ । ପ୍ରାକ୍ ବିବାହ କାଳରେ ଏହିପରି ଏକ ପ୍ରଥା କନ୍ୟାସୁନା ବା କନ୍ୟାଧନ ପ୍ରାୟତଃ ଆଦିବାସୀ ସମାଜରେ ପ୍ରଚଳିତ । ଆଧୁନିକ ସଭ୍ୟତାରେ ଏହା ଏକ ବ୍ୟତିକ୍ରମ କହିଲେ ଅତ୍ୟୁକ୍ତି ହେବନାହିଁ । ଜଙ୍ଗଲ ପାହାଡ଼ ଅଞ୍ଚଳରେ ବସବାସ କରୁଥିବା ପାହାଡ଼ି ଖଡ଼ିଆଙ୍କ ମଧ୍ୟରେ କନ୍ୟାସୁନା ପ୍ରଥାର ପ୍ରଚଳନ ଦେଖାଯାଏ ।

## କନ୍ୟାସୁନା - ଧାରଣା, ଉତ୍ପତ୍ତି ଓ ଇତିବୃତ୍ତ:

ଆଧୁନିକ ସମାଜରେ ବିବାହ ପୂର୍ବରୁ କନ୍ୟାର ପିତା ବର ଉଦ୍ଦେଶ୍ୟରେ ଯୌତୁକ ସ୍ୱରୂପ ଧନ ଦ୍ରବ୍ୟାଦି ପ୍ରଦାନ କରୁଥିବା ସ୍ଥଳେ ଖଡ଼ିଆ ସଂପ୍ରଦାୟରେ ବିବାହ ପୂର୍ବରୁ ବରପକ୍ଷ କନ୍ୟାର ପିତାମାତାଙ୍କୁ କନ୍ୟାସୁନା (ପଣ) ଦେବାର ପରମ୍ପରା ବେଶ୍ ଉତ୍ସାହଜନକ । ଏହାକୁ କନ୍ୟାର ସମ୍ମାନାର୍ଥେ ଉପହାର ମଧ୍ୟ କୁହାଯାଇପାରେ ।

ତେବେ କନ୍ୟାସୁନା ପ୍ରଥାର ଉତ୍ପତ୍ତି ଓ ଇତିହାସ ସମ୍ବନ୍ଧରେ ସଂପ୍ରତିକ ଖଡ଼ିଆ ସମାଜ ଅଜ୍ଞ ଥିବା ମନେ ହୁଏ । ସେମାନେ କେବଳ ଗୋଟିଏ କଥା କହନ୍ତି ଯେ ଏହି ପରମ୍ପରା ପୂର୍ବପୁରୁଷରୁ ପ୍ରଚଳିତ, ତେଣୁ ସେମାନେ ମାନି ଚାଲିଛନ୍ତି । ସାମାଜିକ, ସାଂସ୍କୃତିକ, ନୃତାତ୍ତ୍ୱିକ ତଥା ଲୋକ ପରମ୍ପରା ଭିତ୍ତିକ ତଥ୍ୟ ଅନୁସନ୍ଧାନ କଲେ ଖଡ଼ିଆ ମାନଙ୍କ କନ୍ୟାସୁନା ପରମ୍ପରାର ଉତ୍ପତ୍ତି ଓ ଇତିହାସ ସମ୍ବନ୍ଧରେ ସମ୍ୟକ ତଥ୍ୟ ମିଳେ । ତଥାପି ବିବାହର ପରିକଳ୍ପନାଠାରୁ ଏହି ପଣ ବ୍ୟବସ୍ଥାର ଉତ୍ପତ୍ତି ହୋଇଥାଇପାରେ ବୋଲି ଖଡ଼ିଆଙ୍କର ମତ । ଏମାନେ ପାରମ୍ପରିକ ବିଧିବ୍ୟବସ୍ଥାକୁ ଉଚ୍ଛେଦ କରି ନାହାନ୍ତି ବା ପରମ୍ପରାକୁ ଭାଙ୍ଗିବା ପାଇଁ ପସନ୍ଦ କରୁନାହାନ୍ତି । ହୁଏତ ପୂର୍ବରୁ କନ୍ୟାସୁନା କୌଣସି ଦ୍ରବ୍ୟ ଆକାରରେ ଥାଇପାରେ, କିନ୍ତୁ ତାହା ବର୍ତ୍ତମାନ ଖଡ଼ିଆ ସମାଜରେ ଟ.୧୨.୦୦ ଏବଂ ୧୨ଟି ନୂତନ ବସ୍ତ୍ରରେ ସୀମିତ ରହିଥିବା ଜଣାଯାଏ । ସେହି ଅନୁସାରେ ବିବାହର ୧୫ ଦିନ ପୂର୍ବରୁ ବର ପକ୍ଷରୁ କନ୍ୟା ଘରକୁ ବିବାହର ପ୍ରଥମ ପଦକ୍ଷେପ ସ୍ୱରୂପ କନ୍ୟାସୁନା ବା ପଣ ଦିଆଯାଇଥାଏ । ବିବାହ ପରି ଏକ ପବିତ୍ର ସାମାଜିକ ବନ୍ଧନକୁ ସୁଦୃଢ଼ କରିବା ପାଇଁ କନ୍ୟାସୁନା ସେତୁ ଭଳି କାର୍ଯ୍ୟ କରିଥାଏ ।

## କନ୍ୟାସୁନା ପ୍ରଥାର ପ୍ରଚଳନ, କନ୍ୟାସୁନା ପ୍ରଦାନ ରୀତି:

ଖଡ଼ିଆ ଗୋଷ୍ଠୀରେ କନ୍ୟାସୁନା ବା ପଣର ପ୍ରଚଳନ ସଂପର୍କରେ ନିର୍ଦ୍ଦିଷ୍ଟ ସମୟ କହିବା କଷ୍ଟକର । କାରଣ ଏ ବିଷୟରେ ଖଡ଼ିଆ ସମାଜ ମଧ ନୀରବ । ତେବେ ସେମାନଙ୍କର ବିବାହ ପ୍ରକ୍ରିୟାରେ ପଣ ବ୍ୟବସ୍ଥା ଏକ ଅତ୍ୟାବଶ୍ୟକ ସାମାଜିକ ନିୟମ । ପରମ୍ପରା ସୂତ୍ରରେ ଏହି ବିଧି ସମଗ୍ର ଖଡ଼ିଆ ସମାଜରେ ଅନୁସୃତ ହୋଇଥାଏ । ଏ ପ୍ରସଙ୍ଗରେ କେହି କେବେ ଓ କାହିଁକିର ପ୍ରଶ୍ନ ଉଠାଏ ନାହିଁ ।

ପୁଅକୁ ବିବାହ ବୟସ ହୋଇଗଲେ ତା'ର ପିତାମାତା ଉପଯୁକ୍ତ କନ୍ୟାଟିଏ ପାଇଁ କୌଣସି ପରିଚିତ ବ୍ୟକ୍ତିଙ୍କୁ କନ୍ୟା ସନ୍ଧାନ କରିବା ଦାୟିତ୍ୱ ଦିଅନ୍ତି, ଯିଏକି ବିବାହର ଘଟକ ରୂପରେ ପରିଚିତ । କନ୍ୟାର ସନ୍ଧାନ ପାଇଲେ ସେ ପୁଅର ପିତାମାତାଙ୍କୁ ଜଣାଇଥାଆନ୍ତି ଏବଂ ସେମାନଙ୍କ ସମ୍ମତି ନେଇଥାନ୍ତି । ତତ୍‌ପରେ ମଧ୍ୟସ୍ଥିର ମଧ୍ୟସ୍ଥତାରେ ପୁଅ-ଝିଅ ଦେଖାଦେଖି ହୋଇ ବିବାହ ପ୍ରସ୍ତାବଟି ଆଗେଇ ଯାଏ । ଏଥିରେ ଯଦି ଉଭୟ ପକ୍ଷ ସମ୍ମତି ପ୍ରଦାନ କରନ୍ତି, ତେବେ ନିର୍ବନ୍ଧ ପାଇଁ ଦିନ ଧାର୍ଯ୍ୟ କରାଯାଇଥାଏ । ନିର୍ବନ୍ଧ ଦିନ କନ୍ୟା ପାଇଁ ନୂଆ ଲୁଗାପଟା ଏବଂ ସମ୍ଭବ ହେଲେ ରୁପା ଗହଣା ନେଇ ବରର ପିତାମାତା ଘଟକଦାର ସହିତ କନ୍ୟାଘରକୁ ଯାଆନ୍ତି । ଏହିଦିନ ବିବାହର ଦିନ ଧାର୍ଯ୍ୟ କରାଯାଏ ଓ କନ୍ୟାପଣ ସ୍ୱରୂପ ୧୨ (ବାରଟଙ୍କା) ଓ ୧୨ଟି ନୂତନ ବସ୍ତ୍ର (କନ୍ୟାର ପିତା-ମାତା, ମାମୁଁ-ମାଇଁ, କକା-ଖୁଡ଼ି, ପିଉସା-ପିଉସୀ, ମଉସା-ମାଉସୀ ଓ ଭଉଣୀ -ଭିଣୋଇ)କନିଆଁ ଘରର ଅଭିଭାବକଙ୍କୁ ପ୍ରଦାନ କରାଯିବା ପାଇଁ ମୌଖିକ ଭାବେ ଆଲୋଚିତ ହୁଏ । ଏହା ଅନ୍ତତଃ ବାହାଘରର ୧୫ ଦିନ ପୂର୍ବରୁ ଦେବାକୁ କୁହାଯାଇଥାଏ । ତଦନୁସାରେ ବର ପିତା ଏବଂ ଘଟକ କନ୍ୟାପଣ ସ୍ୱରୂପ ଟ. ୧୨.୦୦ ଏବଂ ୧୨ ଖଣ୍ଡ ନୂଆ ଲୁଗା କନ୍ୟା ଘରେ ନେଇ ପହଞ୍ଚାଇଥାଆନ୍ତି । ଏମାନଙ୍କ ସହିତ ଅନ୍ୟାନ୍ୟ ବଂଧୁବାନ୍ଧବ ବା ଗ୍ରାମର ଭଦ୍ରଲୋକ ଯାଇପାରନ୍ତି ବା ନ ଗଲେ ମଧ ଚଳେ । କିନ୍ତୁ ବରର ପିତା ଓ ଘଟକଙ୍କ ଉପସ୍ଥିତି ଜରୁରୀ । କନ୍ୟାସୁନା ଦେବା ନେବାରେ ଏମାନଙ୍କର ଆଉ ବିଶେଷ ନୀତି ନିୟମ ପ୍ରଚଳିତ ଥିବା ଜଣାନାହିଁ ।

## କନ୍ୟାସୁନାରେ ମଧ୍ୟସ୍ଥିର ଭୂମିକା:

କନ୍ୟାସୁନା ଦେବାରେ ମଧ୍ୟସ୍ଥିର ଭୂମିକା ଗୁରୁତ୍ୱପୂର୍ଣ୍ଣ । କାରଣ ପଣ ଦେବାକୁ ଗଲାବେଳେ ବରର ପିତା ସହିତ ମଧ୍ୟସ୍ଥି ବା ଘଟକ ନିଶ୍ଚିତ ଯାଇଥାଏ । ଅନ୍ୟ କେହି ନଗଲେ ଚଳେ । ବିବାହ ପ୍ରସ୍ତାବ ଦେବା ନେବାରେ, ଝିଅ ଦେଖାଦେଖିରେ, ପ୍ରସ୍ତାବଟିକୁ ତ୍ୱରାନ୍ୱିତ କରିବାରେ, ନିର୍ବନ୍ଧ ଦିନ, ବିବାହ ଦିନ ଧାର୍ଯ୍ୟ ଏବଂ ପଣ

ସ୍ଥିରୀକରଣ ଇତ୍ୟାଦି ସମସ୍ତ କାର୍ଯ୍ୟରେ ଘଟକ ଓତଃପ୍ରୋତ ଭାବରେ ଜଡ଼ିତ ଥାଆନ୍ତି । ଆବଶ୍ୟକ ସ୍ଥଳେ ସ୍ଥାନେ ସ୍ଥାନେ ଝିଅଘର ପକ୍ଷରୁ ମଧ୍ୟ ଜଣେ ଲେଖାଏଁ ଘଟକ ଥିବା ଦେଖାଯାଇଥାଏ । ସେମାନେ କନ୍ୟାଘର ତରଫରୁ ସମସ୍ତ ବିବାହ ପ୍ରକ୍ରିୟାରେ ଉପସ୍ଥିତ ରହି କାର୍ଯ୍ୟଧାରାକୁ ସୁଚାରୁରୂପେ ତୁଲାଇ ଥାଆନ୍ତି ।

## କନ୍ୟାସୁନାର ସାମାଜିକ ଓ ଅର୍ଥନୈତିକ ଦିଗଃ

ଖଡ଼ିଆ ଗୋଷ୍ଠୀରେ କନ୍ୟା ପାଇଁ କନ୍ୟାସୁନା ବା ପଣର ଗୁରୁତ୍ୱ କିମ୍ବା ଆବଶ୍ୟକତା ଯଦିଓ ବିଶେଷ କିଛି ନଥାଏ, ତଥାପି ସାମାଜିକ ଦୃଷ୍ଟିକୋଣରୁ ଏହାର ମୂଲ୍ୟବୋଧ ଯଥେଷ୍ଟ ଅଧିକ। ଝିଅଟିଏ ଜନ୍ମକାଳରୁ ବାପା ମା', ବନ୍ଧୁ ପରିଜନଙ୍କ କୋଳରେ ବଢ଼ି ଆସିଥାଏ । ବୟସ ହେଲେ ତା'ର ନିଜର ଗୋଟିଏ ସୁଖର ସଂସାର ଗଢ଼ିବାକୁ ବାପା ମା' ଉପଯୁକ୍ତ ପାତ୍ର ଦେଖି ତାକୁ ବିବାହ ବଂଧନରେ ଆବଦ୍ଧ କରାଇଦିଅନ୍ତି । ଏଇ ଗେଲବସର ଝିଅଟିକୁ ବର ଘରେ ଯଥୋଚିତ ସମ୍ମାନର ସହ ବୋହୂ କରି ନେଇଥାଆନ୍ତି । ବରଘର ପରୋକ୍ଷରେ ପ୍ରତିଶ୍ରୁତିବଦ୍ଧ ହୁଅନ୍ତି ଯେ ତାଙ୍କର ଅଲିଅଳି ଝିଅକୁ ସେମାନେ ସୁଖରେ ରଖିବେ । ଏହାର ସ୍ମାରକୀ ସ୍ୱରୂପ ଅତି ନଗଣ୍ୟ ପରିମାଣର କନ୍ୟାସୁନା ଅର୍ପଣ କରାଯାଇଥାଏ । ଏହା ଦୁଇଟି ପରିବାରକୁ ବନ୍ଧୁତାର ରଜ୍ଜୁରେ ବାନ୍ଧିରଖେ । ଝିଅଟିକୁ ଖୁସିରେ ରଖିବା ସ୍ୱୀକାରୋକ୍ତି ଜଣାଇ ବରର ପିତାମାତା ଝିଅର ବାପା ମା'ଙ୍କୁ ସାମୟିକ ସାନ୍ତ୍ୱନା ଦେଇଥାଆନ୍ତି। ପଣ ପ୍ରଥା ମଧ୍ୟ ସୂଚାଇ ଦିଏ ଯେ ଭବିଷ୍ୟତରେ କନ୍ୟା ତଥା ତାର ପିତାମାତାଙ୍କ ପାଇଁ କୌଣସି ଆଶଙ୍କାର ସମ୍ଭାବନା ନାହିଁ । ପଣ ଉତ୍ତମ ବୁଝାମଣାର ଏକ ନିର୍ଦ୍ଦିଷ୍ଟ ନିଦର୍ଶନ । ପଣର ପରିମାଣ ଖୁବ୍ ସୀମିତ ହୋଇଥିବାରୁ ଏହାର ଯେ ଅର୍ଥନୈତିକ ଗୁରୁତ୍ୱ କିଛି ଥାଇପାରେ ଏହା ମନେ ହୁଏ ନାହିଁ । ତେବେ କନ୍ୟାର ପିତାମାତା, ବନ୍ଧୁପରିଜନଙ୍କ ପାଇଁ ନୂତନ ବସ୍ତ୍ର ପ୍ରଦାନ ଏକ ସାମାଜିକ ସମ୍ମାନ । ଏହାଦ୍ୱାରା ଉଭୟ ପରିବାରରେ ବନ୍ଧୁତ୍ୱ/ ଆତ୍ମୀୟ ଭାବ ସୁଦୃଢ଼ ହେବା ସହିତ ଖଡ଼ିଆ ଗୋଷ୍ଠୀରେ କନ୍ୟାର ଗୁରୁତ୍ୱ ଉପଲବ୍ଧ ହୋଇଥାଏ ।

## ବିଭିନ୍ନ ପ୍ରକାର ବିବାହରେ କନ୍ୟାସୁନାରେ ପାର୍ଥକ୍ୟଃ

ଖଡ଼ିଆମାନଙ୍କ ସମସ୍ତ ପ୍ରକାର ବିବାହ କ୍ଷେତ୍ରରେ କନ୍ୟାସୁନା ବା ପଣରେ କୌଣସି ପାର୍ଥକ୍ୟ ପରିଲକ୍ଷିତ ହୁଏ ନାହିଁ । ସାଧାରଣ ବିବାହ, ପରିତ୍ୟକ୍ତା ସ୍ତ୍ରୀ ବିବାହ, ବିଧବା ସ୍ତ୍ରୀ ବିବାହ, ପ୍ରେମ ବିବାହ କିମ୍ବା ବଳପୂର୍ବକ ଇତ୍ୟାଦି ସମସ୍ତ ବିବାହ କ୍ଷେତ୍ରରେ ୧୨ (ବାର ଟଙ୍କା) ଓ ୧୨ ଖଣ୍ଡ ନୂତନ ବସ୍ତ୍ର କନ୍ୟାସୁନା ସ୍ୱରୂପ ପ୍ରଦାନ କରାଯାଇଥାଏ । ଖଡ଼ିଆ ଗୋଷ୍ଠୀର ବିବାହ କ୍ଷେତ୍ରରେ ସମସ୍ତଙ୍କ ପୂର୍ଣ୍ଣ ସ୍ୱାଧୀନତା ଥାଏ । ପରିତ୍ୟକ୍ତା ବିଧବା, ପ୍ରେମ ବିବାହ କିମ୍ବା ବଳପୂର୍ବକ ବିବାହ ପାଇଁ କାହାରିକୁ

କୌଣସି କାରଣରୁ ବାରଣ କରାଯାଏ ନାହିଁ । ମୁକ୍ତ ଓ ଅବାଧ ସ୍ୱାଧୀନତା ସମସ୍ତେ ଉପଭୋଗ କରିଥାଆନ୍ତି । କେବଳ ଏମାନଙ୍କ ନିଜ ଗୋତ୍ରରେ ବିବାହ ନିଷେଧ । ଯେପରି ସିହଲ, ସାରୁଡ଼ିଆ, ପତ୍ରବିଛା ଆଦି ଗୋତ୍ରର ପୁଅଝିଅ ପରସ୍ପର ସହିତ ବିବାହ ସଂପର୍କ ସ୍ଥାପନ କରିପାରିବେ, କିନ୍ତୁ ନିଜ ଗୋତ୍ର ଭିତରେ ନୁହେଁ । ଯଦି କୌଣସି କାରଣରୁ ଏପରି ବିବାହ ସଂଘଟିତ ହୁଏ ତେବେ ସେହି ବିବାହକୁ ଗୋଷ୍ଠୀର ଲୋକମାନେ ଘୃଣା ଚକ୍ଷୁରେ ଦେଖିଥାଆନ୍ତି, ସମାଲୋଚନା କରନ୍ତି କିନ୍ତୁ ସେମାନଙ୍କ ପ୍ରତି ସାମାଜିକ ବାସନ୍ଦ କିମ୍ବା ଅନ୍ୟ କୌଣସି ଦଣ୍ଡ ବିଧାନର ବ୍ୟବସ୍ଥା ଖଡ଼ିଆ ସମାଜରେ ନାହିଁ । ପରିତ୍ୟକ୍ତା କିମ୍ବା ବିଧବା ସ୍ତ୍ରୀର ବିବାହ ସାଧାରଣତଃ ସ୍ତ୍ରୀ ହରାଇଥିବା କୌଣସି ପୁରୁଷ ସହିତ ହୋଇଥାଏ ଓ କନ୍ୟାସୁନା ସ୍ୱରୂପ ସେହି ଟ. ୧୨.୦୦ ଏବଂ ୧୨ ଖଣ୍ଡ ନୂତନ ବସ୍ତ୍ର ଦେବାକୁ ହୁଏ । ଏଥି ସହିତ ସାଧାରଣ ବିବାହ ପରି ଭୋଜିଭାତର ଆୟୋଜନ କରାଯାଏ । ପ୍ରେମବିବାହ କିମ୍ବା ବଳପୂର୍ବକ ବିବାହରେ ମଧ୍ୟ ଅନୁରୂପ ପରିମାଣର ପଣ ବା କନ୍ୟାସୁନା ସହିତ ସାହିପଡ଼ିଶାକୁ ଭୋଜି ଦେବାକୁ ହୋଇଥାଏ । ବସ୍ତୁତଃ, ସମସ୍ତ ପ୍ରକାର ବିବାହ କ୍ଷେତ୍ରରେ ଖଡ଼ିଆ ସଂପ୍ରଦାୟ ସମପରିମାଣର କନ୍ୟାସୁନା ବା ପଣ ପ୍ରଦାନ କରିଥାଆନ୍ତି ଓ ଏହା ନିଷ୍ଠାର ସହିତ ପାଳନ କରାଯାଏ ।

## କନ୍ୟାସୁନାର ବଳପୂର୍ବକ ଫେରସ୍ତ ଦାବୀ:

ଖଡ଼ିଆ ସଂପ୍ରଦାୟରେ ବିବାହ ପରେ କୌଣସି କାରଣରୁ ମଧ୍ୟ କନ୍ୟାସୁନା (ପଣ) ଫେରସ୍ତ ଦାବି ପରମ୍ପରା ପ୍ରଚଳିତ ନାହିଁ । ବିବାହ ପରବର୍ତ୍ତୀ ଜୀବନରେ କୌଣସି ବ୍ୟତିକ୍ରମ ଘଟିଲେ ମଧ୍ୟ ଏହି ପ୍ରସଙ୍ଗ ଗ୍ରାମସଭାକୁ ଯାଏ ନାହିଁ କିମ୍ବା ଏ କ୍ଷେତ୍ରରେ ମଧ୍ୟସ୍ଥିର କୌଣସି ଭୂମିକା ନଥାଏ। ପୁନଶ୍ଚ କୌଣସି ପରିସ୍ଥିତିରେ ପଣ ବଳପୂର୍ବକ ଦାବି କରାଯାଏ ନାହିଁ । ସ୍ତ୍ରୀଟି ସ୍ୱାମୀଙ୍କୁ ପରିତ୍ୟାଗ କରି ଅନ୍ୟଜଣେ ପୁରୁଷକୁ ବିବାହ କଲେ ମଧ୍ୟ ସେଠାରେ କନ୍ୟାସୁନା ଦାବି କରାଯାଏ ନାହିଁ । ପରନ୍ତୁ ସେ ଯେଉଁଠାରେ ବିବାହ କରେ ସେଠାରୁ ସେ କନ୍ୟାସୁନା ପ୍ରାପ୍ତ ହୁଏ । ବିଧବା, ପରିତ୍ୟକ୍ତା ଏବଂ ବିବାହିତ ପୁରୁଷଙ୍କ ପୁନଃବିବାହ କ୍ଷେତ୍ରରେ ମଧ୍ୟ ସମସ୍ତଙ୍କ ପୂର୍ଣ୍ଣ ସ୍ୱାଧୀନତା ରହିଥାଏ ପ୍ରକାଶଥାଉକି ଖଡ଼ିଆ ଗୋଷ୍ଠୀର ପୁରୁଷମାନେ ଏକାଧିକ ସ୍ତ୍ରୀ ଗ୍ରହଣ କରିପାରନ୍ତି । ସର୍ବତ୍ର / ସବୁ ପ୍ରକାର ବିବାହ କ୍ଷେତ୍ରରେ କନ୍ୟାସୁନା ଫେରସ୍ତ ଦିଆଯାଏ ନାହିଁ କିମ୍ବା ଦାବି / ବଳପୂର୍ବକ ଆଦାୟ ମଧ୍ୟ କରାଯାଏ ନାହିଁ । ବିବାହ କ୍ଷେତ୍ରରେ ଦଣ୍ଡ ନାହିଁ କିମ୍ବା ପ୍ରତିବନ୍ଧକ ନାହିଁ ।

## କନ୍ୟାସୁନାର ଉଦ୍‌ବିକାଶ, କନ୍ୟାସୁନାର ଅତୀତ ଓ ବର୍ତ୍ତମାନ:

ଖଡ଼ିଆ ଗୋଷ୍ଠୀରେ ପାରମ୍ପରିକ କନ୍ୟାସୁନା ପଦ୍ଧତି ନିଷ୍ଠାର ସହ ଅନୁସୃତ ମଧ୍ୟ । ସେମାନଙ୍କ ମତରେ ପୁରୁଷ ପୁରୁଷ ଧରି ସେହି ୧୨ ଟଙ୍କା ଓ ୧୨ ଖଣ୍ଡ ନୂତନ ବସ୍ତ୍ର କନ୍ୟାସୁନା ସ୍ୱରୂପ ପ୍ରଦାନ କରାଯାଇ ଆସୁଛି । ଏଥିରେ କୌଣସି ବ୍ୟତିକ୍ରମ ପରିଲକ୍ଷିତ ହୋଇନାହିଁ । ତେବେ ସମୟ ଅନୁସାରେ ଏବେ ପାରମ୍ପରିକ ବିଧିବ୍ୟବସ୍ଥା ସହିତ କେହି କେହି କନ୍ୟା ପାଇଁ ଅଳଙ୍କାର, ଶାଢ଼ୀ ଏବଂ ସମ୍ମାନାର୍ଥେ ମିଷ୍ଟାନ୍ନ, ୫-୧୭ ଗୌଣି ମୁଢ଼ି, ଚାଉଳ, ଚୂଡ଼ା ଆଦି ଦେଉଛନ୍ତି । ଏହା ଅବଶ୍ୟ ପ୍ରଥାସିଦ୍ଧ ନୁହେଁ । ଏହା ବ୍ୟକ୍ତିଗତ ଇଚ୍ଛା ତଥା କ୍ଷମତା ଅନୁସାରେ ଦିଆଯାଉଛି । ତେଣୁ ଏତିକି କୁହାଯାଇପାର ଯେ ଖଡ଼ିଆ ସମାଜରେ ପାରମ୍ପରିକ କନ୍ୟାସୁନା ପ୍ରଥା ଏବଂ କନ୍ୟାସୁନା (ପଣ)ର ପରିମାଣରେ କୌଣସି ପରିବର୍ତ୍ତନ ଆସିନାହିଁ । କେବଳ ଲୌକିକତା ଦୃଷ୍ଟିରୁ ସମୟକୁ ଦେଖି କିଏ କେମିତି ଅଧିକ ଦେବାକୁ ଇଚ୍ଛାପ୍ରକାଶ କରୁଛନ୍ତି ।

## କନ୍ୟାସୁନା ଯୌତୁକରେ ପରିଣତ ହୋଇଛି କି ? ଯଦି ହଁ ତେବେ କିପରି ଓ କାହିଁକି ?

ଖଡ଼ିଆ ସମାଜରେ କନ୍ୟାସୁନା ବା ପଣ ପ୍ରଥାଟି ଯାହା ଥିଲା ଠିକ୍ ଅନୁରୂପ ରହିଛି । ଏଥିରେ କୌଣସି, ବ୍ୟତିକ୍ରମ ହୋଇନାହିଁ କିମ୍ବା ତାହା ଯୌତୁକର ରୂପ ନେଇନାହିଁ । ପରମ୍ପରା ସୁଦୃଢ଼ ରହିଛି କିନ୍ତୁ କନ୍ୟାସୁନାର ବିପରୀତ ଦିଗଟି ଯୌତୁକ ହୋଇଛି । ଅଣ ଆଦିବାସୀମାନଙ୍କ ସଂସ୍ପର୍ଶରେ ଆସି ଖଡ଼ିଆମାନେ ଏହି ଯୌତୁକ ପ୍ରଥାଟିକୁ କେତେକ ସ୍ଥଳରେ ଆପଣେଇ ଥିବା ମନେହୁଏ । ଏବେ ବିବାହ ପୂର୍ବରୁ ବର ପକ୍ଷରୁ କନ୍ୟାଘରକୁ କନ୍ୟାସୁନା ତ ପ୍ରଦାନ କରୁଛନ୍ତି ଏବଂ ତା ସହିତ କନ୍ୟାର ପିତାମାତାଙ୍କଠାରେ ଯୌତୁକ ହିସାବରେ ସାଇକେଲ, ଘଣ୍ଟା, ରେଡ଼ିଓ, ୫-୭ ଗୌଣି ଚାଉଳ, ଚୂଡ଼ା, ମୁଢ଼ି ଇତ୍ୟାଦି ସହ ୧୦ରୁ ୨୦୦୦ ପର୍ଯ୍ୟନ୍ତ ଟଙ୍କା ଦାବି କରୁଛନ୍ତି । ବିବାହ ପରି ପବିତ୍ର ସାମାଜିକ ଅନୁଷ୍ଠାନରେ ଯୌତୁକ ଦାବି କରିବା ଯଦିଓ ଖଡ଼ିଆମାନଙ୍କ ପରମ୍ପରା ବିରୋଧୀ ତଥାପି ଦେଖି-ଶିଖି ବା ପ୍ରଭାବିତ ହୋଇ କିଛି ଖଡ଼ିଆଲୋକ ଏପରି ଅନ୍ୟ ସଂସ୍କୃତିକୁ ଗ୍ରହଣ କରୁଥିବା ଦେଖାଯାଉଛି । ତଥାପି ଖଡ଼ିଆ ଗୋଷ୍ଠୀରେ କନ୍ୟାସୁନା ବା ପଣର ସ୍ଥିତି ଅପରିବର୍ତ୍ତନୀୟ । ତାହା ପାରମ୍ପରିକ ରୀତିରେ ନିଜସ୍ୱ ଶୈଳୀ ବଜାୟ ରଖି ଆପଣା ଢ଼ଙ୍ଗରେ ଚାଲିଛି ।

# ଶ୍ରମ ସମବାୟ

ମନୁଷ୍ୟ ଜୀବନ କାଳ ମଧ୍ୟରେ ଅନେକ ସୁଖ-ଦୁଃଖ ତଥା ଘାତ-ପ୍ରତିଘାତର ସମ୍ମୁଖୀନ ହୁଏ । ପ୍ରତ୍ୟେକ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ସେ ଆବଶ୍ୟକ କରେ ନିଜର ପରିବାର, ଭାଇ-ବଂଧୁ- ଜ୍ଞାତି-କୁଟୁମ୍ବ ତଥା ପଡ଼ୋଶୀଙ୍କ ସାହାଯ୍ୟ-ସହଯୋଗ । ସେଇଥିପାଇଁ ସେ ସମାଜ ଗଠନର ପରିକଳ୍ପନା କରି ନିଜକୁ ଏକ ସାମାଜିକ ପ୍ରାଣୀ ଭାବରେ ପ୍ରତିଷ୍ଠିତ କରାଇଆସିଛି । ସହଯୋଗର ଭିତ୍ତିଭୂମି ଉପରେ ହିଁ ସମାଜ ବ୍ୟବସ୍ଥା ।

## ଜନଜାତିଙ୍କ ଦୃଷ୍ଟିରେ ଶ୍ରମ ସମବାୟ:

ସହଯୋଗମୂଳକ ଶ୍ରମ ପ୍ରଦାନ ପୂର୍ବକ କୌଣସି କାର୍ଯ୍ୟ ସଂପାଦିତ ହେଲେ, ତାହାକୁ ଶ୍ରମ ସହଯୋଗୀତା କୁହାଯାଇଥାଏ । ତାହା ଶାରୀରିକ ଶ୍ରମ ଅଥବା ମାନସିକ ଶ୍ରମ ହୋଇପାରେ । କିନ୍ତୁ ପାହାଡ଼ି ଖଡ଼ିଆମାନଙ୍କ ମତରେ ନିତ୍ୟ ନୈମିତିକ ଜୀବନଧାରାରେ କୌଣସି କାମକୁ ଏକତ୍ରିତ ହୋଇ କଲେ- ତାହାକୁ ସହଯୋଗୀ ଶ୍ରମ କୁହାଯାଇପାରେ । କାର୍ଯ୍ୟଟି ଅସମ୍ଭବ ମନେ ହେଉଥିଲେ ହେଁ ସହଯୋଗ ଭିତ୍ତିରେ ବେଶ୍ ଅନାୟାସରେ ହୋଇଯାଏ । ଖଡ଼ିଆ ସମାଜ ସହଯୋଗୀ ଶ୍ରମ ଉପରେ ଗୁରୁତ୍ୱ ଆରୋପ କରେ । ତାଙ୍କର ପ୍ରତ୍ୟେକ ବ୍ୟକ୍ତିଗତ, ପାରିବାରିକ, ସାମାଜିକ ବା ସାମ୍ପ୍ରଦାୟିକ ସ୍ତରରେ କାର୍ଯ୍ୟସମୂହ ଏହି ଶ୍ରମ ସଦ୍‌ଯୋଗ ମାଧ୍ୟମରେ ହିଁ କରାଯାଇଥାଏ ।

## ଶ୍ରମଦାନ:

ପାହାଡ଼ି ଖଡ଼ିଆ ସଂପ୍ରଦାୟରେ କେତେକ କାର୍ଯ୍ୟ କ୍ଷେତ୍ରରେ ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ଶ୍ରମି ଶ୍ରମଦାନ କରିଥାନ୍ତି । ଗ୍ରାମର କୌଣସି ବ୍ୟକ୍ତି ଆର୍ଥିକ ଦିଗରେ ଦୁର୍ବଳ ଥାଇ କାର୍ଯ୍ୟରେ ପଛୁଆ ରହୁଥିଲେ ଗ୍ରାମର ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ତାଙ୍କ ପାଇଁ ଶ୍ରମଦାନ କରନ୍ତି । ସଂପୃକ୍ତ ବ୍ୟକ୍ତିଙ୍କ ଗୃହ ନିର୍ମାଣ, ମରାମତି, ବିବାହ, ଶୁଦ୍ଧିକ୍ରିୟା ତଥା ରୋଗବ୍ୟାଧି ହେଲେ ଏହିପରି ସାହାଯ୍ୟ କରାଯାଏ । ଏଥିରେ ମଜୁରି ପ୍ରାୟତଃ ନିଆଯାଏ ନାହିଁ । କୌଣସି ଶାରୀରିକ ଅକ୍ଷମ ବ୍ୟକ୍ତିକୁ ପରିବାରର ଜଣେ ଲେଖାଏଁ ପ୍ରାୟ ପ୍ରତ୍ୟେକ କାର୍ଯ୍ୟରେ ବିନା ପାରିଶ୍ରମିକରେ ସହଯୋଗ କରନ୍ତି । ସେ ଆର୍ଥିକ ଦିଗରେ ସ୍ୱଚ୍ଛଳ ଥିଲେ ଅବଶ୍ୟ ପାଉଣା ନିଅନ୍ତି,

ନଚେତ ଆର୍ଥିକ ସହାୟତା ସହ ଶ୍ରମଦାନ କରିଥାଆନ୍ତି । ସେହିପରି ଗ୍ରାମରେ ବିବାହ ଓ ଶୁଦ୍ଧିକ୍ରିୟାମାନଙ୍କରେ ପରିବାରରୁ ଜଣେ ଲେଖାଏଁ ଯାଇ ସଂପୃକ୍ତ ବ୍ୟକ୍ତି ପାଇଁ ଶାରୀରିକ ତଥା ମାନସିକ ଶ୍ରମ ଅକୁଣ୍ଠିତ ଚିତ୍ତରେ ପ୍ରଦାନ କରନ୍ତି । ଶୁଦ୍ଧିକ୍ରିୟାରେ ସାଧାରଣତଃ ଗୃହର ମୁରବୀମାନେ ଯାଇଥାଆନ୍ତି ।

## ମନୋନୀତ ବ୍ୟକ୍ତିଙ୍କ ଶ୍ରମଦାନ:

ପାହାଡ଼ି ଖଡ଼ିଆ ସମାଜରେ ସାଧାରଣତଃ ବିବାହ ଓ ଶୁଦ୍ଧିକ୍ରିୟାରେ ପ୍ରତ୍ୟେକ ପରିବାରର ମୁଖ୍ୟଙ୍କୁ ଲୋଡ଼ାଯାଇଥାଏ । ସେମାନେ ସଂପୃକ୍ତ ଗୃହକର୍ତ୍ତାଙ୍କୁ ଶାରୀରିକ ତଥା ମାନସିକ ସହଯୋଗ କରନ୍ତି । କୌଣସି ଅପ୍ରୀତିକର ପରିସ୍ଥିତିରେ ସୁରକ୍ଷା ଦିଅନ୍ତି । କର୍ମାକର୍ମାଣିକୁ ଶୃଙ୍ଖଳିତ ଭାବରେ ପରିଚାଳିତ କରାଇବା ନିମନ୍ତେ ମୁଖ୍ୟ ଭୂମିକା ଗ୍ରହଣ କରିଥାଆନ୍ତି । ବିଧି ଅନୁଯାୟୀ କର୍ମ ସଂପାଦନ ପାଇଁ ଆବଶ୍ୟକ ସ୍ଥଳେ ପରାମର୍ଶ ଦିଆଯାଇଥାଏ । ଅତିଥିମାନଙ୍କ ସତ୍କାର ଏବଂ ଭୋଜିଭାତର ଆୟୋଜନ ତଥା – ପରିବେଷଣ ସବୁଥିରେ ଗୃହକର୍ତ୍ତାଙ୍କୁ ସହାୟତା ପ୍ରଦାନ କରନ୍ତି । ଏଥିପାଇଁ କୌଣସି ପାରିଶ୍ରମିକ ଆଶା କରାଯାଏ ନାହିଁ । ସ୍ତ୍ରୀର ପ୍ରସବ କାଳରେ ଗ୍ରାମର ବୟସ୍କା / ପ୍ରୌଢ଼ା ସ୍ତ୍ରୀ ଲୋକ ଉପସ୍ଥିତ ରହି ପ୍ରସବବେଦନା ଉପଶମ ପାଇଁ ଉପଚାର କରିବା ସହିତ ପ୍ରସବ ପରବର୍ତ୍ତୀ ପର୍ଯ୍ୟାୟର ମଧ୍ୟ କାର୍ଯ୍ୟ ସଂପାଦନ କରନ୍ତି । ଶବଦାହ ସମୟରେ ମଧ୍ୟ ପରିବାରର ମୁଖ୍ୟମାନେ ସଂପୃକ୍ତ ଗୃହକର୍ତ୍ତାଙ୍କୁ ଶ୍ରମ ସହଯୋଗ କରିଥାଆନ୍ତି । ଏମାନଙ୍କୁ ପାରିଶ୍ରମିକ ଦିଆଯାଏ ନାହିଁ, କିନ୍ତୁ ପ୍ରସବ ସମୟରେ ସାହାଯ୍ୟ କରିଥିବା ମହିଳାଙ୍କୁ କିଛି ଟଙ୍କା ଏବଂ ନୂଆଲୁଗା ଦିଆଯାଏ । ଏହାକୁ ପାରିଶ୍ରମିକ ବଦଳରେ ଉପହାର କୁହାଯାଇପାରେ ।

## ମହିଳା ଓ ଯୁବତୀମାନଙ୍କ ଶ୍ରମଦାନ :

ଏମାନଙ୍କ ସମାଜରେ ବାଳିକା ଶୟନାଗାର ପ୍ରଥା ପ୍ରଚଳିତ ନାହିଁ । ତଥାପି ଗ୍ରାମର କୌଣସି ବାଳିକା ବା ଯୁବତୀର ବିବାହ କାର୍ଯ୍ୟ ଅନୁଷ୍ଠିତ ହେଲେ ସମ ବୟସ୍କା ବାଳିକାମାନେ କନ୍ୟାକୁ ବିବାହ ବେଶରେ ସଜାଇବାକୁ ଆସନ୍ତି । ବିବାହ କାର୍ଯ୍ୟରେ ଘର ସଫାସୁତରା ପାଣିଅଣା, କନ୍ୟାକୁ ହଳଦୀ ଲଗାଇ ଗାଧେଇ ଦେବା ଇତ୍ୟାଦି ପ୍ରତ୍ୟେକ କାମରେ ସ୍ୱଇଚ୍ଛାରେ ଶ୍ରମଦାନ କରିଥାଆନ୍ତି । ଏଥିପାଇଁ ସେମାନେ କୌଣସି ପରିଶ୍ରମିକ ଆଶା କରନ୍ତି ନାହିଁ ବା ସେମାନଙ୍କୁ ଦିଆଯାଏ ନାହିଁ ।

ପ୍ରତ୍ୟେକ ବଂଶରୁ ଜଣେ ଲେଖାଏଁ ଶ୍ରମଦାନ କରିବା ବିଧି ପାହାଡ଼ି ଖଡ଼ିଆ ଗୋଷ୍ଠୀରେ ନଥିଲେ ହେଁ ବଂଶଭିତ୍ତିକ ଗଣ୍ଡଗୋଳ ଉପୁଜିଲେ ପ୍ରତ୍ୟେକ ବଂଶର ବୟୋବୃଦ୍ଧ ଲୋକଙ୍କ ସହାୟତା ଲୋଡ଼ାଯାଇଥାଏ । ସେମାନେ ପରମ୍ପରା ବା ସାଂପ୍ରଦାୟିକ ବିଧିବ୍ୟବସ୍ଥା ଅନୁଯାୟୀ ସମସ୍ୟାର ସମାଧାନ କରନ୍ତି । ଏତଦ୍‌ବ୍ୟତୀତ ବିବାହ, ଶୁଦ୍ଧିକ୍ରିୟା ଆଦିରେ ବଂଶ ଅନ୍ତର୍ଗତ ପ୍ରତ୍ୟେକ ପରିବାରର ମୁଖ୍ୟଙ୍କୁ ଡକାଯାଇଥାଏ ।

## ଶ୍ରମ ସମବାୟରେ ଯୁବକମାନଙ୍କ ସହଯୋଗ:

ଖଡ଼ିଆ ସମାଜରେ ପରିବାର ବା ଘରପିଛା ଜଣେ ଯୁବକ ଅନ୍ୟ ଜଣକ ପାଇଁ କାମ କରିବାର ସେପରି କୌଣସି ଧରାବନ୍ଧା ନିୟମ ନାହିଁ । ତେବେ ଗ୍ରାମରେ ଯେ କୌଣସି କାମ ବା ଅନ୍ୟ ପରିବାରର କାମ ପାଇଁ ପ୍ରତ୍ୟେକ ଘରର ଯୁବକମାନେ ସକ୍ରିୟ ସହଯୋଗ କରିବାକୁ ଆଗେଇ ଆସନ୍ତି । ପାରମ୍ପରିକ ପର୍ବପର୍ବାଣି, ପୂଜାପାଠ, ବ୍ୟକ୍ତିଗତ ଭାବରେ କାହାରି ଗୃହ ନିର୍ମାଣ ବା ଗୃହ ମରାମତି, ରୋଗବ୍ୟାଧି ଇତ୍ୟାଦି ସବୁ ସମୟରେ ଯୁବକମାନେ ସହଯୋଗମୂଳକ ଶ୍ରମ ପ୍ରଦାନ କରିଥାଆନ୍ତି । ସାମୂହିକ କାର୍ଯ୍ୟରେ ତ ଯୁବକମାନଙ୍କର ଆବଶ୍ୟକତା ଜରୁରୀ, ଏହା ବ୍ୟତୀତ ବ୍ୟକ୍ତିଗତ ଭାବରେ କେହି ସହାୟତା ଲୋଡ଼ିଲେ ଏମାନେ ବିନା ପାରିଶ୍ରମିକରେ ଶ୍ରମଦାନ କରିବାକୁ କୁଣ୍ଠିତ ହୁଅନ୍ତି ନାହିଁ । ଗୃହ ନିର୍ମାଣରେ କାହାକୁ ସାହାଯ୍ୟ କରିବାକୁ ଗଲେ ଆବଶ୍ୟକ ଉପକରଣ ମଧ୍ୟ ଜଙ୍ଗଲରୁ ଆଣିଥାଆନ୍ତି । ବିବାହ କ୍ଷେତ୍ରରେ ଭୋଜିର ଆୟୋଜନ, ପରିବେଷଣ ଆଦି କର୍ମ ସୁଚାରୁ ରୂପେ କରନ୍ତି । ବସ୍ତୁତଃ ଗ୍ରାମର ପ୍ରତ୍ୟେକ ପରିବାରରୁ ଜଣେ ନୁହେଁ, ଯେତେ ଜଣ ଯୁବକ ସହଯୋଗ ଶ୍ରମରେ ଅଂଶ ଗ୍ରହଣ କରିପାରିବେ ସେଥିରେ କୌଣସି ପ୍ରତିବନ୍ଧକ ନଥାଏ ।

## ଯୁବ ସମାଜର କାର୍ଯ୍ୟ:

କେବଳ ବ୍ୟକ୍ତିଗତ କିମ୍ବା ପାରିବାରିକ ସ୍ତରରେ ନୁହେଁ, ପରନ୍ତୁ ସାମୂହିକ ଭାବରେ ସହଯୋଗ ଶ୍ରମ ଦ୍ୱାରା କାର୍ଯ୍ୟ ସଂପାଦିତ ହୋଇଥାଏ । ଏଥିରେ ଗ୍ରାମର ମୁଖ୍ୟ ବା ବୟସ୍କ ଲୋକମାନଙ୍କ ମାନସିକ ଶ୍ରମ ଯୁବଗୋଷ୍ଠୀଙ୍କ ଶାରୀରିକ ଶ୍ରମ ଏକତ୍ରିତ ହୋଇ କାର୍ଯ୍ୟ ସଂପାଦିତ ହୋଇଥାଏ । ଗ୍ରାମ ସଫେଇ, କୂପଖନନ, ଗଡ଼ିଆଖୋଳା, ରାସ୍ତା ମରାମତି, ସାଂସ୍କୃତିକ କାର୍ଯ୍ୟକ୍ରମ, ପୂଜାପାର୍ବଣ ଆଦି ସାମୂହିକ କର୍ମଗୁଡ଼ିକ

ସହଯୋଗ ଶ୍ରମ ମାଧ୍ୟମରେ କରାଯାଇଥାଏ । ଏସବୁ ଗ୍ରାମମୁଖ୍ୟଙ୍କ ତତ୍ତ୍ୱାବଧାନ ତଥା ଗ୍ରାମବାସୀଙ୍କ ପରାମର୍ଶ ଓ ସହଯୋଗରେ ସଂପାଦିତ ହୁଏ । ଏଥିପାଇଁ ପାରିଶ୍ରମିକ କେହି କାହାକୁ ଦିଏନାହିଁ ।

ପାହାଡ଼ି ଖଡ଼ିଆ ଗୋଷ୍ଠୀରେ ବ୍ୟକ୍ତିଗତ ପାରିବାରିକ, ଗ୍ରାମ ସ୍ତରୀୟ ପ୍ରତ୍ୟେକ କର୍ମ ସହଯୋଗ ଦ୍ୱାରା ସଂପାଦିତ ହୁଏ । ବ୍ୟକ୍ତିଗତ ଭାବରେ କୌଣସି କାର୍ଯ୍ୟକଲେ- ତାର ପରିବାରର ଲୋକେ ସହାୟତା ପ୍ରଦାନ କରିବା ସହିତ ପଡ଼ୋଶୀଙ୍କ ସହଯୋଗ ଲୋଡ଼ାଯାଇଥାଏ । ସେହିପରି ପାରିବାରିକ ସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମର ନିମନ୍ତ୍ରିତ ବ୍ୟକ୍ତିମାନେ ସହଯୋଗ ଶ୍ରମ ପ୍ରଦାନ କରନ୍ତି । ଗ୍ରାମ ସ୍ତରରେ ସାମୂହିକ କାର୍ଯ୍ୟଗୁଡ଼ିକରେ ସମସ୍ତ ଗ୍ରାମବାସୀ ଏକତ୍ରିତ ହୋଇ କାର୍ଯ୍ୟସବୁ ସୁରୁଖୁରୁରେ ସଂପାଦନ କରିଥାଆନ୍ତି । ବିବାହ,ଶୁଦ୍ଧିକ୍ରିୟା, ଶବଦାହ, ଗୃହନିର୍ମାଣ ଓ ମରାମତି, ସ୍ତ୍ରୀର ପ୍ରସବ, ରୋଗ ବ୍ୟାଧି, ପାରମ୍ପରିକ ପର୍ବପର୍ବାଣି, ପୂଜାପାଠ, ଗ୍ରାମସଫେଇ, ରାସ୍ତା ନିର୍ମାଣ ଓ ମରାମତି, କୂପ-ଗଡ଼ିଆ ଖନନ, ଅସହାୟ ମହିଳାଙ୍କ ପାଇଁ ଗୃହନିର୍ମାଣ ବା ଅନ୍ୟ କୌଣସି ସହାୟତା ଭିତ୍ତିକ କର୍ମ ଇତ୍ୟାଦି ପ୍ରତ୍ୟେକ କାର୍ଯ୍ୟଗୁଡ଼ିକ ସହଯୋଗ ଶ୍ରମ ଦ୍ୱାରା ସଂପାଦିତ ହୋଇଥାଏ ।

## ଶ୍ରମ ବିନିମୟରେ ପ୍ରାପ୍ୟ:

ଖଡ଼ିଆ ଗୋଷ୍ଠୀରେ ସହଯୋଗ ଶ୍ରମ ବିନିମୟରେ ପ୍ରାୟ ପାରିଶ୍ରମିକ ବ୍ୟବସ୍ଥା ନଥାଏ ବା ପାରିଶ୍ରମିକ ଆଶା କରାଯାଏ ନାହିଁ । କେବଳ କେବେ କେମିତି ଖାଦ୍ୟ ପାନୀୟର ଆୟୋଜନ କରାଯାଇଥାଏ; ଯେପରି ବିବାହ, ଶୁଦ୍ଧିକ୍ରିୟା, ନାମକରଣ ଉତ୍ସବ (ଲଇଟା ଘର) ଆଦିରେ ଗୃହକର୍ତ୍ତା ସହଯୋଗୀ ଶ୍ରମିକଙ୍କ ପାଇଁ ଭୋଜି ବ୍ୟବସ୍ଥା କରନ୍ତି । ସେମାନଙ୍କୁ ଆଦର ସତ୍କାର କରାଯାଇଥାଏ । ବଂଧୁବାନ୍ଧବଙ୍କ ବ୍ୟତୀତ ସହଯୋଗୀ ଶ୍ରମିକଙ୍କ ପାଇଁ ଭୋଜି ବ୍ୟବସ୍ଥା କରନ୍ତି । ସ୍ୱତନ୍ତ୍ର ଭାବରେ ଉଷୁନା ଚାଉଳର ଭାତ, ପନିପରିବା ତଥା ମାଛ କିମ୍ବା ମାଂସ ତରକାରୀ ହୁଏ । ତତ୍ ସହିତ ପାନୀୟ କ୍ରୟ କରି ମଧ୍ୟ ଏମାନଙ୍କୁ ସେବନ କରିବା ପାଇଁ ପ୍ରଦାନ କରାଯାଇଥାଏ ।

ତେବେ କେହି ଯଦି କାହାକୁ କାମ କରିବା ପାଇଁ ଶ୍ରମିକ ଭାବରେ ଡକାନ୍ତି, ତେବେ ତାକୁ ଶ୍ରମ ବଦଳରେ ପାରିଶ୍ରମିକ ଦେଇଥାଆନ୍ତି । ଅବଶ୍ୟ ଏହି ଧାରା ଖଡ଼ିଆ ସମାଜରେ ବହୁତ କମ୍ । ସ୍ତ୍ରୀର ପ୍ରସବ କାଳରେ ସହଯୋଗ କରିଥିବା ଗ୍ରାମର ପୌଢ଼ା

ମହିଳାଙ୍କୁ ଗୃହକର୍ତ୍ତା ସନ୍ତାନ ପ୍ରସବ ପରେ ଖୁସିରେ କିଛି ଟଙ୍କା ଏବଂ ନୂଆଲୁଗା ପ୍ରଦାନ କରିଥାଆନ୍ତି । ଏହାକୁ ପାରିଶ୍ରମିକ ନ କହି ଉପହାର କୁହାଯାଇପାରେ ।

ସାମୂହିକ କାର୍ଯ୍ୟ ପାଇଁ ବେଳେବେଳେ ସହଯୋଗୀ ଶ୍ରମଙ୍କ ପାଇଁ ଭୋଜିର ଆୟୋଜନ କରାଯାଇଥାଏ ।

## ସମବାୟ ବ୍ୟବସ୍ଥା :

ପାହାଡ଼ି ଖଡ଼ିଆ ଗୋଷ୍ଠୀରେ ସାଧାରଣତଃ ସମସ୍ତ ସହଯୋଗୀ ମାଗଣାରେ ବିନିଯୁକ୍ତ ହୋଇଥାନ୍ତି । କୌଣସି ସହଯୋଗ କାର୍ଯ୍ୟ ପାଇଁ ପାରିଶ୍ରମିକ ବା ପାଉଣା ଦିଆଯାଏନାହିଁ । ବିଶେଷ ଭାବରେ ସାମୂହିକ କାର୍ଯ୍ୟ କିମ୍ଵା ଶବଦାହ ଏବଂ ସାଂଘାତିକ ରୋଗୀକୁ ଡ଼ାକ୍ତରଖାନା ନେବା ପାଇଁ ପ୍ରାୟ ଅନ୍ୟଲୋକମାନେ ଆଗେଇ ଆସିଥାଆନ୍ତି । ଅନ୍ୟ କେତେକ କ୍ଷେତ୍ରରେ ସହଯୋଗ ଲୋଡ଼ାଯାଇଥାଏ । କିନ୍ତୁ ପାଉଣାର ବ୍ୟବସ୍ଥା ହୁଏନାହିଁ । ବସ୍ତୁତଃ କହିବାକୁ ଗଲେ ଖଡ଼ିଆ ସମାଜର ପ୍ରତ୍ୟେକ ଶ୍ରମ ସହଯୋଗ ମୁକ୍ତ ବା ମାଗଣାରେ କାର୍ଯ୍ୟକାରୀ ହୁଏ ।

ପାହାଡ଼ି ଖଡ଼ିଆମାନଙ୍କ ସହଯୋଗ ଶ୍ରମ ସହିତ କୌଣସି ପ୍ରକାର ପ୍ରତିଦ୍ଵନ୍ଦ୍ଵିତା, ପୂଜା ବା ବିଧିବଦ୍ଧଙ୍କ ଉପହାର ତଥା ପୁରସ୍କାର ବିଧି ବ୍ୟବସ୍ଥା ନଥାଏ । କେବେ କେମିତି ସହଯୋଗୀ ଶ୍ରମିକଙ୍କୁ ଉତ୍ସବାନୁଷ୍ଠାନମାନଙ୍କରେ ଆଦରର ସହ ଭୋଜିଭାତ ପରଷା ଯାଏ କିମ୍ଵା ସ୍ତ୍ରୀର ପ୍ରସବ କାଳରେ ସାହାଯ୍ୟ କରିଥିବା ମହିଳାଙ୍କୁ କିଛି ଟଙ୍କା ବା ନୂଆ ଲୁଗା ଉପହାର ସ୍ଵରୂପ ପ୍ରଦାନ କରାଯାଇଥାଏ । କେହି କେହି ପାଖ ପଡ଼ୋଶୀଙ୍କୁ ଶ୍ରମ ସହଯୋଗୀତା ପାଇଁ ନିଜ ବାଡ଼ିବଗିଚାରେ ଚାଷ କରିଥିବା ପନିପରିବା ଖୁସିରେ ଦେଇଥାଆନ୍ତି ।

## ଶ୍ରମ ସମବାୟ ପ୍ରତି ମନୋବୃତ୍ତି :

ଉପରୋକ୍ତ ଆଲୋଚନାରୁ ସ୍ପଷ୍ଟ ଅନୁମିତ ହୁଏ ଯେ ଖଡ଼ିଆମାନେ ସହଯୋଗପ୍ରେମୀ ସଂପ୍ରଦାୟ । ପ୍ରତ୍ୟେକ କାମକାର୍ଯ୍ୟ ସହଯୋଗ ଭିତ୍ତିରେ କରିବାକୁ ପସନ୍ଦ କରନ୍ତି ଏବଂ ବିନା ପାରିଶ୍ରମିକରେ । ସେମାନେ ଜାଣନ୍ତି ଯେ ସହଯୋଗ ଶ୍ରମ ଦ୍ଵାରା ଯେ କୌଣସି କଠିନ କାର୍ଯ୍ୟ ମଧ୍ୟ ସହଜ, ସୁବିଧା ତଥା ଶୀଘ୍ର ସୁଚାରୁରୂପେ ସଂପାଦିତ ହୋଇପାରେ । ହୁଏତ ପ୍ରତି ସହଯୋଗ ଆଶାରେ ସେମାନେ ମାଗଣା ଶ୍ରମଦାନ କରିବାକୁ ଆଗ୍ରହ ପ୍ରକାଶ କରିଥାଆନ୍ତି । ସହଯୋଗ ମନୋବୃତ୍ତି ନଥିଲେ ଖଡ଼ିଆମାନଙ୍କ ଭିତରେ ସହଯୋଗ ଶ୍ରମ ପାଇଁ ସେମାନେ ଉତ୍ସାହିତ ହେଉ ନଥାନ୍ତେ ।

ତେଣୁ ନିଶ୍ଚିତ କୁହାଯାଇପାରେ ଯେ ପାହାଡ଼ି ଖଡ଼ିଆ ଲୋକମାନଙ୍କ ସହଯୋଗ ମନୋବୃତ୍ତି ବେଶ୍ ସୁଦୃଢ଼ ।

ଅଦ୍ୟାବଧି ପାହାଡ଼ି ଖଡ଼ିଆମାନେ ସହଯୋଗ ଶ୍ରମ ଉପରେ ଗୁରୁତ୍ୱ ଆରୋପ କରନ୍ତି । ଗ୍ରାମ ମଧ୍ୟରେ ପ୍ରତ୍ୟେକ ବ୍ୟକ୍ତିଗତ ତଥା ସାମୂହିକ କାର୍ଯ୍ୟଗୁଡ଼ିକ ସହଯୋଗ ଭିତ୍ତିରେ ସଂପାଦିତ ହୁଏ । ଜୀବିକା ନିର୍ବାହ ପାଇଁ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଉଦ୍ଦେଶ୍ୟରେ ଜଙ୍ଗଲକୁ ଏକତ୍ରିତ ହୋଇ ଯାଆନ୍ତି । ପରସ୍ପର ସହଯୋଗ ଫଳରେ ଦ୍ରବ୍ୟମାନ ସଂଗୃହିତ ହୁଏ । ସାମୂହିକ କାର୍ଯ୍ୟଗୁଡ଼ିକ ମଧ୍ୟ ବିନା ପାରିଶ୍ରମିକରେ ଶ୍ରମଦାନ ପୂର୍ବକ ସଂପାଦିତ ହେଉଛି ।

## ପରିବର୍ତ୍ତନ :

ପାରମ୍ପରିକ ସହଯୋଗ ଶ୍ରମରେ କିଛିଟା ପରିବର୍ତ୍ତନ ପରିଲକ୍ଷିତ ହେଉଛି । ଏହା ଅବଶ୍ୟ ବର୍ତ୍ତମାନର ସରକାରୀ ଯୋଜନା କାର୍ଯ୍ୟ ଯୋଗୁଁ ହିଁ ସମ୍ଭବପର ହୋଇଛି । ଗ୍ରାମ ରାସ୍ତା ମରାମତି, ନିର୍ମାଣ, କୂପ ଖନନ, ଗୃହନିର୍ମାଣ ଆଦି ସରକାରୀ ସହାୟତାରେ କରାଯାଉଛି । ଏ କ୍ଷେତ୍ରରେ ଶ୍ରମଦାନ କରି ଖଡ଼ିଆମାନେ ସରକାରୀ ସ୍ତରରୁ ପାରିଶ୍ରମିକ ଗ୍ରହଣ କରୁଛନ୍ତି । ଏହି ଗୋଟିଏ ଦିଗକୁ ବାଦ୍ ଦେଲେ ଅନ୍ୟ ସମସ୍ତ ପାରମ୍ପରିକ ସହଯୋଗ ଶ୍ରମ ଯେପରି ଥିଲା ସେହିପରି ରହିଛି । ଖଡ଼ିଆମାନଙ୍କ ମନୋବୃତ୍ତିରେ ମଧ୍ୟ କୌଣସି ପରିବର୍ତ୍ତନ ଆସିନାହିଁ ।

## ବର୍ତ୍ତମାନ ଓ ଭବିଷ୍ୟତ:

ଶ୍ରମ ସହଯୋଗୀତା କ୍ଷେତ୍ରରେ ପାହାଡ଼ି ଖଡ଼ିଆମାନେ ବେଶ୍ ଉନ୍ନତ । ସହଯୋଗ ଶ୍ରମର ଉପକାରୀତା ସେମାନଙ୍କୁ ଭଲଭାବରେ ଜଣା । ସେଥିପାଇଁ ବର୍ତ୍ତମାନ ସମୟରେ ବିଭିନ୍ନ ଦିଗରୁ ସେମାନେ ପ୍ରଭାବିତ ହେଉଥିଲେ ହେଁ ସହଯୋଗ ମନୋବୃତ୍ତିକୁ ପରିହାର କରିପାରିନାହାଁନ୍ତି । କେହି କେହି ଏବେ ଧାନ ଚାଷ କରୁଥିବାରୁ ଚାଷକାର୍ଯ୍ୟ ମଧ୍ୟ ସହଯୋଗ ଶ୍ରମ ଦ୍ୱାରା ସଂପାଦିତ ହେଉଥିବା ଲକ୍ଷ୍ୟ କରାଯାଉଛି ।

ବସ୍ତୁତଃ ପାହାଡ଼ି ଖଡ଼ିଆ ଏକ ଶ୍ରମ ସହଯୋଗ ଆଧାରିତ ଗୋଷ୍ଠୀ । ସେଥିପାଇଁ ବୋଧହୁଏ ସେମାନଙ୍କ ଚିନ୍ତାଧାରା ଦ୍ରୁତ ପରିବର୍ତ୍ତନଶୀଳ ଏବଂ ଅନେକ ଦୃଷ୍ଟିକୋଣରୁ ସେମାନେ ଉନ୍ନତ ।

# ପାରମ୍ପରିକ ଗ୍ରାମସଭା

ସମସ୍ତ ସ୍ତରରେ ମଧ୍ୟ ସର୍ବୋଚ୍ଚ ବିଚାରକ ଈଶ୍ୱର । କିନ୍ତୁ ବାହ୍ୟ ଦୃଷ୍ଟିରେ ଏକ ସାମାଜିକ ପ୍ରାଣୀ ଭାବରେ ମଣିଷକୁ କେତେକ ବିଚାର ଧାରା ଗ୍ରହଣ କରିବାକୁ ପଡ଼େ । ସେଥିପାଇଁ ବୋଧହୁଏ ଆଦିମକାଳରୁ ଗ୍ରାମସଭାର ପରିକଳ୍ପନା କରାଯାଇଅଛି ।

## ଧାରଣା, ଉତ୍ପତ୍ତି ଓ ଇତିବୃତ୍ତ:

ଉପରୋକ୍ତ ମାନସିକତାରୁ ପାହାଡ଼ି ଖଡ଼ିଆ ଗୋଷ୍ଠୀରେ ପାରମ୍ପରିକ ଗ୍ରାମସଭାର ଉତ୍ପତ୍ତି ହୋଇଥିବା ଅନୁମେୟ । ପାରମ୍ପରିକ ଗ୍ରାମସଭାର ଉତ୍ପତ୍ତି ଓ ଇତିହାସ ସଂପର୍କରେ ଅଜ୍ଞ ଥିବା ମନେହୁଏ । ସେମାନଙ୍କ ମତରେ – ମଣିଷ ମାତ୍ରେ ହିଁ ଭୁଲ କରିବା ସ୍ୱାଭାବିକ । କିନ୍ତୁ ସାଧାରଣ ବା ଅସାଧାରଣ ଭୁଲ୍ ପାଇଁ ଯଦି ବ୍ୟକ୍ତି ପରିବାର, ସମାଜ ପରୋକ୍ଷରେ ହେଉ ବା ପ୍ରତ୍ୟେକ୍ଷରେ ହେଉ କ୍ଷତିଗ୍ରସ୍ତ ହୁଏ, ତେବେ ସେଥିପାଇଁ ଦଣ୍ଡବିଧାନର ବ୍ୟବସ୍ଥା ନ ରହିଲେ ସାମାଜିକ ବ୍ୟବସ୍ଥା ଭୁଶୁଡି ପଡ଼ିବା ସମ୍ଭାବନା ଥାଏ । ଏହି ବିଚାର ଧାରା ବା ଦଣ୍ଡ ପଦ୍ଧତି ପୁଣି ନିଜ ପରିସର ମଧ୍ୟରେ ସୀମିତ ରହିବା ଅଧିକ ଯୁକ୍ତିଯୁକ୍ତ । କାରଣ ସ୍ତର ଅନୁଯାୟୀ ଶୃଙ୍ଖଳାର ଆବଶ୍ୟକତା ଅନିବାର୍ଯ୍ୟ । ତଦ୍ୱାରା ଆପଣାଛାଏଁ ତାହାର ପ୍ରଭାବ ସମଗ୍ର ମଣିଷ ସମାଜ ଉପରେ ପଡ଼ିପାରେ । ସେଥିପାଇଁ ଖଡ଼ିଆ ସମାଜରେ ଗ୍ରାମସଭାର ଉତ୍ପତ୍ତି ।

## ଗ୍ରାମସଭାର ଗଠନ:

ଖଡ଼ିଆ ଗ୍ରାମଗୁଡ଼ିକରେ ଗୋଟିଏ ଲେଖାଏଁ ଗ୍ରାମସଭା ଗଠିତ ହୋଇଥାଏ । ଏଥିରେ ଜଣେ ସଭାପତି (ଗ୍ରାମର ମୁଖ୍ୟ), ଜଣେ ସଂପାଦକ (ଲେମ୍ବର) ଓ ଜଣେ ଛାଟିଆ (ଡ଼ାକୁଆ) ସଭ୍ୟ ଭାବରେ ରହନ୍ତି । ଏମାନେ ସମସ୍ତେ ଗ୍ରାମବାସୀଙ୍କ ଦ୍ୱାରା ମନୋନୀତ ହୋଇଥାଆନ୍ତି । ଏତଦ୍‌ବ୍ୟତୀତ ଗ୍ରାମସଭାର ସାଧାରଣ ସଦସ୍ୟ ଭାବରେ ଗ୍ରାମର ପ୍ରତ୍ୟେକ ପରିବାର ମୁଖ୍ୟମାନେ ଥାଆନ୍ତି । ଗ୍ରାମସଭାର ପ୍ରତ୍ୟେକ ବୈଠକ ଗ୍ରାମର ମୁଖ୍ୟ ବା ଗ୍ରାମସଭାର ସଭାପତିଙ୍କ ତତ୍ତ୍ୱାବଧାନରେ ସଂପାଦିତ ହୁଏ । ଲେମ୍ବର ରହିଥାଆନ୍ତି ସଭାପତିଙ୍କୁ ସଭାକାର୍ଯ୍ୟରେ ସହଯୋଗ କରିବା ପାଇଁ । କିନ୍ତୁ ଡ଼ାକୁଆ ବହୁମୁଖୀ କାର୍ଯ୍ୟଭାର ଗ୍ରହଣ କରିଥାନ୍ତି । ମନେହୁଏ ପାହାଡ଼ି ଖଡ଼ିଆ ଗ୍ରାମସଭାରେ ଡ଼ାକୁଆଙ୍କ ସ୍ଥାନ ବେଶ୍ ଗୁରୁତ୍ୱପୂର୍ଣ୍ଣ ।

## ସଦସ୍ୟମାନଙ୍କର ନିର୍ବାଚନ ପ୍ରଣାଳୀ:

ପ୍ରଥମେ ଗ୍ରାମସଭା ଗଠନ ନିମନ୍ତେ ଗ୍ରାମର ପ୍ରତ୍ୟେକ ବ୍ୟକ୍ତି ଏକ ଆଲୋଚନ ବୈଠକରେ ଏକତ୍ରିତ ହୁଅନ୍ତି । ଏହି ବୈଠକର ଆୟୋଜନ ଖୋଲା ପଡ଼ିଆରେ କରାଯାଇଥାଏ । ବୈଠକ ପରିଚାଳନା ନିମନ୍ତେ ଜଣେ ନାମକୁ ମାତ୍ର ସଭାପତି ହୁଅନ୍ତି ଏବଂ ସଭାକାର୍ଯ୍ୟ ଆରମ୍ଭ କରିଥାଆନ୍ତି । ଏଥିରେ ଗ୍ରାମସଭାର ମୁଖ୍ୟ ସଦସ୍ୟ-ସଭାପତି, ଲେମ୍ବର ଓ ଡ଼ାକୁଆ ନିର୍ବାଚିତ ହୁଅନ୍ତି । ପ୍ରଥମେ ସଭାପତି ପଦ ପାଇଁ ଗ୍ରାମର ଜଣେ ବୟସ୍କ, ଅଭିଜ୍ଞ ତଥା ସମ୍ମାନସ୍ପଦ ବ୍ୟକ୍ତିଙ୍କର ନାମ ଜଣେ ଗ୍ରାମବାସୀ ପ୍ରସ୍ତାବ ଦିଅନ୍ତି ଏବଂ ତାଙ୍କୁ ଆଉ ୩-୪ ଜଣ ବ୍ୟକ୍ତି ସମର୍ଥନ କରନ୍ତି । ଏହାପରେ ପ୍ରସ୍ତାବିତ ବ୍ୟକ୍ତିଙ୍କ ସପକ୍ଷରେ ମତ ସଂଗ୍ରହ କରାଯାଏ । ଉପସ୍ଥିତ ଗ୍ରାମବାସୀଙ୍କ ମଧ୍ୟରୁ ଯଦି ଅର୍ଦ୍ଧାଧିକ ବ୍ୟକ୍ତି ତାଙ୍କ ସପକ୍ଷରେ ମତ ଦିଅନ୍ତି, ତେବେ ସେ ସଭାପତି ଭାବରେ ନିର୍ବାଚିତ ହୋଇଥାଆନ୍ତି । ଅନୁରୂପ ପ୍ରକ୍ରିୟାରେ ଗ୍ରାମସଭାର ଲେମ୍ବର (ସଂପାଦକ) ଓ ଛାଟିଆ (ଡାକୁଆ)ଙ୍କର ନିର୍ବାଚନ କରାଯାଇଥାଏ । ଗ୍ରାମସଭାର ମୁଖ୍ୟ ସଦସ୍ୟ ତିନିହେଁ ୫ ବର୍ଷଯାଏଁ କାର୍ଯ୍ୟଭାର ସମ୍ଭାଳନ୍ତି । ୫ ବର୍ଷ ପରେ ପୁଣି ଏହିପରି ଧାରାରେ ନିର୍ବାଚନ ସଂଗଠିତ ହୁଏ । ସେମାନେ ସମସ୍ତେ କିମ୍ବା କେହି ଯଦି ଭଲ କାମ କରୁଥିବାର ଗ୍ରାମବାସୀ ହୃଦ୍‌ବୋଧ କରନ୍ତି, ତେବେ ନିର୍ବାଚନରେ ସେମାନେ ପୁନଃ ନିର୍ବାଚିତ ହୋଇପାରନ୍ତି କିମ୍ବା ୫ ବର୍ଷ ସଂପୂର୍ଣ୍ଣ ହେବା ପୂର୍ବରୁ ଯଦି ଗ୍ରାମବାସୀ କାହାରି କାର୍ଯ୍ୟ ପ୍ରତି ଅସନ୍ତୋଷ ପ୍ରକାଶ କଲେ, ତେବେ ସେହିପରି ଅର୍ଦ୍ଧାଧିକ ଗ୍ରାମବାସୀଙ୍କ ସମର୍ଥନରେ ସେହି ବ୍ୟକ୍ତିଙ୍କୁ ପଦବୀ ହରାଇବାକୁ ପଡ଼ିଥାଏ । ଏହି ମୁଖ୍ୟ ତିନି ସଦସ୍ୟଙ୍କ ବ୍ୟତୀତ ଗ୍ରାମସଭାର ଅନ୍ୟ ସଦସ୍ୟମାନେ ହେଲେ ଗ୍ରାମର ପ୍ରତ୍ୟେକ ପରିବାର ମୁଖ୍ୟ । ଏମାନଙ୍କ ପାଇଁ କୌଣସି ନିର୍ବାଚନର ଆବଶ୍ୟକତା ନଥାଏ । ଏମାନେ ସ୍ୱତଃ ଗ୍ରାମସଭାରେ ସଦସ୍ୟତା କରିଥାଆନ୍ତି ।

## ସଦସ୍ୟମାନଙ୍କ ବ୍ୟକ୍ତିତ୍ୱ, ପୃଷ୍ଠଭୂମି ଓ ଅନ୍ୟାନ୍ୟ ଗୁଣାବଳୀ:

ଗ୍ରାମସଭାର ସଭାପତି ଗ୍ରାମର ମୁଖ୍ୟ ଭାବରେ ଗ୍ରାମବାସୀଙ୍କ ଦ୍ୱାରା ନିର୍ବାଚିତ ହୋଇଥାଆନ୍ତି । ତେଣୁ ସ୍ୱାଭାବିକ ରୂପେ ସେ ଜଣେ ମର୍ଯ୍ୟାଦାସଂପନ୍ନ ବ୍ୟକ୍ତି ବିଶେଷ । ପୁନଶ୍ଚ ନିର୍ବାଚନ ଧାରାରେ ପ୍ରତିଦ୍ୱନ୍ଦିତା ହୁଏ ନାହିଁ ଅର୍ଥାତ୍ ପ୍ରାୟ ଗ୍ରାମବାସୀଙ୍କର ସେ ପ୍ରିୟ । ଏଥିରୁ ସ୍ପଷ୍ଟ ଯେ ସଭାପତି ନିଶ୍ଚିତ ଜଣେ କର୍ମନିପୁଣ, ଅଭିଜ୍ଞ, ଦକ୍ଷ, ବିଚାରବନ୍ତ, ନ୍ୟାୟଶୀଳ, ଉଦାରପନ୍ଥୀ, ଧାର୍ମିକ ଓ ଶାନ୍ତ ସ୍ୱଭାବଯୁକ୍ତ ବ୍ୟକ୍ତିବିଶେଷ

ହୋଇଥାଆନ୍ତି । ଏହାଦ୍ୱାରା ସମସ୍ତ ଗ୍ରାମବାସୀଙ୍କର ସମ୍ମାନନୀୟ ବ୍ୟକ୍ତି ଭାବେ ସେ ନିର୍ଦ୍ୱନ୍ଦ୍ୱରେ ସଭାପତି ତଥା ଗ୍ରାମ ମୁଖ୍ୟ ପଦ ଅଳଂକୃତ କରିପାରନ୍ତି ।

ଗ୍ରାମସଭାରେ ଲେମ୍ବର୍ (ସଂପାଦକ) ମଧ୍ୟ ଅନୁରୂପ ଶୈଳୀରେ ନିର୍ବାଚିତ ହେଉଥିବାରୁ ସେ ସମସ୍ତ ଗ୍ରାମବାସୀଙ୍କର ସମ୍ମାନର ଅଧିକାରୀ ହେବାକୁ ଯୋଗ୍ୟ ବିବେଚିତ ହୁଅନ୍ତି । ଏହା ନିଶ୍ଚିତ ସେ ଜଣେ ଅଭିଜ୍ଞ, ବିବେକବନ୍ତ, ବ୍ୟକ୍ତିତ୍ୱ ସଂପନ୍ନ ବ୍ୟକ୍ତିବିଶେଷ ।

ଡାକୁଆ ଗ୍ରାମସଭାର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟନିର୍ବାହୀ ସଦସ୍ୟ । ତେଣୁ ସେ ଉପଯୁକ୍ତ ଯୋଗ୍ୟତା ଭିତ୍ତିରେ ଗ୍ରାମବାସୀଙ୍କ ସମର୍ଥନ ହାସଲ କରି ଗ୍ରାମସଭାର ଡ଼ାକୁଆ ପଦରେ ଅଧିଷ୍ଠିତ ହୋଇଥାଆନ୍ତି । ଗ୍ରାମସଭାର ବହୁମୁଖୀ ତଥା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଡ଼ାକୁଆଙ୍କ ଦ୍ୱାରା ସଂପାଦିତ ହେଉଥିବାରୁ ଲୋକେ ତାଙ୍କର ମହତଗୁଣ ତଥା ଉଚ୍ଚକୋଟିର ବ୍ୟକ୍ତିତ୍ୱକୁ ଅନୁଧ୍ୟାନ କରି ହିଁ ମତପ୍ରଦାନ କରନ୍ତି । ଏତଦ୍‌ଭିନ୍ନ ଗ୍ରାମସଭାର ବିଚାରଧାରାକୁ ମୁଖ୍ୟତଃ ଡ଼ାକୁଆ ପ୍ରଭାବିତ କରୁଥିବାରୁ ନିଶ୍ଚିତ ସେ ଜଣେ ନ୍ୟାୟବନ୍ତ, ବିଚାରବୁଦ୍ଧି ସଂପନ୍ନ ତଥା ନୀରପେକ୍ଷବାଦିତାର ପୂଜାରୀ ହୋଇଥାଆନ୍ତି । ଗ୍ରାମସଭାର ଅନ୍ୟାନ୍ୟ ସାଧାରଣ ସଦସ୍ୟମାନେ ହେଲେ ଗ୍ରାମର ପ୍ରତ୍ୟେକ ପରିବାରର ମୁଖ୍ୟ ଭାବରେ ସେମାନଙ୍କଠାରୁ ସମସ୍ତ ପ୍ରକାର ମହତ୍‌ଗୁଣ ତଥା ଉନ୍ନତ ବ୍ୟକ୍ତିତ୍ୱ ଆଶା କରାଯାଇଥାଏ । କାରଣ ପରିବାରକୁ ଶୃଙ୍ଖଳାର ସହିତ ଚଳାଇବା ଯାହା ଗ୍ରାମସଭାରେ ସଦସ୍ୟତା କରି ଗ୍ରାମସଭା ତଥା ଗ୍ରାମକୁ ସହଯୋଗ ଭିତ୍ତିରେ ସୁଚାରୁ ରୂପେ ପରିଚାଳିତ କରାଇବା ତାହା । ତଥାପି କେତେକ କ୍ଷେତ୍ରରେ ବ୍ୟକ୍ତି ଚରିତ୍ରରେ ଅସମାନତା ପରିଲକ୍ଷିତ ହେଉଥିବାରୁ ଏମାନେ ସମସ୍ତେ ଏକା ଭଳି ହୋଇପାରନ୍ତି ନାହିଁ ।

## ନିର୍ବାଚିତ ବା ମନୋନୀତ ସଦସ୍ୟମାନଙ୍କ କାର୍ଯ୍ୟାକଳାପଃ

ଗ୍ରାମସଭାର ସଭାପତି ହିଁ ଗ୍ରାମର ମୁଖ୍ୟ । ତେଣୁ ଗ୍ରାମର ସୁଖ-ଦୁଃଖ, ହାନି-ଲାଭ ସବୁ ତାଙ୍କରି ଉପରେ ହିଁ ନିର୍ଭର କରିଥାଏ । ଗ୍ରାମସଭାର ସଭାପତି ଭାବରେ ସେ ସମସ୍ତ ମାମଲା ସୁବିଚାର ପୂର୍ବକ ନ୍ୟାୟ ପ୍ରଦାନ କରିଥାଆନ୍ତି । ତାଙ୍କର ମୁଖ୍ୟ କାର୍ଯ୍ୟଗୁଡ଼ିକ ନିମ୍ନରେ ବର୍ଣ୍ଣିତ ହେଲା :-

- ଗ୍ରାମସଭାର ବୈଠକରେ ସଭାପତିତ୍ୱ କରନ୍ତି ।
- ସମସ୍ତ ମାମଲାରେ ଶେଷ ନିଷ୍ପତ୍ତି ଗ୍ରହଣ କରନ୍ତି ।

- ଗ୍ରାମରେ କୌଣସି ପରିବାରରେ ଛୋଟମୋଟ ବିବାଦ ଉପୁଜିଲେ ଗ୍ରାମମୁଖ୍ୟଙ୍କୁ ଡକାଯାଇ ସମାଧାନ କରାଯାଇଥାଏ ।
- ମାମଲାଗୁଡ଼ିକର ବିଚାର ଆଲୋଚନା ପରେ ସଭାପତି ନ୍ୟାୟ ଘୋଷଣା କରନ୍ତି ।
- ଗ୍ରାମ ସଭାର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ଦୋଷୀକୁ ଶପଥପାଠ କରାନ୍ତି ।
- ସାମୂହିକ ପୂଜାବିଧି ତଥା ପର୍ବପର୍ବାଣି ପାଳନର ଅବ୍ୟବହିତ ପୂର୍ବରୁ ଡାକୁଆଙ୍କୁ ନିର୍ଦ୍ଦେଶ ଦେଇ ଗ୍ରାମ ବୈଠକ ଆହ୍ୱାନ କରନ୍ତି ।
- ଗ୍ରାମବାସୀଙ୍କ ପରାମର୍ଶରେ ଯେ କୌଣସି ପୂଜାପାଠ ପାଇଁ ଦେହୁରୀଙ୍କୁ ନିଯୁକ୍ତି ଦେଇଥାଆନ୍ତି ।
- ଗ୍ରାମରେ କୌଣସି ଜରୁରୀକାଳୀନ ଆବଶ୍ୟକତା ପଡ଼ିଲେ ସଭାପତି କାର୍ଯ୍ୟାନୁଷ୍ଠାନ ପାଇଁ ଯଥୋଚିତ ନିର୍ଦ୍ଦେଶ ମଧ୍ୟ ଦିଅନ୍ତି ।
- ପ୍ରାୟତଃ ସଭାପତି ଗ୍ରାମର ପ୍ରତ୍ୟେକ ସାମୂହିକ କାର୍ଯ୍ୟ ପାଇଁ ଗ୍ରାମବାସୀଙ୍କ ପରାମର୍ଶ ତଥା ସହାୟତା ଲୋଡ଼ିବାକୁ ଉଚିତ ମଣନ୍ତି । ଗ୍ରାମସଭାର ଦ୍ୱିତୀୟ ମୁଖ୍ୟ ସଦସ୍ୟ ଲେମ୍ବର୍ (ସଂପାଦକ) ତାଙ୍କର ଦାୟିତ୍ୱ ବିଶେଷ ଗୁରୁତ୍ୱପୂର୍ଣ୍ଣ ନ ହେଲେ ମଧ୍ୟ ସଭାପତିଙ୍କର ଅନୁପସ୍ଥିତିରେ ସେ ସମସ୍ତ କାର୍ଯ୍ୟ ତୁଲାଇବା ସହିତ ସ୍ୱତନ୍ତ୍ର ଭାବରେ କେତେଗୁଡ଼ିଏ ଦାୟିତ୍ୱ ଗ୍ରହଣ କରିଥାଆନ୍ତି । ସେଗୁଡ଼ିକ ହେଲା:
- ଗ୍ରାମସଭାର ବିଚାରଧାରାରେ ସଭାପତିଙ୍କୁ ସହଯୋଗ ପ୍ରଦାନ।
- ପ୍ରତ୍ୟେକ କର୍ମରେ ସଭାପତିଙ୍କୁ ସହାୟତା।
- ସଭାପତିଙ୍କ ଅନୁପସ୍ଥିତିରେ ଗ୍ରାମସଭାରେ ସଭାପତିତ୍ୱ।
- ଗ୍ରାମରେ ଆକସ୍ମିକ କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜିଲେ ସଭାପତିଙ୍କ ଅନୁପସ୍ଥିତିରେ ଲେମ୍ବର ସମାଧାନର ପନ୍ଥା ବାହାର କରନ୍ତି କିମ୍ବା ସଭାପତିଙ୍କ ଉପସ୍ଥିତିରେ ତାଙ୍କୁ ମାନସିକ ସ୍ତରରେ ମଧ୍ୟ ସହଯୋଗ କରନ୍ତି ।
- ଗ୍ରାମର ସମସ୍ତ ପ୍ରକାର କାର୍ଯ୍ୟ ଲେମ୍ବୁରଙ୍କ ଜରିଆରେ କାର୍ଯ୍ୟକାରୀ ହୋଇଥାଏ ।
- କୌଣସି ମୋକଦ୍ଦମା / ମାମଲାର ବିଚାର ପରେ ଦଣ୍ଡ ବାବଦ ଟଙ୍କା ଆଦାୟ କରିବାକୁ ଥିଲେ ଗ୍ରାମସଭାର ଲେମ୍ବର ହିଁ ସଂପୃକ୍ତ ବ୍ୟକ୍ତିଙ୍କଠାରୁ ଟଙ୍କା ଆଦାୟ କରିଥାଆନ୍ତି ।

ଗ୍ରାମସଭାର ତୃତୀୟ ମୁଖ୍ୟ ସଦସ୍ୟ ଡାକୁଆ (ଛାଟିଆ) । ସେ ବହୁମୁଖୀ କାର୍ଯ୍ୟ ସଂପାଦନ କରିଥାନ୍ତି। ସେ ସବୁ ହେଲା-

- ଗ୍ରାମସଭାର ସଭାପତି ତଥା ଲେମ୍ବରଙ୍କର ପ୍ରତ୍ୟେକଟି ନିର୍ଦ୍ଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରନ୍ତି ।
- କୌଣସି ମାମଲାକୁ ବିଚାର ଆଲୋଚନା ପାଇଁ ଗ୍ରାମସଭାରେ ଜଣାଇବାକୁ ସଂପୃକ୍ତ ଅଭିଯୋଗକାରୀ ପ୍ରଥମେ ଡାକୁଆକୁ ହିଁ ଜଣାଇଥାଆନ୍ତି ।
- ଡାକୁଆ, ମାମଲାର ସମସ୍ତ ବିବରଣୀ ସଭାପତିଙ୍କୁ ପ୍ରଦାନ କରନ୍ତି ।
- ସଭାପତିଙ୍କ ନିର୍ଦ୍ଦେଶରେ ଡାକୁଆ ଗ୍ରାମସଭାର ବୈଠକ ସମ୍ବନ୍ଧରେ ସୂଚନା ଦିଅନ୍ତି।
- ସଂପୃକ୍ତ ମାମଲାର ଅଭିଯୁକ୍ତ ଏବଂ ଅଭିଯୋଗକାରୀ ସମସ୍ତଙ୍କୁ ଡ଼ାକୁଆ ନିଜେ ବା ଅନ୍ୟର ସହାୟତାରେ ସଭାସ୍ଥଳକୁ ଡାକନ୍ତି ।
- ବୈଠକର ଆୟୋଜନ କିମ୍ବା ସମସ୍ତ ପ୍ରକାର ବନ୍ଦୋବସ୍ତ ଡାକୁଆ କରନ୍ତି ।
- ଯଦି କୌଣସି କାରଣରୁ ଗ୍ରାମସଭାର ବୈଠକରେ ଗ୍ରାମର ମହିଳାମାନଙ୍କ ଉପସ୍ଥିତି ଆବଶ୍ୟକ ପଡ଼େ, ତେବେ ସେ କ୍ଷେତ୍ରରେ ଡ଼ାକୁଆ ସଂପୃକ୍ତ ମହିଳାଙ୍କୁ ନେବା ଆଣିବା କାର୍ଯ୍ୟ କରିଥାଆନ୍ତି ।
- ଗ୍ରାମସଭାର ବୈଠକରେ ପ୍ରଥମେ ଡାକୁଆ ହିଁ ମାମଲାର ସମସ୍ତ ବିବରଣୀ ସଂପର୍କରେ ସଦସ୍ୟମାନଙ୍କୁ ଅବଗତ କରାଇଥାଆନ୍ତି ।
- ଆଲୋଚନା ପରେ ସଭାପତି ନିଷ୍ପତ୍ତି ନେବା ପୂର୍ବରୁ ଡ଼ାକୁଆ ସଭାପତିଙ୍କୁ ନ୍ୟାୟପ୍ରଦାନ କ୍ଷେତ୍ରରେ ପ୍ରଭାବିତ କରନ୍ତି ।

ଗ୍ରାମସଭାର ଅନ୍ୟାନ୍ୟ ସାଧାରଣ ସଦସ୍ୟମାନେ ହେଲେ ଗ୍ରାମର ପ୍ରତ୍ୟେକ ପରିବାରର ମୁଖ୍ୟ ସେମାନେ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରନ୍ତି । ସତ୍ୟାସତ୍ୟ ଅନୁସନ୍ଧାନ ପାଇଁ ଉଦ୍ୟମ କରିଥାଆନ୍ତି । ଆଲୋଚନାର ସାରାଂଶ ସଭାପତିଙ୍କୁ ଜଣାଇ ଦିଅନ୍ତି । ଫଳରେ ସଭାପତିଙ୍କୁ ନ୍ୟାୟପ୍ରଦାନ ସହଜ ହୋଇଥାଏ । ଅନେକ ସମୟରେ ସେମାନେ ମାମଲାର ସିଦ୍ଧାନ୍ତ ଗ୍ରହଣରେ ସଭାପତିଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରନ୍ତି । ଗ୍ରାମସଭାରେ ବା ଗ୍ରାମର ପ୍ରତ୍ୟେକ କାର୍ଯ୍ୟ ପାଇଁ ଏହି ସାଧାରଣ ସଦସ୍ୟମାନେ ସଭାପତିଙ୍କୁ ଉପଯୁକ୍ତ ପରାମର୍ଶ ଦେବା ସହିତ ଗ୍ରାମର ଉନ୍ନତି କଳ୍ପେ ସହାୟତା ପ୍ରଦାନ କରିଥାଆନ୍ତି ।

## ଗ୍ରାମସଭାରେ ନିଷ୍ପତ୍ତି ବ୍ୟବସ୍ଥା:

ଗ୍ରାମସଭାରେ ବ୍ୟକ୍ତିଗତ, ପାରିବାରିକ ତଥା ଗ୍ରାମ୍ୟ ସ୍ତରରେ ସମସ୍ତ ପ୍ରକାର ମାମଲା ବିଚାର ଆଲୋଚନା ପରିସରଭୁକ୍ତ ହୋଇଥାଏ । ଯଥା:

- ବ୍ୟକ୍ତିଗତ ଭାବରେ କେହି କାହାକୁ ଗାଳିଗୁଲଜ କଲେ,
- କେହି ଅନ୍ୟର ଜିନିଷପତ୍ର ଚୋରି କଲେ,
- ପଡ଼ୋଶୀଙ୍କ ମଧ୍ୟରେ କୌଣସି କାରଣରୁ ବିବାଦ ଉପୁଜିଲେ,
- ପରିବାରରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ଲାଗି ସମସ୍ୟା ସୃଷ୍ଟି ହେଲେ,
- କୌଣସି ପୁରୁଷ ସ୍ତ୍ରୀକୁ ପ୍ରତାରିତ ପୂର୍ବକ ନିର୍ଯ୍ୟାତନା ଦେଲେ, କିମ୍ବା ଘରୁ ବାହାର କରିଦେଲେ,
- କୌଣସି ପୁରୁଷ ଏବଂ ସ୍ତ୍ରୀଙ୍କ ମଧ୍ୟରେ ଅବୈଧ ପ୍ରେମ ସଂପର୍କ ରହିଲେ,
- କୌଣସି ଯୁବତୀଙ୍କ ବିରୁଦ୍ଧରେ ମିଥ୍ୟା ଅପବାଦ ପ୍ରଚାର କଲେ,
- ବଳତ୍କାର ବା ଧର୍ଷଣ କ୍ଷେତ୍ରରେ,
- କୌଣସି କାରଣରୁ ଜନ୍ମିତ ପୁତ୍ର ନିଜର ପିତାମାତାଙ୍କୁ ଶାରୀରିକ ତଥା ମାନସିକ ଯନ୍ତ୍ରଣା / ନିର୍ଯ୍ୟାତନା ଦେଲେ,
- ଘରଜ୍ୱାଇଁ ରହିଥିବା ପୁରୁଷକୁ ଘରୁ ବିତାଡ଼ିତ କଲେ,
- ଗୁଣିକରି କେହି କାହାର କ୍ଷତି ଘଟାଇଲେ,
- ଧାର ସୂତ୍ରରେ ଟଙ୍କା କିମ୍ବା କୌଣସି ଦ୍ରବ୍ୟ ନେଇ ଫେରସ୍ତ ନ ଦେଲେ,
- ଗ୍ରାମସଭାର ନିଷ୍ପତ୍ତିକୁ ଅବମାନନା କଲେ ।

## ବୈଠକ, ପରିଚାଳନା ଓ ନିଷ୍ପତ୍ତି ଗ୍ରହଣ :

ପାହାଡ଼ି ଖଡ଼ିଆ ଗୋଷ୍ଠୀରେ ଗ୍ରାମସଭାର ବୈଠକ ବସିବାକୁ ସ୍ୱତନ୍ତ୍ର ସଭାଗୃହ ନଥାଏ । ତେଣୁ ସାଧାରଣ ଭାବରେ ବୈଠକଗୁଡ଼ିକ ଖୋଲା ପଡ଼ିଆରେ ଆୟୋଜନ କରାଯାଇଥାଏ । ସେଠାରେ ପଟି ବିଛାଯାଏ ଏବଂ ପଟିରେ ଗ୍ରାମସଭାର ସଭାପତିଙ୍କଠାରୁ ଆରମ୍ଭ କରି ସମସ୍ତ ସଦସ୍ୟ ବସିଥାଆନ୍ତି । ତେବେ ପଟିର ଗୋଟିଏ ପାର୍ଶ୍ୱରେ ସଭାପତି ବସନ୍ତି । ତାଙ୍କର ଡାହାଣ ପାର୍ଶ୍ୱକୁ ଲେମ୍ବର (ସଂପାଦକ) ଓ ବାମପାର୍ଶ୍ୱରେ ଡାକୁଆ ସ୍ଥାନ ଗ୍ରହଣ କରିଥାଆନ୍ତି । ଏମାନଙ୍କୁ ସାମ୍ନା କରି ଅନ୍ୟାନ୍ୟ

ସାଧାରଣ ସଦସ୍ୟମାନେ ବସନ୍ତି । ବୈଠକରେ ଉପସ୍ଥିତ ସଦସ୍ୟମାନଙ୍କ ପାଇଁ କେବଳ ଜଳପାନର ବନ୍ଦୋବସ୍ତ ହୋଇଥାଏ । ସଭାକାର୍ଯ୍ୟ ଆରମ୍ଭ ହୁଏ ।

ପ୍ରଥମେ ସଭାପତିଙ୍କ ନିର୍ଦ୍ଦେଶକ୍ରମେ ଲେମ୍ବର ଡ଼ାକୁଆଙ୍କୁ ବୈଠକ ଆହ୍ବାନ ସଂପର୍କରେ ପ୍ରଶ୍ନ କରନ୍ତି । ଡ଼ାକୁଆ ସର୍ବ ସମକ୍ଷରେ ବୈଠକର ଆଭିମୁଖ୍ୟ ତଥା ମାମଲାର ବିବରଣୀ ଉପସ୍ଥାପନ କରିଥାଆନ୍ତି । ତତ୍‌ପରେ ସଭାପତି ସମସ୍ତଙ୍କୁ ଜଣାଇଦିଅନ୍ତି ଯେ, ଏହା ଏକ ସର୍ବସାଧାରଣ ବୈଠକ, ତେଣୁ ସମସ୍ତଙ୍କର ମୁକ୍ତ ଭାବରେ ମତବ୍ୟକ୍ତ କରିବାର ଅଧିକାର ରହିଛି ।

ତା'ପରେ ମାମଲା ବିଷୟ ଉତ୍‌ଥାପିତ ହୁଏ । ପ୍ରଥମେ ଅଭିଯୁକ୍ତଙ୍କୁ ଗଣ୍ଡଗୋଳର ବିବରଣୀ କହିବାକୁ ଅନୁମତି ଦିଆଯାଏ । ସେ ଯାହା କହନ୍ତି ଗ୍ରାମସଭାର ଲେମ୍ବର ସେସବୁକୁ ଲିପିବଦ୍ଧ କରନ୍ତି (ବର୍ତ୍ତମାନ) । ଏହା ପରେ ସଭାପତି ଅଭିଯୋଗକାରୀଙ୍କୁ ସମସ୍ତ ବିବରଣୀ ଜଣାଇବାକୁ ନିର୍ଦ୍ଦେଶ ଦିଅନ୍ତି । ଉଭୟ ପକ୍ଷରୁ ସମସ୍ତ ବିଷୟ ଶୁଣିସାରିବା ପରେ ସାକ୍ଷୀମାନଙ୍କ ଜମାନବନ୍ଦୀ ଗ୍ରହଣ କରାଯାଏ । ତତ୍‌ପରେ ସଦସ୍ୟମାନଙ୍କ ମଧ୍ୟରେ ମାମଲା ସଂପର୍କରେ ଆଲୋଚନା ହୁଏ । ଆଲୋଚନାର ସାରାଂଶ ସର୍ବସମକ୍ଷରେ ସଭାପତିଙ୍କ ନିକଟରେ ଉପସ୍ଥାପନ କରାଯାଏ । ସଭାପତି ଲେମ୍ବରଙ୍କର ମତାମତ ଲୋଡ଼ନ୍ତି । ଶେଷରେ ଡାକୁଆ ମାମଲାର ନିଷ୍ପତ୍ତି ସଂପର୍କରେ ସଭାପତିଙ୍କ ସହିତ କଥାବାର୍ତ୍ତା କରନ୍ତି । ସଭାପତି ସବୁ ଜାଣି, ସବୁ ଶୁଣି ନିଜର ସ୍ଥିର ବୁଦ୍ଧି ଓ ବିଚାରଶକ୍ତି ବଳରେ ନ୍ୟାୟ ପ୍ରଦାନ ପୂର୍ବକ ନିଷ୍ପତ୍ତି ଘୋଷଣା କରିଥାଆନ୍ତି । ଦୋଷୀର ଦୋଷ ପ୍ରମାଣିତ ହେଲେ ଦୋଷ ଅନୁସାରେ ଦଣ୍ଡ ପ୍ରଦାନ କରାଯାଇଥାଏ । ତେବେ ଦଣ୍ଡ ଦେବା କ୍ଷେତ୍ରରେ ପାହାଡ଼ି ଖଡ଼ିଆମାନେ ଟିକିଏ କୋହଳ ମନୋବୃତ୍ତି ଗ୍ରହଣ କରନ୍ତି । କାରଣ ହାଲ୍‌କା ଦଣ୍ଡ ଦେଇ ଦୋଷୀକୁ ଦୋଷ ସୁଧାରିବା ପାଇଁ ଦୁଇଥର ସୁଯୋଗ ଦିଆଯାଏ ଏବଂ ତୃତୀୟ ଥରକୁ ଦଣ୍ଡ କ୍ଷେତ୍ରରେ କୋଠର ହେବାକୁ ପଡ଼ିଥାଏ । ଅବଶ୍ୟ ଏହି ନିୟମ ସମସ୍ତ ପାହାଡ଼ି ଖଡ଼ିଆ ବସତିରେ ପ୍ରଚଳିତ ନୁହେଁ । କେଉଁ କେଉଁଠାରେ ଦୋଷ ଅନୁଯାୟୀ ଉପଯୁକ୍ତ ଦଣ୍ଡରେ ଦଣ୍ଡିତ କରାଯାଉଥିବା ଦୃଷ୍ଟିଗୋଚର ହୁଏ ।

**ଦଣ୍ଡବିଧାନ:**

ପାହାଡ଼ି ଖଡ଼ିଆ ସମାଜରେ ଗ୍ରାମସଭା ଦୋଷୀକୁ ଦୋଷର ଗୁରୁତ୍ୱ ଅନୁଯାୟୀ ବିଭିନ୍ନ ପ୍ରକାର ଦଣ୍ଡରେ ଦଣ୍ଡିତ କରିଯାଏ । ଶପଥ ପାଠ ଅନ୍ୟତମ ଦ୍ୱାରା ଦୋଷୀକୁ

ନିଜର ପୁତ୍ରର ମୁଣ୍ଡ ଛୁଇଁ କିମ୍ବା କୌଣସି ଦେବଦେବୀଙ୍କ ନାମ ଧରି କିମ୍ବା ଠାକୁର ଆସ୍ଥାନକୁ ଯାଇ ଶପଥ ପାଠ କରିବାକୁ ହୁଏ । ସେ ଦୋଷ କରିଛି କି ନାହିଁ କିମ୍ବା ଦୋଷ କରିଥିଲେ ଆଉ ସେପରି ଦୋଷର ପୁନରାବୃତ୍ତି ନ କରିବାକୁ ଶପଥ କରେ । ସାଧାରଣତଃ ଜଣେ ଶପଥ କଲେ ଦେବଦେବୀଙ୍କ ଭୟରେ ପୁଣି ସେପରି ଦୋଷ ନ କରିବା ପାଇଁ ଚେଷ୍ଟା କରେ । କାରଣ ଦେବଦେବୀଙ୍କ କୋପ ଦୃଷ୍ଟିର ଶୀକାର ହେବାକୁ ପଡ଼ିଥାଏ । ପୁଅ ମୁଣ୍ଡ ଛୁଇଁ ଶପଥ କରି ପୁନର୍ବାର ଭୁଲ କଲେ ସେ ମରିଯିବାର ବିଶ୍ୱାସ । ତେଣୁ ଅନେକ ସମୟରେ ଏହି ଶପଥ ପାଠ ଖଡ଼ିଆ ସମାଜକୁ ଶୃଙ୍ଖଳିତ ରଖିବାରେ ସହାୟକ ହୁଏ ।

ଅନ୍ୟାନ୍ୟ ଦଣ୍ଡ ମଧ୍ୟରେ ଶାରୀରିକ ଦଣ୍ଡ ରହିଥାଏ । ଏହି ପ୍ରକାର ଦଣ୍ଡ ଅବଶ୍ୟ ଆଗରୁ ପାହାଡ଼ି ଖଡ଼ିଆ ସମାଜରେ ବେଶ୍ ପ୍ରଚଳିତ ଥିଲା । ସେମାନେ କିଛି ନବୁଝି ନଶୁଝି, କିମ୍ବା ବିଚାରଶକ୍ତି ପ୍ରୟୋଗ ବିନା ଦୋଷୀକୁ ନିସ୍ତୁତ ମାଡ଼ ମାରୁଥିଲେ । ଏବେ ଏପରି ଦଣ୍ଡ ପ୍ରାୟ ନାହିଁ କହିଲେ ଚଳେ । କେବଳ ବର୍ତ୍ତମାନ ଆର୍ଥିକ ଦଣ୍ଡ ମୁଖ୍ୟ । ଦୋଷ ଅନୁଯାୟୀ ଅର୍ଥର ପରିମାଣ ନିର୍ଣ୍ଣୟ କରାଯାଏ । ତେବେ ଟ୫୦ - ଟ୧୦୦ ଠାରୁ ଆରମ୍ଭ କରି ୧୦୦୦ / ୨୦୦୦ ଟଙ୍କା ପର୍ଯ୍ୟନ୍ତ ମଧ୍ୟ ଆର୍ଥିକ ଦଣ୍ଡ ଦିଆଯାଇଥାଏ । ସାଧାରଣତଃ ୨୦୦ / ୨୫୦/ ୩୦୦ ଟଙ୍କାର ଆର୍ଥିକ ଦଣ୍ଡ ଅଧିକ ପ୍ରଚଳିତ । କେବଳ ଅର୍ଥଦଣ୍ଡ ବ୍ୟତୀତ ଅନ୍ୟାନ୍ୟ ପାନୀୟ, ଧାନ-ଚାଉଳ, ଭୋଜି ଆଦି ଦଣ୍ଡ ପ୍ରଦାନ ଧାରା ପ୍ରଚଳିତ ନାହିଁ । ପ୍ରକାଶ ଥାଉକି, ପାହାଡ଼ି ଖଡ଼ିଆ ଗୋଷ୍ଠୀର କୌଣସି ବିବାହିତ ବା ଅବିବାହିତ ପୁରୁଷ ଯଦି ନିଜର ନିକଟ ସଂପର୍କୀୟା; ଯଥା:- ଭଉଣୀ, ଭାଣିଜୀ, ମାଉସୀ, ମାଇଁ, ପିଉସୀ ଇତ୍ୟାଦିଙ୍କ ସହିତ ଅବୈଧ ଯୌନ ସଂପର୍କ ରଖେ, ତେବେ ସେ କ୍ଷେତ୍ରରେ ଗ୍ରାମସଭାର ସଭାପତିଙ୍କର ଦୋଷୀକୁ ନିଜର ଇଛା ମୁତାବକ ଦଣ୍ଡ ଦେବାର କ୍ଷମତା ରହିଥାଏ । ଦଣ୍ଡ ଯେତେ କଠୋର ହେଲେ ମଧ୍ୟ କାହାରି କିଛି ପ୍ରତିବାଦ କିମ୍ବା ମତାମତ ଦେବାର ପ୍ରଶ୍ନ ଉଠେନାହିଁ ।

ଏତଦ୍‌ବ୍ୟତୀତ ପାହାଡ଼ି ଖଡ଼ିଆ ଗୋଷ୍ଠୀରେ ନୈତିକ ଦଣ୍ଡର ବ୍ୟବସ୍ଥା ରହିଥାଏ । ଏହା ଅନ୍ୟ ଅର୍ଥରେ ସାମାଜିକ ବାସନ୍ଦ ଯଦି କୌଣସି ବ୍ୟକ୍ତି ନିଜର ଦୋଷ ପାଇଁ ଗ୍ରାମସଭା ଦ୍ୱାରା ଦଣ୍ଡିତ ହୋଇଥାଏ ଏହି ସେହି ଦୋଷକୁ ପୁନଶ୍ଚ ଦୋହରାଏ ଏବଂ ଦଣ୍ଡିତ ହୁଏ, ପୁଣି ସେହିପରି ଅପରାଧ କରିବାକୁ ଯାଇ ଗ୍ରାମସଭାର ରୋଷର ଶୀକାର ହୁଏ, ତେବେ ସେ କ୍ଷେତ୍ରରେ ଗ୍ରାମସଭାର ନିଷ୍ପତ୍ତିକୁ ଅବମାନନା କରିଥିବା ଭଳି ଗର୍ହିତ

ଅପରାଧ ପାଇଁ ତାକୁ ଗ୍ରାମସଭାରେ ନୈତିକ ଦଣ୍ଡ ପ୍ରଦାନ କରାଯାଏ । ଫଳରେ ସଂପୃକ୍ତ ଅପରାଧି ସାମାଜିକ ବାସନ୍ଦ ହୁଏ । ତା' ପାଇଁ ଗ୍ରାମରେ ନିଆଁପାଣି ବନ୍ଦ ହୋଇଯାଏ । କେହି ତାକୁ ସାହାଯ୍ୟ ସହଯୋଗ କରନ୍ତି ନାହିଁ । କ୍ରମଶଃ ସେ ମାନସିକ ସ୍ତରରେ ଦୁର୍ବଳ ହୁଏ ଏବଂ ତାର ନୈତିକ ବଳ ଭାଙ୍ଗିଯାଏ । ସମାଜରେ ସେ ଘୃଣ୍ୟ ବ୍ୟକ୍ତି ଭାବରେ ପରିଗଣିତ ହୁଏ । କୌଣସି ସାମାଜିକ ଅନୁଷ୍ଠାନ, ପୂଜା-ପାର୍ବଣ ଆଦିରେ ଯୋଗ ଦେବାର ଅଧିକାର ଆଉ ତାର ରହେ ନାହିଁ ।

## ପରିବର୍ତ୍ତନ:

ପାହାଡ଼ି ଖଡ଼ିଆ ଗୋଷ୍ଠୀରେ ପାରମ୍ପରିକ ଗ୍ରାମସଭାର ଗଠନ ଏବଂ କାର୍ଯ୍ୟକଳାପରେ କୌଣସି ପ୍ରକାର ପରିବର୍ତ୍ତନ ପରିଲକ୍ଷିତ ହୁଏନାହିଁ । ସେହିପରି ଗ୍ରାମସଭାର ତିନିମୁଖ୍ୟ- ସଭାପତି, ଲେମ୍ବର ଓ ଡାକୁଆ ନିଜ ନିଜର କ୍ଷମତା ଓ କାର୍ଯ୍ୟଧାରା ସହିତ ଦାୟିତ୍ୱ ସଂପାଦନ କରୁଛନ୍ତି । ପ୍ରତ୍ୟେକ ଗ୍ରାମର ସମସ୍ତ ପରିବାରର ମୁଖ୍ୟମାନେ ଗ୍ରାମସଭାର ସାଧାରଣତଃ ସଦସ୍ୟ ରହୁଛନ୍ତି । ତେବେ ଅପେକ୍ଷାକୃତ ଏମାନେ ଅଧିକ ସଚେତନ ହୋଇଥିବାରୁ ନିଜ ନିଜର କ୍ଷମତା ସଂପର୍କରେ ଅଧିକ ଜାଣୁଥିବା ମନେ ହେଉଛି । ପ୍ରତ୍ୟେକ ମାମଲା ବା କାର୍ଯ୍ୟଧାରା ସହିତ ଓତଃପ୍ରୋତଃ ଭାବେ ସଂଶ୍ଳିଷ୍ଟ ହୋଇ ନିଜ ନିଜର ମତାମତକୁ ଜାହିର କରିବାକୁ ଚାହୁଁଛନ୍ତି । ଅର୍ଥଦଣ୍ଡର ପରିମାଣ ମଧ୍ୟ ବୃଦ୍ଧିଘଟିଛି । ଶାରୀରିକ ଦଣ୍ଡ ପ୍ରାୟତଃ ଉଚ୍ଛେଦ ହୋଇଥିବା କୁହାଯାଉଛି । ସଭାପତି, ଲେମ୍ବର ଓ ଡ଼ାକୁଆ ସେହିପରି ଗ୍ରାମବାସୀଙ୍କ ଦ୍ୱାରା ନିର୍ବାଚିତ ହେଉଛନ୍ତି । ନିର୍ବାଚନ ପ୍ରକ୍ରିୟା, ଗଠନ ଶୈଳୀ କିମ୍ବା କାର୍ଯ୍ୟଧାରାରେ କୌଣସି ପରିବର୍ତ୍ତନ ନାହିଁ ।

## ଅତୀତ ଓ ବର୍ତ୍ତମାନ:

କେବଳ ଏତିକି କୁହାଯାଇପାରେ ଯେ, ଅତୀତର ପାହାଡ଼ି ଖଡ଼ିଆ ଗୋଷ୍ଠୀର ଗ୍ରାମସଭାଗୁଡ଼ିକ ବର୍ତ୍ତମାନ ପରିପ୍ରେକ୍ଷୀରେ କେତେକ ଗୁରୁତ୍ୱ ହରାଇଛି । ଆଗରୁ ପାହାଡ଼ି ଖଡ଼ିଆ ଲୋକେ ଗ୍ରାମସଭାର ନିଷ୍ପତ୍ତିକୁ ଦେବଦେବୀଙ୍କ ଆଦେଶ ଭଳି ଗ୍ରହଣ କରୁଥିଲେ । ସଭାପତି, ଲେମ୍ବର ବା ଡ଼ାକୁଆଙ୍କୁ ଯଥୋଚିତ ସମ୍ମାନ ପ୍ରଦର୍ଶନ କରୁଥିଲେ । ସଭାପତିଙ୍କ ନିର୍ଦ୍ଦେଶ ସମସ୍ତେ ମାନିବା ପାଇଁ ବାଧ୍ୟ ଥିଲେ । ସମସ୍ତ ପ୍ରକାର ଦଣ୍ଡକୁ ସାଦରେ ଗ୍ରହଣ କରି ନେଉଥିଲେ । ଏବେ କିନ୍ତୁ ସମୟ ବଦଳିଛି । ପାହାଡ଼ି ଖଡ଼ିଆ

ଲୋକମାନେ ଅନ୍ୟ ଆଦିବାସୀ ତଥା ଅଣ ଆଦିବାସୀ ଗୋଷ୍ଠୀଙ୍କ ସଂସ୍ପର୍ଶରେ ଆସି ଆଧୁନିକତା ଗ୍ରହଣ କରିଛନ୍ତି। ଅପେକ୍ଷାକୃତ ସଦର ଅଞ୍ଚଳମାନଙ୍କରେ ବସବାସ କରି ଅନେକ କଥା ବୁଝୁଛନ୍ତି, ଜାଣୁଛନ୍ତି । ଫଳରେ ସେମାନଙ୍କ ଚିନ୍ତାଧାରାରେ ପରିବର୍ତ୍ତନ ଘଟୁଛି, ଯଦ୍ୱାରା ଏବେ ପାରମ୍ପରିକ ଗ୍ରାମସଭାର ଗୁରୁତ୍ୱ ସେମାନେ ବିଶେଷ ଉପଲବ୍ଧି କରୁନାହାଁନ୍ତି। ବର୍ତ୍ତମାନର ବିଚାର ବ୍ୟବସ୍ଥା, କୋର୍ଟ କଚେରୀ ଇତ୍ୟାଦି ସେମାନଙ୍କ ଆଖି ଆଗରେ। ଗ୍ରାମସଭାର ନିଷ୍ପତ୍ତିରେ ଅସନ୍ତୋଷ ପ୍ରକାଶ କରି ସେମାନେ ଫାଣ୍ଡି / ଥାନାକୁ ଆସୁଛନ୍ତି। ସାମାଜିକ ବାସନ୍ଦକୁ ସେମାନଙ୍କର ଆଉ ଭୟ ନାହିଁ ।

ପ୍ରତ୍ୟେକ ଦୃଷ୍ଟିକୋଣରୁ ପାହାଡ଼ି ଖଡ଼ିଆମାନେ ଉନ୍ନତ ହୋଇଥିଲେ ହେଁ, ସେମାନେ ପାରମ୍ପରିକ ଗ୍ରାମସଭା ବ୍ୟବସ୍ଥାକୁ ଉଚ୍ଛେଦ ନ କରିବା ଏକ ଶୁଭସୂଚନା । ଅନେକ ଖଡ଼ିଆଙ୍କ ମତ ଯେ, କୌଣସି ଗଣ୍ଡଗୋଳ ନିଜ ନିଜ ମଧ୍ୟରେ ସମାଧାନ ହୋଇପାରିବା ଅଧିକ ଶ୍ରେୟସ୍କର । କୋର୍ଟ କଚେରୀର ଝିନ୍‌ଝିଟ୍ ଭିତରକୁ ଟାଣି ହୋଇଯିବାକୁ ପ୍ରାୟତଃ ସେମାନେ ପସନ୍ଦ କରୁନାହାଁନ୍ତି । ନିତାନ୍ତ ଆବଶ୍ୟକ ନ ପଡ଼ିଲେ ଖଡ଼ିଆ ଲୋକ ଫାଣ୍ଡି, ଥାନା ଯାଏଁ ଆସିବାର ଦେଖାଯାଉ ନାହିଁ । ତେଣୁ ପାହାଡ଼ି ଖଡ଼ିଆ ସମାଜରେ ପାରମ୍ପରିକ ଗ୍ରାମସଭାର ଗୁରୁତ୍ୱ  ସାମାନ୍ୟ ହ୍ରାସ ହୋଇଥିଲେ ହେଁ ଅସ୍ତିତ୍ୱ ସୁଦୃଢ଼ତାର ସହ ବଜାୟ ରହିଛି ।

# ଧର୍ମ ଓ ଗୁଣିଗାରେଡ଼ି କାର୍ଯ୍ୟନିର୍ବାହୀ

ମନୁଷ୍ୟ ଜୀବନରେ ଧର୍ମର ପ୍ରଭାବ ଯୁଗେ ଯୁଗେ ରହିଆସିଅଛି । ମନୁଷ୍ୟର ସୃଷ୍ଟି ଠାରୁ ଧର୍ମର ଉତ୍ପତ୍ତି ଲାଭ କରିଥାଏ ବୋଲି ପ୍ରତ୍ୟେକ ସମାଜର ଲୋକମାନେ ବିଶ୍ୱାସ କରନ୍ତି । ଜୀବନକୁ ଶୃଙ୍ଖଳିତ କରିବା ପାଇଁ ଧର୍ମର ଏକ ପ୍ରଭାବଶାଳୀ ଭୂମିକା ରହିଛି । ମଣିଷ ନିଜର ସର୍ବସ୍ୱ ତ୍ୟାଗ କରିଦେଇପାରେ, କିନ୍ତୁ ଧର୍ମକୁ ତ୍ୟାଗ କରିବା ତା'ପକ୍ଷେ ଅସମ୍ଭବ । ବର୍ଷର ବିଭିନ୍ନ ପର୍ବପର୍ବାଣି ଓ ପୂଜା-ପାର୍ବଣରେ ବିଭିନ୍ନ ଧର୍ମୀୟ କର୍ମ ନିର୍ମାଣି ସମ୍ପାଦନ କରି ତୃପ୍ତିଲାଭ କରନ୍ତି । କେତେକ ପୂଜାରେ ସେ ନିଜେ ପୁରୋହିତର କାର୍ଯ୍ୟ କରିଥାନ୍ତି ତ ଆଉ କେଉଁ ସମୟରେ ସେ ଗ୍ରାମ ମୁଖ୍ୟ ପୁରୋହିତଙ୍କ ସହାୟତା ନେଇ ଧର୍ମୀୟ କାର୍ଯ୍ୟକ୍ରମକୁ ସମ୍ପାଦନ କରନ୍ତି । ଖଡ଼ିଆ ଲୋକମାନେ ବିଭିନ୍ନ ପୂଜାକାର୍ଯ୍ୟକୁ ସୁରୁଖୁରୁରେ ପରିଚାଳିତ କରିବା ପାଇଁ ଜଣଙ୍କୁ ଦାୟିତ୍ୱ ଦେଇଥାନ୍ତି । ତାଙ୍କୁ ଗ୍ରାମ ମୁଖ୍ୟ ପୁରୋହିତ (ଦେହୁରୀ) କୁହାଯାଏ । ସେ ଗ୍ରାମର ସମସ୍ତ ଦେବଦେବୀ ଓ ବିଭିନ୍ନ ଶକ୍ତିକୁ ପୂଜାରେ ସନ୍ତୁଷ୍ଟ କରି ଖଡ଼ିଆମାନଙ୍କୁ ସୁରକ୍ଷା ଦେବା ନିମନ୍ତେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି ।

## ଗ୍ରାମ / ଗୋଷ୍ଠୀ ସ୍ତରରେ ଗୁଣିଗାରେଡ଼ି କାର୍ଯ୍ୟନିବାହୀ:

ପାହାଡ଼ି ଖଡ଼ିଆ ଲୋକମାନଙ୍କ ଜଣେ ଲେଖାଏଁ ଗୁଣିଗାରେଡ଼ି କର୍ମକର୍ତ୍ତା ରହିଥାନ୍ତି । ତାଙ୍କୁ ଦେହୁରୀ କୁହାଯାଏ । ସେ ନିଜ ଗୋଷ୍ଠୀ ସ୍ତରୀୟ ସମସ୍ତ ଗୁଣିଗାରେଡ଼ି କର୍ମକାଣ୍ଡର ମୁଖ୍ୟ ପୁରୋହିତ ହିସାବରେ କାର୍ଯ୍ୟ କରିଥାନ୍ତି ।

## ମନୋନୟନ ପଦ୍ଧତି :

ମୁଖ୍ୟ ପୁରୋହିତ ବା ଧର୍ମୀୟ କର୍ମକର୍ତ୍ତା (ଦେହୁରୀ)ଙ୍କୁ ସାଧାରଣତଃ ଗ୍ରାମ ସଭାପତି ମନୋନୀତ କରିଥାନ୍ତି, ଗ୍ରାମରେ ପ୍ରଥମେ କୌଣସି ଏକ ଦିନ ସଭା ଡ଼କାଯାଇଥାଏ । ଏହି ସଭାରେ ସଭାପତି ଜଣଙ୍କୁ ଦେହୁରୀ ରୂପେ ବାଛିଥାନ୍ତି । ତା'ପରେ ଆଉ ଏପରି ସଭା ଡ଼ାକିବାର ଆବଶ୍ୟକତା ନଥାଏ, କାରଣ ଥରେ ଦେହୁରୀ ରୂପେ ଜଣକୁ ମନୋନୀତ କରିସାରିବା ପରେ ବଂଶାନୁକ୍ରମିକ ରୀତିରେ ତାଙ୍କର ଉତ୍ତରାଧିକାରୀମାନେ ଏହି ପଦକୁ ଅଳଙ୍କୃତ କରିଥାନ୍ତି ।

## ବ୍ୟକ୍ତିତ୍ୱ, ପୃଷ୍ଠଭୂମି ଓ ସ୍ୱତନ୍ତ୍ର ଗୁଣବତ୍ତା:

ଗ୍ରାମର ମୁଖ୍ୟ ପୁରୋହିତ (ଦେହୁରୀ) ଜଣେ ଉତ୍ତମ ଚରିତ୍ର ସମ୍ପନ୍ନ ବ୍ୟକ୍ତି ହୋଇଥିବା ଆବଶ୍ୟକ । ଦେବଦେବୀଙ୍କ ସମ୍ବନ୍ଧୀୟ ସମସ୍ତ ଜ୍ଞାନ କୌଶଳ ତାଙ୍କର ରହିଥିବା ବିଧେୟ ଯେ କୌଣସି ପୂଜାକାର୍ଯ୍ୟରେ ନିଷିଦ୍ଧ ଖାଦ୍ୟ, କାମ ନିଷ୍ଠାର ସହିତ ବିଶ୍ୱାସ ଓ ପାଳନ କରିପାରିବାଭଳି ସଂଯମ ତାଙ୍କର ରହିଥିବା ଦରକାର । ଏହିସବୁ ବ୍ୟକ୍ତିଙ୍କ ଓ ପୃଷ୍ଠଭୂମି ସମ୍ପନ୍ନ ବ୍ୟକ୍ତିତ୍ୱ ସାଧାରଣତଃ ସଭାପତି ଦେହୁରୀ ରୂପେ ବାଛିଥାନ୍ତି । ଦେହୁରୀ ପୂଜା ସମ୍ବନ୍ଧୀୟ ଯାବତୀୟ କାର୍ଯ୍ୟ ନିଜର ପିତାଙ୍କଠାରୁ ଦେଖି-ଶିଖି ଶିକ୍ଷାଲାଭ କରିଥାନ୍ତି । ତାଙ୍କର ମୁଖ୍ୟକାର୍ଯ୍ୟ ହେଲା ନିଜ ସମ୍ପ୍ରଦାୟ ସ୍ତରରେ ପାଳନ କରାଯାଉଥିବା ସମସ୍ତ ପୂଜାକାର୍ଯ୍ୟକୁ ସୁଚାରୁରୂପେ ତୁଲାଇବା ଓ ତା'ସହିତ କୌଣସି ଲୋକଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ଅନ୍ୟଘରକୁ ଗଲେ ସେଠାରେ ପୂଜାକାର୍ଯ୍ୟ କରିବା । ତାଙ୍କ ପାଇଁ କେତେକ ନିଷେଧାଜ୍ଞା ପ୍ରଚଳିତ ହୋଇଥାଏ । ପ୍ରଥମତଃ, ପୂଜାକାର୍ଯ୍ୟ ହେବାଦିନ ଓ ଏହାର ପୂର୍ବଦିନ ସେ ଆମିଷ ଭକ୍ଷଣ କରିପାରିବେ ନାହିଁ, କିମ୍ୱା ଶସ୍ୟ ଜାତୀୟ କୌଣସି ଖାଦ୍ୟ ସେବନ କରିପାରିବେ ନାହିଁ । କେବଳ ଫଳ ମୂଳ ଖାଇ ପାରିବେ । ପୂଜାକାର୍ଯ୍ୟ ସରିବା ପରେ ଏହି ନିଷେଧ ଅବଶ୍ୟ ପାଳନ କରାଯାଇନଥାଏ । ଦ୍ୱିତୀୟତଃ, ପୂଜାର ପୂର୍ବଦିନ ସେ ସ୍ତ୍ରୀ ସହ ସହବାସ କରିପାରିବେ ନାହିଁ । ଏହିସବୁ ନିଷେଧାଜ୍ଞା ଦେହୁରୀ ନିଷ୍ଠାର ସହିତ ପାଳନ କରିଥାନ୍ତି ।

## କାର୍ଯ୍ୟନିର୍ବାହୀମାନଙ୍କ ପାଇଁ ପାଉଣା:

ପାହାଡ଼ି ଖଡ଼ିଆ ସମାଜରେ ଦେହୁରୀଙ୍କ ସ୍ଥାନ ଅତି ଉଚ୍ଚରେ । ସଭାପତିଙ୍କ ପରେ ତାଙ୍କୁ ଗ୍ରାମରେ ଦ୍ୱିତୀୟ ସମ୍ମାନପ୍ରଦ ବ୍ୟକ୍ତି ରୂପେ ବିବେଚନା କରାଯାଇଥାଏ । ଲୋକେ ତାଙ୍କୁ ଆଦର ଓ ଭକ୍ତି କରନ୍ତି । ପୂଜାଦିନ ଦେହୁରୀ ନୂଆ ଧଳା ରଙ୍ଗର ଧୋତି ଓ ଗଞ୍ଜି କିମ୍ୱା ନୂଆ ହୋଇନଥିଲେ ଧୁଆଯାଇ ଶୁଖାଯାଇଥିବା ଏହି ରଙ୍ଗର ଧୋତି ଓ ଗଞ୍ଜି ପିନ୍ଧିଥାନ୍ତି । ଗ୍ରାମସ୍ତରରେ ପୂଜାକାର୍ଯ୍ୟ ଦିନ ତାଙ୍କୁ କୌଣସି ପାଉଣା ଦିଆଯାଏ ନାହିଁ, କିନ୍ତୁ ବର୍ଷର ସମସ୍ତ ପର୍ବପର୍ବାଣିରେ ତାଙ୍କୁ ସମସ୍ତେ କିଛି କିଛି ଚାଉଳ ଓ ପିଠାପଣା ଦେଇଥାନ୍ତି ।

## ମାମଲାର ନିଷ୍ପତ୍ତି ପ୍ରକ୍ରିୟା: ପାଉଥିବା ସ୍ୱତନ୍ତ୍ର ଉପହାର :

ପାହାଡ଼ି ଖଡ଼ିଆ ସମାଜରେ ଯେ କୌଣସି ପୂଜାରୀତି ସମ୍ବନ୍ଧୀୟ କୌଣସି ସନ୍ଦେହ, ସମସ୍ୟା କିମ୍ୱା କୌଣସି ପ୍ରଶ୍ନ ଉଠିଲେ ଦେହୁରୀଙ୍କ ନିଷ୍ପତ୍ତି ହିଁ ଶେଷ ଓ

ଅନ୍ତିମ ନିଷ୍ପତ୍ତି ବୋଲି ଧରାଯାଏ। ତାଙ୍କ କଥାକୁ କେହି ଭଙ୍ଗ କରିପାରନ୍ତି ନାହିଁ। ଗ୍ରାମର କୌଣସି ମାମଲାର ବିଚାରକାର୍ଯ୍ୟ ଚାଲିଥିବା ବେଳେ ଦେହୁରୀଙ୍କ ମତାମତକୁ ମଧ୍ୟ ଗୁରୁତ୍ୱ ଦେଇ ବିଚାର କରାଯାଇଥାଏ । ସଭାପତିଙ୍କ ନିଷ୍ପତ୍ତିକୁ ଦେହୁରୀ ମଧ୍ୟ ପ୍ରଭାବିତ କରୁଥିବା ଜଣାଯାଏ । କୌଣସି ପରିବାରରେ ବାହାଘର ହେଉଥିଲେ ଦେହୁରୀଙ୍କୁ ବାହାଘର ନିର୍ମକର୍ମାଣି କରିବାକୁ ନିମନ୍ତ୍ରଣ କରାଯାଏ ଓ ଏହି ଦିନ ତାଙ୍କୁ ନୂଆ ଧୋତି, ଗଞ୍ଜି ଉପହାରସ୍ୱରୂପ ପ୍ରଦାନ କରାଯାଏ । କୁକୁଡ଼ା ଓ ବୋଦା ବଳି ପକାଯାଉଥିବା ପର୍ବପର୍ବାଣିଗୁଡ଼ିକରେ ମଧ୍ୟ ତାଙ୍କୁ ଏହାର ମୁଣ୍ଡ ସବୁକୁ ପ୍ରଦାନ କରାଯାଇଥାଏ ।

## ବିଭିନ୍ନ ସ୍ତରର ଧର୍ମୀୟ ତଥା ଗୁଣିଗାରେଡ଼ି କାର୍ଯ୍ୟନିର୍ବାହୀ:

ଗ୍ରାମ୍ୟସ୍ତର ପରି ପରିବାର ଓ ବ୍ୟକ୍ତିଗତ ସ୍ତରରେ କେତେକ କର୍ମକର୍ତ୍ତା ରହିଥାନ୍ତି । ସେ ବ୍ୟକ୍ତି ହେଉଛନ୍ତି ସଂଯୁକ୍ତ ପରିବାରର ମୁଖିଆ, ତାଙ୍କୁ ଗୃହକର୍ତ୍ତା କୁହାଯାଇଥାଏ । ପରିବାରର ମୁଖିଆ ହିସାବରେ ସେ ମଧ୍ୟ ଅନେକ ଧର୍ମକର୍ମମାନ ସମ୍ପାଦନ କରିଥାନ୍ତି ।

## ଏମାନଙ୍କ ବ୍ୟକ୍ତିତ୍ୱ, ପୃଷ୍ଠଭୂମି ଓ ସ୍ୱତନ୍ତ୍ର ଗୁଣବତ୍ତା:

ଗୃହର ମୁଖ୍ୟ ଧର୍ମୀୟ କର୍ମକର୍ତ୍ତା (ଗୃହକର୍ତ୍ତା)ଙ୍କ ବ୍ୟକ୍ତିତ୍ୱ ସମ୍ବନ୍ଧରେ ସେପରି କିଛି ନିର୍ଦ୍ଦିଷ୍ଟ ଭାବେ କୁହାଯାଇ ପାରିବନାହିଁ । ତାଙ୍କ ନିଜସ୍ୱ ଗୁଣ, ଦକ୍ଷତାକୁ ନେଇ ତାଙ୍କର ବ୍ୟକ୍ତିତ୍ୱ ପ୍ରତିଷ୍ଠିତ ହୋଇଥାଏ । ସେ ମୁଖ୍ୟତଃ ତାଙ୍କ ପିତାଙ୍କ ଠାରୁ ପୂଜାକାର୍ଯ୍ୟ ପାଇଁ ଆବାଶ୍ୟକ ବିଧି ଓ ପଦ୍ଧତି ଶିକ୍ଷାଲାଭ କରିଥାନ୍ତି । ତାଙ୍କ ମୁଖ୍ୟ କାର୍ଯ୍ୟ ହେଲା ସେ ଘରର ଇଷ୍ଟଦେବତାଙ୍କୁ ପୂଜା ଆରାଧନା କରିବା । ଏହା ସହିତ ଗୃହଟିଆରିର ଶୁଭାରମ୍ଭ ପାଇଁ ପୂଜା କରିବା, ଗ୍ରାମ ବାହିରା କିମ୍ବା ଗ୍ରାମ ଦେବଦେବୀଙ୍କ ପୂଜା ସମୟରେ ଉପସ୍ଥିତ ରହି ଦେହୁରୀଙ୍କୁ ସହଯୋଗ କରିବା ଆଦି କାର୍ଯ୍ୟ ସମ୍ପାଦନ କରିଥାନ୍ତି, ଗୃହକର୍ତ୍ତା ପୂଜା ହେଉଥିବା ଦିନମାନଙ୍କରେ ନିଜେ ମୁଖ୍ୟ ଧର୍ମକର୍ତ୍ତା ହୋଇଥିବା ହେତୁ ପୂଜାପୂର୍ବରୁ କୌଣସି ଖାଦ୍ୟଦ୍ରବ୍ୟ ସେବନ କରନ୍ତି ନାହିଁ । ପୂଜା ସରିବା ପରେ ସେ ଖାଇପାରନ୍ତି । ସ୍ତ୍ରୀ ସହ ସହବାସ ପାଇଁ ପୂଜା ଓ ପୂଜାର ପୂର୍ବଦିନଟିକୁ ତାଙ୍କ ପାଇଁ ନିଷେଧ ଥାଏ ।

## ଲୋକମାନଙ୍କର ମନୋଭାବ, କାର୍ଯ୍ୟନିର୍ବାହୀଙ୍କ ଆଭୂଷଣ ଓ ପ୍ରାପ୍ୟ:

ପାହାଡ଼ି ଖଡ଼ିଆ ସମାଜରେ ଗୃହକର୍ତ୍ତାମାନଙ୍କୁ ଜଣେ ଘରର ମୁରବୀ ହିସାବରେ ତାଙ୍କୁ ସମ୍ମାନସ୍ପଦ ବ୍ୟକ୍ତି ରୂପେ ପରିଗଣିତ କରାଯାଇଥାଏ । ଘରର ମୁରବୀ ସହିତ ମୁଖ୍ୟ ଧର୍ମୀୟକର୍ତ୍ତା ଏହି ଦ୍ୱୈତ ଭୂମିକାର ଦକ୍ଷତା ତାଙ୍କର ମହନୀୟତାକୁ ବହୁଗୁଣିତ କରିଥାଏ । ତାଙ୍କୁ ଗ୍ରାମବାସୀମାନେ ସମ୍ମାନ ଜଣାଇଥାନ୍ତି । ନିଜ ଘରକୁ ପର୍ବପର୍ବାଣିରେ ନିମନ୍ତ୍ରଣ ଜଣାଇଥାନ୍ତି । ତାଙ୍କ କଥାକୁ ଗ୍ରାମବାସୀ ଗୁରୁତ୍ୱ ଦେଇ ବିଭିନ୍ନ ସମସ୍ୟାର ପ୍ରତିକାର ପାଇଁ ପରାମର୍ଶ ଓ ସହାୟତା ଲୋଡ଼ିଥାନ୍ତି । ଗୃହକର୍ତ୍ତା ସାଧାରଣତଃ ପୂଜା ଦିନ ପରିଷ୍କାର ଧୁଆ ଲୁଗା (ଧୋତି ଓ ଗାମୁଛା) କିମ୍ବା ସମ୍ଭବ ହେଲେ ନୂଆ ଲୁଗାପଟା ପିନ୍ଧି ପୂଜା କାର୍ଯ୍ୟ କରିଥାନ୍ତି । ନିଜ ଗୃହର ପୂଜାକାର୍ଯ୍ୟ ନିଜେ କରୁଥିବାରୁ କୌଣସି ପାଉଣା ଦେବା-ନେବାର ପ୍ରଶ୍ନ ଏଥିରେ ନିହିତ ନଥାଏ, କିମ୍ବା କୌଣସି ବିଶେଷ ପରିସ୍ଥିତିରେ ଅନ୍ୟ କୌଣସି ଘରକୁ ପୂଜା କରିବାକୁ ଗଲେ ତାଙ୍କୁ ପାଉଣା ଦିଆଯାଇଥାଏ ।

## ନିଷ୍ପତ୍ତି ନେବାରେ ଭୂମିକା:

ପ୍ରତ୍ୟେକ ଗୃହକର୍ତ୍ତା ନିଜର ଇଚ୍ଛା, ବିଶ୍ୱାସ ଓ ପଦ୍ଧତିକୁ ନେଇ ପୂଜାପାଠ କରିଥାନ୍ତି । ପରିବାରର ସମସ୍ତ ସଦସ୍ୟ ତାଙ୍କୁ ସହଯୋଗ କରନ୍ତି । ପରିବାରରେ ସମସ୍ତ ନିଷ୍ପତ୍ତି ସେ ନେଇଥାନ୍ତି । ଏମାନଙ୍କୁ ଗ୍ରାମ / ଗୋଷ୍ଠୀସ୍ତରରେ କୌଣସି ସ୍ୱତନ୍ତ୍ର ଉପହାର ଓ ପାଉଣା ପ୍ରଦାନ କରାଯାଇନଥାଏ ।

## କାର୍ଯ୍ୟନିର୍ବାହୀ ସହାୟକ:

ଗ୍ରାମ ସ୍ତରରେ ଦେହୁରୀଙ୍କୁ ପୂଜାକାର୍ଯ୍ୟରେ ସହାୟତା ଦେବା ପାଇଁ ଜଣଙ୍କୁ ନିୟୋଜିତ କରାଯାଇଥାଏ । ଉକ୍ତ ବ୍ୟକ୍ତଙ୍କୁ ସାହାଯ୍ୟକାରୀ କୁହାଯାଇଥାଏ । ସମସ୍ତ ଗ୍ରାମସ୍ତରୀୟ ଧର୍ମୀୟ କର୍ମକାଣ୍ଡରେ ସେ ମୁଖ୍ୟ ପୁରୋହିତଙ୍କୁ ସାହାଯ୍ୟ କରିଥାନ୍ତି ।

## ମନୋନୟନ ପଦ୍ଧତି :

ସାହାଯ୍ୟକାରୀଙ୍କୁ ସାଧାରଣତଃ ଦେହୁରୀ ନିଜେ ମନୋନୀତ କରିଥାନ୍ତି । ତାଙ୍କୁ ସାହାଯ୍ୟ କରିପାରୁଥିବା ଯୋଗ୍ୟତା ସମ୍ପନ୍ନବ୍ୟକ୍ତି ଦେହୁରୀ ବାଛିଥାନ୍ତି । ସେହି ସାହାଯ୍ୟକାରୀ ଦେହୁରୀଙ୍କ ସମସ୍ତ ଆଦେଶକୁ ସମ୍ମାନ ଜଣାଇ ମାନିଥାନ୍ତି । ଏହି କାର୍ଯ୍ୟକୁ ତୁଲାଇବାରେ ଯଦି କେହି ନିଜର ଅସମ୍ମତି ପ୍ରକାଶ କରନ୍ତି କିମ୍ବା ଠିକ୍ ରୂପେ ତୁଲାଇପାରୁ ନଥାନ୍ତି, ତେବେ ଦେହୁରୀ ଆଉ ଜଣଙ୍କୁ ଏହି କାର୍ଯ୍ୟ ପାଇଁ ନିଯୁକ୍ତ କରିପାରନ୍ତି ।

## ସହାୟକଙ୍କ ବ୍ୟକ୍ତିତ୍ୱ, ପୃଷ୍ଠଭୂମି ଓ ସ୍ୱତନ୍ତ୍ର ଗୁଣବତ୍ତା:

ମୁଖ୍ୟ ଧର୍ମୀୟ କର୍ମକର୍ତ୍ତାଙ୍କ ସହାୟକ ଭୂମିକା ତୁଲାଉଥିବା ଏହି ସାହାଯ୍ୟକାରୀ କର୍ମକର୍ତ୍ତାଙ୍କର ବ୍ୟକ୍ତିତ୍ୱ ଓ ଗୁଣବତ୍ତା ସମ୍ବନ୍ଧରେ କୌଣସି ନିୟମଗତ ପ୍ରତିବନ୍ଧକ ନାହିଁ, କେବଳ ସେ ଜଣେ ଆଜ୍ଞାବହ ବ୍ୟକ୍ତି ଭାବେ ଦେହୁରୀଙ୍କ ଆଦେଶକୁ ମାନୁଥିବ ଓ ସମସ୍ତ ପୂଜାକର୍ମଦିନ ଦେହୁରୀଙ୍କ ନିକଟରେ ଉପସ୍ଥିତ ରହି ପୂଜାକାର୍ଯ୍ୟ ପାଇଁ ସମସ୍ତ ଜିନିଷ ଯୋଗାଡ଼ କରୁଥିବ । ତାଙ୍କ ପାଇଁ କୌଣସି ତାଲିମ ଆବଶ୍ୟକ ହୁଏନାହିଁ କିମ୍ବା ତାଙ୍କ ପାଇଁ କୌଣସି ପ୍ରକାରର ନିଷେଧାଜ୍ଞା ରଖାଯାଇନାହିଁ ।

ସହାୟକ କର୍ମକର୍ତ୍ତାଙ୍କ ପାଇଁ ସମଗ୍ର ଗ୍ରାମବାସୀ ଯଥାମାନ୍ୟ ସମ୍ମାନ ପ୍ରଦର୍ଶନ କରିଥାନ୍ତି । ସମବୟସ୍କ ବ୍ୟକ୍ତି ତାଙ୍କୁ ଆଦେଶ ଦେଇପାରନ୍ତି । ସମବୟସ୍କ ଲୋକେ ତାଙ୍କୁ ବନ୍ଧୁର ମାନ୍ୟତା ଓ ଛୋଟମାନେ ତାଙ୍କୁ ମଧ୍ୟ ସମ୍ମାନ ଜଣାଇଥାନ୍ତି । ପୂଜାକାର୍ଯ୍ୟ ଚାଲୁଥିବା ଦିନମାନଙ୍କରେ ତାଙ୍କ ପାଇଁ କୌଣସି ସ୍ୱତନ୍ତ୍ର ପୋଷାକ, ପରିଚ୍ଛେଦର ଆବଶ୍ୟକତା ନାହିଁ, ତେବେ ଧଳାଗଞ୍ଜି ଓ ଧୋତି ପରିଧାନ କରିଥିଲେ ଭଲ । ଏହି କର୍ମକର୍ତ୍ତାଙ୍କୁ କୌଣସି ପାଉଣା ପ୍ରଦାନ କରାଯିବାର ବ୍ୟବସ୍ଥା ନାହିଁ, କିନ୍ତୁ ଗ୍ରାମରେ ପାଳିତ ପର୍ବପର୍ବାଣିରେ ସେ ପ୍ରତ୍ୟେକଙ୍କ ଘରକୁ ଯାଇ କିଛି କିଛି ଚାଉଳ ଓ ପିଠା-ପଣା ମାଗିଥାନ୍ତି ଓ ଗ୍ରାମର ଲୋକେ ମଧ୍ୟ ତାଙ୍କୁ ପ୍ରଦାନ କରିଥାନ୍ତି ।

## ଗ୍ରାମ / ଗୋଷ୍ଠୀ ସ୍ତରରେ ପାଉଥିବା ସ୍ୱତନ୍ତ୍ର ସୁଯୋଗ:

ନ୍ୟାୟ ସଭାରେ ବିଚାର ସମୟରେ ସହାୟକ କର୍ମକର୍ତ୍ତା କୌଣସି ନିଷ୍ପତ୍ତି ନେଇନଥାନ୍ତି । କୌଣସି ମାମଲା ସଂକ୍ରାନ୍ତରେ ସେ କେବଳ ଆଲୋଚନାରେ ଅଂଶଗ୍ରହଣ ଓ ମତାମତ ବ୍ୟକ୍ତ କରିପାରନ୍ତି କିନ୍ତୁ ନିଷ୍ପତ୍ତି ନେଇନଥାନ୍ତି । ସ୍ୱତନ୍ତ୍ର ଉପହାରସ୍ୱରୂପ ପୂଜକାର୍ଯ୍ୟରେ ବଳି ପଡୁଥିବା ଛେଳି ଓ କୁକୁଡ଼ାର ମୁଣ୍ଡ ମାଂସରୁ କିଛି କିଛି ଦେହୁରୀ ତାଙ୍କୁ ପ୍ରଦାନ କରିଥାନ୍ତି ।

## ତାନ୍ତ୍ରିକ ଓ ଗୁଣିଆ:

ମନ୍ତ୍ର, ତନ୍ତ୍ର ଓ ଗୁଣିଗାରେଡ଼ିର ପ୍ରଭାବ ଯୁଗେଯୁଗେ ରହିଆସିଅଛି । ଖଡ଼ିଆ ସମାଜରେ ମଧ୍ୟ ଏହି ବିଦ୍ୟାର ପ୍ରଭାବ ଅନୁଭୂତ ହୋଇଥାଏ । କିଛି ଲୋକେ ଏହି ବିଦ୍ୟା ଲୁଚାଛପା ଭାବେ କୌଣସି ବ୍ୟକ୍ତିଙ୍କଠାରୁ ଶିକ୍ଷାଲାଭ କରି ଅସାଧ୍ୟ କାର୍ଯ୍ୟ ସାଧନ କରିଥାନ୍ତି ।

## ମନୋନୟନ ପଦ୍ଧତି :

ତାନ୍ତ୍ରିକ ଓ ଗୁଣିଆ ଗ୍ରାମର ଯେ କୌଣସି ପୁରୁଖା ତାନ୍ତ୍ରିକଙ୍କଠାରୁ ଏହି ବିଦ୍ୟା ଶିକ୍ଷା ଲାଭ କରିଥାନ୍ତି । କୌଣସି ବ୍ୟକ୍ତି ଇଚ୍ଛା କଲେ ଏହି ବିଦ୍ୟାକୁ ଶିକ୍ଷା କରିପାରନ୍ତି । କିନ୍ତୁ ଶିକ୍ଷାଲାଭ କରୁଥିବା ଗୁରୁଙ୍କ ନାମ ସର୍ବଜନ ସମ୍ମୁଖରେ ପ୍ରକାଶ କରାଯାଏ ନାହିଁ କିମ୍ବା ନିଜେ ଶିଖିଥାନ୍ତି ବୋଲି ବାହାରେ ପ୍ରକାଶ କରାଯାଏ ନାହିଁ । ଏହି ବିଦ୍ୟା ଶିକ୍ଷା ବଂଶାନୁଯାୟୀ କରିବା ବାଧ୍ୟତାମୂଳକ ନୁହେଁ ।

## ବ୍ୟକ୍ତିତ୍ୱ, ପୃଷ୍ଠଭୂମି ଓ ସ୍ୱତନ୍ତ୍ର ଗୁଣବତ୍ତା:

ତାନ୍ତ୍ରିକ ଓ ଗୁଣିଆମାନଙ୍କ ଗୁଣ ଓ ବ୍ୟକ୍ତିତ୍ୱ ସମ୍ବନ୍ଧରେ କୌଣସି ନିୟମଗତ ପ୍ରତିବନ୍ଧକ ନାହିଁ । ଯେ କୌଣସି ଲୋକ ଇଚ୍ଛାକଲେ ସେ ନିଜ ଗ୍ରାମର କିମ୍ବା ପାଖ ଗ୍ରାମର ଯେ କୌଣସି ପୁରୁଖା ତାନ୍ତ୍ରିକମାନଙ୍କ ଠାରୁ ଏହି ଶିକ୍ଷା ଲାଭ କରିପାରନ୍ତି । ଶିକ୍ଷା ଲାଭ କରିବାପରେ ଏମାନଙ୍କ ମୁଖ୍ୟ କାର୍ଯ୍ୟ ସାଧାରଣତଃ ବିଭିନ୍ନ ମନ୍ତ୍ର-ତନ୍ତ୍ର କରିବା ଲୋକମାନଙ୍କୁ ଡ଼ାହାଣୀ କିମ୍ବା ଭୂତ-ପ୍ରେତ ଲାଗିଥିଲେ ତାହାକୁ ଛଡ଼ାଇବା; କିଏ ଡରିଯାଇ ବାଉଳି-ଚାଉଳି ହେଲେ ତାହାକୁ ଫୁଙ୍କା-ଫୁଙ୍କି କରିବା ଇତ୍ୟାଦି କରି ସେମାନେ ଲୋକମାନଙ୍କର ସେବା କରିଥାନ୍ତି । କେତେକ ସମୟରେ ସେମାନେ ଏହି ମନ୍ତ୍ର-ତନ୍ତ୍ର କରି ଲୋକମାନଙ୍କ ଅନିଷ୍ଟ କରିଥାନ୍ତି । କାହାକୁ ମନ୍ତ୍ର-ତନ୍ତ୍ର କରି ଜୀବନରୁ ମାରିଦେବା (ବାଣ ପେଷିବା), କାହାର ମୂଲ୍ୟବାନ ଗଛ-ପତ୍ରକୁ ଶୁଖାଇ ମାରିଦେବା, ଗୋରୁ-ଗାଈକୁ ମଧ୍ୟ ମନ୍ତ୍ର ଦ୍ୱାରା ମାରିଦେବା ଭଳି ଅନିଷ୍ଟ କାର୍ଯ୍ୟ କରିଥାଆନ୍ତି । ତାନ୍ତ୍ରିକମାନଙ୍କୁ ଗ୍ରାମର ଲୋକେ ଭଲ କାମ କରୁଥିବାରୁ ସମ୍ମାନ ଜଣାଉଥିଲେ ମଧ୍ୟ ଅନିଷ୍ଟକାର୍ଯ୍ୟ କରୁଥିବା ହେତୁ ବେଳେବେଳେ ଘୃଣା ଓ ସନ୍ଦେହ କରିଥାନ୍ତି । ଗୁଣିଆ ଓ ତାନ୍ତ୍ରିକମାନେ କେତେକ ନିଷେଧ ଦିବସ ପାଳିଥାନ୍ତି । ନିରୋଳା ସ୍ଥାନରେ ଓ ରାତ୍ରୀ ସମୟରେ ଏହି ବିଦ୍ୟା ପ୍ରୟୋଗ କରନ୍ତି । ଉକ୍ତ ଦିନମାନଙ୍କରେ ସ୍ତ୍ରୀ ସହ ସହବାସ କରନ୍ତି ନାହିଁ ।

## ତାନ୍ତ୍ରିକମାନେ ପାଉଥିବା ପାଉଣା, ଉପହାର ଓ ସମ୍ମାନ:

ତାନ୍ତ୍ରିକ ଓ ଗୁଣିଆମାନଙ୍କ ପ୍ରତି ଲୋକମାନେ ମିଶ୍ରିତ ବ୍ୟବହାର ପ୍ରଦର୍ଶନ କରିଥାନ୍ତି । ଭଲ କାମ କଲେ ଓ ଲୋକମାନଙ୍କର ହିତ ପାଇଁ ମନ୍ତ୍ର ବିଦ୍ୟା ପ୍ରୟୋଗ କଲେ ଲୋକେ ତାଙ୍କୁ ଶ୍ରଦ୍ଧା ସମ୍ମାନ ଓ ପ୍ରଶଂସା କରନ୍ତି । କ୍ଷତିକାରକ କାର୍ଯ୍ୟ କଲେ

ଲୋକେ ତାଙ୍କୁ ଘୃଣା କରିଥାନ୍ତି । ଲୋକମାନଙ୍କ ମଙ୍ଗଳ ଉଦ୍ଦେଶ୍ୟରେ କାର୍ଯ୍ୟ ପାଇଁ ତାନ୍ତ୍ରିକମାନେ ପାଉଣା ଗ୍ରହଣ କରନ୍ତି ନାହିଁ । ଅନିଷ୍ଟକାରି କାର୍ଯ୍ୟ ପାଇଁ କେହି ତାଙ୍କୁ ମନ୍ତ୍ର-ତନ୍ତ୍ର କରିବାକୁ ପ୍ରବର୍ତ୍ତାଇଲେ ସେହି ବ୍ୟକ୍ତିଙ୍କ ଠାରୁ ତାନ୍ତ୍ରିକ ୨୦୦ରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ଦାବି କରନ୍ତି । ତାନ୍ତ୍ରିକ ମନ୍ତ୍ର-ତନ୍ତ୍ର କରୁଥିବା ଦିନ ସଫା ଓ ଧୁଆ ହୋଇଥିବା ପୋଷାକ ପରିଧାନ କରନ୍ତି । ଗ୍ରାମସ୍ତରରୁ ଏମାନଙ୍କୁ କୌଣସି ସ୍ୱତନ୍ତ୍ର ଉପହାର କିମ୍ବା ପାଉଣା ପ୍ରଦାନ କରାଯାଏ ନାହିଁ । କୌଣସି ମାମଲାର ଆଲୋଚନାରେ ତାନ୍ତ୍ରିକଙ୍କ ନିଷ୍ପତ୍ତି ନେବାର ଭୂମିକା ନଥାଏ ।

## ସ୍ୱତନ୍ତ୍ର ଧର୍ମୀୟ କାର୍ଯ୍ୟନିର୍ବାହୀ:

ସ୍ୱତନ୍ତ୍ର ଉତ୍ସବ ପାଇଁ ଧର୍ମୀୟ କର୍ମକର୍ତ୍ତା ରୂପେ ସମସ୍ତ କାର୍ଯ୍ୟ ଗ୍ରାମର ମୁଖ୍ୟ ଧର୍ମୀୟ କର୍ମକର୍ତ୍ତା (ଦେହୁରୀ) କରନ୍ତି । ବାହାଘର ଓ ବିଭିନ୍ନ ପର୍ବପର୍ବାଣି ଇତ୍ୟାଦି ସ୍ୱତନ୍ତ୍ର ଉତ୍ସବମାନଙ୍କରେ ସେ ପୂଜାକାର୍ଯ୍ୟ କରିଥାନ୍ତି ।

## ଧର୍ମୀୟ ମହିଳା କାର୍ଯ୍ୟନିର୍ବାହୀ:

ମହିଳା ଧର୍ମୀୟ କର୍ମକର୍ତ୍ତା ଖଡ଼ିଆ ସମ୍ପ୍ରଦାୟରେ ଦୃଷ୍ଟିଗୋଚର ହୁଅନ୍ତି ନାହିଁ । କୌଣସି ପରିବାରରେ ଗୃହକର୍ତ୍ତା ରୂପେ ପୁରୁଷ ନଥିଲେ ମହିଳା ଗୃହକର୍ତ୍ତୀ ହୋଇଥାନ୍ତି । କିନ୍ତୁ ସେ ଗୃହର ସମସ୍ତ ପୂଜାକାର୍ଯ୍ୟ କରନ୍ତି ନାହିଁ । ତାଙ୍କ ପୁଅ ବଡ଼ ହୋଇଯାଇଥିଲେ ସେ କରିଥାନ୍ତି, ଯଦି ପୁଅ କିମ୍ବା କେହି ବୟସ୍କ ଲୋକ ନଥାନ୍ତି ତେବେ ତାଙ୍କ ପରିବାରର ଯେ କୌଣସି ପୁରୁଷ ବ୍ୟକ୍ତି ଏହି ଦାୟିତ୍ୱ ସମ୍ପାଦିତ କରିଥାନ୍ତି ।

## ଦେବତାଙ୍କୁ ଉତ୍ସର୍ଗୀତ ଦ୍ରବ୍ୟ:

ଖଡ଼ିଆ ସଂପ୍ରଦାୟରେ ଦେବତାଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଉଥିବା ଦ୍ରବ୍ୟମାନଙ୍କ ମଧ୍ୟରେ ଧୂପ, ଝୁଣା, ପଞ୍ଚବର୍ଣ୍ଣୀ ମୁରୁଜ, ଶାଳପତ୍ର, ଶିଆଳୀପତ୍ର, ସିନ୍ଦୁର ଇତ୍ୟାଦି ପ୍ରଦାନ କରାଯାଉଥିବା ବେଳେ ଭୋଗ ଆକାରରେ ବାଡ଼ି-ଘର କିମ୍ବା ଜଙ୍ଗଲରୁ ଆସୁଥିବା ବିଭିନ୍ନ ପ୍ରକାରର ଫଳମୂଳ ସହିତ କୁକୁଡ଼ା, ବୋଦା ଆଦିକୁ ବଳି ରୂପେ ଦିଆଯାଇ ଦେବଦେବୀଙ୍କ ନିକଟରେ ଭୋଗ ଲଗାଯାଏ ।

## ଆବଶ୍ୟକ କର୍ମକର୍ମାଣି ସରଞ୍ଜାମ ଓ ପଦ୍ଧତି:

ସମସ୍ତ ପୂଜାପାର୍ବଣରେ ଧୂପ, ଝୁଣା, ପଞ୍ଚବର୍ଣ୍ଣୀ ମୁରୁଜ, ଅରୁଆ ଚାଉଳ, ସିନ୍ଦୁର, ଶାଳ ଓ ଶିଆଳୀ ପତ୍ର ଇତ୍ୟାଦି ଏକ ଅତ୍ୟାବଶ୍ୟକ ପୂଜାପୋକରଣ । କିନ୍ତୁ ଅନ୍ୟାନ୍ୟ

ମୁଖ୍ୟ ପର୍ବପର୍ବାଣୀ ଯଥା- ମକରପର୍ବ, ମାଘ ପୂଜା, ରଜପର୍ବ, ଗହ୍ମାପୁନେଇ, ଅଷ୍ଟମୀ, ଚିତ୍ତାଉ ଅମାବାସ୍ୟମାନଙ୍କରେ କୁକୁଡ଼ା, ବୋଦା, ପାରା ଇତ୍ୟାଦିର ଆବଶ୍ୟକତା ଉପଲବଧ ହୋଇଥାଏ ।

ବିଭିନ୍ନ କର୍ମକାଣ୍ଡରେ ଗ୍ରାମର ଲୋକମାନେ ଉପସ୍ଥିତ ରହି ଅଂଶଗ୍ରହଣ କରନ୍ତି । ପୂଜାସ୍ଥଳୀ ଜାହିରା ଓ ଗ୍ରାମଦେବତୀ (ବାଉଳୀ ଠାକୁରାଣୀ) ସ୍ଥାନରେ ଗ୍ରାମ ମୁଖ୍ୟ ଧର୍ମୀୟ କର୍ତ୍ତା ଦେହୁରୀ ଓ ସହାୟକ ରୂପେ ଜଣେ ବ୍ୟକ୍ତି ସମସ୍ତ ପୂଜାପୋକରଣ ନେଇ ଯାଇଥାନ୍ତି ଓ ସେଗୁଡ଼ିକ ଦ୍ୱାରା ପୂଜା କରିଥାନ୍ତି । ବଳି ପାଇଁ କୁକୁଡ଼ା, ବୋଦାଙ୍କୁ ନେଇ ପୂଜାକରି ତାହାକୁ ଦେହୁରୀ ହାଣିଥାନ୍ତି ଓ ଭୋଗ ରୂପେ ଏହା ଦେବଦେବୀଙ୍କୁ ଅର୍ପଣ କରଥାନ୍ତି । ଦେବା-ଦେବୀ ସନ୍ତୁଷ୍ଟ ହେବା ପାଇଁ ଏସବୁ ବ୍ୟବସ୍ଥା କରାଯାଇଥାଏ । ଉପସ୍ଥିତ ଗ୍ରାମବାସୀ ଠାକୁରାଣୀଙ୍କୁ ପ୍ରଣାମ ଜଣାଇ ନିଜର ବ୍ୟକ୍ତିଗତ ତଥା ଗ୍ରାମର ଶୁଭ ମନାସିଥାନ୍ତି । ଭୋଗ ମାଂସକୁ ରାନ୍ଧି ଗ୍ରାମବାସୀ ଭୋଜି କରି ସେହି ସ୍ଥାନରେ କିମ୍ୱା ନିକଟସ୍ଥ ସ୍ଥାନରେ ଖାଇଥାଆନ୍ତି ।

## ସାମ୍ପ୍ରତିକ ଧାରା ଓ ପରିବର୍ତ୍ତନ:

ସଂାପ୍ରତିକ ଧାରାରେ ବିଶେଷ ପରିବର୍ତ୍ତନ ଲକ୍ଷ୍ୟ କରାଯାଏନାହିଁ । ପୂର୍ବରୁ ପ୍ରଚଳିତ ସମସ୍ତ ରୀତିନୀତି ଯଥାବିଧି ନିଷ୍ଠାର ସହିତ ପାଳନ କରାଯାଉଛି । ଗ୍ରାମର କିଛି ଲୋକ ପଶୁପକ୍ଷୀଙ୍କ ବଳି ଦେବା ନୀତିକୁ ବିରୋଧ କରୁଥିଲେ ମଧ୍ୟ ସେଭଳି ଯୁକ୍ତିକୁ ଆଗ୍ରାହ୍ୟ କରି ଦିଆଯାଇଥାଏ କାରଣ ମୁଖ୍ୟ ପୂଜକ ହେହୁରୀଙ୍କ ବଳିଷ୍ଠ ମତ ପଶୁ-ପକ୍ଷୀଙ୍କୁ ବଳିଦେବା ସପକ୍ଷରେ ରହିଛି । ପୂଜାପାର୍ବଣ ତଥା ସମସ୍ତ କର୍ମକର୍ମାଣିରେ ମାନଙ୍କରେ ଦେହୁରୀଙ୍କ ପ୍ରାଧାନ୍ୟ ଏବେ ମଧ୍ୟ ଅତୁଟ ରହିଥିବାରୁ ଖଡ଼ିଆ ସମାଜରେ ସମସ୍ତ କାର୍ଯ୍ୟ ପାରମ୍ପରିକ ସୂତ୍ରରେ ଚାଲିଛି ।

# ବସତି ସଂରୂପ

ଉତ୍ତମ ଜୀବନଯାପନ ପାଇଁ ମଣିଷ ଏକ ଉତ୍ତମ ବସତି ଆବଶ୍ୟକ କରେ। ଏଠାରେ ଉତ୍ତମ ଯେଉଁଠାରେ ପାରିପାର୍ଶ୍ୱିକ ଅବସ୍ଥା, ଉତ୍ତମ ବାତାବରଣ ସହିତ ଅନୁକୂଳ ଜଳବାୟୁ ଆବଶ୍ୟକ ହୋଇଥାଏ । ଖଡ଼ିଆମାନେ ଏହିପରି ସ୍ଥାନରେ ବସତି ସ୍ଥାପନ କରିବା ଅଭିଳାଷ ପୋଷଣ କରି ପାହାଡ଼ତଳ ଅଞ୍ଚଳମାନଙ୍କରେ ବସତି ସ୍ଥାପନ କରି ରହିଆସୁଛନ୍ତି ।

## ଧାରଣା, ଉତ୍ପତ୍ତି ଓ ଇତିବୃତ୍ତ

ଖଡ଼ିଆମାନଙ୍କ ବସତି ସ୍ଥାପନ ଇତିହାସ ଅତି ପୁରାତନ ନୁହେଁ । ଅତୀତରେ ଖଡ଼ିଆମାନେ ଯାଯାବର ଜୀବନଯାପନ କରୁଥିଲେ କାଳକ୍ରମେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବସତି ସ୍ଥାପନ କରିବା ଥୟ କଲେ । ଏହି ସ୍ଥାନ ସାଧାରଣତଃ କୌଣସି ପାହାଡ଼ ପାଦଦେଶ କିମ୍ବା ମାଳଭୂମି ଅଞ୍ଚଳ । ଏହି ଅଞ୍ଚଳମାନଙ୍କରେ ଖଡ଼ିଆମାନେ ସହଜରେ ଜଙ୍ଗଲରୁ ଗୃହପୋକରଣ ପାଇବା ସହିତ ଜୀବିକା ଅର୍ଜନ ପାଇଁ ଜଙ୍ଗଲଜାତ ଦ୍ରବ୍ୟ ସହଜରେ ପାଇପାରୁଥିଲେ । କିନ୍ତୁ ସମୟାନୁକ୍ରମେ ସେମାନଙ୍କ ବସତି ସ୍ଥାପନ ପ୍ରଣାଳୀରେ ପରିବର୍ତ୍ତନ ଆସିଲା । ସରକାରଙ୍କ ଅନୁକମ୍ପା ଯୋଗୁଁ ସେମାନଙ୍କୁ ନିକଟସ୍ଥ ପାହାଡ଼ି ଅଞ୍ଚଳ କିମ୍ବା ପାହାଡ଼ର ପାଦଦେଶ ସମୀପ ଅଞ୍ଚଳମାନଙ୍କରେ ଗୋଟିଏ କୋଠରୀ ବିଶିଷ୍ଟ ଇନ୍ଦିରା ଆବାସଗୃହ ଯୋଗାଇ ଦିଆଗଲା । ଅଧିକାଂଶ ଖଡ଼ିଆ ଏହି ଘରଗୁଡ଼ିକରେ ଆସି ବସବାସ କରୁଥିବା ସ୍ଥଳେ ଅନ୍ୟ କେତେକ ସେମାନଙ୍କର ସେହି ପାରମ୍ପରିକ ନଡ଼ାଛପର ଘରେ ବାସ କରୁଛନ୍ତି । ପାରମ୍ପରିକ ଗୃହ ସେମାନଙ୍କ ପାଇଁ ଅଧିକ ଆରାମଦାୟକ ଓ ନିରାପଦ ବୋଲି ଖଡ଼ିଆମାନଙ୍କ ବିଶ୍ୱାସ ।

## ବସତିର ଅବସ୍ଥିତି:

ଖଡ଼ିଆ ଲୋକମାନଙ୍କ ବସତି ସାଧାରଣତଃ ପାହାଡ଼ ପର୍ବତର ପାଦଦେଶ କିମ୍ବା ବର୍ତ୍ତମାନର ଜଙ୍ଗଲ ନିକଟସ୍ଥ ଅଞ୍ଚଳରେ ଗଢ଼ି ଉଠିଥିଲା । ସରକାରଙ୍କ ତରଫରୁ ଗୃହ ଯୋଗାଇ ଦିଆଯାଇ ଅପେକ୍ଷାକୃତ ସୁନ୍ଦର ସ୍ଥାନମାନଙ୍କରେ ବସତି ସ୍ଥାପନ ପାଇଁ ସୁଯୋଗ ଦିଆଯାଉଥିଲେ ମଧ୍ୟ ସେଭଳି ସ୍ଥାନରେ ସେମାନେ ରହିବାକୁ କୁଣ୍ଠିତ । ସେମାନେ ଜଙ୍ଗଲରୁ ବିଭିନ୍ନ ମୂଲ୍ୟବାନ ଦ୍ରବ୍ୟ ସଂଗ୍ରହ କରିବା ଆଶାରେ ପାହାଡ଼ ଜଙ୍ଗଲ ନିକଟରେ

ରହିବାକୁ ଅଧିକ ଇଚ୍ଛା ପୋଷଣ କରିଥାନ୍ତି । ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ବଣିଆବସା ଓ ଉଦଳା ବ୍ଲକ୍‌ର ଦୁଗଧା ପଞ୍ଚାୟତରେ ଖଡ଼ିଆ କୋଲନୀ ଦେଖାଯାଏ । ପାଖପାଖି ଗ୍ରାମଗୁଡ଼ିକରେ ଏହି ଖଡ଼ିଆ ଲୋକମାନେ ବସତି ସ୍ଥାପନ କରି ରହିଆସୁଛନ୍ତି ।

## ବସତିର ପରିପାର୍ଶ୍ୱ:

ଖଡ଼ିଆ ଜନବସତିଗୁଡ଼ିକର ଚତୁଃପାର୍ଶ୍ୱ ଛୋଟ ଛୋଟ ବଣ ଜଙ୍ଗଲରେ ପରିପୂର୍ଣ୍ଣ । ଏହାର ଚତୁପାର୍ଶ୍ୱରେ ଅନ୍ୟ ଗୋଷ୍ଠୀମାନଙ୍କର ବସତି ଗଢ଼ି ଉଠିଛି । ମାଙ୍କିଡ଼ିଆ, ସାନ୍ତାଳ, ବାଥୁଡ଼ି, ତନ୍ତି, କୋହ୍ଲ ଆଦି ଗୋଷ୍ଠୀର ଲୋକ ବସତି ସ୍ଥାପନ କରି ରହିଛନ୍ତି । ଏହା ବ୍ୟତୀତ ଏହାର ଚତଃପାର୍ଶ୍ୱରେ ବିଭିନ୍ନ ଲୋକମାନଙ୍କ କୃଷିକ୍ଷେତ୍ର,ପାହାଡ଼ରୁ ବହି ଆସୁଥିବା ଛୋଟଛୋଟ ଝରଣା ଓ ନଦୀ, ଗ୍ରାମ ମୁଣ୍ଡରେ ଜାହିରା ପୀଠ, ଗ୍ରାମ ମଧ୍ୟରେ ଗ୍ରାମ ଦେବତୀଙ୍କ ଗୃହ, ପଢ଼ିବା ପାଇଁ ଏକ ପ୍ରାଥମିକ ବିଦ୍ୟାଳୟ ମଧ୍ୟ ରହିଅଛି ।

## ବସତିର ବିଭିନ୍ନ ବିଭବ:

ଖଡ଼ିଆ ଲୋକମାନେ ମାଟିକାନ୍ଥ ଓ ନଡ଼ାଛପର ଘର କରି ରହିଥାନ୍ତି । ଘରର ଉଚ୍ଚତା ୮'ରୁ ୧୦' ଫୁଟ ମଧ୍ୟରେ ଓ ଏହାର ଚାରିପାଖର ଆକାର ୧୫ରୁ ୧୭ ମିଟର ହୋଇଥାଏ । ଘର ମଧ୍ୟକୁ ଆଲୋକ ଓ ପବନ ଯିବା ଆସିବା ପାଇଁ ଗୋଟିଏ ଝରକା ମଧ୍ୟ ପ୍ରତ୍ୟେକ ତିଆରି କରିଥାନ୍ତି, ଘର ମଧ୍ୟରେ ରନ୍ଧାବଢ଼ା ପାଇଁ ଗୋଟିଏ ଚୁଲି, କିଛି ଆସବାବପତ୍ର, ରନ୍ଧାବଢ଼ା କାର୍ଯ୍ୟରେ ବ୍ୟବହୃତ ଉପକରଣ ଯଥା- ଚଟୁ, ଡେକଚି, ବେଲା, ବାସନ, ଗ୍ଲାସ୍, ଥାଳି, କୁଲା, ଲୁଣକାଠ ଇତ୍ୟାଦି ଥାଏ । ଗୃହମଧ୍ୟର ଗୋଟିଏ କୋଣରେ କୁକୁଡ଼ାମାନଙ୍କ ପାଇଁ ଛୋଟିଆ ଭାଡ଼ିଟିଏ ତିଆରି କରାଯାଇଥାଏ । ବାସଗୃହ ପାଖରେ ଗୋରୁ-ଗାଈଙ୍କ ପାଇଁ ମଧ୍ୟ ଗୁହାଳ ତିଆରି କରାଯାଇଥାଏ ।

## ଗୃହସଂଲଗ୍ନ ପନିପରିବା ବଗିଚା:

ଗୃହ ସଂଲଗ୍ନ ପନିପରିବା ଚାଷ ପାଇଁ ଖୁବ୍ କମ୍ ଜାଗାଥାଏ । ତାହାକୁ ବାଡ଼ ଘେରାଉ କରି ବାଇଗଣ ଭେଣ୍ଡି, ବିଲାତି, ଆଳୁ, ଲଙ୍କା ଇତ୍ୟାଦି ଲଗାଯାଇଥାଏ । କେହି କେହି କଦଳୀ, ଅମୃତଭଣ୍ଡା ଇତ୍ୟାଦି ଗଛ ଲଗାଇଥାନ୍ତି ।

## ଅନ୍ୟାନ୍ୟ ଗୋଷ୍ଠୀମାନଙ୍କ ବସତି:

ଖଡ଼ିଆ ଲୋକମାନେ ଅନ୍ୟାନ୍ୟ ଗୋଷ୍ଠୀର ଲୋକମାନଙ୍କ ସହିତ ଏକତ୍ର ରହିଥାନ୍ତି । ଏହି ଗୋଷ୍ଠୀମାନଙ୍କ ମଧ୍ୟରେ ବାଥୁଡ଼ି, ସାନ୍ତାଳ, କୁମ୍ଭାର, ମାହାଲି ଇତ୍ୟାଦି

ପ୍ରଧାନ । କିନ୍ତୁ ଗ୍ରାମରେ ପ୍ରତ୍ୟେକ ଗୋଷ୍ଠୀ ପୃଥକ୍ ପୃଥକ୍ ହୋଇ ରହିଥାନ୍ତି । ଛୁଆଁ ଅଛୁଆଁ ଭେଦଭାବ ଏମାନଙ୍କର ପ୍ରାୟ ନାହିଁ । ସମସ୍ତେ ଏକତ୍ର ମିଳିମିଶି ବସବାସ କରୁଛନ୍ତି ।

## ବସତିର ନକ୍ସା:

ଉଲ୍ଲିଖିତ ଖଡ଼ିଆ ବସ୍ତି ଦୁଇଟି ମୟୂରଭଞ୍ଜ ଜିଲ୍ଲାର ଖୁଣ୍ଟା ଓ ଉଦଳା ବ୍ଲକ୍‌ରେ ଅବସ୍ଥିତ । ବଣିଆବସା ଖଡ଼ିଆ ବସ୍ତିଟି ଖୁଣ୍ଟାରୁ ପଶ୍ଚିମଦିଗରେ ୧୫ କି.ମି. ଦୂରରେ ଅବସ୍ଥିତ । ଉଦଳା ବ୍ଲକ୍‌ର ଉଦଳା ସହରଠାରୁ ୩ କି.ମି. ଦୂରରେ ଅନ୍ୟ ଖଡ଼ିଆ ଗ୍ରାମଟି ରହିଅଛି । ଗ୍ରାମ ଦୁଇଟି ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ସ୍ଥାପିତ ହୋଇଛି । ଘରଗୁଡ଼ିକ ନଡ଼ା ଛପର ନିର୍ମିତ । ଘରଗୁଡ଼ିକ ପରସ୍ପରଠାରୁ ଅଳ୍ପ ଛାଡ଼ି ଛାଡ଼ି ତିଆରି ହୋଇଛି । ସାଧାରଣତଃ ସମତଳ ସ୍ଥାନରେ ଗୋଟିଏ କୂଅ, ପୋଖରୀ, ସ୍କୁଲ୍ ଘର, ଗାଁମୁଣ୍ଡରେ ଜାହୀରାପୀଠ, ମଧ୍ୟଭାଗରେ ଦେବପୀଠ ଆଦି ଦେଖାଯାଏ । ଗାଁର ଶେଷ ଭାଗରେ ଗୋଟିଏ ଛୋଟ ପଡ଼ିଆ ଥାଏ।

## ଗ୍ରାମର ଅନ୍ୟାନ୍ୟ ଗୃହ:

### ଯୁବ ଶୟନାଗାର:

ଖଡ଼ିଆ ଯୁବକମାନଙ୍କ ପାଇଁ ସ୍ୱତନ୍ତ୍ର ଶୟନାଗାର ବା ଶୟନକକ୍ଷ ତିଆରି କରିବା ପରମ୍ପରା ନାହିଁ । ସେମାନେ ପରିବାରର ଅନ୍ୟ ସଦସ୍ୟମାନଙ୍କ ସହିତ ନିଜ ଘରେ ବିଶ୍ରାମ ନିଅନ୍ତି ବା ରାତ୍ରୀଯାପନ କରନ୍ତି ।

### ଗୋଷ୍ଠୀଗୃହ:

ଏମାନଙ୍କର ଗୋଷ୍ଠୀ ଗୃହ ନିର୍ମାଣ କରିବା ପରମ୍ପରା ନାହିଁ । କିନ୍ତୁ ବର୍ତ୍ତମାନ ସରକାରଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ଗୃହ ଯୋଗାଇ ଦିଆଯାଉଥିବାରୁ ସେମାନେ ଏହି ଘରଟିକୁ ଗୋଷ୍ଠୀ ଗୃହ ରୂପେ ବ୍ୟବହାର କରିଥାନ୍ତି ।

### ଧର୍ମୀୟ ଗୃହ:

ଧର୍ମୀୟ ଗୃହ ମଧ୍ୟ ଖଡ଼ିଆ ମାନଙ୍କର ନାହିଁ । ଗ୍ରାମର ମୁଖ୍ୟ ଧର୍ମୀୟକର୍ତ୍ତା ଦେହୁରୀ ଜାହୀରା ସ୍ଥାନ ଓ ଗ୍ରାମଦେବତୀ ପୀଠସ୍ଥଳକୁ ଯାଇ ପୂଜା କରିଥାନ୍ତି । ଏହି ସ୍ଥାନକୁ ପୂଜା ସ୍ଥାନ ବୋଲି କୁହାଯାଇଥାଏ ।

## ଦେବପୀଠ:

ଗ୍ରାମଦେବତୀଙ୍କ ପାଇଁ ଗ୍ରାମରେ ଗୋଟିଏ ଗୋଟିଏ ପୀଠସ୍ଥଳୀ ରହିଛି । ଏହା ସାଧାରଣତଃ ଗ୍ରାମର ମଧ୍ୟ ଭାଗରେ ଅବସ୍ଥିତ । ଗ୍ରାମଦେବତୀ (ବାଉଳୀ ଠାକୁରାଣୀ)ଙ୍କୁ ଏହି ପୀଠରେ ଦେହୁରୀ ପୂଜାପାର୍ବଣ ଓ ଉତ୍ସବମାନଙ୍କରେ ପୂଜାଅର୍ଚ୍ଚନା କରିଥାନ୍ତି । ବାହାଘରରେ ମଧ୍ୟ ଦେହୁରୀ ବାହାଘର କରୁଥିବା ପରିବାର ତରଫରୁ ଦିଅଁମଙ୍ଗୁଳା କାର୍ଯ୍ୟ କରିଥାନ୍ତି । ଦେବପୀଠ ସ୍ଥାନରେ ଗ୍ରାମବାସୀ ଉପସ୍ଥିତ ରହି ପୂଜାକାର୍ଯ୍ୟରେ ସହଯୋଗ କରିଥାନ୍ତି ।

## ଭୋଜି / ସ୍ଥଳୀ:

ଗ୍ରାମରେ କୌଣସି ଭୋଜିଭାତ ନିମନ୍ତେ ସ୍ଥଳୀ ନଥିବାରୁ ସେମାନେ ବାଧ୍ୟ ହୋଇ ପାଖରେ ଥିବା କୌଣସି ବୃକ୍ଷମୂଳ କିମ୍ବା ଖୋଲାପଡ଼ିଆରେ ଓ ଜଳଉତ୍ସ ନିକଟରେ ଭୋଜିର ଆୟୋଜନ କରିଥାନ୍ତି । ଗ୍ରାମ ଦେବଦେବୀଙ୍କ ନିକଟରେ ପଡୁଥିବା ପଶୁ-ପକ୍ଷୀଙ୍କ ବଳିର ମାଂସକୁ ଏହି ସ୍ଥାନରେ ମଧ୍ୟ ଭୋଜିରେ ବ୍ୟବହାର କରିଥାନ୍ତି ।

## ଅବସର ବିନୋଦନ କେନ୍ଦ୍ର:

ଅବସର ବିନୋଦନ ପାଇଁ ଗ୍ରାମର ଯୁବକ, ଯୁବତୀମାନେ ବିଭିନ୍ନ ପର୍ବପର୍ବାଣିରେ ବିଭିନ୍ନ ପ୍ରକାର ଖେଳଖେଳିଥାନ୍ତି । ଝିଅପିଲାମାନେ ଦୋଳି ଖେଳିବା, ପୁଚି ଖେଳିବା ଆଦିରେ ମନୋନିବେଶ କରୁଥିବା ବେଳେ ପୁଅ ପିଲାମାନେ ଚାଙ୍ଗୁ ନାଚ ଓ ଗୀତ କରିବା ଡ୍ରାମା ଗାଇବା, ଦାଣ୍ଡିଆ ଖେଳିବା ଆଦି କରିଥାନ୍ତି । ଏଥିପାଇଁ କୌଣସି ଗୃହ ନିର୍ମାଣ କରାଯାଇନଥିଲେ ମଧ୍ୟ ବର୍ତ୍ତମାନ ସେମାନେ ସରକାରଙ୍କ ପ୍ରଦତ୍ତ ଗୋଷ୍ଠୀ ଗୃହଟିକୁ ଏହି କାର୍ଯ୍ୟରେ ବ୍ୟବହାର କରୁଛନ୍ତି ।

## ସଭାସ୍ଥଳୀ:

ଖଡ଼ିଆ ଲୋକମାନଙ୍କର କୌଣସି ପାରମ୍ପରିକ ସଭାସ୍ଥାନ ଥିବାର ଜଣାଯାଏ ନାହିଁ । କୌଣସି ମାମଲାର ବିଚାର କରିବା ପାଇଁ ଗ୍ରାମର କୌଣସି ଖୋଲାସ୍ଥାନ କିମ୍ବା ବୃକ୍ଷମୂଳେ ଗ୍ରାମସଭା ଡକାଯାଇ ମାମଲାର ଫଇସଲା ହୁଏ । ଏହି ସଭାରେ ଗ୍ରାମର ସୁବିଧା-ଅସୁବିଧା ଆଲୋଚନାର ପରିସରକୁ ଆସିଥାଏ ଓ ସମସ୍ୟା ଦୂର କରିବାକୁ ଉପଯୁକ୍ତ ପଦକ୍ଷେପ ନିଆଯାଏ ।

## ଗ୍ରାମରେ ପାନୀୟ ଜଳର ଉତ୍ସ:

ଗ୍ରାମ ମଧ୍ୟରେ ସରକାରଙ୍କ ଦ୍ୱାରା ଗୋଟିଏ ନଳକୂପ ଓ କୂଅ ଖୋଳାଯାଇ ପାନୀୟ ଜଳ ଯୋଗାଇ ଦିଆଯାଉଅଛି । ଏହା ସେମାନଙ୍କ ପାନୀୟ ଜଳ ପାଇଁ ଏକ ମାତ୍ର ଉତ୍ସ । ଏହା ପୂର୍ବରୁ ସେମାନେ ପାହାଡ଼ରୁ ବହିଆସିଥିବା ଝରଣାପାଣିକୁ ବ୍ୟବହାର କରୁଥିଲେ ।

## ଗ୍ରାମକୁ ମୁଖ୍ୟରାସ୍ତା, ପାଦଚଲା ରାସ୍ତା ଓ ଗଳିରାସ୍ତା:

ମୟୂରଭଞ୍ଜ ଜିଲାର ଖୁଣ୍ଟାଠାରୁ ୧୫ କି.ମି. ପଶ୍ଚିମ ଦିଗରେ 'ବଣିଆବସା' ଗ୍ରାମଟି ମୁଖ୍ୟରାସ୍ତା କଡ଼ରେ ଅବସ୍ଥିତ । ଏହା ଡ଼େଙ୍ଗାମ ପଞ୍ଚାୟତର ଅନ୍ତର୍ଗତ । ଗ୍ରାମ ଭିତରକୁ ପଶିବା ପାଇଁ ଏକ ପାଦଚଲା ରାସ୍ତା ରହିଛି ଓ ଆହୁରି ବେଶୀ ଭିତରକୁ ଗଲେ ଗଳିରାସ୍ତାମାନ ରହିଛି । ପାଦଚଲା ଓ ଗଳି ରାସ୍ତା ଗୁଡ଼ିକ ଅତ୍ୟନ୍ତ ଅଣ ଓସାରିଆ । ବର୍ଷା ଋତୁରେ ପାଣି-କାଦୁଅରେ ରାସ୍ତା ଭରିଯାଇଥାଏ । ଗାଁ ଭିତରେ ପାଦଚଲା ରାସ୍ତା ଓ ଗଳିରାସ୍ତାଗୁଡ଼ିକ ମୁଖ୍ୟରାସ୍ତା ସହିତ ସଂଯୋଗ କରାଯାଇଛି ।

## ଗ୍ରାମ ବାହାରେ ଥିବା ବିଭିନ୍ନ ପୀଠ / ସ୍ଥଳୀ:

### ପୂଜାସ୍ଥଳୀ:

ଖଡ଼ିଆମାନଙ୍କ ଗ୍ରାମଗୁଡ଼ିକ ସାଧାରଣତଃ ପାହାଡ଼, ଜଙ୍ଗଲ ସମୀପରେ ଗଢ଼ିଉଠିଥାଏ । ଏହି ପାହାଡ଼ ଜଙ୍ଗଲରୁ ସେମାନେ ଘରୋପକରଣ ପାଇଁ ଖୁଣ୍ଟ, ତ୍ଵାଳପତ୍ର, ଶୁଖିଲା ଝାଟିମାଟି, ଜାଳେଣି କାଠ ଓ ଅନାବନା ଶୁଖିଲା, ଝାଟିମାଟି, ଦାନ୍ତକାଠି, ଶାଳ ଓ ଶିଆଳିପତ୍ର, ମୂଲ୍ୟବାନ ଦ୍ରବ୍ୟ ଯଥା-ଝୁଣା ମହୁ ଓ ପାଳୁଅ, ଲାଖ ଇତ୍ୟାଦି ସଂଗ୍ରହ କରି ନିଜର ଗୁଜୁରାଣ ମେଣ୍ଟାଇଥାନ୍ତି । ଗ୍ରାମ ବାହାରେ ପାହାଡ଼ରୁ ଝରଣାମାନ ବାହାରିଥାଏ ଓ ଏହି ଝରଣାଜଳକୁ ଉକ୍ତ ଲୋକମାନେ ଗାଧୋଇବା କାର୍ଯ୍ୟରେ ଓ ଲୁଗାପଟା ଧୁଆଧୋଇ କାର୍ଯ୍ୟରେ ବ୍ୟବହାର କରନ୍ତି । ସମୟ ସମୟରେ ମଧ୍ୟ ଏହାକୁ ପାନୀୟ ଜଳ ରୂପେ ବ୍ୟବହାର କରନ୍ତି । ଏହି ପ୍ରାକୃତିକ ପାନୀୟ ଜଳର ଉତ୍ସ ବ୍ୟତୀତ ଅତ୍ୟାବଶ୍ୟକ ସମୟରେ ପଡ଼ୋଶୀ ଗ୍ରାମର କୂପ, ନଳକୂପ ଓ ପୋଖରୀର ପାଣିକୁ ଦୈନନ୍ଦିନ କାର୍ଯ୍ୟରେ ବ୍ୟବହାର କରନ୍ତି ।

**ଦେବପୀଠ :**

ଖଡ଼ିଆ ବସ୍ତି ବାହାରେ ରହିଛି ତାଙ୍କର ଜଙ୍ଗଲ ଦେବତାଙ୍କ ପୂଜାସ୍ଥଳୀ । ଏହି ପୂଜା ବସ୍ତି ସଂଲଗ୍ନ ଯେ କୌଣସି ବଡ଼ ଶାଳଗଛ ମୂଳେ କରାଯାଇଥାଏ । ପ୍ରତ୍ୟେକ ବର୍ଷ ଆଷାଢ଼ ମାସରେ ଭଲ ବର୍ଷା ଓ ଗ୍ରାମର ସୁଖ ଶାନ୍ତି ପାଇଁ ଜଙ୍ଗଲ ଠାକୁରାଣୀଙ୍କୁ ଦେହୁରୀଙ୍କ ଦ୍ୱାରା ପୂଜା କରାଯାଇଥାଏ । ଗ୍ରାମର ସୀମାନ୍ତରେ ମଧ୍ୟ ସେମାନଙ୍କର ଜାହୀରା ପୀଠ ରହିଥାଏ । ଏଠାରେ ପ୍ରତ୍ୟେକ ପର୍ବପର୍ବାଣିରେ ଜାହୀରାଦେବୀଙ୍କୁ ପୂଜା କରାଯାଇଥାଏ । ଏହିସବୁ ପୂଜାସ୍ଥଳୀ ଓ ଦେବପୀଠ ମାନ ଗ୍ରାମ ନିକଟରେ ରହିଥାଏ ।

**ଶ୍ମଶାନ:**

ଖଡ଼ିଆ ସମ୍ପ୍ରଦାୟର ଲୋକେ କୌଣସି ବ୍ୟକ୍ତିଙ୍କର ମୃତ୍ୟୁ ହେଲେ ତାହାକୁ ପୋଡ଼ିବା ବଦଳରେ ପୋତି ଦେଇଥାନ୍ତି ଏଥିପାଇଁ ସେମାନେ ଆଖପାଖ ଅଞ୍ଚଳ (ଯେଉଁଠାକୁ ସେମାନେ ଯାତାୟତ କରୁନଥାନ୍ତି) କିମ୍ବା ଜଙ୍ଗଲର ଏକ ପାର୍ଶ୍ୱକୁ ମନୋନୀତ କରିଥାନ୍ତି । କେବଳ ସେହି ସ୍ଥାନଟିକୁ ହିଁ ସମସ୍ତେ ଶବ ସତ୍କାର ପାଇଁ ବ୍ୟବହାର କରିଥାନ୍ତି ।

## ଗୋଚର, ତଳିଆ ଜମି, ଢ଼ିପ ଜମି, ପୋଡୁ ଚାଷଜମି:

ଗ୍ରାମର ଗୋରୁ ଗାଈଙ୍କ ଚରିବା ପାଇଁ ପୂର୍ବଦିଗକୁ ପାଞ୍ଚ ଏକର ବିଶିଷ୍ଟ ଗୋଚରଭୂଇଁ ରହିଛି । ଏହି ଗୋଚର ଭୁଇଁରେ ଏକ ପାର୍ଶ୍ୱରେ ନାଳଟିଏ ମଧ୍ୟ ରହିଛି । ଉକ୍ତ ସ୍ଥାନରେ ଗୋରୁଗାଈ ଘାସ ଚରି ନାଳରୁ ପାଣି ପିଇଥାନ୍ତି ।

ଗ୍ରାମର ଚତୁଃପାର୍ଶ୍ୱରେ ଖଡ଼ିଆ ଲୋକମାନଙ୍କ ବିଭିନ୍ନ କିସମର ଜମି ରହିଛି । କିଛି ଜମି ତଳିଆ ଅନ୍ୟ କେତେକ ଢ଼ିପ ଓ ଅନ୍ୟ କେତେକ ପୋଡୁ ଚାଷ ଜମି ରହିଛି । ତଳିଆ ଜମିର ମାଟି ବର୍ଷସାରା ଆର୍ଦ୍ରଥାଏ । ଏହି ଜମିରେ ମୁଖ୍ୟତଃ ଧାନଚାଷ କରାଯାଇଥାଏ । ଏହି ପ୍ରକାର ଜମିକୁ ଏ ଅଞ୍ଚଳରେ ଶୂଳଜମି ବୋଲି କହନ୍ତି । ଢ଼ିପଜମିରେ ମଧ୍ୟ ଧାନଚାଷ କରାଯାଇଥାଏ । କେବଳ ବର୍ଷା ଋତୁରେ ଏହି ଜମିରେ ପାଣି ରହିଥାଏ । ବର୍ଷକରେ କେବଳ ଥରଟିଏ ଏଥିରେ ଚାଷ କରାଯାଏ । ପୋଡୁ ଜମିରେ ଲଘୁଧାନ, ହରଡ଼, ମକା, ମୁଗ, ବିରି, କୋଳଥ ଓ ସବାଇ ଘାସ ଚାଷ କରାଯାଇଥାଏ । ବର୍ଷର ବିଭିନ୍ନ ସମୟରେ ଏହି ସବୁ ଫସଲ ଚାଷ କରାଯାଇଥାଏ ।

## ଗ୍ରାମପାଚେରୀ:

ଗ୍ରାମର ସୀମା ନିର୍ଦ୍ଧାରଣ ପାଇଁ କୌଣସି ପାଚେରୀ ଦିଆଯାଇନାହିଁ କିମ୍ବା ସୀମା ସୂଚକ ପ୍ରତୀକ ମଧ୍ୟ ନାହିଁ। ସୀମା ସମ୍ବନ୍ଧୀୟ କୌଣସି ବିବାଦ ଏମାନଙ୍କର ପ୍ରାୟତଃ ନଥାଏ । ଗ୍ରାମର ଚତୁଃପାର୍ଶ୍ୱରେ ପାଚେରୀ ନଥିଲେ ମଧ୍ୟ ଛୋଟ ପାହାଡ଼ ଓ ଜଙ୍ଗଲ ଯୋଗୁଁ ଏହି ଗ୍ରାମଗୁଡ଼ିକ ଅଭେଦ୍ୟ ଦୁର୍ଗ ରୂପେ ପ୍ରତୀୟମାନ ହୁଏ ।

## ପାରମ୍ପରିକ ସୁରକ୍ଷା ବ୍ୟବସ୍ଥା:

ଖଡ଼ିଆମାନେ ସାଧାରଣତଃ ଗ୍ରାମର ସୁରକ୍ଷା ଦାୟିତ୍ୱ ସଭାପତି ଓ ମୁଖ୍ୟ ପୂଜକ (ଦେହୁରୀ)ଙ୍କ ଉପରେ ନ୍ୟସ୍ତ କରନ୍ତି । ଗ୍ରାମର ସୁରକ୍ଷା ପାଇଁ ସଭାପତିଙ୍କ ପରାମର୍ଶ ସାଙ୍ଗକୁ ଦେହୁରୀଙ୍କ ପୂଜାପାଠ ଓ ତତ୍ ସହିତ ଗ୍ରାମବାସୀଙ୍କ ଅକୁଣ୍ଠ ସମର୍ଥନ କେଉଁ ଆଦିମ କାଳରୁ ଆରମ୍ଭ ହୋଇଥିଲେ ମଧ୍ୟ ଆଜିବି ତାହା ଆତୁଟ ରହିଛି । ଅନ୍ୟ ଗ୍ରାମର କୌଣସି ଶତ୍ରୁ କିମ୍ବା ବିପଦ ଗ୍ରାମକୁ ନଆସିବା ପାଇଁ ଦେହୁରୀ ପୂଜାପାଠ କରିଥାନ୍ତି । ବସତିର ରକ୍ଷା ପାଇଁ ସଭାପତିଙ୍କ ନିର୍ଦ୍ଦେଶରେ ଗ୍ରାମର ଯୁବକମାନେ ପ୍ରସ୍ତୁତ ହୋଇଯାଆନ୍ତି । ପୋଡ଼ଶୀଗ୍ରାମରେ ସଂକ୍ରାମକ ରୋଗ ବ୍ୟାପିଲେ ନିଜ ଗ୍ରାମକୁ ତାହା କବଳରୁ ରକ୍ଷା କରିବା ପାଇଁ ପୂଜାପାଠ ସହିତ ଯଥା ସମ୍ଭବ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିଥାନ୍ତି । ଗ୍ରାମର ସୁରକ୍ଷା ପାଇଁ ବିଭିନ୍ନ ପ୍ରକାର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିଥାନ୍ତି । ଗ୍ରାମର ସୁରକ୍ଷା ବ୍ୟବସ୍ଥାରେ ପ୍ରତ୍ୟେକ ଗୁରୁଦାୟିତ୍ୱ ସମ୍ପାଦନ କରିଥାନ୍ତି । ଏସବୁ ସତ୍ତ୍ୱେ ଗ୍ରାମର ସୁରକ୍ଷା ଓ ରକ୍ଷକ ମୁଖ୍ୟତଃ ଗ୍ରାମ ଦେବତୀଙ୍କ ଉପରେ ନ୍ୟସ୍ତ ରହିଛି ବୋଲି ସମସ୍ତେ ଭାବିଥାନ୍ତି, କାରଣ ତାଙ୍କରି ଇଚ୍ଛା ଓ ନିର୍ଦ୍ଦେଶରେ ସବୁ କିଛି ସମ୍ପାଦିତ ହେଉଛି ବୋଲି ଖଡ଼ିଆ ଲୋକମାନେ ବିଶ୍ୱାସ କରନ୍ତି । ତେଣୁ ସମସ୍ତ ପର୍ବପର୍ବାଣି ଓ ସ୍ୱତନ୍ତ୍ର ଉତ୍ସବମାନଙ୍କରେ ତାଙ୍କୁ ପୂଜା ଅର୍ଚ୍ଚନା କରି ସନ୍ତୁଷ୍ଟ କରିପାରିଲେ ସେ ବସତିର ସୁରକ୍ଷା କରିବେ, ଏହା ସମସ୍ତେ ବିଶ୍ୱାସ କରିଥାନ୍ତି । ବସତିର ରକ୍ଷକ ଗ୍ରାମ ଦେବତୀ, ଏହା ପ୍ରତ୍ୟେକ ବିଶ୍ୱାସ କରିଥାନ୍ତି ।

# ବାସଗୃହ

ଯାଯାବର ଜୀବନଧାରାକୁ ପରିହାର କରି ମଣିଷ ଯେତେବେଳେ ସମାଜ ଗଠନ କରିବାକୁ ଚାହିଁଲା, ସେବେଠାରୁ ତା' ମନରେ ଉଙ୍କିମାରିଲା ବାସଗୃହର ପରିକଳ୍ପନା । ଫଳତଃ ସ୍ଥାନ, କାଳ, ତଥା ଗୋଷ୍ଠୀ ଭିତ୍ତିରେ ବସତି ପଦ୍ଧତି ଅନୁସୃତ ହୋଇ ବାସପୋଯୋଗୀ ଗୃହମାନ ନିଜସ୍ୱ ଶୈଳୀରେ ଗଢ଼ି ଉଠିଲା । ସେଥିପାଇଁ ବିଭିନ୍ନ ଗୋଷ୍ଠୀରେ ଭିନ୍ନ ଭିନ୍ନ ଢ଼ଂଗରେ ବାସଗୃହ ଦୃଷ୍ଟିଗୋଚର ହୋଇଥାଏ ।

ପାହାଡ଼ି ଖଡ଼ିଆଙ୍କ ଗୋଷ୍ଠୀ କେବଳ ଶିକ୍ଷା ଓ ତତ୍‌ଜନିତ ସାମାଜିକ ଦିଗଟିକୁ ବାଦ୍‌ଦେଲେ ଅପେକ୍ଷାକୃତ ଆଧୁନିକ ଏବଂ ଆଂଶିକ ଅଣପାରମ୍ପରିକ । ସେଥପାଇଁ ସେମାନଙ୍କର ପାରମ୍ପରିକ ବାସଗୃହଗୁଡ଼ିକ ତୁଳନାତ୍ମକ ଭାବେ ବେଶ୍ ଉନ୍ନତ ।

## ପାରମ୍ପରିକ ଗୃହର ଦୃଶ୍ୟ:

ସାଧାରଣତଃ ପାହାଡ଼ି ଖଡ଼ିଆମାନଙ୍କ ପାରମ୍ପରିକ ବାସଗୃହଗୁଡ଼ିକ ଝାଟିମାଟି କାଠ ଏବଂ ଜଙ୍ଗଲ ଘାସ (ଧଣିତ୍ରୀ ପତ୍ର, ଛୁଣ, ଶିଆଳିକାଣ୍ଡି, ବାଘନିଶା, ଏକପ୍ରକାର ତୃଣ)ର ଛପରରେ ନିର୍ମିତ ହୁଏ । ରାସ୍ତାର ଉଭୟ ପାର୍ଶ୍ୱରେ ଘରସବୁ ଧାଡ଼ି ଧାଡ଼ି ହୋଇ ରହିଥାଏ । ଏହି ଗୃହଗୁଡ଼ିକରେ ସେପରି କିଛି ବିଶେଷତ୍ୱ ନଥାଏ । ଲମ୍ବା ଧାଡ଼ିରେ ଘର ତିଆରି ହୁଏ । ତେଣୁ ସାଧାରଣ ଘର ଭଳି ଦେଖାଯାଏ । ପ୍ରତ୍ୟେକ ଘର ଚତୁଃପାର୍ଶ୍ୱରେ କଣ୍ଟାଝଟାର ବାଡ଼ ଦିଆହୁଏ । ବଗିଚା ପାଇଁ କିଛି ସ୍ଥାନ ରଖାଯାଇଥାଏ। ତେଣୁ ଘରଗୁଡ଼ିକ ଛାଡ଼ି ଛାଡ଼ି ହୋଇଥାଏ ।

## ବାସଗୃହର ଗଠନ:

ଏମାନଙ୍କ ବାସଗୃହ ନିର୍ମାଣ କ୍ଷେତ୍ରରେ କୌଣସି ପାରମ୍ପରିକତା ଅବଲମ୍ବନ କରାଯାଏ ନାହିଁ । ତେଣୁ ବ୍ୟକ୍ତିବିଶେଷ ନିଜ ନିଜର ଇଚ୍ଛା କିମ୍ବା ପସନ୍ଦ ମୁତାବକ ଗୃହ ନିର୍ମାଣ କରନ୍ତି । ଘରର ଉଚ୍ଚତା କମ୍ ବେଶୀ ହୋଇପାରେ । ନିଜର ଆର୍ଥିକ କ୍ଷମତା ଅନୁଯାୟୀ ସେମାନେ ଗୃହର ପରିସୀମା,ଉଚ୍ଚତା,କୋଠରୀ କିମ୍ବା କବାଟ-ଝରକା ଆଦି କରିଥାଆନ୍ତି । କିନ୍ତୁ ହାରାହାରି ଉଚ୍ଚତା ପ୍ରାୟତଃ ୯-୧୦ ଫୁଟ୍ ହୁଏ । ପ୍ରକୋଷ୍ଠ ସଂଖ୍ୟା ମଧ୍ୟ ସେହିପରି ୩-୪ ହେବା ସହିତ ପ୍ରତ୍ୟେକ ପ୍ରକୋଷ୍ଠରେ ଗୋଟିଏ ଲେଖାଏଁ ଦ୍ୱାର ଓ କବାଟ ରହେ ଓ ଗୋଟିଏ ଲେଖାଏଁ ଝରକା ଲଗାଯାଇଥାଏ । ପ୍ରକୋଷ୍ଠର

ଲମ୍ୱ ୫-୬ ଫୁଟ ଏବଂ ପ୍ରସ୍ଥ ମଧ୍ୟ ୫-୬ ଫୁଟ୍ ହୁଏ । ଏମାନେ ୫ ଫୁଟ୍ ଉଚ୍ଚତା ବିଶିଷ୍ଟ କବାଟ ପ୍ରାୟତଃ ଲଗାନ୍ତି । କାରଣ ଘର ଭିତରକୁ ମୁଣ୍ଡ ନୁଆଁଇ ଗଲେ ଦେବଦେବୀଙ୍କୁ ପ୍ରଣାମ କରି ପ୍ରବେଶ କରିବା ମନେ କରିଥାଆନ୍ତି । ଝରକାର ଲମ୍ୱ ୩ ଫୁଟ୍ ଏବଂ ଓସାର ୨ ½ ଫୁଟ୍ ରହେ । ତେବେ ବାସଗୃହ ଗଠନଶୈଳୀରେ କୌଣସି ବିଧିବଦ୍ଧ ପରମ୍ପରା ନଥିବାରୁ ପାହାଡ଼ି ଖଡ଼ିଆମାନଙ୍କ ବାସଗୃହଗୁଡ଼ିକରେ ଭିନ୍ନତା ପରିଲକ୍ଷିତ ହୋଇଥାଏ ।

## ବାସଗୃହର ନିର୍ମାଣ:

### ଭିତ୍ତିଭୂମି ସ୍ଥାପନ:

ପାହାଡ଼ି ଖଡ଼ିଆମାନେ ବାସଗୃହ ନିର୍ମାଣ ପୂର୍ବରୁ ଏକ ନିର୍ଦ୍ଦିଷ୍ଟ ସ୍ଥାନ ନିରୂପଣ କରିଥାଆନ୍ତି । ଏହା ଗୃହକର୍ତ୍ତାଙ୍କ ଦ୍ୱାରା ନିର୍ଣ୍ଣିତ ହୋଇଥାଏ। ସେଠାରେ ଏକ ସ୍ଥାନରେ ପ୍ରଥମେ ଗୋବରରେ ଲିପି ଅଳ୍ପ ଖୋଳି ଦିଆଯାଏ । ଗ୍ରାମର ଦେହୁରୀ ସେଠାରେ ପୂଜା କରିଥାଆନ୍ତି । ଅରୁଆ ଚାଉଳ ଉପରେ ଧର୍ମଙ୍କୁ ସାକ୍ଷୀରଖି ସିନ୍ଦୁର ଟୋପା ଲଗାଇ, ଧୂପ ଦେଇ ଦେବତାଙ୍କ ଉଦ୍ଦେଶ୍ୟରେ ବନ୍ଦାପନା କରନ୍ତି । ତତ୍‌ପରେ ଦେହୁରୀ ଗୋଟିଏ ପତ୍ରରେ ଚାରୋଟି ଅରୁଆ ଚାଉଳ ଗୁଡ଼ାଇ ସେହି ଗାତରେ ରଖନ୍ତି, ଗାତଟିକୁ ପୁନଶ୍ଚ ଖୋଳି ପତ୍ର ସହ ଚାଉଳ ବାହାର କରାଯାଏ । ସେଥିରେ ଯଦି ଚାରୋଟି ଚାଉଳ କିମ୍ୱା ଗୋଟିଏ ହେଲେ ଚାଉଳ କୌଣସି କାରଣରୁ ନଥାଏ, ତେବେ ସେହି ସ୍ଥାନଟି ଗୃହ ଉପଯୋଗୀ ହୋଇପାରେ ନାହିଁ । ଅର୍ଥାତ୍ ସେଠାରେ ଘର କଲେ ଅଶୁଭ ହୋଇଥାଏ ବୋଲି ପାହାଡ଼ି ଖଡ଼ିଆମାନଙ୍କ ବିଶ୍ୱାସ । ଶୁଭଶକୁନ ମିଳିଲେ ଦେହୁରୀ ଗୃହକର୍ତ୍ତାଙ୍କୁ ଗୃହନିର୍ମାଣ ପାଇଁ ଅନୁମତି ବା ନିର୍ଦ୍ଦେଶ ଦେଇଥାଆନ୍ତି ଏବଂ ଗୃହକର୍ତ୍ତା ସେହି ସ୍ଥାନର ଚାରିକୋଣରେ ଚାରୋଟି କିଲାପୋତି ଏବଂ ପୂର୍ବରୁ ପୂଜା ପାଇଁ ଖୋଳା ଯାଇଥିବା ଗାତରେ ଏକ ପଥର ପୋତି ମାଟି ଘୋଡ଼ାଇ ଦିଅନ୍ତି । ଏହାପରେ ଗୃହନିର୍ମାଣ କାର୍ଯ୍ୟ ଆରମ୍ଭ ହୁଏ ।

### ଆବଶ୍ୟକ କଞ୍ଚାମାଲ:

ଗୃହ ନିର୍ମାଣ ପାଇଁ ଆବଶ୍ୟକୀୟ କଞ୍ଚାମାଲ କିମ୍ୱା ଉପକରଣମାନ ପାହାଡ଼ି ଖଡ଼ିଆମାନେ ଜଙ୍ଗଲରୁ ସଂଗ୍ରହ କରିଥାଆନ୍ତି । ସେଗୁଡ଼ିକ କାଠଖୁଣ୍ଟ, ରୁଅ, ଓରା, ବାଉଁଶବତା, କଣି, ଛୁଣ, ଧଣିତ୍ରୀ ପତ୍ର, ଶିଆଳୀକାଣ୍ଡି ଇତ୍ୟାଦି।

## ନିର୍ମାଣ ପଦ୍ଧତି:

ପ୍ରଥମେ ଘରର ମାପ ଅନୁଯାୟୀ ଚାରିଗୋଟି ୪ ଫୁଟ୍ ଗଭୀରର ଗାତ ଖୋଳାଯାଏ । ଏହି ଗାତଗୁଡ଼ିକ ମୁଖ୍ୟତଃ ଚାରିକୋଣରେ ଅବସ୍ଥିତ । ଘରର ମୁଖ୍ୟ ଖୁଣ୍ଟ ପୋତିବା ପାଇଁ ସେଥିରେ ମୋଟା ଓ ଦମ୍ଭ କାଠ ଖୁଣ୍ଟି ପୋତି ତା ସହିତ ଦଣ୍ଡା / ବରଗା, ଶେଣି, ଗୁଅ ଆଦି ବନ୍ଧାଯାଇଥାଏ । ତା ଉପରେ ଲୁଣ, ଧଣିତ୍ରୀ ପତ୍ର ଏବଂ ଶିଆଳୀ କାଣ୍ଡିର ଛପର କରିଦିଆଯାଏ । ପୁଣି ସେଗୁଡ଼ିକ ଝଡ଼ବାତ୍ୟା ଦାଉରୁ ରକ୍ଷା କରିବା ପାଇଁ ବାଉଁଶବତା ବାନ୍ଧି ମଜଭୂତ କରାଯାଏ । ପାର୍ଶ୍ୱରେ ଓହଳିପଡ଼ିଥିବା ଛପରର ଅଂଶ ବିଶେଷକୁ ଦାଆରେ କାଟି ଦିଆଯାଏ । ଏହା ଦ୍ୱାରା ଗୃହ ପ୍ରବେଶରେ ସୁବିଧା ହେବା ସହିତ ଗୃହଟି ସୁନ୍ଦର ଦେଖାଯାଏ । ଛପର ଶେଷ ହେଲେ କାନ୍ଥପ୍ରସ୍ତୁତ ହୁଏ । କାନ୍ଥଗୁଡ଼ିକ କଣ୍ଟାଝଟା ଉପରେ ମାଟିର ପ୍ରଲେପ ଦିଆଯାଏ କିମ୍ବା କେବଳ ଚକଟାମାଟିରେ କାନ୍ଥ ନିର୍ମାଣ କରାଯାଏ । କାନ୍ଥକୁ ଶକ୍ତ କରିବା ପାଇଁ କେହି କେହି ଗୃହରେ ଓରା ମଧ୍ୟ ଲଗାଇଥାଆନ୍ତି । ଏହି ଓରାଗୁଡ଼ିକ କାଠରେ ତିଆରି ହୋଇଥାଏ । ସଂପୂର୍ଣ୍ଣ ଗୃହଟି ହୋଇଗଲେ ଝାଟିମାଟିର କାନ୍ଥଦେଇ ପ୍ରକୋଷ୍ଠର ବିଭାଗୀକରଣ ହୁଏ । କାନ୍ଥ ଦେବା ବେଳେ କିଛି କବାଟ ଏବଂ ଝରକା ପାଇଁ ସ୍ଥାନ ରଖାଯାଏ । ଶେଷରେ ଦ୍ୱାରବନ୍ଧ ସହ କବାଟ ଝରକା ଲାଗେ । ଅବଶ୍ୟ କେହି କେହି ପାହାଡ଼ି ଖଡ଼ିଆ ଗୃହ ନିର୍ମାଣ ସମୟରେ ଆଗ କାନ୍ଥ ପ୍ରସ୍ତୁତ କରି ପରେ ଛପର କରୁଥିବା ମଧ୍ୟ ଦେଖାଯାଏ ।

## ଶ୍ରମ ବିଭାଜନ:

ବାସଗୃହ ନିର୍ମାଣ କାର୍ଯ୍ୟ ସାଧାରଣତଃ ସଂପୃକ୍ତ ପରିବାରର ଲୋକଙ୍କ ଦ୍ୱାରା ସଂପାଦିତ ହୋଇଥାଏ । କିନ୍ତୁ ପରିବାରରେ କେହି ଛପର କରିବା ପଦ୍ଧତି ଜାଣି ନଥିଲେ ଜାଣିଥିବା ଛାଉଣୀଆକୁ ଡ଼କାଯାଏ । କାରଣ ଗୃହର ମୁଖ୍ୟ ହେଲା ଛପର । ସେଥିରେ ତ୍ରୁଟି ରହିଲେ ବର୍ଷା ଖରା ଦାଉରୁ ରକ୍ଷା ମିଳେ ନାହିଁ ଏବଂ ଘରର କାନ୍ଥକୁ ସୁରକ୍ଷା ଦେଇ ହୁଏନାହିଁ । ତେଣୁ ଛପର କରିବା ପାଇଁ ଛାଉଣିଆ ସହିତ ତାଙ୍କ ସହଯୋଗୀ ମୂଲିଆଙ୍କୁ ମଧ୍ୟ ଡ଼କାଯାଇଥାଏ । ସେମାନଙ୍କୁ ଗୃହକର୍ତ୍ତା ମଜୁରି ଦେଇ କାମ କରାନ୍ତି । ଘରର କାନ୍ଥ କରିବା ଦାୟିତ୍ୱ କିନ୍ତୁ ସଂପୂର୍ଣ୍ଣ ଭାବରେ ସ୍ୱ-ପରିବାରର । ସମସ୍ତେ ପ୍ରାୟ ପରିବାର ଲୋକେ କାନ୍ଥ ଦେବା କାମରେ ସହଯୋଗ କରିଥାଆନ୍ତି । ଜଙ୍ଗଲରୁ ମଧ୍ୟ ସହଯୋଗ ଭିତ୍ତିରେ ଉପକରଣମାନ ସଂଗୃହୀତ ହୁଏ । ଅଧିକାଂଶ ଗୃହ ନିର୍ମାଣ ସମୟରେ ଗ୍ରାମର ଘନିଷ୍ଠ ବ୍ୟକ୍ତିଙ୍କ ସହାୟତା ଲୋଡ଼ିଥାଆନ୍ତି ।

## ଘର ନିର୍ମାଣରେ ଦେହୁରୀଙ୍କ ଭୂମିକା:

ପାହାଡ଼ି ଖଡ଼ିଆ ସଂପ୍ରଦାୟରେ ଧର୍ମୀୟ ବିଶେଷଜ୍ଞ ଦେହୁରୀଙ୍କ ବିନା ପରାମର୍ଶ କିମ୍ୱା ବିନା ଅନୁମୋଦନରେ ଗୃହ ନିର୍ମାଣ କରାଯାଏ ନାହିଁ । ଦେହୁରୀ ପୂଜା କିମ୍ୱା ନିଜର ଧର୍ମୀୟ ଧାରା / ଗଣନା ଅନୁଯାୟୀ ଶୁଭାଶୁଭ ନିର୍ଣ୍ଣୟ କରି ଗୃହ ନିର୍ମାଣ ପାଇଁ ଗୃହକର୍ତ୍ତାଙ୍କୁ ଅନୁମତି ଦେଇଥାଆନ୍ତି । ଗୃହନିର୍ମାଣ ପରେ ମଧ୍ୟ ବସବାସ କରିବା ପୂର୍ବରୁ ଗୃହଟିକୁ ଦେହୁରୀ ପ୍ରତିଷ୍ଠା କରିଥାଆନ୍ତି । ଦେହୁରୀ ଦେବଦେବୀଙ୍କୁ ଆହ୍ୱାନ ପୂର୍ବକ ପୂଜା କରି ନୂତନ ଗୃହ ପବିତ୍ର କରିଥାଆନ୍ତି। ଗୃହ ପ୍ରତିଷ୍ଠା ନ କରି ବାସ କଲେ ଅଶୁଭ ହେବା ଆଶଙ୍କା ଥାଏ ।

## ସାଳିକାନ୍ଥ ନିର୍ମାଣ ଓ ପଡ଼ୋଶୀ ସମ୍ପର୍କ:

ପାହାଡ଼ି ଖଡ଼ିଆମାନଙ୍କ ବାସଗୃହଗୁଡ଼ିକ ଗୋଟି ଗୋଟି, ମାତ୍ର ଛଡ଼ା ଛଡ଼ା । ଘର ଚାରିପଟେ କିଛି ସ୍ଥାନ ବଗିଚା ପାଇଁ ରଖି ବାଡ଼୍ ଦିଆଯାଇଥାଏ। ଏହି ବଗିଚାରେ ସେମାନେ ବିଭିନ୍ନ ଋତୁରେ ପ୍ରାୟତଃ ପନିପରିବା ଚାଷ କରିଥାଆନ୍ତି। କେହି କେହି କିଛି ଶସ୍ୟ ମଧ୍ୟ ଉତ୍ପାଦନ କରନ୍ତି। ନିଜର ଗୃହପାଳିତ ପଶୁମାନଙ୍କୁ ଏହି ଖୋଲା ସ୍ଥାନରେ ବାନ୍ଧନ୍ତି । ତେଣୁ ଏମାନଙ୍କ ଗୃହଗୁଡ଼ିକରେ ସଂଯୁକ୍ତ ସାଳିକାନ୍ଥର ପ୍ରଶ୍ନ ଉଠେ ନାହିଁ ।

## ଚିତ୍ରାଙ୍କନ:

ପାହାଡ଼ି ଖଡ଼ିଆମାନେ ସାଧାରଣତଃ କଳା ପ୍ରିୟ ନୁହଁନ୍ତି । ତେଣୁ କୌଣସି ସ୍ଥାନରେ ବା ବାସଗୃହ ଗୁଡ଼ିକୁ ଚିତ୍ରରେ ସଜାଇବାରେ ସେମାନେ ଅଭ୍ୟସ୍ତ ନୁହଁନ୍ତି । ତଥାପି କିଏ କିଏ ଗୃହ ନିର୍ମାଣ ସମୟରେ କାନ୍ଥକୁ ବିଭିନ୍ନ ରଂଗର ମାଟିରେ ଚିତ୍ରିତ କରୁଥିବା ଦୃଷ୍ଟିଗୋଚର ହୁଏ । ପ୍ରାୟତଃ ଖଡ଼ିଆ ଯୁବତୀମାନେ କାନ୍ଥରେ ଫୁଲର ଚିତ୍ର ଆଙ୍କିଥାଆନ୍ତି ।

## ଅନ୍ୟାନ୍ୟ ଗୃହ:

**ଗୁହାଳ:** ଖଡ଼ିଆମାନଙ୍କ ମୁଖ୍ୟ ଜୀବିକା ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଓ ବିପଣନ ହୋଇଥିଲେ ହେଁ ଚାଷ ପ୍ରତି ସେମାନେ ଆଗ୍ରହୀ ଥିବା ମନେ ହୁଏ । ତା' ନହୋଇଥିଲେ ଗୃହ ଚାରିପଟେ ସେମାନେ ବଗିଚା ପାଇଁ ସ୍ଥାନ ସଂରକ୍ଷଣ କରୁ

ନଥାଆନ୍ତେ । ଏପରିକି କିଛି ପାହାଡ଼ି ଖଡ଼ିଆ ଲୋକଙ୍କ ସ୍ୱଳ୍ପ ପରିମାଣର ନିଜସ୍ୱ ଚାଷଜମି କିମ୍ବା ଭାଗଚାଷ କରୁଥିବାର ମଧ୍ୟ ଦେଖାଯାଏ । ସେଥିପାଇଁ ପାହାଡ଼ି ଖଡ଼ିଆମାନେ ଗୋରୁ ଗାଈ ପୋଷି ଥାଆନ୍ତି । ଏମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଗୁହାଳ ବାସଗୃହ ସମୀପରେ ନିର୍ମିତ ହୋଇଥାଏ । ସେଗୁଡ଼ିକ ଝାଟିମାଟି କାନ୍ଥ ଏବଂ ତୃଣାଦିରେ ଛପର ହୋଇଥାଏ । କେହି ସ୍ୱତନ୍ତ୍ର ଗୁହାଳ କରି ନ ପାରିଲେ ନିଜ ବାସଗୃହର ଚାଳିକୁ କିଛି ଅଂଶ ଲମ୍ବାଇ ଗୋଶାଳା ପ୍ରସ୍ତୁତ କରନ୍ତି । ଏହାକୁ ସାଧାରଣତଃ ବାସଗୃହର ପାର୍ଶ୍ୱରେ ନିର୍ମାଣ କରାଯାଇଥାଏ ।

**ଛେଳି ଗୁହାଳ:** ଏମାନେ କେବଳ ଛେଳି ପୋଷନ୍ତି। ଛେଳି ପାଇଁ ସ୍ୱତନ୍ତ୍ର ଗୁହାଳର ବ୍ୟବସ୍ଥା କରନ୍ତି ନାହିଁ । ସେମାନଙ୍କୁ ଦିନରେ ଚରିବାକୁ ଛାଡ଼ିଦିଅନ୍ତି କିମ୍ବା ବାହାରେ ବାନ୍ଧି ଡାଳପତ୍ର ଖାଇବାକୁ ଦେଇଥାଆନ୍ତି । ରାତିରେ ନିଜ ଶୋଇବା ଘରେ କିମ୍ବା ଠାକୁର ଘର ବ୍ୟତୀତ ଯେ କୌଣସି ପ୍ରକୋଷ୍ଠର ଗୋଟିଏ କୋଣରେ ବାନ୍ଧିରଖନ୍ତି । କାରଣ ଛେଳି ଖାଇବା ଉପଯୋଗୀ ଜୀବ ହୋଇଥିବାରୁ ଚୋରି ହେବାର ଆଶଙ୍କା ଥାଏ ।

**କୁକୁଡ଼ା ଘର:** ଖଡ଼ିଆମାନେ ସାଧାରଣତଃ କୁକୁଡ଼ା ପାଳନ୍ତି । ଏହା ତାଙ୍କର ଖାଦ୍ୟୋପଯୋଗୀ ଏବଂ ପୂଜାକର୍ମରେ ବଳି ଭୋଗ ଚଢ଼ାଯାଇଥାଏ । କୁକୁଡ଼ା ପାଇଁ ଘରର ପିଣ୍ଡାରେ ସ୍ୱତନ୍ତ୍ର ଭାଡ଼ି ପ୍ରସ୍ତୁତ ହୁଏ । ଝାଟିମାଟିରେ ନିର୍ମିତ ଅଳ୍ପ ଉଚ୍ଚତା, ଲମ୍ବ ଓ ପ୍ରସ୍ଥ ବିଶିଷ୍ଟ ଭାଡ଼ିରେ ଛୋଟ ଗୋଟିଏ ଦ୍ୱାର ରହେ, ଯେଉଁ ପଟେ କୁକୁଡ଼ାମାନେ ଯିବାଆସିବା କରନ୍ତି, ଏହା ପିଣ୍ଡାର ଗୋଟିଏ ପାର୍ଶ୍ୱରେ ତିଆରି ହୁଏ ।

## ଗୃହ ବିଭାଗୀକରଣ ଓ ତାର ବ୍ୟବହାର:

**ରୋଷେଇଶାଳ:** ପାହାଡ଼ି ଖଡ଼ିଆମାନଙ୍କ ଘରେ ସ୍ୱତନ୍ତ୍ର ଭାବରେ ରୋଷେଇଶାଳ ଥାଏ କିମ୍ବା କେହି କେହି ପିଣ୍ଡାର ଗୋଟିଏ ପାର୍ଶ୍ୱକୁ ଆବଦ୍ଧ କରି ରୋଷେଇ ପାଇଁ ଅସ୍ଥାୟୀ ଚୂଲି ପ୍ରସ୍ତୁତ କରିଥାଆନ୍ତି । ଏଥିରେ ଗୋଟିଏ କିମ୍ବା ଦୁଇଟି ମାଟି ଚୂଲି ରହେ । ଗୋଟିଏ ରୋଷେଇ ପାଇଁ ବ୍ୟବହୃତ ହେଉଥିବା ବେଳେ ଅନ୍ୟ ବଡ଼ ଚୂଲିଟି ଧାନ ଓଷେଇଁବା କାମରେ ଲାଗେ । ଅବଶ୍ୟ ଅନେକେ ବାହାର ପ୍ରାଙ୍ଗଣରେ ଧାନ ଓଷାଁ ପାଇଁ ବଡ଼ ଚୂଲି କରିଥାଆନ୍ତି । ରୋଷେଇ ଘରେ ରୋଷେଇ ସରଞ୍ଜାମ / ଉପକରଣ ହାଣ୍ଡି, ଡେକ୍‌ଚି, ବେଲା, ଥାଳି, ଚଟୁ, କରେଇ ଇତ୍ୟାଦି ଯାବତୀୟ ବାସନକୁସନ

ରହେ। ଅନ୍ୟାନ୍ୟ ବିଶେଷ କାର୍ଯ୍ୟ ଏଠାରେ ହୁଏ ନାହିଁ । ଏହି ପ୍ରକୋଷ୍ଠଟି ଅପେକ୍ଷାକୃତ ଛୋଟ ହୋଇଥାଏ ।

**ଶୟନକକ୍ଷ :** ଏଥିରେ ଗୋଟିଏ କିମ୍ବା ଯୋଡ଼ିଏ ଖଟିଆ ପଡ଼େ । କେହି ଖଟରେ ଶୁଅନ୍ତି କିଏ ବା ବଳକା ଥିବା ଖାଲି ସ୍ଥାନରେ ପଟିଆ ବିଛାଇ ଶୋଇଥାଆନ୍ତି । ଶୟନକକ୍ଷରେ ସାଧାରଣତଃ ପରିବାର ଲୋକଙ୍କ ପୋଷାକପତ୍ର, ବିଛଣା ଆଦି ରହେ । କାନ୍ଥରେ କଣ୍ଟା ଲଗାଇ ଲୁଗାପଟା ଟାଙ୍ଗନ୍ତି ଓ ଖଟ ଉପରେ ବିଛଣା ରଖନ୍ତି । ଝିଅ ବୋହୂଙ୍କର ସଜାସଜି ସାମଗ୍ରୀ ମଧ୍ୟ ଏହି ଶୟନ କକ୍ଷରେ ରହେ । ଏହି ପ୍ରକୋଷ୍ଠଟି ଅପେକ୍ଷାକୃତ ବଡ଼ ଆକାରରେ ହୋଇଥାଏ ।

**ଭଣ୍ଡାରଘର:** ଘରର ଆସବାବପତ୍ର ବା ଶସ୍ୟାଦି ସାଇତି ରଖିବା ପାଇଁ ପାହାଡ଼ି ଖଡ଼ିଆମାନେ ଗୋଟିଏ ଭଣ୍ଡାର ଘର କରିଥାଆନ୍ତି । ଏଥିରେ ଘରର ଯାବତୀୟ ବ୍ୟବହୃତ ଆସବାବପତ୍ର ରଖାଯାଏ । ଏଠାରେ ଧାନ ଚାଉଳ ମଧ୍ୟ ବସ୍ତାରେ ବାନ୍ଧି ରଖନ୍ତି । କେହି କେହି ପୁଟୁଳି ବାନ୍ଧି ମଧ୍ୟ ରଖୁଥିବା ଦେଖାଯାଏ ।

**ଅତିଥିକକ୍ଷ :** ଏହା ଖୁବ୍ କମ୍ ଖଡ଼ିଆଙ୍କ ଘରେ ଦେଖାଯାଇଥାଏ । ଘରକୁ କେହି ବଂଧୁବାନ୍ଧବ ଆସିଲେ ଏଠାରେ ରାତ୍ରୀଯାପନ କରନ୍ତି । ନଚେତ୍ ଅନ୍ୟ ସମୟରେ ଏହା ପରିବାରର ଲୋକମାନେ ସାଧାରଣ ଭାବରେ ବ୍ୟବହାର କରନ୍ତି ଏବଂ କେହି ମଧ୍ୟ ରାତିରେ ଶୋଇଥାଆନ୍ତି ।

**ସ୍ୱତନ୍ତ୍ର ଉଦ୍ଦେଶ୍ୟ ପାଇଁ ପ୍ରକୋଷ୍ଠ :** ପାହାଡ଼ି ଖଡ଼ିଆମାନଙ୍କ ବାସଗୃହରେ ସ୍ୱତନ୍ତ୍ର ଭାବରେ ଏକ ଠାକୁର ଘର ରହେ । ଏଥିରେ ସେମାନେ ଘରୋଇ ପୂଜା ପାଠ କରନ୍ତି । ଇଷ୍ଟଦେବତା ସ୍ଥାପନ କରିଥାଆନ୍ତି । ଅବଶ୍ୟ ଠାକୁର ଘରେ କୌଣସି ଦେବଦେବୀଙ୍କ ଫଟୋ କିମ୍ବା ମାଟିର ମୂର୍ତ୍ତି ନଥାଏ । ସେମାନେ ଶୂନ୍ୟବାଦୀ । କୌଣସି ପ୍ରତିମା ପୂଜା କରନ୍ତି ନାହିଁ । ପୂଜା ସମୟରେ କେବଳ ଦେବଦେବୀଙ୍କୁ ଆହ୍ୱାନ କରାଯାଇଥାଏ । ଏହି ପ୍ରକୋଷ୍ଠଟି ସବୁ ଗୃହ ମଧ୍ୟରେ ଆକାରରେ ଛୋଟ ହୋଇଥାଏ । ଅନେକ ସମୟରେ ଠାକୁର ଘରେ ଧାନ ଚାଉଳ ମଧ୍ୟ ରଖିଥାଆନ୍ତି । ଏହା ବାଦ୍ ଆଉ କୌଣସି କାର୍ଯ୍ୟ ପାଇଁ ଏହା ବ୍ୟବହୃତ ହୁଏନାହିଁ ।

**ବାରଣ୍ଡା:** ପ୍ରତ୍ୟେକ ପାହାଡ଼ି ଖଡ଼ିଆ ବାସଗୃହରେ ବାରଣ୍ଡା ରହିଥାଏ । ବାରଣ୍ଡା ସାଧାରଣତଃ ଗୃହର ସମ୍ମୁଖ ଭାଗରେ ହିଁ ହୁଏ । ଏହାର ଓସାର ପ୍ରାୟତଃ ୨ ଫୁଟ୍

ମଧ୍ୟରେ ରହେ । ବାରଣ୍ଡାକୁ ସେମାନେ ବିଭିନ୍ନ ଉଦ୍ଦେଶ୍ୟରେ ବ୍ୟବହାର କରନ୍ତି । ଯେପରି ବସାଉଠା କରିବା, ପଟିଆ ପକାଇ ଶୋଇବା, ବସି କରି ଜାଲ ବୁଣିବା, ଖଲିଦୋନା ତିଆରି କରିବା, ବୋବେଇ ଦଉଡ଼ି ବଳିବା, ପରିବା କାଟିବା, ଅତିଥି ଆସିଲେ ଏଠାରେବସି ଗପସପ ହେବା ଏବଂ ଅନେକ ସମୟରେ ଖାଇବା କାମରେ ମଧ୍ୟ ବ୍ୟବହୃତ ହୁଏ । ବାରଣ୍ଡାର ଗୋଟିଏ ଅଂଶରେ ପୁଣି କୁକୁଡ଼ା ଭାଡ଼ି ହୁଏ । ତେଣୁ କୋଠରୀ ଅପେକ୍ଷା ବାରଣ୍ଡା ଏମାନଙ୍କର ଅଧିକ ଉପଯୋଗୀ ଭଳି ମନେହୁଏ ।

## ଗୃହର ବିଭିନ୍ନ ସ୍ଥାନରେ କାର୍ଯ୍ୟକଳାପ:

ପାହାଡ଼ି ଖଡ଼ିଆମାନେ ନିତ୍ୟନୈମିତିକ ଜୀବନଚର୍ଯ୍ୟାରେ ଯାବତୀୟ କାର୍ଯ୍ୟ ନିଜର ଘର ମଧ୍ୟରେ କରିଥାଆନ୍ତି । କୌଣସି ପରିସ୍ଥିତିରେ ଗୃହ ବ୍ୟବହୃତ ନ ହେଲା ଭଳି ବିଧି ପ୍ରାୟ ଏମାନଙ୍କର ନାହିଁ କିମ୍ବା କୌଣସିଥିରେ ଅଛୁଆଁ / ଅଶୁଚିର ବିକାର ନ ଥାଏ । ଖଡ଼ିଆ ମହିଳା ରଜୋବତୀ ହୋଇଥିବା ସମୟରେ ପ୍ରତ୍ୟେକ ଘର ବ୍ୟବହାର କରିପାରେ, ଏଥିରେ କୌଣସି ବାରଣ ନଥାଏ । ଗର୍ଭବତୀ ହେଲେ ମଧ୍ୟ ସେ ପ୍ରତ୍ୟେକ ଘର ବ୍ୟବହାର କରିପାରେ। ତେବେ ଗର୍ଭବତୀ ସମୟରେ ମହିଳାଙ୍କୁ ସାଧାରଣତଃ ଶୋଇବା କକ୍ଷରେ ହିଁ ରାତ୍ରିଯାପନ କରିବାକୁ ହୋଇଥାଏ, ବାହାର ସ୍ଥାନରେ ସେ ଶୋଇପାରେ ନାହିଁ । ଶିଶୁ ଜନ୍ମ ପରେ ପ୍ରସୁତିକୁ ୨୧ ଦିନ ପର୍ଯ୍ୟନ୍ତ କୌଣସି କାର୍ଯ୍ୟ କରିବାକୁ ଦିଆଯାଏ ନାହିଁ । ସେ ସ୍ୱତନ୍ତ୍ର ପ୍ରକୋଷ୍ଠରେ ସଦ୍ୟଜାତ ଶିଶୁ ସହିତ ରହେ । ତା' ପାଖରେ ଦେଖାଚାହାଁ କରିବାକୁ ଗୃହକର୍ତ୍ତୀ ରହିପାରନ୍ତି । ୨୧ ଦିନ ଯାଏଁ ସେ ଅଶୁଚି ଥାଏ । ଏକୋଇଶା ପରେ ଯାଇ ସେ ଘରେ ସାଧାରଣ ଭାବରେ କାମଦାମ କରେ, ଚଳପ୍ରଚଳ ହୁଏ । ପିଲା ଜନ୍ମର ୨୧ ଦିନ ଯାଏଁ ମା'ଟି ତାର ଯତ୍ନ ନେବା ସହିତ ଘରରକର୍ତ୍ତୀ ଅର୍ଥାତ୍ ପିଲାଟିର ଜେଜେମା ସଦ୍ୟଜାତ ଶିଶୁଟିର ଯତ୍ନ ଅଧିକ ଭାବରେ ନେଇଥାଆନ୍ତି । ତାକୁ କଞ୍ଚାବଟା ହଳଦୀ ମାଖି ଦିଅନ୍ତି । ଉଷୁମ ପାଣିରେ ଗାଧୋଇ ପରିଷ୍କାର କରନ୍ତି । ଚେରମୂଳି ଔଷଧ ଦେଇ କିମ୍ବା ଗୁଣିଆ ଡ଼କାଇ ଝଡ଼ାଫୁଙ୍କା କରାନ୍ତି । ନବଜାତ ଶିଶୁର ଯତ୍ନ ପାଇଁ ସମଗ୍ର ପରିବାର ବ୍ୟଗ୍ର ଥାଆନ୍ତି । ଘର ମଧ୍ୟରେ ସ୍ତ୍ରୀ ଓ ପୁରୁଷ ବିଭିନ୍ନ ଧାରାରେ ଗୃହଟିକୁ ସୁଚାରୁରୂପେ ପରିଚାଳିତ କରିଥାଆନ୍ତି । ଉଭୟଙ୍କର ମିଳିତ ସହଯୋଗରେ ଗୃହରେ ସୁଖ-ଶାନ୍ତି ବିରାଜମାନ କରେ । ସନ୍ତାନ ସନ୍ତତି, ବଂଧୁବାନ୍ଧବ, ଅତିଥି ଅଭ୍ୟାଗତ, ପଡ଼ୋଶୀ-ଗ୍ରାମବାସୀ ସମସ୍ତଙ୍କ ପ୍ରତି ଉଚିତ ନ୍ୟାୟ ପ୍ରଦର୍ଶନ ପୂର୍ବକ ପରିବାରର ସୁଖସମୃଦ୍ଧି ପ୍ରତି ଦୃଷ୍ଟି ଦିଅନ୍ତି।

ପାହାଡ଼ି ଖଡ଼ିଆମାନେ ସାଧାରଣତଃ ଗୃହପାଳିତ ପଶୁପକ୍ଷୀଙ୍କ ମଧ୍ୟରେ ଗାଈ, ଗୋରୁ, ଛେଳି, କୁକୁଡ଼ାପାଳନ କରିଥାଆନ୍ତି । ଗାଈଗୋରୁଙ୍କ ପାଇଁ ସ୍ୱତନ୍ତ୍ର ଗୋଶାଳା ନିର୍ମିତ ହେଉଥିବା ସ୍ଥଳେ ଛେଳିମାନଙ୍କୁ ଦିନରେ ବାହାରେ ଏବଂ ରାତିରେ ନିଜର ଶୟନକକ୍ଷ ବା ଅନ୍ୟ ପ୍ରକୋଷ୍ଠରେ ବାନ୍ଧିଥାଆନ୍ତି । କୁକୁଡ଼ାମାନଙ୍କ ପାଇଁ ପିଣ୍ଡାରେ ସ୍ୱତନ୍ତ୍ର ଭାଡ଼ି ତିଆରି ହୁଏ । ରୋଷେଇ ଘରେ ଖାଦ୍ୟ ପ୍ରସ୍ତୁତ ସହିତ ଅନେକ ସମୟରେ ଉକ୍ତ ଘରେ ଖାଆନ୍ତି ମଧ୍ୟ । ତେବେ ବସି ଖାଇବା ପାଇଁ ବାରଣ୍ଡାକୁ ପାହାଡ଼ି ଖଡ଼ିଆମାନେ ଅଧିକ ପସନ୍ଦ କରନ୍ତି । ଏମାନଙ୍କ ସ୍ୱତନ୍ତ୍ର ଖାଇବା ଘର କିମ୍ବା ବୈଠକ ଘର ନଥାଏ । ତେବେ ଶସ୍ୟ, କୃଷିଯନ୍ତ୍ରପାତି ଓ ଗୃହଉପକରଣମାନ ସାଇତି ରଖିବା ପାଇଁ ଖଡ଼ିଆମାନଙ୍କର ଏକ ଭଣ୍ଡାର ଘର ଥାଏ । ଘରର ଯାବତୀୟ ଆସବାବପତ୍ର ସେଠାରେ ରଖନ୍ତି । ଅନେକ ଶସ୍ୟାଦିକୁ ଠାକୁର ଘରେ ବସ୍ତା ବାନ୍ଧି ସାଇତି ରଖନ୍ତି, କାରଣ ଠାକୁର ବା ଦେବଦେବୀଙ୍କ ଉଦ୍ଦେଶ୍ୟରେ ଏମାନଙ୍କ ସ୍ୱତନ୍ତ୍ର ପ୍ରକୋଷ୍ଠ ନିର୍ମିତ ହୋଇଥାଏ ଏବଂ ଖଡ଼ିଆମାନେ ପ୍ରତିମା ପୂଜା କରୁନଥିବାରୁ ସେଠାରେ କୌଣସି ଠାକୁର ନଥାଆନ୍ତି । କେବଳ ପୂଜାପାର୍ବଣରେ ଠାକୁର ଘରେ ଘରୋଇ ପୂଜା ଅନୁଷ୍ଠିତ ହୁଏ । ସେଥିପାଇଁ ବଳକା ଶସ୍ୟାଦି ଏହାର ଗୋଟିଏ ପାର୍ଶ୍ୱରେ ରଖିଥାଆନ୍ତି । କେତେକ ଶସ୍ୟକୁ ପୁଟୁଳି ବାନ୍ଧି ଭଣ୍ଡାର ଘରେ ରଖନ୍ତି । ସୁନା, ଟଙ୍କା ପ୍ରଭୃତି ଖଡ଼ିଆମାନେ ଟିଣବାକ୍ସରେ ରଖୁଥିବା ଦେଖାଯାଏ । ଆଗକାଳରେ ଏମାନେ ଟଙ୍କା ପଇସାକୁ ସାଇତିବା ପାଇଁ ବାଉଁଶ ନଳୀ ବ୍ୟବହାର କରୁଥିଲେ । ଶସ୍ୟ କୁଟିବା ପାଇଁ ପାହାଡ଼ି ଖଡ଼ିଆମାନଙ୍କ ଘରେ ଢ଼ିଙ୍କି ବ୍ୟବସ୍ଥା ରହିଥାଏ । ଏହି ଢ଼ିଙ୍କିଶାଳଟି ଗୃହର ପଛପଟେ ଚାଳିଆ ବାହାର କରି ରଖିଥାଆନ୍ତି । ଢ଼ିଙ୍କିରେ ଧାନ କୁଟି ଚାଉଳ ବାହାର କରିବା ସହିତ ଚାଉଳକୁଟି ଚୂନା କରନ୍ତି । ଚୂନାରେ ପୂଜାପାର୍ବଣ ଦିନମାନଙ୍କରେ ପିଠାପଣା ହୁଏ । ଏବେ ଅବଶ୍ୟ ଢ଼ିଙ୍କିର ବ୍ୟବହାର ହ୍ରାସ ପାଇଛି – ହଲରର ପ୍ରଚଳନ ଯୋଗୁଁ ।

ପାହାଡ଼ି ଖଡ଼ିଆମାନେ ନିଜର ବ୍ୟକ୍ତିଗତ ଆସବାବପତ୍ର ଶୋଇବା ଘରେ କିମ୍ବା ଭଣ୍ଡାର ଘରେ ରଖନ୍ତି । କିନ୍ତୁ ନିତ୍ୟବ୍ୟବହାର୍ଯ୍ୟ ଜିନିଷ ସବୁ ସାଧାରଣତଃ ହାତ ପାଆନ୍ତାରେ ଶୋଇବା ଘରେ ରହେ । କାନ୍ଥରେ କଣ୍ଟା ଲାଗଇ ଘର ପିନ୍ଧା ଲୁଗାପଟା ଟଙ୍ଗାଉଥିବା ବେଳେ ଅନ୍ୟାନ୍ୟ ଲୁଗା ସାଇତିବା ପାଇଁ ବାକ୍ସ ବ୍ୟବହାର କରନ୍ତି । ଦେବ ଉତ୍ସର୍ଗୀକୃତ ଦ୍ରବ୍ୟସବୁ କେବଳ ଠାକୁର ଘରେ ରହେ । ଆଗରୁ ଉଲ୍ଲେଖ କରାଯାଇଛି ଯେ ପାହାଡ଼ି ଖଡ଼ିଆମାନେ କଳା ପ୍ରିୟ ନୁହଁନ୍ତି । ତେଣୁ ଏମାନଙ୍କ

ବର୍ତ୍ତମାନର ସଂସ୍କୃତିରେ ବିଶେଷ ସାଂସ୍କୃତିକ କାର୍ଯକ୍ରମ ଅନୁଷ୍ଠିତ ହେଉଥିବା ଦେଖାଯାଏ ନାହିଁ, ଯାହା ନାଚଗୀତ ହୁଏ ସେଥିରେ କେବଳ ଟାଙ୍ଗୁ ଓ ବଂଶୀ ବ୍ୟବହୃତ ହୋଇଥାଏ । ଏହିସବୁ ବାଦ୍ୟ ଯନ୍ତ୍ରଗୁଡ଼ିକୁ ସେମାନେ ନିଜର ଭଣ୍ଡାର ଘରେ ସାଇତି ରଖନ୍ତି । କୁଟୀର ଶିଳ୍ପ ଖଡ଼ିଆମାନଙ୍କୁ ବିଶେଷ ଜଣାନଥିଲେ ମଧ୍ୟ କିଛି କିଛି କରିଥାଆନ୍ତି । ପଥର କାଟି ଶିଳ-ଶିଳପୁଆ, ଜଙ୍ଗଲରୁ ପତ୍ର ଆଣି ଖଲି, ଦୋନା, ବୋବେଇ କିଣି ଦଉଡ଼ି, ପତ୍ରରେଝାଡୁ , ଖଜୁରୀ ପତ୍ରରେ ପଟିଆ, କାଠରେ ବିଭିନ୍ନ ପ୍ରକାର କୃଷି ଉପକରଣ, ଗୃହୋପକରଣ, ବାଦ୍ୟଯନ୍ତ୍ର (ଟାଙ୍ଗୁ) ଇତ୍ୟାଦି ହସ୍ତଶିଳ୍ପ ପ୍ରସ୍ତୁତ କରିଥାଆନ୍ତି । ଏହି ଶିଳ୍ପକର୍ମକୁ ସେମାନେ ନିଜର ବ୍ୟବହାର ପାଇଁ ହିଁ ବିନିଯୋଗ କରନ୍ତି । କେବଳ ଖଲି, ଦୋନା ଏବଂ ବୋବେଇ ଦଉଡ଼ି ବିକ୍ରି କରୁଥିବା ଜଣାଯାଏ ।

## ଗୃହ ଅଶୁଦ୍ଧି ଓ ଶୁଦ୍ଧି କରଣ:

ପାହାଡ଼ି ଖଡ଼ିଆମାନେ ଶୁଚିଅଶୁଚି ଉପରେ ଗୁରୁତ୍ୱ ଦିଅନ୍ତି ନାହିଁ କିମ୍ବା ସେପରି ଧାରଣା ସେମାନଙ୍କ ମନକୁ ଆସିନଥାଏ । ଗୃହର ପବିତ୍ରତା / ଅପବିତ୍ରତା ଉପରେ ମଧ୍ୟ ସେମାନେ ଏତେ କଠୋର ନୁହଁନ୍ତି । ତେବେ ପରିବାରରେ ସୂତିକା ହେଲେ ୨୧ ଦିନ ଏବଂ ମରଣାଶୌଚ ହେଲେ ୧୧ ଦିନ ଯାଏଁ ଗୃହ ଅପବିତ୍ର ରହେ ବୋଲି କହନ୍ତି । ଏକୋଇଶା ପୂଜା ଦେହୁରୀ ଦ୍ୱାରା କରାଇବା ପରେ ଘର ପବିତ୍ର ହୋଇଥାଏ ଏବଂ ଚତ୍ ସହିତ ଘରଦ୍ୱାର ଲିପାପୋଛା ହୁଏ, ଲୁଗା ପଟା, ବିଛଣାପତ୍ର ସବୁ ସଫା କରାଯାଏ । ସେହିପରି ଶୁଦ୍ଧିକ୍ରିୟା ପରେ ଯାଇ ଘର ପବିତ୍ର ହୁଏ । ଏତଦ୍ ଭିନ୍ନ ନୂଆ ଘରେ ବସବାସ କରିବା ପୂର୍ବରୁ ଦେହୁରୀ ଘରପ୍ରତିଷ୍ଠା (ପୂଜାପାଠ ପୂର୍ବକ) କରିଥାଆନ୍ତି । ତାପରେ ଯାଇ ନୂତନ ଗୃହଟି ବାସୋପଯୋଗୀ ହୁଏ । ଆହୁରି ମଧ୍ୟ ଘରେ ପାଳିଥିବା କୁକୁଡ଼ା ଯଦି ନରମ ଅଣ୍ଡା ଦିଏ କିମ୍ବା ଠିକ୍ ମଧ୍ୟରାତ୍ରରେ ରାବ ଦିଏ, ତେବେ ତାହା ଗୃହଧ୍ୱଂସର କାରଣ ହୋଇପାରେ । ସେଥିପାଇଁ ଦେହୁରୀ ଦ୍ୱାରା ପୂଜାପାଠ କରାଇ ଗୃହର ପବିତ୍ରତା ରକ୍ଷା କରାଯାଇଥାଏ ।

ଯେତେବେଳେ ଗୃହ ମଧ୍ୟରେ ବିରୁଡ଼ି ବସା କରେ, ଶାଗୁଣା ଘର ଚାଳରେ ବସେ, କିମ୍ବା ଛେଳି ଘର ଛପର ଉପରେ ଚଢ଼େ ଗୃହର ଉନ୍ନତିର ଲକ୍ଷଣ ମାନ ଦେଖାଯାଏ। ଏସବୁ ସତ୍ତ୍ୱେ କୌଣସି ଲକ୍ଷଣ ବିଲକ୍ଷଣର ପ୍ରଭାବ ସେମାନଙ୍କ ଉପରେ ବିଶେଷ ପଡ଼ିନଥାଏ କିମ୍ବା ଏତେ ଗୁରୁତ୍ୱ ଦିଆଯାଏ ନାହିଁ।

## ଗୃହର ପ୍ରାକ୍ -ନିର୍ମାଣ ନୀତି ନିୟମ:

ପାହାଡ଼ି ଖଡ଼ିଆମାନଙ୍କ ଯୁବଶୟନାଗାର ପରଂପରା ପ୍ରଚଳିତ ଥିବା ଜଣାଯାଏ ନାହିଁ । ଯୁବାକାଳରେ ମଧ୍ୟ ସମସ୍ତ ଯୁବକଯୁବତୀ ନିଜର ପରିବାର ସହିତ ଏକତ୍ର ରାତ୍ରୀଯାପନ କରିଥାଆନ୍ତି ।

ଏମାନଙ୍କର କୌଣସି ଧର୍ମୀୟ ଗୃହନଥାଏ । ପ୍ରତ୍ୟେକ ସାମୂହିକ ପୂଜା ଏମାନେ ଗ୍ରାମ ମଧ୍ୟରେ କିମ୍ବା ଗ୍ରାମ ବାହାରେ ଥିବା ଖୋଲା ସ୍ଥାନ ବା ଜଙ୍ଗଲ ସମୀପରେ କରିଥାଆନ୍ତି ।

ପାହାଡ଼ି ଖଡ଼ିଆମାନଙ୍କର ଦେବୀପୀଠକୁ 'ଜାହିରା' କୁହାଯାଏ । ଏହି ସ୍ଥାନରେ କେତେକ ବୃକ୍ଷର ସମାବେଶ ହୋଇଥାଏ କିନ୍ତୁ ଶାଳବୃକ୍ଷର ଉପସ୍ଥିତି ଅନିବାର୍ଯ୍ୟ । ଅଧିକାଂଶ ପୂଜା ଏମାନଙ୍କର ଜାହିରା ପୀଠରେ ହୁଏ । ପୂଜାସମୟରେ ଅନ୍ୟାନ୍ୟ ଭୋଗ ସାମଗ୍ରୀ ସହିତ ଛେଳି, ବୋଦା, କିମ୍ବା କୁକୁଡ଼ା ମଧ୍ୟ ବଳି ଦିଆଯାଏ । ଦେହୁରୀ ଏଠାକାର ମୁଖ୍ୟ ପୂଜକ । କୌଣସି ପୂଜାପାର୍ବଣରେ ସମସ୍ତ ଗ୍ରାମବାସୀ ଏଠାରେ ଏକତ୍ରିତ ହୁଅନ୍ତି । ଏହି ଦେବୀପୀଠଟି ଗ୍ରାମର ଯେ କୌଣସି ପାର୍ଶ୍ୱରେ ରହିପାରେ ।

ଧର୍ମୀୟ କର୍ମକର୍ତ୍ତା ବା ଗ୍ରାମମୁଖ୍ୟଙ୍କ ଗୃହନିର୍ମାଣ ସାଧାରଣ ଭାବରେ ହୁଏ । ଏମାନଙ୍କର ଗୃହ କିମ୍ବା ଗୃହ ନିର୍ମାଣର ପଦ୍ଧତି, ନୀତିରେ କିଛି ଫରକ ନଥିଲେ ମଧ୍ୟ ଏ ଦୁହେଁ ଗ୍ରାମବାସୀଙ୍କ ସମ୍ମାନନୀୟ ବ୍ୟକ୍ତିବିଶେଷ ଭାବରେ ପ୍ରତିଷ୍ଠିତ ଥାଆନ୍ତି ।

## ସରକାରଙ୍କ ଯୋଜନା :

ପାହାଡ଼ି ଖଡ଼ିଆମାନଙ୍କ ପାଇଁ ଇନ୍ଦିରା ଆବାସ ଯୋଜନାର ଗୁରୁତ୍ୱ ଯଥେଷ୍ଟ ଅଧିକ । କାରଣ ଇନ୍ଦିରା ଆବାସ ଯୋଜନାରେ ଖଡ଼ିଆ ମାନଙ୍କୁ ବାସଗୃହ ଯୋଗାଇ ଦିଆଯାଇଛି । ସେମାନେ ପାହାଡ଼ ଜଙ୍ଗଲ ଅଞ୍ଚଳରେ କାଳାତିପାତ କରୁଥିଲେ । ସଭ୍ୟତାର ଆଲୋକ ସେମାନଙ୍କଠାରୁ ବହୁ ଦୂରରେ ଥିଲା । ଅନେକ ଅଭାବବୋଧ ତଥା ଅଜ୍ଞାନତା ମଧ୍ୟରେ ସେମାନେ ଜୀବନ ଧାରଣ କରୁଥିଲେ । ସରକାର ସେମାନଙ୍କ ପାଇଁ ଇନ୍ଦିରା ଆବାସ ଗୃହ ଅପେକ୍ଷାକୃତ ସଦର ଅଞ୍ଚଳମାନଙ୍କରେ ନିର୍ମାଣ କରି ସେମାନଙ୍କୁ ଥଇଥାନ କରିଛନ୍ତି । ଫଳରେ ସେମାନଙ୍କ ଚିନ୍ତାଧାରା ଚଳଣି ସବୁଥିରେ ଉନ୍ନତି ପରିଲକ୍ଷିତ ହେଉଛି । ପାହାଡ଼ି ଖଡ଼ିଆଙ୍କ ମତରେ ତାଙ୍କ ପାରମ୍ପରିକ ଚାଳିଆଘର କେବଳ ଗରମ ଦିନ ପାଇଁ ଭଲ । ସବୁ ଦୃଷ୍ଟିକୋଣରୁ ସରକାରୀ ଇନ୍ଦିରା ଆବାସ

ଗୃହ ଅପେକ୍ଷାକୃତ ଅଧିକ ସୁବିଧାଜନକ ଏବଂ ଏହି ଗୃହ ସେମାନଙ୍କୁ ସ୍ୱଚ୍ଛନ୍ଦରେ ଚଳିବା ନିମନ୍ତେ ସହାୟକ ହେଉଛି ।

## ଆଧୁନିକ ଗୃହ ନିର୍ମାଣ ଉପକରଣ:

ଆଧୁନିକ ଯୁଗରେ ଇଟା, ସିମେଣ୍ଟ, ବାଲି, ଲୁହାଛଡ଼ ଇତ୍ୟାଦି ବ୍ୟବହୃତ ହୋଇ କଂକ୍ରିଟ ଘର ନିର୍ମିତ ହେଉଛି ଏବଂ ଛପର ପ୍ରାୟତଃ ଟାଇଲ, ଆଜ୍‌ବେସ୍‌ଟସ, ଖପର ଇତ୍ୟାଦିରେ ହେଉଥିବା ଦେଖାଯାଉଛି ।

## ପୁରାତନ ଏବଂ ସାମ୍ପ୍ରତିକ ଗୃହ ନିର୍ମାଣର ସ୍ୱୀକୃତି ଓ ପ୍ରତ୍ୟାଖ୍ୟାନ:

## ଆଧୁନିକ ଗୃହର ସମସ୍ୟା ଓ ସମ୍ଭାବନା:

ସରକାରୀ ଇନ୍ଦିରା ଆବାସ ଗୃହରେ ବସବାସ କରି ପାହାଡ଼ି ଖଡ଼ିଆମାନେ ବେଶ୍ ଖୁସିଥିବା ଜଣାଯାଏ, କାରଣ ସେମାନଙ୍କ ପାରମ୍ପରିକ ଝାଟିମାଟି ଗୃହ ନିର୍ମାଣର ଆଉ ଆବଶ୍ୟକତା ନାହିଁ । ଗୃହ ନିର୍ମାଣ ଉପକରଣ ସଂଗ୍ରହ, ଗୃହ ନିର୍ମାଣ ପାଇଁ ଶ୍ରମ ତଥା ଆର୍ଥିକ ବ୍ୟୟ କିମ୍ବା ଗୃହର ମରାମତି ପାଇଁ ଚିନ୍ତା- ଏସବୁଥିରୁ ସେମାନେ ମୁକ୍ତ । ସରକାରଙ୍କ ତରଫରୁ ସେମାନଙ୍କୁ ଯୋଗାଇ ଦିଆଯାଉଥିବା ଗୃହଗୁଡ଼ିକ ଇଟାକାନ୍ଥ ସହ ଟାଇଲ ଓ ଆଜବେସ୍‌ଟସ୍ ଛପର ହୋଇଅଛି । ଘର ଚାରିପଟେ ବାଡ଼ିବଗିଚା ପାଇଁ କିଛି ସ୍ଥାନ ମଧ୍ୟ ରହିଛି, ଯେଉଁଥିରେ ସେମାନେ ପନିପରିବା ଚାଷ କରୁଛନ୍ତି । ଗୃହଗୁଡ଼ିକ ଯତ୍ନ ସହକାରେ ରଖିଛନ୍ତି ଏବଂ ଗୃହସଂଲଗ୍ନ ଛୋଟ ଛୋଟ ଚାଳିଘର ବାହାର କରି ଗୁହାଳ ତଥା ଅନ୍ୟ ଗୋଟିଏ ବା ଦୁଇ କୋଠରୀ ବିଶିଷ୍ଟ ଚାଳଘର ବା ଟାଇଲ ଘର ମଧ୍ୟ କରିଛନ୍ତି । ଅବଶ୍ୟ ଏହିପରି ଗୋଟିଏ ବସତି ଉଦଳା ନିକଟବର୍ତ୍ତୀ ଦୁଗ୍ଧା ପଞ୍ଚାୟତରେ ରହିଛି । ଯେଉଁଠାରେ ପ୍ରାୟତଃ ୨୦-୨୫ ପରିବାର ପାଇଁ ଇନ୍ଦିରା ଆବାସ ଗୃହ ଯୋଗାଇ ଦିଆଯାଇଛି । କିନ୍ତୁ ଡ଼େଙ୍ଗାମ୍ ପଞ୍ଚାୟତ ଅନ୍ତର୍ଗତ ବଣିଆବସା ଗ୍ରାମରେ ୬୦-୭୦ ପରିବାର ଖଡ଼ିଆ ବସବାସ କରୁଥିଲେ ମଧ୍ୟ ପ୍ରାୟତଃ ସେମାନଙ୍କୁ ମାତ୍ର ୧୦-୧୫ଟି ସରକାରୀ ଗୃହ ଯୋଗାଇ ଦିଆଯାଇଛି । ଅନ୍ୟ ସମସ୍ତେ ନିଜେ ଘର ନିର୍ମାଣ କରି ରହିଛନ୍ତି । ସେମାନଙ୍କ ମଧ୍ୟରୁ ଅନେକ ଟାଇଲ ଛପର ଘର କରିଥିବା ବେଳେ କେତେକ ଚାଳ ଛପର ଘର କରି ବସବାସ କରୁଛନ୍ତି । ଜଣେ ଜଣେ ସ୍ୱଚ୍ଛଳ ପାହାଡ଼ି ଖଡ଼ିଆ ବେଶ୍ ବିରାଟ ଆକାରର ବାସଗୃହ କରିଥିବା ମଧ୍ୟ ଦେଖାଯାଉଛି । ବଣିଆବସାରୁ ପାହାଡ଼ି ଖଡ଼ିଆ ବସତିଟି ଠିକ୍ ପାହାଡ଼ ସମୀପରେ ହୋଇଥିବାରୁ ଏବଂ

ଅନ୍ୟାନ୍ୟ ଅଣ ଆଦିବାସୀମାନେ ନିକଟବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବାରୁ ସେଠାକାର ପାହାଡ଼ି ଖଡ଼ିଆମାନେ ଅପେକ୍ଷାକୃତ ସ୍ୱଚ୍ଛଳ ତଥା ଆଧୁନିକ ସଭ୍ୟତା ଦ୍ୱାରା ପ୍ରଭାବିତ ହୋଇଥିବା ମନେହୁଏ । ନଚେତ୍ ସବୁ ଦୃଷ୍ଟିକୋଣରୁ ସେମାନେ ଆଧୁନିକ ଗୃହକୁ ପସନ୍ଦ କରନ୍ତି । ତେବେ ସଦର ଅଞ୍ଚଳଠାରୁ ଜେନାବିଲ୍ ବାରହାକୁମୁଡ଼ା ଆଦି ପାହାଡ଼ିଆ ଅଞ୍ଚଳରେ ରହୁଥିବା ଖଡ଼ିଆମାନଙ୍କୁ ଇନ୍ଦିରା ଆବାସ ଗୃହ କମ୍ ପରିମାଣରେ ଯୋଗାଇ ଦିଆଯାଇଥିଲେ ମଧ୍ୟ ଗୃହଗୁଡ଼ିକର ଯତ୍ନ ତଥା ସଦୁପଯୋଗ ସେମାନେ ଠିକ୍ ଭାବରେ ଶିଖି ନଥିବାରୁ ବସବାସ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସମସ୍ତ ପାହାଡ଼ି ଖଡ଼ିଆ ପରିବାରକୁ ସହର ଅଞ୍ଚଳରେ ଇନ୍ଦିରା ଆବାସ ଗୃହଯୋଗାଇ ଦେଲେ ଏବଂ ଗୃହ ଗୁଡ଼ିକର ମାନ ତଥା ଆକାର ଅଧିକ ହେଲେ ହୁଏତ ଖଡ଼ିଆମାନେ ଯଥେଷ୍ଟ ଉପକୃତ ହେବା ସହିତ ସେମାନେ ନିଜ ଜୀବନଧାରାର ସମାସ୍ୟାଗୁଡ଼ିକୁ ଦୂର କରିପାରିବେ ।

## ପାରମ୍ପରିକ ଗୃହ ନିର୍ମାଣ ସୁରକ୍ଷା ସମ୍ବନ୍ଧରେ ପ୍ରସ୍ତାବ ଓ ସୁପାରିଶ:

ଖଡ଼ିଆ ସଂପ୍ରଦାୟର ପାରମ୍ପରିକ ବାସଗୃହ କେବଳ ଝାଟିମାଟିରେ ନିର୍ମିତ ହୋଇ ତୃଣପତ୍ରରେ ଛପର କରାଯାଇଥାଏ । ଯଦି ପାରମ୍ପରିକ ବାସଗୃହର ନିର୍ମାଣ ମରାମତି, ସଂରକ୍ଷଣ, ନିରାପତ୍ତା ବା ସୁରକ୍ଷା କଥା ଚିନ୍ତା କରାଯାଏ, ତେବେ ଖଡ଼ିଆମାନଙ୍କଠାରେ ଅଭାବ ଥିବା ଶିକ୍ଷାଦିଗଟି ପ୍ରତି ଧ୍ୟାନ ଦେବାକୁ ହେବ । ଖଡ଼ିଆମାନେ ଉନ୍ନତ ଓ ଖୁବ୍ ଶୀଘ୍ର ଆଧୁନିକ ସଭ୍ୟତା ପ୍ରତି ଆକର୍ଷିତ ଏବଂ ପରିବର୍ତ୍ତିତ । ତଥାପି ପାହାଡ଼ି ଖଡ଼ିଆ ଗୋଷ୍ଠୀ ମଧ୍ୟରେ ଶିକ୍ଷିତ ସଂଖ୍ୟା ଖୁବ୍ କମ୍ ଏବଂ ଯିଏ ବି ଏବେ ପାଠ ପଢ଼ିଛନ୍ତି ଅତି ବେଶୀରେ ମ୍ୟାଟ୍ରିକ ପର୍ଯ୍ୟନ୍ତ ଯାଇଛନ୍ତି । କେହି ଚାକିରୀ କରିଥିବା ଦେଖାଯାଇନାହିଁ । ତେଣୁ ପ୍ରଥମେ ସେମାନଙ୍କୁ ଶିକ୍ଷା ଦେଇ ସଚେତନ କରାଇଲେ ସେମାନେ ସ୍ୱପରମ୍ପରାକୁ ରକ୍ଷା କରିବା ଶିଖିବେ । ପରମ୍ପରା ବିମୁଖ ପାହାଡ଼ି ଖଡ଼ିଆ ସଂପ୍ରଦାୟ ଭିତରେ ପରଂମ୍ପରା ପ୍ରୀତି ଜାଗ୍ରତ ହେଲେ ସେମାନେ ନିଜ ପାରମ୍ପରିକ ବାସଗୃହର ନିର୍ମାଣ, ମରାମତି, ସଂରକ୍ଷଣ, ନିରାପତ୍ତା ଓ ସୁରକ୍ଷା ଦାୟିତ୍ୱ ନିଜେ ହାତକୁ ନେବେ । ଏହା ସହିତ ସରକାରୀ ତଥା ବେସରକାରୀ ସ୍ତରରେ ସାହାଯ୍ୟ ଏବଂ ସହଯୋଗ ମଧ୍ୟ ଯୋଗାଇ ଦିଆଯାଇପାରେ ।

# ବାର୍ଷିକ ପର୍ବପର୍ବାଣି ସାରଣୀ

## "ପାହାଡି ଖଡ଼ିଆ" ବାର୍ଷିକ ପର୍ବପର୍ବାଣି ସାରଣୀ

| କ୍ର.ନଂ | ଓଡ଼ିଆ ମାସର ନାମ | ପହାଡି ଖଡ଼ିଆ ଭାଷାରେ ମାସର ନାମ | ଇଂରାଜୀ ଭାଷାରେ ମାସରନାମ | ପର୍ବର ନାମ | ନିର୍ଦ୍ଧାରିତ ସମୟ | ସଂପୃକ୍ତ ଦେବା-ଦେବୀ | ପୂଜାରୀ | ପୂଜା ଉପକରଣ | ପୂଜା ଉପଚାର ବ୍ୟକ୍ତିଗତ / ସାମୂହିକ | ସାଂସ୍କୃତିକ କାର୍ଯ୍ୟକ୍ରମ ନାଚ /ଗୀତ | ମନ୍ତବ୍ୟ |
|---|---|---|---|---|---|---|---|---|---|---|---|
| ୦୧. | ବୈଶାଖ | ବୈଶାଖ | ଏପ୍ରିଲ-ମେ | ପଣା ସଂକ୍ରାନ୍ତି ଅକ୍ଷୟ ତୃତୀୟା | ବୈଶାଖ ମାସର ପ୍ରଥମ ଦିନଟିକୁ ବୈଶାଖ ସଂକ୍ରାନ୍ତି ରୂପେ ବା ପଣାସଂକ୍ରାନ୍ତି ରୂପେ ମାନିଥାନ୍ତି। ଏହି ମାସର କୃଷ୍ଣପକ୍ଷ ତୃତୀୟା ତିଥିକୁ ଅକ୍ଷୟ ତୃତୀୟା କୁହାଯାଏ। | ଗୃହର ଇଷ୍ଟ ଦେବା-ଦେବୀ ଓ ଗ୍ରାମ ଦେବା-ଦେବୀ (ବାଉଳି ପଞ୍ଚୁଣୀ) | ଗୃହକର୍ତ୍ତା ଓ ଗାଁ ଦେହୁରୀ | ଶାଳ ଓ ଶିଆଳିପତ୍ର, ଅରୁଆଚାଉଳ, ସିନ୍ଦୁର, ଧୂପ, ଦୀପ, | ଆରମ୍ଭ ହୋଇଥାଏ। ଏହିପରି ଗ୍ରାମଦେହୁରୀ ଗ୍ରାମ ଦେବାଦେବୀଙ୍କୁ ପୂଜା କରିଥାନ୍ତି। ଅକ୍ଷୟ ତୃତୀୟାରେ ଧାନ ବୁଣା କାର୍ଯ୍ୟରେ ଶୁଭାରମ୍ଭ ହୋଇଥାଏ। | ପଣା ସଂକ୍ରାନ୍ତିରେ ଅଧିକାଂଶ ଘରେ ବେଲରେ ପ୍ରସ୍ତୁତ କରିପିଇଥାନ୍ତି ଓ କେହି କେହି ନାଚ-ଗୀତ ମଧ୍ୟ କରିଥାନ୍ତି। ପଣା ସଂକ୍ରାନ୍ତିରେ ଅଧିକାଂଶ ଘରେ ବେଲରେ ପ୍ରସ୍ତୁତ ପଣା ତିଆରି କରି ପରସ୍ପରକୁ ଡାକି ପିଇବାକୁ ଦେଇଥାନ୍ତି । | |
| ୦୨. | ଜ୍ୟେଷ୍ଠ | ଆତେନ୍ | ମେ-ଜୁନ୍ | ଚନ୍ଦନ ପୂର୍ଣ୍ଣିମା ଓ ସାବିତ୍ରୀ ପୂଜା | ଜ୍ୟେଷ୍ଠମାସର ପୂର୍ଣ୍ଣମାତିଥି ଓ ଅମାବାସ୍ୟା ତିଥି | ଇଷ୍ଟ ଦେବା-ଦେବୀ | ଗୃହକର୍ତ୍ତା ଓ ଗୃହକର୍ତ୍ତୀ ସିନ୍ଦୁର, ଧୂପ, ଦୀପ, ଝୁଣା, | ଝୁଣା, ପତ୍ର, ଅରୁଆ, ଚାଉଳ, ଇତ୍ୟାଦି ବର୍ଷର ଶୁଭାରମ୍ଭ ଏହି ପଣା ସଂକ୍ରାନ୍ତି ଦିନରୁ ହିଁ | ଇଷ୍ଟ ଦେବା-ଦେବୀଙ୍କୁ ଗୃହକର୍ତ୍ତା ପୂଜୋପକରଣ ଦ୍ୱାରା ପୂଜା କରିଥାନ୍ତି । ଗୃହକର୍ତ୍ତୀ ତାର ସ୍ୱାମୀଙ୍କୁ ପୂଜା କରିଥାଏ । | - | - |

| କ୍ର.ନଂ | “ପାହାଡି ଖଡ଼ିଆ” ବାର୍ଷିକ ପର୍ବପର୍ବାଣି ସାରଣୀ | | | | | | | | | | ମନ୍ତବ୍ୟ |
|---|---|---|---|---|---|---|---|---|---|---|---|
| | ଓଡ଼ିଆ ମାସର ନାମ | ପାହାଡି ଖଡ଼ିଆ ଭାଷାରେ ମାସର ନାମ | ଇଂରାଜୀ ଭାଷାରେ ମାସରନାମ | ପର୍ବର ନାମ | ନିର୍ଦ୍ଧାରିତ ସମୟ | ସଂପୃକ୍ତ ଦେବା-ଦେବୀ | ପୂଜାରୀ | ପୂଜା ଉପକରଣ | ପୂଜା ଉପଚାର ବ୍ୟକ୍ତିଗତ / ସାମୂହିକ | ସାଂସ୍କୃତିକ କାର୍ଯ୍ୟକ୍ରମ ନାଚ /ଗୀତ | |
| ୦୩. | ଆଷାଢ଼ | ଆଷାଢ଼ | ଜୁନ୍-ଜୁଲାଇ | ରଜପର୍ବ ଓ ଆଷାଢ଼ ପୂଜା। | ଆଷାଢ଼ ମାସର ପ୍ରଥମ ତିନିଦିନ। | ଗ୍ରାମ ଠାକୁରାଣୀ (ଗଉଁଲୀ ଠାକୁରାଣୀ) ଜହିରା, ପୂଜା ଜଙ୍ଗଲ ଦେବତା ପୂଜା) | ଗାଁ ଦେହୁରୀ ଓ ଗୃହକର୍ତ୍ତା। ଗୃହକର୍ତ୍ତା ଗାଁ ଦେହୁରୀ ଓ ଗୃହକର୍ତ୍ତା | ସିନ୍ଦୁର, ଧୂପ, ଦୀପ, ଝୁଣା, ପତ୍ରବର୍ତ୍ତୀ, କୁକୁଡ଼ା, | ବୋଦା। ରଜ ପର୍ବରେ ବାଉଳୀ ଠାକୁରାଣୀଙ୍କୁ ଜହିରା ଦେବୀ ଓ ଜଳ ବର୍ଷା ହେବା ପାଇଁ ଜଙ୍ଗଲ ଦେବତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ପୂଜା କରାଯାଇଥାଏ। ସାମୂହିକଭାବେ ଏହା ସଂଘଟିତ ହୋଇଥାଏ। | ଘରେ ଇଷ୍ଟ ଦେବତାଙ୍କ ଠାରେ ପୂଜା କରନ୍ତି। ରଜପର୍ବରେ ଗ୍ରାମ ଯୁବକମାନଙ୍କ ଦ୍ୱାରା ତାଙ୍କ ନାଚ ହୁଏ ଓ ଭ୍ରମଣ ମଧ୍ୟ କରାଯାଇଥାଏ। | ରଜପର୍ବକୁ ଖୁବ୍ ଜାକଜମକରେ ପାଳନ କରିଥାନ୍ତି। ଘରେ ଘରେ ମାଂସମାଛ, ରାନ୍ଧି ଖାଇଥାନ୍ତି, ପାନୀୟ ମଧ୍ୟ କରିଥାନ୍ତି। |
| ୦୪. | ଶ୍ରାବଣ | ଶ୍ରାବଣ | ଜୁଲାଇ-ଅଗଷ୍ଟ | ଗହ୍ମା ପୁନେଇ | ଶ୍ରାବଣ ମାସର ପୂର୍ଣ୍ଣମୀ ତିଥି | ଇଷ୍ଟ ଦେବଦେବୀ ଓ ଗୋରୁ-ଗାଈ | ଅଶ୍ୱିନ ମାସର ଷଷ୍ଠୀଠାରୁ ଦଶମୀ ତିଥି | ସିନ୍ଦୁର, ଧୂପ, ଦୀପ, ଝୁଣା, ତାଳପିଠା, ଅରୁଆ ଚାଉଳ। | ଗହ୍ମା ପୁନେଇରେ ଗୃହକର୍ତ୍ତା ଇଷ୍ଟ ଦେବା ଦେବୀଙ୍କୁ ପୂଜା କରିଥାନ୍ତି ଓ ତା ସହିତ ଗୋରୁ-ଗାଈଙ୍କୁ ମଧ ପୂଜା କରିଥାନ୍ତି। | ଗହ୍ମାପୁନେଇରେ ଇଲାକାଗ୍ରାମର ଯୁବକମାନେ ନାଚ ମସ୍ତକରିଥାନ୍ତି। | |
| ୦୫. | ଭାଦ୍ରବ | ଭାଦ୍ର | ଅଗଷ୍ଟ-ସେପ୍ଟେମ୍ବର | ନୂଆଖାଇ | ଭାଦ୍ରବ ମାସରଚନ୍ଦ୍ର ଦର୍ଶନ ପରେ ଏହି ପର୍ବପାଳନ କରାଯାଏ। | ଦେବୀଦୁର୍ଗା ଓ ଲକ୍ଷ୍ମୀ। | ପର୍ଯ୍ୟନ୍ତ ଓ ପୂର୍ଣ୍ଣିମା ଦିନ ଗଜଲକ୍ଷ୍ମୀ ପୂଜା କରିଥାନ୍ତି। | | ଦେବୀଦୁର୍ଗାଙ୍କ ଉଦ୍ଦେଶ୍ୟରେ ଗାଁ ଦେହୁରୀ ଜହିରା ଓ ଗାଁ ଦେହୁରୀ ଜହିରା ଓ ଗାଁ ଦେବସ୍ଥାନମାନଙ୍କରେ ଲାଉ, କଖାରୁକୁ କାଟି ପୂଜା କରିଥାନ୍ତି, ଗୃହକର୍ତ୍ତାମାନେ ମଧ୍ୟ ଲକ୍ଷ୍ମୀଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ | ଦୁର୍ଗାପୂଜାରେ ଦେବୀ ଦୁର୍ଗାଙ୍କ ବେଶ ଧରି ଯୁବକମାନେ ଗାଁ ଗାଁ ପରିକ୍ରମା କରନ୍ତି। | |

# "ପାହାଡି ଖଡ଼ିଆ" ବାର୍ଷିକ ପର୍ବପର୍ବାଣି ସାରଣୀ

| କ୍ର.ନଂ | ଓଡ଼ିଆ ମାସର ନାମ | ପହାଡି ଖଡ଼ିଆ ଭାଷାରେ ମାସର ନାମ | ଇଂରାଜୀ ଭାଷାରେ ମାସରନାମ | ପର୍ବର ନାମ | ନିର୍ଦ୍ଧାରିତ ସମୟ | ସଂପୃକ୍ତ ଦେବା-ଦେବୀ | ପୂଜାରୀ | ପୂଜା ଉପକରଣ | ପୂଜା ଉପଚାର ବ୍ୟକ୍ତିଗତ / ସାମୂହିକ | ସାଂସ୍କୃତିକ କାର୍ଯ୍ୟକ୍ରମ ନାଚ /ଗୀତ | ମନ୍ତବ୍ୟ |
|---|---|---|---|---|---|---|---|---|---|---|---|
| ୦୬. | ଅଶ୍ୱିନ | ଅଶିଣ | ସେପ୍ଟେମ୍ବର-ଅକ୍ଟୋବର | ଦୁର୍ଗାପୂଜା ଓ ଲକ୍ଷ୍ମୀପୂଜା। | ଅଶ୍ୱିନ ମାସର ଶୀୟାଠାରୁ ଦଶମୀ ତିଥି ପର୍ଯ୍ୟନ୍ତ ଓ ପୂର୍ଣ୍ଣିମା ଦିନ ଗଜଲକ୍ଷ୍ମୀ ପୂଜା | କରିଥାନ୍ତି । ଦେବୀ ଦୁର୍ଗା ଓ ଲକ୍ଷ୍ମୀ ଠାକୁରାଣୀ | ଗାଁ ଦେହୁରୀ ଓ ଗୃହକର୍ତ୍ତା | ଅରୁଆ ଚାଉଳ, ସିନ୍ଦୂର, ଶାଳପତ୍ର, ଝୁଣା, ଧୂପ, ଦୀପ, କଖାରୁ ଲାଉ ଇତ୍ୟାଦି । | ଦେବୀଦୁର୍ଗାଙ୍କ ଉଦ୍ଦେଶ୍ୟରେ ଗାଁ ଦେହୁରୀ ଜାହିରାଠାରେ ଓ ଗାଁ ଦେବପୀଠ ନିକଟରେ ଲାଉ କଖାରୁକୁ କାଟି ପୂଜା କରିଥାନ୍ତି । ଗୃହକର୍ତ୍ତାମାନେ ମାନେ ମଧ୍ୟ ଲକ୍ଷ୍ମୀଦେବୀଙ୍କ ଉଦ୍ଦେଶ୍ୟରେ ଘରେଘରେ ପୂଜା କରିଥାନ୍ତି । | ଏହି ପର୍ବରେ ଗ୍ରାମର ଯୁବକ ମାନେ ଦୁର୍ଗାଦେବୀ ବେଶହୋଇ ଗାଁରେ ବାଦ୍ୟ ବଜାଇ ଗ୍ରାମ ପରିକ୍ରମା କରିଥାନ୍ତି । | ଦେବୀ ଦୁର୍ଗାଙ୍କୁ ପୂଜା ଅର୍ଚ୍ଚନା କଲେ ଦେବୀ ଦୁର୍ଗା ସନ୍ତୁଷ୍ଟ ହୋଇ ଲୋକମାନଙ୍କୁ ସୁରକ୍ଷା ଦେବେ ବୋଲି ବିଶ୍ୱାସ । |
| ୦୭. | କାର୍ତ୍ତିକ | କାର୍ତ୍ତିକ | ଅକ୍ଟୋବର-ନଭେମ୍ବର | କାଳୀ ପୂଜା | ଏହି ପର୍ବ କାର୍ତ୍ତିକ ମାସର ଅମାବାସ୍ୟା ଦିନଟିକୁ କାଳୀପୂଜା ରୂପେ ମାନିଥାନ୍ତି। | କାଳୀ ଠାକୁରାଣୀ | ଗାଁ ଦେହୁରୀ | ଅରୁଆ ଚାଉଳ ଧୂପ, ଝୁଣା, ଦୀପ, ପଞ୍ଚବର୍ତ୍ତୀ। | ବ୍ୟକ୍ତିଗତଭାବେ ପ୍ରତ୍ୟେକ ଘରେ ଘରେ ମୁଖିଆ ଗ୍ରାମ ଦେବପୀଠ ନିକଟରେ କୁକୁଡାକୁ ବଳି ଦେଇ ପୂଜା କରିଥାନ୍ତି। | ଅନ୍ୟ ସମ୍ପ୍ରଦାୟ ମାନଙ୍କ ପରି ଏମାନେ ମଧ୍ୟ ବାଣ ଫୁଟାଇ ଖୁସି ମନାଇଥାନ୍ତି । | କାଳୀ ଠାକୁରାଣୀଙ୍କୁ ପୂଜା କଲେ ରୋଗ ବୈରାଗରୁ ମୁକ୍ତି ମିଳିଥାଏ ବୋଲି ବିଶ୍ୱାସ କରିଥାନ୍ତି । |

## "ପାହାଡି ଖଡ଼ିଆ" ବାର୍ଷିକ ପର୍ବପର୍ବାଣି ସାରଣୀ

| କ୍ର.ନଂ | ଓଡ଼ିଆ ମାସର ନାମ | ପାହାଡି ଖଡ଼ିଆ ଭାଷାରେ ମାସର ନାମ | ଇଂରାଜୀ ଭାଷାରେ ମାସରନାମ | ପର୍ବର ନାମ | ନିର୍ଦ୍ଧାରିତ ସମୟ | ସଂପୃକ୍ତ ଦେବା-ଦେବୀ | ପୂଜାରୀ | ପୂଜା ଉପକରଣ | ପୂଜା ଉପଚାର ବ୍ୟକ୍ତିଗତ / ସାମୂହିକ | ସାଂସ୍କୃତିକ କାର୍ଯ୍ୟକ୍ରମ ନାଚ /ଗୀତ | ମନ୍ତବ୍ୟ |
|---|---|---|---|---|---|---|---|---|---|---|---|
| ୦୮. | ମାର୍ଗଶୀର | ମଗୁଶୀର | ନଭେମ୍ବର-ଡିସେମ୍ବର | ପ୍ରଥମା ଅଷ୍ଟମୀ | ମାର୍ଗଶୀର ମାସର ପ୍ରଥମ ଭାଗର ଅଷ୍ଟମୀ ତିଥିରେ ଏହା ପାଳିତ ହୋଇଥାଏ । | ଇଷ୍ଟଦେବତା | ଗୃହକର୍ତ୍ତା | ଧୂପ, ଝୁଣା, ଅରୁଆ, ଚାଉଳ, ପଞ୍ଚବର୍ତ୍ତୀ, ଦୀପ, ଫଳମୂଳ। | ବ୍ୟକ୍ତିଗତ ଭାବେ ଗୃହକର୍ତ୍ତା ଇଷ୍ଟ ଦେବତାଙ୍କୁ ଧୂପ, ଦୀପ, ନୈବେଦ୍ୟ ଓ ଫଳମୂଳରେ ପୂଜା କରି ସନ୍ତୁଷ୍ଟ କରନ୍ତି । ଫଳରେ ଗୃହରେ ଶାନ୍ତି ବିରାଜମାନ କରେ । | ଘରେ ଘରେ ପିଠାପଣା ହୁଏ ଓ ମାଛ ମାଂସ ହୋଇଥାଏ । ଗାଁରେ ଡ୍ରାମା ପରିବେଷଣ ମଧ୍ୟ ହୋଇଥାଏ । | ଏହି ପର୍ବରେ ପରିବାରର ଜ୍ୟେଷ୍ଠସନ୍ତାନ ମାନଙ୍କ ପାଇଁ ନୂଆ ଜାମା-ପ୍ୟାଣ୍ଟ ତିଆରି କରାଯାଏ । |
| ୦୯. | ପୌଷ | ପୁଷ | ଡ଼ିସେମ୍ବର-ଜାନୁୟାରୀ | ମକର ପର୍ବ ମାଘ ପୂଜା | ପୌଷ ମାସର ପ୍ରଥମ ୩ ଦିନକୁ ମକର ପର୍ବ ରୂପେ ପାଳନ କରାଯାଏ । | ଗ୍ରାମ ଦେବତା ଓ ଇଷ୍ଟ ଦେବତା | ଗାଁ ଦେହୁରୀଙ୍କ ସହିତ ଗୃହକର୍ତ୍ତା | ଅରୁଆ, ଚାଉଳ, ଧୂପ, ଝୁଣା, ଝୁଣା, କୁକୁଡ଼ା, ବୋଦା ଇତ୍ୟାଦି । | ବ୍ୟକ୍ତିଗତ ଭାବେ ପ୍ରତ୍ୟେକ ଘରେ ଘରର ମୁଖିଆ ଗ୍ରାମଦେବପାଠ ନିକଟରେ କୁକୁଡ଼ା ବଳି ଦେଇ ପୂଜା କରିଥାନ୍ତି। ମକର ପର୍ବରେ ଗ୍ରାମ ଦେବତାଙ୍କ ନିକଟରେ ଦେହୁରୀ କୁକୁଡ଼ା ଛେଳି, ପାରା ବଳୀ ପକାଇ ପୂଜା କରିଥାନ୍ତି । ମାଘପୂଜା ମଧ୍ୟ ମକରପର୍ବର ୬-୭ ଦିନ ପରେ ଜାହିରା ଠାରେ ଦେହୁରୀ କରିଥାଏ, ଗୃହକର୍ତ୍ତାମାନେ ଘରେ ଘରେ ଇଷ୍ଟ ଦେବତାଙ୍କୁ ପୂଜା କରିଥାନ୍ତି। | ମକରକୁ ସବୁ ପର୍ବ ମଧ୍ୟରେ ଶ୍ରେଷ୍ଠ ପର୍ବ ବୋଲି ପାଳନ କରିଥାନ୍ତି, ଗ୍ରାମରେ ନାଟକ, ଡ୍ରାମା ପରିବେଷଣ କରିଥାନ୍ତି ତାଙ୍ଗୁ ବାଦ୍ୟ ଓ ଝୁମର ନାଚ ପରିବେଷଣ କରିଥାନ୍ତି । | ମାଘ ପୂଜା କରିସାରିବା ପରେ ସେମାନେ ଜଙ୍ଗଲକୁ ଯିବା ପାଇଁ ମୁକ୍ତ ସ୍ୱାଧୀନତା ପାଇଥାନ୍ତି । ଏହି ପୂଜା ନ କରିବା ପର୍ଯ୍ୟନ୍ତ କେହି ଜଙ୍ଗଲକୁ ଯାଇପାରିବେ ନାହିଁ ବୋଲି ନିୟମ ଅଛି । |

## "ପାହାଡି ଖଡ଼ିଆ" ବାର୍ଷିକ ପର୍ବପର୍ବାଣି ସାରଣୀ

| କ୍ର.ନଂ | ଓଡ଼ିଆ ମାସର ନାମ | ପାହାଡି ଖଡ଼ିଆ ଭାଷାରେ ମାସର ନାମ | ଇଂରାଜୀ ଭାଷାରେ ମାସରନାମ | ପର୍ବର ନାମ | ନିର୍ଦ୍ଧାରିତ ସମୟ | ସଂପୃକ୍ତ ଦେବା-ଦେବୀ | ପୂଜାରୀ | ପୂଜା ଉପକରଣ | ପୂଜା ଉପଚାର ବ୍ୟକ୍ତିଗତ / ସାମୂହିକ | ସାଂସ୍କୃତିକ କାର୍ଯ୍ୟକ୍ରମ ନାଚ /ଗୀତ | ମନ୍ତବ୍ୟ |
|---|---|---|---|---|---|---|---|---|---|---|---|
| ୧୦. | ମାଘ | ମାଘ | ଜାନୁୟାରୀ-ଫେବୃୟାରୀ | - | | | | | | | |
| ୧୧. | ଫାଲ୍ଗୁନ | ଫଗୁଣ | ଫେବୃୟାରୀ-ମାର୍ଚ୍ଚ | | | | | | | | |
| ୧୨. | ଚୈତ୍ର | ଚଇତି | ମାର୍ଚ୍ଚ-ଏପ୍ରିଲ | ଚୈତ୍ର ମାସର ପୂର୍ଣ୍ଣମୀ ତିଥି | ଇଷ୍ଟ ଦେବତା | ଗୃହକର୍ତ୍ତା | ଅରୁଆଚାଉଳ, ଧୂପ, ଝୁଣା, ପଞ୍ଚବର୍ତ୍ତୀ, ସିନ୍ଦୁର । | ଗୃହକର୍ତ୍ତା | ଗୃହକର୍ତ୍ତା ଘରର ଇଷ୍ଟ ଦେବତାଙ୍କୁ ପୂଜାପୋକରଣ ଦେଇ ପୂଜା କରିଥାନ୍ତି ଓ ପରିବାରର ସୁଖ-ଶାନ୍ତି ପାଇଁ ଗୁହାରୀ କରିଥାନ୍ତି । | କେହି କେହି ବର୍ଷ ଝୁମର ନାଚ ପରି ବେଷଣ କରାଯାଇଥାଏ, ତାହାସହିତ ତାଙ୍କୁ ନାଚ ମଧ ହେଉଥାଏ । | ରଙ୍ଗର ଉତ୍ସବ ହୋଲିକୁ ଖଡ଼ିଆ ସମ୍ପ୍ରଦାୟର ଲୋକେ ଦେଖି ଶିଖି ଅନ୍ୟ ସମ୍ପ୍ରଦାୟଠାରୁ ଏହି ରଙ୍ଗ ଖେଳ ପ୍ରଥାକୁ ଗ୍ରହଣ କରିଛନ୍ତି । |

# ବାର୍ଷିକ
# କୃଷି ସାରଣୀ

| କ୍ର.ନଂ | "ପାହାଡ଼ିଖଡ଼ିଆ" ବାର୍ଷିକ କୃଷି ସାରଣୀ | | | | | | | | ମନ୍ତବ୍ୟ |
|---|---|---|---|---|---|---|---|---|---|
| | ଓଡ଼ିଆ ମାସର ନାମ | ପାହାଡ଼ି ଖଡ଼ିଆ ଭାଷାରେ ମାସର ନାମ | ଇଂରାଜୀ ଭାଷାରେ ମାସର ନାମ | ମାସିକ କୃଷି କାର୍ଯ୍ୟ | ମାସିକଶସ୍ୟ ଫୁଲ,ଫଳ, ପନିପରିବା | କୃଷି ସଂପର୍କିତ ପର୍ବପର୍ବାଣି ଓ ଦେବଦେବୀ | ପୂଜାପାଠ ଓ ନାଚଗୀତ | ନିଷେଧାଜ୍ଞା/ ବିପଣନ | |
| ୦୧. | ବୈଶାଖ | ବୈଶାଖ | ଏପ୍ରିଲ-ମେ | ଏହି ମାସରେ ପ୍ରଥମ ଥର ପାଇଁ ଜମିକୁ ହଳ କରାଯାଏ ଓ ତହିଁ ଜମିରେ ଥିବା ଅନାବନା ଗଛକୁ କାଟି ଦିଆଯାଇ ଏକତ୍ରିତ କରି ଶୁଖି ଗଲାପରେ ପୋଡ଼ି ଦିଆଯାଏ । ତତ୍‌ପରେ ଖରାପାଗ ଦେଖି ଦ୍ୱିତୀୟ ଥର ଚାଷ କରାଯାଏ । ମକା, ହରଡ଼ ପାଇଁ ମଧ ଜମି ପ୍ରସ୍ତୁତ କରାଯାଏ। ଆଗୁଧାନ ପାଇଁ ହଳ କରି ତହିଁରେ ବିହନ ବୁଣାଯାଇଥାଏ । | ବାଡ଼ି ବଗିଚାରେ କେହି କେହି ପରିବା ଚାଷ ପାଇଁ ମାଟିକୁ ଗୁଣ କରି କ୍ଷେତ୍ର ପ୍ରସ୍ତୁତ କରିଥାନ୍ତି । | ବୈଶାଖ ମାସର ପ୍ରଥମ ଦିନଟିକୁ ସଂକ୍ରାନ୍ତି ରୂପେ ମାନିଥାନ୍ତି ଓ ଅକ୍ଷିତୃତୀୟା ମଧ ପାଳନ କରନ୍ତି । | ଗୃହକର୍ତ୍ତା ଇଷ୍ଟ ଦେବତାଙ୍କୁ ଧୂପ, ଦୂପ, ନୈବେଦ୍ୟ ଦେଇ ପୂଜା କରିଥାନ୍ତି । | ଅକ୍ଷୟ ତୃତୀୟା ପୂର୍ବରୁ କୌଣସି ଚାଷ କାର୍ଯ୍ୟ ପାଇଁ ଧାନ ବୁଣାଯାଏ ନାହିଁ। | କୃଷିକାର୍ଯ୍ୟର ଶୁଭାରମ୍ଭ ଏହିମାସରେ ହୋଇଥାଏ, ତେଣୁ ଏହି ମାସକୁ କୃଷକମାନେ ଗୁରୁତ୍ୱଦେଇ ଚାଷକାର୍ଯ୍ୟ ପାଇଁ ପ୍ରସ୍ତୁତ ହୁଅନ୍ତି। ଧାନ ଚାଷପାଇଁ ବୁଣାବୁଣିକାର୍ଯ୍ୟ ଜୋରସୋରରେ ଚାଲୁରଖନ୍ତି ଓ ଶେଷ କରିବା ପାଇଁଚେଷ୍ଟା କରନ୍ତି । |
| ୦୨. | ଜ୍ୟେଷ୍ଠ | ଜ୍ୟେଷ୍ଠ | ମେ- ଜୁନ୍ | ଖରାପାଗ ଦେଖି ଚାଷ କରାଯାଇଥିବା ଜମିକୁ ସଜଡ଼ା ଯାଏ ମାଟିକୁ ଗୁଣ୍ଡ କରାଯାଏ, ମାଟିର ଆର୍ଦ୍ରତା ଦେଖି ଧାନ ବୁଣାହୋଇଥାଏ, ଧାନ ବୁଣିବା ପାଇଁ ଏହି ମାସଟି ପ୍ରକୃଷ୍ଟ ସମୟ, ଧାନଗଛ ପାଇଁ ତଳି ମଧ ପକାଯାଇଥାଏ । | ନିଜ ନିଜ ବାଡ଼ି ବଗିଚାରେ ଲୋକେ ମନ୍ଦା କରି ଜହ୍ନି, ଭେଣ୍ଡି ଆଦି ପରିବା ଚାଷ ପାଇଁ ମାଟି ପ୍ରସ୍ତୁତ କରନ୍ତି। | ଚନ୍ଦନ ପୂର୍ଣ୍ଣମା ଏହି ମାସିରେ ପଡ଼େ ଅବଶ୍ୟ ଏହା କୃଷି ସମ୍ପର୍କୀତ ପର୍ବ ନୁହେ ନିଜର ଇଷ୍ଟଦେବତାଙ୍କ ଗୃହକର୍ତ୍ତା ପୂଜା କରନ୍ତି । | ଚନ୍ଦନ ପୂର୍ଣ୍ଣମା ଦିନ ଗୃହକର୍ତ୍ତା ନିଜର ଇଷ୍ଟ ଦେବା-ଦେବୀଙ୍କୁ ପୂଜା ଅର୍ଚ୍ଚନା କରିଥାନ୍ତି। | - | |

| କ୍ର.ନଂ | "ପାହାଡ଼ିଖଡ଼ିଆ" ବାର୍ଷିକ କୃଷି ସାରଣୀ | | | | | | | | ମନ୍ତବ୍ୟ |
|---|---|---|---|---|---|---|---|---|---|
| | ଓଡ଼ିଆ ମାସର ନାମ | ପାହାଡ଼ି ଖଡ଼ିଆ ଭାଷାରେ ମାସର ନାମ | ଇଂରାଜୀ ଭାଷାରେ ମାସର ନାମ | ମାସିକ କୃଷି କାର୍ଯ୍ୟ | ମାସିକଶସ୍ୟ ଫୁଲ,ଫଳ, ପନିପରିବା | କୃଷି ସଂପର୍କିତ ପର୍ବପର୍ବାଣି ଓ ଦେବଦେବୀ | ପୂଜାପାଠ ଓ ନାଚଗୀତ | ନିଷେଧାଜ୍ଞା/ ବିପଣନ | |
| ୦୩. | ଆଷାଢ଼ | ଆଷାଢ଼ | ଜୁନ୍-ଜୁଲାଇ | ଜମି ପାଇଁ ହିଡ଼ ସଜଡ଼ା ଯାଇଥାଏ । ଧାନ ପାଇଁ ବୁଣାବୁଣି କାର୍ଯ୍ୟ ମାସର ପ୍ରଥମାର୍ଦ୍ଧରେ ନିଶ୍ଚୟ ବୁଣାବୁଣି କାର୍ଯ୍ୟ ଶେଷ କରିବାକୁ ହୁଏ, ଧାନଗଛ ପାଇ ତଳି ପକାଯାଇଥିବା କ୍ଷେତରେ ପାଣି ମଡ଼ାଯାଇଥିବା କ୍ଷେତରେ ପାଣି ମଡଯାଇଥାଏ । ପନିପରିବା ମଧ୍ୟରେ ବାଇଗଣ, କୁନ୍ଦୁରୀ, ଲଙ୍କା ଓ ଜହ୍ନି, ଭେଣ୍ଡି ପାଇଁ ମଧ କ୍ଷେତକୁ ପ୍ରସ୍ତୁତ କରନ୍ତି । | ଫାଲଗୁନ୍ ଓ ଚୈତ୍ର ମାସରୁ ଲଗାଯାଇଥିବା ପନିପରିବା କ୍ଷେତରୁ ବାଇଗଣ, ଲଙ୍କା,କୁନ୍ଦୁରୀ, ଭେଣ୍ଡି,କୁନ୍ଦୁରୀ, ଭେଣ୍ଡିଆମଦାନୀ ହୁଏ। | ରଜପର୍ବ ଏହି ମାସରେ ପାଳିତ ହୁଏ । ଗୃହକର୍ତ୍ତା ଇଷ୍ଟଦେବତାଙ୍କୁ ଓ ଗାଁ ଦେହୁରୀ ଜାହିରାଠାରେ ଗାଁ ଠାକୁରାଣୀ ଓ ବାଉଳି ଠାକୁରାଣୀଙ୍କୁ ପୂଜା କରିଥାନ୍ତି। | ଗ୍ରାମ ଦେବତୀ ଇଷ୍ଟ ଦେବତୀଙ୍କୁ ପୂଜା ଅର୍ଚ୍ଚନା କରାଯାଏ । ଘରେ ଘରେ ମାଛ, ମାଂସ ହୁଏ । ଆନନ୍ଦ, ଉଲ୍ଲାସ ମଧ୍ୟରେ ଏହାକୁ ପାଳିଥାନ୍ତି । | ରଜ ତିନି ଦିନରେ ଧରିତ୍ରୀ ରଜବତୀ ହୋଇଥିବାରୁ ଏହାକୁ କେହି ବିଦାରନ୍ତି ନାହି । ପନିପରିବା ସବୁ ନିକଟସ୍ଥ ହାଟରେ ବିକ୍ରୟ ହୁଏ । | ବର୍ଷା ଋତୁର ପହିଲି ସ୍ପର୍ଶ ଏହି ଋତୁରୁ ଅନୁଭୂତ ହୋଇଥାଏ । ଚାଷୀମାନେ ବର୍ଷାହେତୁ ଆନନ୍ଦିତ ହୋଇଥନ୍ତି । |
| ୦୪. | ଶ୍ରାବଣ | ଶ୍ରାବଣ | ଜୁଲାଇ-ଅଗଷ୍ଟ | ବୁଣା ଯାଇଥିବା ଧାନଜମିରେ ଗାଚୁଆ ଓ ବିହୁଡ଼ା କାର୍ଯ୍ୟ ଆରମ୍ଭ ହୋଇଥାଏ । ଧାନଗଛକୁ ଓପାଡ଼ି ତାହାକୁ ପ୍ରୁଣିକାଦ କରାଯାଇଥିବା ଧାନ କ୍ଷେତରେ ରୋପଣ କରାଯାଏ । ବୁଣାଯାଇଥିବା ଧାନ ଜମିରେ ଘାସ ବଛାବଛି କାର୍ଯ୍ୟ ମଧ ଆରମ୍ଭ ହୋଇଥାଏ । | କନ୍ଦମୂଳ ଚେରକୁ ଲଗାଯାଇଥାଏ । ପୂର୍ବରୁ ଲଗାଯାଇଥିବା ପନିପରିବା ଆମଦାନୀ ହୋଇଥାଏ । | ଗହ୍ମା ପୁନେଇ ଏହି ମାସରେ ପାଳିତ ହୁଏ ଏହି ପୁନେଇରେ ଗୋରୁ-ଗାଈଙ୍କୁ ପୂଜା କରାଯାଏ । ଇଷ୍ଟ ଦେବା-ଦେବୀଙ୍କୁ ମଧ ପୂଜା କରାଯାଇଥାଏ । | ଗହ୍ମାପୁନେଇରେ ଗ୍ରାମ ଦେବା-ଦେବୀଙ୍କୁ ସନ୍ତୁଷ୍ଟ କରିବାପାଇଁ ଦେହୁରୀ ପୂଜା କରିଥାଏ । | ବାଇଗଣ, ଭେଣ୍ଡି, ଜହ୍ନି ଆମଦାନୀ ହୋଇଥାଏ ଓ ହାଟମାନଙ୍କରେ ବିକ୍ରୟ କରାଯାଇଥାଏ । | ଚାଷକାର୍ଯ୍ୟ ପାଇଁ ଚାଷୀର ଗୋରୁଙ୍କୁ ଏହି ଗହ୍ମା ପୁନେଇରେ ପୂଜା କରାଯାଇଥାଏ । |

| କ୍ର.ନଂ | “ପାହାଡ଼ିଖଡ଼ିଆ” ବାର୍ଷିକ କୃଷି ସାରଣୀ | | | | | | | | ମନ୍ତବ୍ୟ |
|---|---|---|---|---|---|---|---|---|---|
| | ଓଡ଼ିଆ ମାସର ନାମ | ପାହାଡ଼ି ଖଡ଼ିଆ ଭାଷାରେ ମାସର ନାମ | ଇଂରାଜୀ ଭାଷାରେ ମାସର ନାମ | ମାସିକ କୃଷି କାର୍ଯ୍ୟ | ମାସିକଶସ୍ୟ ଫୁଲ,ଫଳ, ପନିପରିବା | କୃଷି ସଂପର୍କିତ ପର୍ବପର୍ବାଣି ଓ ଦେବଦେବୀ | ପୂଜାପାଠ ଓ ନାଚଗୀତ | ନିଷେଧାଜ୍ଞା/ ବିପଣନ | |
| ୦୫. | ଭାଦ୍ରବ | ଭୁଦ୍ | ଅଗଷ୍ଟ-ସେପ୍ଟେମ୍ବର | ଆଶ୍ରୁଆନା ଜମିରୁ କଟାଯାଇ ଅମଳ କରାଯାଏ । ଉକ୍ତ ଜମିରେ ପୁଣି ଥରେ ଭଲ ଭାବେ ହଳ କରାଯାଇ ମଧ୍ୟମ ଆର୍ଦ୍ରତା ଦେଖି କୋଳଥ, ମୁଗ, ସୋରିଷ, ବିରି ବୁଣାଯାଇଥାଏ । ପନିପରିବା କ୍ଷେତରେ ଭଲଭାବେ ବାଡ଼ି ଦିଆଯାଇଥାଏ । ଧାନକ୍ଷେତରେ ପାଣି ମଡ଼ାଯାଇଥାଏ । | ପନି ପରି ବା ମଧ୍ୟରେ କାକୁଡ଼ି, ବାଇଗଣ, ଭେଣ୍ଡି, କ ଲ ର । ଆ ମ ଦା ନୀ କରାଯାଏ । କନ୍ଦମୂଳ ଖୋଳି ଅ ମ ଳ କରାଯାଏ । | ନୂଆଖାଇ ପର୍ବକୁ ଉତ୍ସାହର ସହିତ ପାଳନ କରାଯାଏ । ଗ୍ରାମ ଦେବା ଦେବୀଙ୍କ ନିକଟରେ କୁକୁଡ଼ା ବଳି ଦିଆଯାଇଥାଏ । | ଗୃହକର୍ତ୍ତା ଗୃହର ଇଷ୍ଟଦେବତାଙ୍କୁ ପୂଜା କରି ସନ୍ତୁଷ୍ଟ କରିଥାନ୍ତି, ଗାଁରେ ଚାଙ୍ଗୁ ନାଚ ଯୁବକମାନେ ପରିବେଷଣ କରିଥାନ୍ତି । | ହାଟମାନଙ୍କରେ ପନିପରିବା ବିକ୍ରୟ କରାଯାଇଥାଏ । ନୂଆଖାଇ ପର୍ବପୂର୍ବରୁ କୌଣସି ବ୍ୟକ୍ତି ନୂତନ ଶସ୍ୟ ଭକ୍ଷଣ କରନ୍ତି ନାହିଁ । | ଇଷ୍ଟଦେବା-ଦେବୀଙ୍କୁ ନୂଆଶସ୍ୟ ପ୍ରଥମେ ଦାନ କରି ନୂଆଶସ୍ୟ ସବୁକୁ ସେବନ କରିଥାନ୍ତି । |
| ୦୬. | ଅଶ୍ୱିନ | ଅଶିଣ | ସେପ୍ଟେମ୍ବର-ଅକ୍ଟୋବର | ମାଟିର ଆର୍ଦ୍ରତା ଦେଖି ତାହି ଜମିରେ ଦୁଇ-ତିନଥର ଚାଷ କରାଯାଇଥାଏ । ସେଥିରେ ରାଶି, ସୋରିଷ, କୋଳଥ, ମୁଗ, ବିରି ବୁଣାଯାଇଥାଏ । ପନିପରିବା କ୍ଷେତରୁ ଜହ୍ନି, ଭେଣ୍ଡି, ବାଇଗଣ, କାକୁଡ଼ି, କଖାରୁ, ଲାଉ ଇତ୍ୟାଦି ତୋଳାଯାଇଥାଏ, ଧାନ କ୍ଷେତରେ ଜଳସେଚନର ସୁବିଧା ଥିଲେ ପାଣି ମଡ଼ାଯାଇ ହିଡ଼କୁ ସଜାଡ଼ାଯାଇଥାଏ । | ବିଭିନ୍ନ ପନିପରିବା ମଧ୍ୟରେ ଜହ୍ନି ଭେଣ୍ଡି ମଧ୍ୟ ଅମଳ କରାଯାଇଥାଏ । | ଦୁର୍ଗାପୂଜା ଓ ଲକ୍ଷ୍ମୀ ପୂଜା ଏହି ମାସରେ ପାଳନ କରାଯାଏ । ଦୁର୍ଗାପୂଜାରେ ଗାଁ ଦେବା-ଦେବୀଙ୍କ ନିକଟରେ ଦେହୁରୀ କୁକୁଡ଼ା ବଳି ପକାଇ ପୂଜା କରିଥାନ୍ତି । | ଲକ୍ଷ୍ମୀପୂଜାରେ ଗୃହକର୍ତ୍ତା ଇଷ୍ଟ ଦେବା-ଦେବୀଙ୍କୁ ପୂଜା କରିଥାନ୍ତି । | ପନିପରିବା ସବୁ ହାଟମାନଙ୍କରେ ବିକ୍ରୟ ହୋଇଥାଏ । | – |

## "ପାହାଡ଼ିଖଡ଼ିଆ" ବାର୍ଷିକ କୃଷି ସାରଣୀ

| କ୍ର.ନଂ | ଓଡ଼ିଆ ମାସର ନାମ | ପାହାଡ଼ି ଖଡ଼ିଆ ଭାଷାରେ ମାସର ନାମ | ଇଂରାଜୀ ଭାଷାରେ ମାସର ନାମ | ମାସିକ କୃଷି କାର୍ଯ୍ୟ | ମାସିକଶସ୍ୟ ଫୁଲ,ଫଳ, ପନିପରିବା | କୃଷି ସଂପର୍କିତ ପର୍ବପର୍ବାଣି ଓ ଦେବଦେବୀ | ପୂଜାପାଠ ଓ ନାଚଗୀତ | ନିଷେଧାଜ୍ଞା/ ବିପଣନ | ମନ୍ତବ୍ୟ |
|---|---|---|---|---|---|---|---|---|---|
| ୭. | କାର୍ତ୍ତିକ | କାର୍ତ୍ତିକ୍ | ଅକ୍ଟୋବର-ନଭେମ୍ବର | ଏହି ମାସରେ ଡ଼ିପଜମିରୁ ନଘୁନା ଧାନ ଅମଳ କରାଯାଇଥାଏ । ଗହିରୀ ଜମିରେ ପୂର୍ବରୁ ପାଣି ବନ୍ଧାଯାଇଥିଲେ ତାହାକୁ ଖୋଲି ଦିଆଯାଇଥାଏ । ରାଶି ବୁଣାଯାଇଥିବା ଜମିରୁ ରାଶିକୁ ଅମଳ କରି ଘରକୁ ଆଣିଥାନ୍ତି । ଘର ବାଡ଼ିରେ କୌଣସି ସ୍ଥାନରେ ଶସ୍ୟକୁ ରଖିବା ପାଇଁ ଖଳା ପ୍ରସ୍ତୁତ କରିରଖିଥାନ୍ତି । | ଘର ବାଡ଼ିମାନଙ୍କରେ ନାଡୁକା, ବାଇଗଣ,ଲଙ୍କା, ବୋଇତାଲୁ, ଅମୃତଭଣ୍ଡା ତୋଳା ଯାଇଥାଏ । | ଡାକ ସଂକ୍ରାନ୍ତି ଓ କାଳୀ ପୂଜା ପାଳନ କରାଯାଏ, ଡାକ ସଂକ୍ରାନ୍ତିରେ ଗୃହ ଦେବା-ଦେବୀଙ୍କୁ ପୂଜା କରାଯାଏ । | କାଳୀ ପୂଜାରେ କେହି କେହି ବାଣ ଫୁଟାଇ ଖୁସି ମନାଇଥାନ୍ତି । | ବଳକା ପନିପରିବା ସବୁକୁ ସ୍ଥାନୀୟ ହାଟରେ ବିକ୍ରୟ କରାଯାଇଥାଏ । | ଖଡ଼ମଗା ସଂକ୍ରାନ୍ତି ବା ଡ଼ାକ ସଂକ୍ରାନ୍ତିରେ ହରିବୋଲ ଧ୍ୱନି ଦେଇ ଧାନ କ୍ଷେତକୁ ଭୋଗ ଦେଇଥାନ୍ତି । |
| ୮. | ମାର୍ଗଶିର | ମଗ୍ଶିର | ନଭେମ୍ବର-ଡ଼ିସେମ୍ବର | ଧାନକଟାକଟିରେ ଏହି ମାସରେ ସମସ୍ତ ଚାଷୀ ଲାଗିପଡ଼ିଥାନ୍ତି । ମଧ୍ୟମ ଓ ଗହିରୀ ଜମିରେ ଧାନସବୁ କଟାଯାଇ ଘରକୁ ବିଡ଼ାବାନ୍ଧି ଆଣିଥାନ୍ତି । ସେହି ଧାନ କ୍ଷେତରେ ପୁଣି ଭଲଭାବେ ହଳ କରାଯାଇ ମାଟି ଗୁଣ୍ଡ କରି ବିଲାତି, ବାଇଗଣ, କନ୍ଦମୂଳ ଲଗାଯାଇଥାଏ । | ଆଳୁ, ବିଲାତି, କୋବି, ବାଇଗଣ, ଚାରା, ଗାଇବା ପାଇଁ ମାଟି ପ୍ରସ୍ତୁତ କରାଯାଇଥାଏ, ଚେଳ୍ପଲ ବନ୍ଧ, ପରମୀଣରେ ଫୁଟିଥାଏ । | ପ୍ରଥମାଷ୍ଟମୀ ପର୍ବ ଏହି ମାସରେ ପାଳନ କରାଯାଏ । ଇଷ୍ଟଦେବା-ଦେବୀଙ୍କୁ ଏହି ପର୍ବରେ ପୂଜା କରାଯାଇଥାଏ । | ପ୍ରଥମାଷ୍ଟମୀରେ ପୂଜାପାଠ ହୋଇଥାଏ ଓ ଗ୍ରାମ୍ୟଯୁବକମାନଙ୍କ ଦ୍ୱାରା ଚାଙ୍ଗୁନାଚ ହୋଇଥାଏ । | - | ଏହି ମାସକୁ ଲକ୍ଷ୍ମୀଙ୍କର ମାସ ବୋଲି ବିବେଚନା କରାଯାଇଥାଏ । |

## "ପାହାଡ଼ିଖଡ଼ିଆ" ବାର୍ଷିକ କୃଷି ସାରଣୀ

| କ୍ର.ନଂ | ଓଡ଼ିଆ ମାସର ନାମ | ପାହାଡ଼ି ଖଡ଼ିଆ ଭାଷାରେ ମାସର ନାମ | ଇଂରାଜୀ ଭାଷାରେ ମାସର ନାମ | ମାସିକ କୃଷି କାର୍ଯ୍ୟ | ମାସିକଶସ୍ୟ ଫୁଲ,ଫଳ, ପନିପରିବା | କୃଷି ସଂପର୍କିତ ପର୍ବପର୍ବାଣି ଓ ଦେବଦେବୀ | ପୂଜାପାଠ ଓ ନାଚଗୀତ | ନିଷେଧାଜ୍ଞା/ ବିପଣନ | ମନ୍ତବ୍ୟ |
|---|---|---|---|---|---|---|---|---|---|
| ୯. | ପୌଷ | ପୁଷ | ଡିସେମ୍ବର-ଜାନୁୟାରୀ | ଧାନବିଡ଼ାକୁ ଖଳାରେ ମେଲାଇ ଓ ଗୋରୁମାନଙ୍କ ଦ୍ୱାରା ତାହାକୁ ମଡ଼ାଇ ଧାନ ଝଡ଼ାଯାଇଥାଏ ତତ୍ ପରେ କୁଲା ସାହାଯ୍ୟରେ ତାହାକୁ ପରିଷ୍କାର କରି ଧାନ ସଂଗ୍ରହ କରାଯାଇଥାଏ । ଧାନକୁ ପ୍ଲାଷ୍ଟିକ୍‌ରେ ବିନିର୍ମିତ ଡୁଲି କିମ୍ବା ବସ୍ତାରେ ପୂରାଇ ସଜାଇ ଘରେ ରଖିଥାନ୍ତି । | ବିଲାତି, ଆଳୁ, ମୂଳା, କୋବି, ଇତ୍ୟାଦି, ଜମିରୁ ଅମଳ କରାଯାଇଥାଏ । | ମକର ପର୍ବ ଏହି ମାସରେ ପାଳିତ ହୁଏ, ଗାଁ ଦେବାଦେବୀ ନିକଟରେ ଦେହୁରୀ କୁକୁଡ଼ା ବଳି ଦେଇ ପୂଜା କରାଯାଇଥାଏ । | ଗୃହକର୍ତ୍ତା ମଧ ଇଷ୍ଟ ଦେବା-ଦେବୀଙ୍କୁ ସନ୍ତୁଷ୍ଟ ପାଇଁ ପୂଜା କରିଥାନ୍ତି । ଚାଙ୍ଗୁନୃତ୍ୟ ଏହି ପର୍ବରେ ପରିବେଷଣ ହୋଇଥାଏ । | ବିଲାତି, ମୂଳା, କୋବି ଓ ବାଇଗଣ ବହୁଳ ପରିମାଣରେ ଆମଦାନୀ ହେଉଥିବାରୁ ହାଟମାନଙ୍କରେ ବିକ୍ରୟ କରାଯାଇଥାଏ । | ମକର ପର୍ବ ଖଡ଼ିଆମାନଙ୍କର ସବୁଠାରୁ ବଡ଼ ପର୍ବ । ଜାହିରା ଠାରେ ଓ ଗ୍ରାମଦେବତା ସ୍ଥାନମାନଙ୍କରେ ପୂଜା କରାଗଲା ପରେ ଏହାପର ଠାରୁ ବର୍ଷକୁ ଗମନ କରିବାର ମୁକ୍ତ ଅଧିକାର ସମସ୍ତେ ପାଇଥାନ୍ତି । |
| ୧୦. | ମାଘ | ମାଘ | ଜାନୁୟାରୀ-ଫେବୃୟାରୀ | ଅବଶିଷ୍ଟ ଧାନବିଡ଼ାକୁ କୁଟା ଆକାରରେ ଖଳାରେ ସଜାଇ ରଖିଥାନ୍ତି । ଏହି କୁଟାକୁ ଘରର ଛପର କାର୍ଯ୍ୟରେ ବ୍ୟବହୃତ କରନ୍ତି । ଜମିରୁ ଆଳୁକୁ ଖୋଳି ବାହାର କରାଯାଏ । କୋବି ଓ ମୂଳାକୁ ଓପାଡ଼ି ଅମଳ କରାଯାଏ ବାଇଗଣ ତୋଳା ଯାଇଥାଏ । | ବିଲାତି, ଆଳୁ, ମୂଳା, କୋବି ଇତ୍ୟାଦି ଜମିରୁ ଅମଳ କରାଯାଇଥାଏ। | - | - | ହାଟ, ବଜାର ମାନଙ୍କରେ ବିଲାତି କୋବି, ମୂଳା, ବାଇଗଣ ବହୁଳ ଭାବେ ବିକ୍ରୟ କରାଯାଇଥାଏ । | ଚାଷୀ ଏହିମାସରେ ଚାଷକାର୍ଯ୍ୟ ଲାଭ ଓ କ୍ଷତି ହିସାବ କରେ, କେତେ ଧାନ ଉତ୍ପାଦନ କଲା ଓ ଖର୍ଚ୍ଚର ତାଲିକା [illegible] କରେ । |

| କ୍ର.ନଂ | “ପାହାଡ଼ିଖଡ଼ିଆ” ବାର୍ଷିକ କୃଷି ସାରଣୀ | | | | | | | | ମନ୍ତବ୍ୟ |
|---|---|---|---|---|---|---|---|---|---|
| | ଓଡ଼ିଆ ମାସର ନାମ | ପାହାଡ଼ି ଖଡ଼ିଆ ଭାଷାରେ ମାସର ନାମ | ଇଂରାଜୀ ଭାଷାରେ ମାସର ନାମ | ମାସିକ କୃଷି କାର୍ଯ୍ୟ | ମାସିକଶସ୍ୟ ଫୁଲ,ଫଳ, ପନିପରିବା | କୃଷି ସଂପର୍କିତ ପର୍ବପର୍ବାଣି ଓ ଦେବଦେବୀ | ପୂଜାପାଠ ଓ ନାଚଗୀତ | ନିଷେଧାଜ୍ଞା/ ବିପଣନ | |
| ୧୧. | ଫାଲଗୁନ | ଫଗୁଣ | ଫେବୃୟାରୀ-ମାର୍ଚ୍ଚ | ଏହି ମାସରେ କେହି କେହି ଚାଷୀ ପ୍ରଥମ ବର୍ଷା ହେବା ପରେ ଜମିକୁ ହଳକରିବା ଆରମ୍ଭ କରିଦେଇଥାନ୍ତି । ଜମି ପାଇଁ ହୁଡ଼ା ପ୍ରସ୍ତୁତ କରିଥାନ୍ତି ଓ ବଡ଼ ମାଟି ଖଣ୍ଡକୁ ଗୁଣ୍ଡା କରିଥାନ୍ତି । | ବିଲାତି, ମୂଳା, କୋବି, ବାଇଗଣ ଇତ୍ୟାଦି, କ୍ଷେତରୁ ଓ ବାଡ଼ିଘରରୁ ଆମଦାନୀ ହୋଇଥାଏ । | - | - | ଉତ୍ପାଦିତ ପନିପରିବା ସବୁ ସ୍ଥାନୀୟ ହାଟ ବଜାରମାନଙ୍କରେ ବିକ୍ରୟ ହୋଇଥାଏ । | ବର୍ଷଜାକର ହାଡ଼ଭଙ୍ଗା ପରିଶ୍ରମ କରିବା ପରେ ଓ ଏହି ମାସରେ କୃଷିକାର୍ଯ୍ୟ ସେତେ ନହେଉଥିବାରୁ ଟିକିଏ ଶାନ୍ତିରେ ନିଶ୍ୱାସ ନିଏ । |
| ୧୨. | ଚୈତ୍ର | ଚଇତ | ମାର୍ଚ୍ଚ-ଏପ୍ରିଲ୍ | ଏହି ମାସରେ ଅନାବନାବୁଦା ଓ ଘାସକାଟି ସଫା କରାଯାଏ, ବର୍ଷା ହେଲାପରେ ତାହି ଜମିରେ ଦ୍ୱିତୀୟ ଥର ଚାଷ କରାଯାଏ । କଲରା, ଜହ୍ନି, ଭେଣ୍ଡି, କାକୁଡ଼ି, କଖାରୁ ମଞ୍ଜି ଲଗାଯାଇଥାଏ । | କଲରା, ଭେଣ୍ଡି, ବାଇଗଣ ଆଦି ମଞ୍ଜି ଲଗାଯାଇଥାଏ । | ହୋଲି ଉତ୍ସବରେ ଗ୍ରାମ ଦେବାଦେବୀଙ୍କୁ ଓ ଦହୁଣୀ ପୂଜା କରିଥାନ୍ତି । | ହୋଲି ଉତ୍ସବରେ ଅଧିକାଂଶ ମନୋନିବେଶ କରି ରଙ୍ଗ ଖେଳ ଖେଳିଥାନ୍ତି । | ପୂର୍ବରୁ ଲଗାଯାଇଥିବା ପନିପରିବା ଗଛ ମାନଙ୍କରେ ପନିପରିବା ଆମଦାନୀ ହୋଇ ବିକ୍ରୀ କରାଯାଇଥାଏ । | ଚାଷକାର୍ଯ୍ୟପାଇଁ ଚାଷୀନିଜକୁପ୍ରସ୍ତୁତ କରିବାପାଇଁକୃଷି ଉପକରଣଓ ଗୋରୁଗାଈ ଯୋଗାଡ଼ କରିଥାଏ । |

# ବାର୍ଷିକ ବନଜାତ ଦ୍ରବ୍ୟ ସଂଗ୍ରହ ସାରଣୀ

## ବାର୍ଷିକ ବନ୍ୟଜାତ ଦ୍ରବ୍ୟ ସଂଗ୍ରହ ସାରଣୀ

| କ୍ର.ନଂ | ଓଡ଼ିଆ ଭାଷାରେ ମାସର ନାମ | ପାହାଡ଼ିଖଡ଼ିଆ ଭାଷାରେ ମାସର ନାମ | ଇଂରାଜୀ ଭାଷାରେ ମାସର ନାମ | ସଂଗ୍ରହିତ ବନଜାତ ଦ୍ରବ୍ୟର ନାମ — ମୁଖ୍ୟ | ସଂଗ୍ରହିତ ବନଜାତ ଦ୍ରବ୍ୟର ନାମ — ଗୌଣ | ସଂପୃକ୍ତ ପର୍ବପର୍ବାଣି, ଦେବାଦେବୀ ଓ ବଳି |
|---|---|---|---|---|---|---|
| ୦୧. | ବୈଶାଖ | ବୈଶାଖ୍ | ଏପ୍ରିଲ୍- ମେ | ଶାଳପତ୍ର, ଜାଳେଣି କାଠ, ଶିଆଳି ପତ୍ର, ମହୁ, ଆମ୍ବ, ଫୁଟକୋଳି ବିଭିନ୍ନ ପ୍ରକାର ଆଳୁ ଝୁଣା ଓ ପାଳୁଅ । | ଚାରୋକୋଳି, କେନ୍ଦୁ, କରଞ୍ଜ, ପ୍ରଣସ, ଶାଳ ମଞ୍ଜି ଓ ଦାନ୍ତକାଠି ବିଭିନ୍ନ ପ୍ରକାରର ଶାଗ, ବାଉଁଶ ବିଭିନ୍ନ ଔଷଧୀୟ ଚେର,ପତ୍ର । | ଅକ୍ଷୟତୃତୀୟା ଓ ପଣା ସଂକ୍ରାନ୍ତିରେ ଇଷ୍ଟ ଦେବାଦେବୀଙ୍କୁ ସନ୍ତୁଷ୍ଟ କରିବାପାଇଁ ପୂଜା କରାଯାଇଥାଏ । |
| ୦୨. | ଜ୍ୟେଷ୍ଠ | ଜେଷ୍ଠ | ମେ-ଜୁନ୍ | ମହୁ, ଝୁଣା, ପାଳୁଅ, ଆମ୍ବ, ପଣସ ଜାଳେଣି କାଠ ଶାଳ ଓ ଶିଆଳୀ ପତ୍ର, ଇଷ, ଜୁଆଳୁ, ମଣ୍ଡେଇ ଆଳୁ, ତୁଙ୍ଗା ଆଳୁ ରଞ୍ଜ ଆଳୁ । | ଶାଗ,ଆମ୍ବ, କେନ୍ଦୁ, ପଣସ, କରଞ୍ଜ, ଶାଳମଞ୍ଜି, ଦାନ୍ତକାଠି, ରାଜକୋଳି । | ଚନ୍ଦନପୂନେଇରେ କେବଳ ଇଷ୍ଟଦେବାଦେବୀଙ୍କୁ ପୂଜା କରାଯାଇଥାଏ । |
| ୦୩. | ଆଷାଢ଼ | ଆଷାଢ଼ | ଜୁନ୍-ଜୁଲାଇ | ଶାଳ ଓ ଶଆଳୀ ପତ୍ର, ପାଳ, ଝୁଣା, ମହୁ, ବିଭିନ୍ନ ପ୍ରକାର ଆଳୁ ଜାଳେଣୀ କାଠ । | ରାଜରାକୋଳି, ଆମ୍ବ, ପଣସ ଜାମୁ,ପତଡ଼ା, ଛତୁ, ଟିକିରା ଛତୁ ବାଲି ଛତୁ ଗତ ଛତୁ । | ରଜପର୍ବ ହୁଏ ଗ୍ରାମଦେବତୀଙ୍କୁ ସନ୍ତୁଷ୍ଟ କରିବା ପାଇଁ କୁକୁଡ଼ା ଓ ଛେଳି ବଳି ଦିଆଯାଇଥାଏ । |
| ୦୪. | ଶ୍ରାବଣ | ଶ୍ରାବଣ | ଜୁଲାଇ-ଅଗଷ୍ଟ | ବଣଆଳୁ, କଣ୍ଟାଆଳୁ, ଦାନ୍ତକାଠି, ଶାଳ ଓ ଶିଆଳୀପତ୍ର । | ଆମ୍ବ, ପଣସ, ଜାମୁକୋଳି, ଛତୁ, ବାଲିଛତୁ, ଟିକିରା ଛତୁ । | ଗହ୍ମା ପର୍ବରେ ଇଷ୍ଟଦେବତୀଙ୍କୁ ପୂଜା କରାଯାଇଥାଏ । |
| ୦୫. | ଭାଦ୍ରବ | ଭଦ୍ର | ଅଗଷ୍ଟ-ସେପ୍ଟେମ୍ବର | ଝୁଣା, ବିଭିନ୍ନ ପ୍ରକାର ଆଳୁ, କାଠ ଛତୁ, ଶାଳ ଓ ଶିଆଳୀପତ୍ର । | ଜାଳେଣୀ କାଠ, ଘାସ, ବିଭିନ୍ନ ଔଷଧୀୟ ଚେରପତ୍ର ଓ କାଣ୍ଡ । | ନୂଆଖାଇ ପର୍ବକୁ ମହାଆନନ୍ଦରେ ପ୍ରତ୍ୟେକ ପାଳିଥାନ୍ତି । |
| ୦୬. | ଆଶ୍ୱିନ | ଅଶିଣ | ସେପ୍ଟେମ୍ବର-ଅକ୍ଟୋବର | ଶ ଅ । ଳ 1 ପ ତ୍ର, ଜାଳେଣୀକାଠ, ଦାନ୍ତକାଠି, ବଣଆଳୁ, କଣ୍ଟାଆଳୁ ତୁଙ୍ଗା ଆଳୁ କାଠ ଛତୁ ଓ ବଡ଼ ଛତୁ । | ଦାନ୍ତକାଠି, ବାଉଁଶ,ଘାସ ଓ ବେତ । | ଦୁର୍ଗାପୂଜା ପର୍ବ ଏହି ମାସରେ ପାଳିତ ହୋଇଥାଏ, ଦେବୀ ଦୁର୍ଗାଙ୍କ ଉଦ୍ଦେଶ୍ୟରେ ଦେହୁରୀ ପୂଜା କରିଥାଏ । |

## ବାର୍ଷିକ ବନ୍ୟଜାତ ଦ୍ରବ୍ୟ ସଂଗ୍ରହ ସାରଣୀ

| କ୍ର.ସଂ | ମୁଖ୍ୟସଂଗୃହିତ ବନଜାତ ଦ୍ରବ୍ୟର ବ୍ୟବହାର | ଗୌଣ | ବିପଣନ | ମନ୍ତବ୍ୟ |
|---|---|---|---|---|
| ୦୧. | ଶାଳପତ୍ର ଓ ଶିଆଳୀ ପତ୍ରରୁ ଖଲି ଓ ଦନା ପ୍ରସ୍ତୁ କରାଯାଇଥାଏ । ମହୁ, ଝୁଣା ପାଲୁଅକୁ ପୂଜା କାର୍ଯ୍ୟରେ ବ୍ୟବହାର କରନ୍ତୁ । | ଚାରକୋଳି, କେନ୍ଦୁ, ଆମ୍ବ, ପଣସକୁ ଖାଦ୍ୟ ଆକାରରେ ଗ୍ରହଣ କରନ୍ତି । ଦାନ୍ତକାଠି ଦାନ୍ତଘଷିବା କାର୍ଯ୍ୟରେ ବ୍ୟବହାର କରନ୍ତି । | ମହୁ, ଝୁଣା ଓ ପାଲୁଅକୁ ସ୍ଥାନୀୟ ବେପାରୀ କିମ୍ବା ଗ୍ରାମ ମାନଙ୍କରେ ବିକ୍ରୀ କରିଥାନ୍ତି । | ବାଉଁଶ ଓ ବିଭିନ୍ନ ପ୍ରକାର କାଠ ଖୁଣ୍ଟକୁ ଘରର କାର୍ଯ୍ୟରେ ଓ ଜାଳେଣୀରୂପେ ବ୍ୟବହାର କରନ୍ତି । କାଠରେ ତିଆରି ଖଟ ଖୁରାକୁ ମଧ୍ୟ ବିକ୍ରି କରି ଥାନ୍ତି । ଏହି ମାସରେ ମୂଷଳଧାରାରେ ବର୍ଷା ଲାଗି ରହୁଥିବା ହେତୁ କେହି ବଣଜଙ୍ଗଲକୁ ବେଶି ଯାଇପାରନ୍ତି ନାହିଁ । |
| ୦୨ | ଶାଳ ଓ ଶିଆଳୀପତ୍ରରେ ଖଲି ଓ ଦୋନା ତିଆରି କରାଯାଏ ଏବଂ ପୂଜାଉପକରଣ ଭାବେ ବ୍ୟବହାର କରାଯାଏ । ଚାଷ କାର୍ଯ୍ୟରେ ଜୁଆଳୀକୁ ବ୍ୟବହାର କରନ୍ତି । | ବିଭିନ୍ନ ପ୍ରକାରର ଫଳ ସବୁକୁ ଖାଦ୍ୟ ରୂପେ ଗ୍ରହଣ କରିଥାନ୍ତି । ଶାଳମଞ୍ଜିକୁ ହାଟବଜାରରେ ବିକ୍ରି କରିଥାନ୍ତି । | ଝୁଣା, ମହୁ, ପାଲୁଅ ଓ ଶାଳମଞ୍ଜିକୁ ସ୍ଥାନୀୟ ବେପାରୀ କିମ୍ବା ଗାଁ ଗଣ୍ଡାମାନଙ୍କରେ ବିକ୍ରି କରିଥାନ୍ତି । | |
| ୦୩ | ଖଲିରୁ ପ୍ରସ୍ତୁତ ଖଲି ଓ ଦୋନାକୁ ଖାଦ୍ୟ ସେବନ ସମୟରେ ଓ କାଠକୁ ଜାଳେଣୀ ରୂପେ ବ୍ୟବହାର କରାଯାଇଥାଏ । | ଆମ୍ବ, ପଣସ, ସମସ୍ତ ଛତ ସମୂହକୁ ଖାଦ୍ୟକାରରେ ବ୍ୟବହାର କରିଥାନ୍ତି । ବିଭିନ୍ନ ପ୍ରକାର ଛତୁକୁ ତରକାରୀ ରୂପେ ବ୍ୟବହାର କରିଥାନ୍ତି । | ଖଲିଦୋନା, ମହୁ, ପାଲୁଅ, ଝୁଣା ଆଦିକୁ ଲୋକମାନଙ୍କୁ ବିକ୍ରି କରି ଅର୍ଥ ଆଣିଥାନ୍ତି । | |
| ୦୪ | ବିଭିନ୍ନ ଆଳୁକୁ ଖାଦ୍ୟାକାରରେ ବ୍ୟବହାର କରନ୍ତି । ଜାଳେଣୀ କାଠକୁ ରୋଷେଇ କାର୍ଯ୍ୟରେ ବ୍ୟବହାର କରିଥାନ୍ତି । | ଜାଳେଣୀ କାଠକୁ ଭାଗର କାର୍ଯ୍ୟରେ ବ୍ୟବହାର କରନ୍ତି । ଘାସକୁ ଗୋରୁମାନଙ୍କ ଖାଇବାକୁ ଦିଅନ୍ତି । | ପତ୍ରରୁ ପ୍ରସ୍ତୁତ ଖଲି ଓ ଦୋନାକୁ ହାଟବଜାରରେ ତଥା ବେପାରୀମାନଙ୍କୁ ବିକ୍ରି କରିଥାନ୍ତି । | |
| ୦୫ | ଝୁଣା କାଠ, ଛତୁକୁ ବିକ୍ରୀ କରାଯାଇଥାଏ, ଶାଳ ଓ ଶିଆଳୀ ପତ୍ରରେ ଖଲି ଓ ଦୋନା ତିଆରି କରନ୍ତି । | ଦାନ୍ତକାଠିକୁ ଦାନ୍ତ ଘଷିବା କାର୍ଯ୍ୟରେ, ବାଉଁଶକୁ ଗୃହନିର୍ମାଣରେ ବ୍ୟବହାର କରନ୍ତି । ଘାସକୁ ଗୋରୁଗାଈଙ୍କୁ ଖାଇବାକୁ ଦିଆଯାଇଥାଏ । | କାଠ ଛତ ଏହି ମାସରେ ସଂଗ୍ରହ କରାଯାଇଥାଏ ଓ ଏହାକୁ ବିକ୍ରୀ କରାଯାଇଥାଏ । | |
| ୦୬ | ଜଙ୍ଗଲର ଆଳୁ ସବୁ ଖାଦ୍ୟ ରୂପେ ସେବନ କରିଥାନ୍ତି । ଜାଳେଣୀ ରୋଷେଇ କାର୍ଯ୍ୟରେ ବ୍ୟବହାର କରନ୍ତି । ଶାଳ ଓ ଶିଆଳୀପତ୍ରକୁ ପୂଜା ଓ ଖଲିଦୋନା ତିଆରି କାର୍ଯ୍ୟରେ ବ୍ୟବହାର କରନ୍ତି । | ପତ୍ରରୁ ତିଆରି ଖଲି, ଦୋନାକୁ ବେପାରୀମାନଙ୍କୁ ବିକ୍ରୀ କରାଯାଇଥାଏ । | - | |

## ବାର୍ଷିକ ବନ୍ୟଜାତ ଦ୍ରବ୍ୟ ସଂଗ୍ରହ ସାରଣୀ

| କ୍ର.ନଂ | ଓଡ଼ିଆ ଭାଷାରେ ମାସର ନାମ | ପାହାଡ଼ଖଡ଼ିଆ ଭାଷାରେ ମାସର ନାମ | ଇଂରାଜୀ ଭାଷାରେ ମାସର ନାମ | ସଂଗୃହିତ ବନଜାତ ଦ୍ରବ୍ୟର ନାମ — ମୁଖ୍ୟ | ସଂଗୃହିତ ବନଜାତ ଦ୍ରବ୍ୟର ନାମ — ଗୌଣ | ସଂପୃକ୍ତ ପର୍ବପର୍ବାଣି, ଦେବାଦେବୀ ଓ ବଳି |
|---|---|---|---|---|---|---|
| ୦୭. | କାର୍ତ୍ତିକ | କାର୍ତ୍ତିକ | ଅକ୍ଟୋବର-ନଭେମ୍ବର | ଶାଳ ଓ ଶିଆଳୀପତ୍ର, ଜାଳେଣୀକାଠ, ଦାନ୍ତକାଠି, ପାଳୁଅ, ମହୁ, କାଠଛତୁ, ଝୁଣା ଖୁଣ୍ଟ, ରୁଅ ଓ ବତା । | ଦାନ୍ତକାଠି, ଶାଳ, ଓ ଶିଆଳୀପତ୍ର, ବାଉଁଶ ଓ ଘାସ । | ପ୍ରଥମାଷ୍ଟମୀ ପର୍ବ ଏହି ମାସରେ ପଡେ । ତେଣୁ ଇଷ୍ଟଦେବତାଙ୍କୁ ଜଙ୍ଗଲରୁ ଆଣିଥିବା ଦ୍ରବ୍ୟ ଦେଇ ପୂଜା କରାଯାଇଥାଏ । |
| ୦୮. | ମାର୍ଗଶୀର | ମାର୍ଗଶୀର | ନଭେମ୍ବର-ଡ଼ିସେମ୍ବର | ଝୁଣା, ମହୁ ପାଳୁଅ, ଖଡ଼ିଆ ଜମ୍ମିରା, ଚିଅଁର (ଏସବୁ ଏକପ୍ରକାର ଫଳ) । ଜାଳେଣୀକାଠ ବିଭିନ୍ନ ପ୍ରକାରର ଆଳୁ, ଶାଳ ଓ ଶିଆଳୀପତ୍ର । | ଦାନ୍ତକାଠି ଓ ବିଭିନ୍ନ ପ୍ରକାର ଔଷଧୀୟ ଚେର ମୂଳ ଓ କଣ୍ଡା । | ମକର ପର୍ବ ଏହି ମାସରେ ପାଳନ କରାଯାଏ । |
| ୦୯. | ପୌଷ | ପୁଷ | ଡ଼ିସେମ୍ବର-ଜାନୁୟାରୀ | ପାଳୁଅ ମହୁ, ଜାଳେଣୀକାଠ, ବିଭିନ୍ନ ପ୍ରକାର ଆଳୁ ଜମ୍ମିରା ଚିଅଁର, ଜାଳେଣୀ କାଠ ଓ ଶାଳ ଓ ଶିଆଳୀପତ୍ର । | ଦାନ୍ତକାଠି, ବାଉଁଶ ଔଷଧୀୟ ଚେରପତ୍ର ମୂଳକଣ୍ଡା । | - |
| ୧୦. | ମାଘ | ମାଘ | ଜାନୁୟାରୀ-ଫେବୃୟାରୀ | ଝୁଣା, ମହୁ, ପାଳୁଅ ଶାଳପତ୍ର, ଜାଳେଣୀକାଠ । | ବାଉଁଶ ଦାନ୍ତକାଠି ଔଷଧୀୟ ଚେରମୂଳ । | ଏହି ମାସରେ ମଧ୍ୟ ମାଘ ପୂଜା ହୋଇଥାଏ । ଏହି ପୂଜାରେ ଗ୍ରାମବାସୀ ଏକଜୁଟ ହୋଇ ଜଙ୍ଗଲ ଦେବତାଙ୍କୁ କୁକୁଡ଼ା ବଳି ଦେଇ ପୂଜା କରନ୍ତି । |
| ୧୧. | ଫାଲ୍ଗୁନ | ଫଗୁଣ | ଫେବୃୟାରୀ-ମାର୍ଚ୍ଚ | ଶାଳଫୁଲ, ଶାଳପତ୍ର, ଜାଳେଣୀକାଠ, ମହୁଲ ଫୁଲ ମହୁ ଝୁଣା, ମଣ୍ଡେଇ ଆଳୁ, କଣ୍ଟା ଆଳୁ, ତଙ୍ଗା ଆଳୁ । | ଦାନ୍ତକାଠି ଔଷଧୀୟ ବୃକ୍ଷ ଜାଳେଣୀକାଠ । | ହୋଲି ଉତ୍ସବ ଏହି ମାସରେ ପଡୁଥିବାରୁ କେହି କେହି ହୋଲି ଉତ୍ସବରେ ରଙ୍ଗ ଖେଳିଥାନ୍ତି । |
| ୧୨. | ଚୈତ୍ର | ଚଇତ | ମାର୍ଚ୍ଚ-ଏପ୍ରିଲ | ମହୁ ଝୁଣା ଶାଳ ଓ ଶିଆଳୀପତ୍ର ବିଭିନ୍ନ ପ୍ରକାରର କାଠ ଓ ମହୁଲ ଫୁଲ ମହୁଲ ଫଳ ଶାଳ ଫଳ ଓ ବିଭିନ୍ନ ପ୍ରକାରର ଆଳୁ । | - | - |

## ବାର୍ଷିକ ବନ୍ୟଜାତ ଦ୍ରବ୍ୟ ସଂଗ୍ରହ ସାରଣୀ

| କ୍ର.ସଂ | ମୁଖ୍ୟସଂଗୃହିତ ବନଜାତ ଦ୍ରବ୍ୟର ବ୍ୟବହାର | ଗୌଣ | ବିପଣନ | ମନ୍ତବ୍ୟ |
|---|---|---|---|---|
| ୦୭. | ଜାଳେଣୀ କାଠକୁ ରୋଷେଇ କାର୍ଯ୍ୟରେ ଖୁଣ୍ଟ ରୁଅ ଓ ବତାକୁ ଘରତିଆରି କାର୍ଯ୍ୟରେ ବ୍ୟବହାର କରନ୍ତି । | ଦାନ୍ତକାଠିକୁ ଦାନ୍ତଘଷିବା କାର୍ଯ୍ୟରେ, ବାଉଁଶ ଗୃହ ନିର୍ମାଣ କାର୍ଯ୍ୟରେ ଘାସକୁ ଗୋରୁ ଗାଈ ଖାଦ୍ୟ ରୂପେ ବ୍ୟବହାର କରନ୍ତି । | କାଠ ଛତୁ ଝୁଣା, ମହୁ, ପାଳୁଅକୁ ସ୍ଥାନୀୟ ବେପାରୀଙ୍କୁ ବିକ୍ରି କରିଥାନ୍ତି । ଖଲି ଓ ଦୋନାକୁ ମଧ୍ୟ ବିକ୍ରି କରାଯାଇଥାଏ । | ମାଘ ପୂଜା ପରେ ଯେ କେହି ବଣଜଙ୍ଗଲକୁ ଯାଇଥାନ୍ତି ତା ପୂର୍ବରୁ କେହି କୌଣସି ଦ୍ରବ୍ୟ ଆଣିପାରିବେ ନାହିଁ । ମହୁଲ ଓ ଶାଳଫୁଲ ଏହି ମାସରେ ପ୍ରଚୁର ପରିମାଣରେ ସଂଗ୍ରହ କରାଯାଇଥାଏ । ମହୁଲ ଫଳରୁ ମଧ୍ୟ ତେଲ ବାହାର କରାଯାଇ ଖାଇବା ତେଲ ରୂପେ ବ୍ୟବହାର କରନ୍ତି । |
| ୦୮. | ଫଳ ମୂଳକୁ ଖାଦ୍ୟ ରୂପେ ବ୍ୟବହାର କରନ୍ତି । ଝୁଣାକୁ ପୂଜା କାର୍ଯ୍ୟରେ ବ୍ୟବହାର କରନ୍ତି । | ବାଉଁଶକୁ ଗୃହ ନିର୍ମାଣରେ ଶାଳ ଓ ଶିଆଳୀପିଠକୁ ଖାଦ୍ୟସେବନରେ ବ୍ୟବହାର କରିଥାନ୍ତି । | କାଠ ଛତୁ ଝୁଣା, ମହୁ, ପାଳୁଅକୁ ଜାଳେଣୀକାଠକୁ ସ୍ଥାନୀୟ ବେପାରୀଙ୍କୁ ବିକ୍ରି କରିଥାନ୍ତି । | |
| ୦୯. | ଝୁଣା ଓ ଶାଳପତ୍ରକୁ ପୂଜା କାର୍ଯ୍ୟରେ ଫଳ ସମୂହକୁ ଖାଦ୍ୟ ରୂପେ ବ୍ୟବହାର କରିଥାନ୍ତି । | ଔଷଧୀୟ ପତ୍ର ଚେର ଓ କାଣ୍ଡକୁ ଔଷଧୀୟ ଦ୍ରବ୍ୟରୂପେ ବ୍ୟବହାର କରନ୍ତି । ଦାନ୍ତକାଠିରେ ଦାନ୍ତ ଘଷାଯାଏ । | ପାଳୁଅ ମହୁ ଝୁଣାକୁ ଲୋକମାନଙ୍କୁ ସ୍ଥାନୀୟ ବେପାରୀମାନଙ୍କୁ ବିକ୍ରି କରନ୍ତି । | |
| ୧୦. | ଝୁଣା, ମହୁ, ପାଳୁଅକୁ ବିକ୍ରି କରାଯାଇଥାଏ, ଜାଳେଣୀକାଠକୁ ରୋଷେଇ କାର୍ଯ୍ୟରେ ବ୍ୟବହାର କରାଯାଏ । | ବାଉଁଶକୁ ଗୃହ ନିର୍ମାଣରେ ଔଷଧୀୟ ପତ୍ର ଚେରିକୁ ଔଷଧରେ ରୂପେ ବ୍ୟବହାର କରନ୍ତି । | ପାଳୁଅ, ଝୁଣା, ମହୁକୁ ଲୋକଙ୍କୁ ବିକ୍ରି କରିଥାନ୍ତି ଓ ଜାଳେଣୀକାଠ ମଧ୍ୟ ବିକ୍ରି କରାଯାଇଥାଏ । | |
| ୧୧. | ଝୁଣା, ଶାଳ ଓ ଶିଆଳୀପତ୍ର ପୂଜା କାର୍ଯ୍ୟରେ ଲାଗେ, ଆଳୁକୁ ଖାଦ୍ୟ ରୂପେ ବ୍ୟବହାର କରନ୍ତି । | ବାଉଁଶକୁ ଗୃହ ନିର୍ମାଣ କାର୍ଯ୍ୟରେ ଓ ଔଷଧୀୟ ଦ୍ରବ୍ୟକୁ ରୋଗ ଉପଶମ ପାଇଁ ବ୍ୟବହାର କରନ୍ତି । | ମହୁଲ ଫୁଲ ଓ ଶାଳଫୁଲ ମହୁ ଝୁଣା ପାଳିକୁ ଲୋକମାନଙ୍କୁ ବିକ୍ରି କରିଥାନ୍ତି । ଜାଳେଣୀକାଠକୁ ମଧ୍ୟ ଲୋକଙ୍କୁ ବିକ୍ରି କରିଥାନ୍ତି । | |
| ୧୨. | ଆଳୁକୁ ଖାଦ୍ୟ ଦ୍ରବ୍ୟ ରୂପେ ବ୍ୟବହାର କରନ୍ତି । ଝୁଣା ଓ ପତ୍ରକୁ ପୂଜା କାର୍ଯ୍ୟରେ ବ୍ୟବହାର କରନ୍ତି । | ଦାନ୍ତକାଠିକୁ ଦାନ୍ତଘଷିବାରେ, ଜାଳେଣୀକାଠକୁ ରୋଷେଇ କାର୍ଯ୍ୟରେ ବ୍ୟବହୃତ କରନ୍ତି । | ମହୁଲ ଫଳ, ଶାଳ ଫଳ, ମହୁ ଝୁଣା, ଖଲିପତ୍ରକୁ ସ୍ଥାନୀୟ ବେପାରୀଙ୍କୁ ବିକ୍ରି କରାଯାଇଥାଏ | |

# ପାରମ୍ପରିକ ହସ୍ତଶିଳ୍ପ ଓ କାରୁକଳା

## ହସ୍ତଶିଳ୍ପ ଓ କାରୁକଳାର ଧାରଣା ଓ ଉତ୍ପତ୍ତି :

କଳାରେ ଉତ୍କର୍ଷତା ଲାଭ କରିଥିବାରୁ ଓଡ଼ିଶାର ପୂର୍ବନାମ ଥିଲା ଉତ୍କଳ । କଳା ନୈପୁଣ୍ୟ ଲାଗି କେବଳ ଭାରତବର୍ଷ ନୁହେଁ ଆନ୍ତର୍ଜାତୀୟ ସ୍ତରରେ ଉତ୍କଳ ବିଶେଷ ଭାବରେ ପରିଚିତ । ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ସତ୍ତ୍ୱେ ମଧ୍ୟ ଉତ୍କଳୀୟ ଶିଳ୍ପୀ ସେଇ କଳାନୈପୁଣ୍ୟ ଫଳରେ ନିଜ ସ୍ୱାତନ୍ତ୍ର୍ୟ ବଜାୟ ରଖିପାରିବି । ପାହାଡ଼ି ଖଡ଼ିଆମାନେ ଯଦିଓ ଅନ୍ୟ ଗୋଷ୍ଠୀଗୁଡ଼ିକ ତୁଳନାରେ ନିଜ କଳାନୈପୂଣ୍ୟ ପାଇଁ ବିଶେଷ ପରିଚିତ ନୁହେଁ, ତଥାପି ସେମାନଙ୍କ କଳାକୃତିର ସ୍ୱତନ୍ତ୍ର ଉଲ୍ଲେଖନୀୟ ପାହାଡ଼ି ଖଡ଼ିଆମାନଙ୍କ ଜୀବନଧାରା । ସହିତ କଳା ଓ ହସ୍ତଶିଳ୍ପର ଏକ ଅତୁଟ ସମ୍ପର୍କ ରହିଛି । କଳା ଓ ଶିଳ୍ପ ସେମାନଙ୍କ ପାଇଁ ସର୍ବୋତ୍କୃଷ୍ଟ ଜୀବିକାଅର୍ଜ୍ଜନର ପନ୍ଥା । ପାହାଡ଼ି ଖଡ଼ିଆ ସମ୍ପ୍ରଦାୟର ଉତ୍ପତ୍ତି ହେବା ଦିନଠାରୁ ବୋଧହୁଏ ଏହି କଳା ସେମାନଙ୍କର ରକ୍ତ ଅସ୍ଥି ମଜ୍ଜାଗତ ହୋଇଯାଇଛି । ତେଣୁ ପରମ୍ପରା ପ୍ରିୟ ଖଡ଼ିଆ ମାନେ ଆଜିବି ସେମାନଙ୍କ ସେହି କଳାକୃତିକୁ ବଜାୟ ରଖିବା ନିମନ୍ତେ ସକ୍ଷମ ହୋଇ ପାରିଛନ୍ତି । ଏହିପରି କେତେକ ବିଶିଷ୍ଟ କଳା ହେଉଛି ଶାଳ ଓ ଶିଆଳୀ ପତ୍ରରୁ ଖଲି ଓ ଦୋନା ତିଆରି କରିବା, କାଠରୁ ଉପକରଣ ତିଆରି, ଘାସରୁ ଦଉଡ଼ି ତିଆରି ଇତ୍ୟାଦି । ପ୍ରାକୃତିକ ପରିବେଷ୍ଟନୀରୁ କଞ୍ଚାମାଲ ସଂଗ୍ରହକରି କଳାବସ୍ତୁ ନିର୍ମାଣ କରିବା କାର୍ଯ୍ୟରେ ପାହାଡ଼ି ଖଡ଼ିଆ ଲୋକମାନେ ସିଦ୍ଧହସ୍ତ । ପୁରୁଷ ଓ ସ୍ତ୍ରୀ ସହିତ ଛୋଟ ପିଲାମାନେ ମଧ୍ୟ ଜଣେ ଜଣେ କୁଶଳୀ କାରୀଗର । ତେବେ ଏହି ଚାରୁକଳା ଓ ହସ୍ତଶିଳ୍ପର ଉତ୍ପତ୍ତି ଓ ଇତିହାସ ସମ୍ବନ୍ଧରେ ନିର୍ଦ୍ଦିଷ୍ଟ ଭାବରେ କିଛି ସଠିକ୍ ସମୟ କୁହାଯାଇନପାରେ । ଲୋକ କଥା ଅନୁଯାୟୀ ପାହାଡ଼ି ଖଡ଼ିଆମାନଙ୍କ ଉତ୍ପତ୍ତି ହେବା ଦିନଠାରୁ ଏହି ଚାରୁକଳା ଓ ହସ୍ତଶିଳ୍ପ ସମସାମୟିକ ବୋଲି କୁହାଯାଇପାରେ ।

## ଚାରୁ କଳା ତଥା ସୌନ୍ଦର୍ଯ୍ୟବୋଧର ପରିପ୍ରକାଶ:

### ଶୀକାର ଉପକରଣ:

ପାହାଡ଼ି ଖଡ଼ିଆ ଲୋକମାନେ ସାଧାରଣତଃ ଶୀକାରପ୍ରିୟ ନୁହଁନ୍ତି, କଦବା କ୍ୱଚିତ ସେମାନେ ଶୀକାର କରିଥାନ୍ତି । ଶୀକାର ସମୟରେ ସେମାନେ ଧନୁ-ତୀର, କୁରାଢ଼ୀ, ଠେଙ୍ଗା ଆଦି ଉପକରଣ ବ୍ୟବହାର କରିଥାନ୍ତି । ଏହି ଉପକରଣମାନଙ୍କରେ କଳାର

ସ୍ପର୍ଶ ରହିଥାଏ । ଧନୁ ଓ ତୀରରେ ସେମାନେ ବିଭିନ୍ନ ପ୍ରକାରର ପର ଲଗାଇ ସୁସଜ୍ଜିତ କରିଥାନ୍ତି । ମୟୂର ପର ଓ କୁକୁଡ଼ା ପର ସାଧାରଣତଃ ଏଥିରେ ବ୍ୟବହୃତ ହୋଇଥାଏ । ଧନୁ ଧରିବା ସ୍ଥାନରେ କିମ୍ବା ଧନୁଟି ସହଜରେ ନ ଭାଙ୍ଗିବା ପାଇଁ ମୋଟା ସୂତାଦ୍ୱାରା ବନ୍ଧାଯାଇଥାଏ। ଧନୁ ତୀରର ଅଗ୍ରଭାଗରେ ଏକ ଲୁହାର ମୁନ ଲାଗିଥାଏ, ତାହା ସାଧାରଣତଃ ପଶୁ ଶୀକାରରେ ବ୍ୟବହୃତ ହୁଏ । କିନ୍ତୁ ତୀରାଗ୍ରରେ ମୁନିଆ କାଠ ଲଗାଇ ପକ୍ଷୀ ଶିକାର କରାଯାଏ।

## ମାଛ ଧରିବା ଜାଲ:

ମାଛ ଧରିବା ପାଇଁ ଜାଲର ବ୍ୟବହାର ପାହାଡ଼ି ଖଡ଼ିଆମାନଙ୍କୁ ଜଣାନାହିଁ । ଯଦି କେହି କେବେ ମାଛ ଧରିବାକୁ ଇଛା କରନ୍ତି, ତେବେ ପାଣି ବୋହିଯାଉଥିବା ସ୍ଥାନମାନଙ୍କରେ ଅନ୍ଧୁଲୀ ଓ ଖଇଞ୍ଚ ବସାଇ ମାଛ ଧରିଥାନ୍ତି। ଏହି ଖଇଞ୍ଚ ଓ ଅନ୍ଧୁଲୀକୁ ସେମାନେ ବାଉଁଶରୁ ତିଆରି କରିଥାନ୍ତି ।

## କୃଷି ଉପକରଣ:

କୃଷି କାର୍ଯ୍ୟ ପାଇଁ କେତେକ ଉପକରଣ ରହିଛି; ଯଥା: ଲଙ୍ଗଳ, ଇଶ, ଜୁଆଳୀ, ମହି ଇତ୍ୟାଦି। ଏହିସବୁ ଉପକରଣକୁ ସେମାନେ କୁରାଢ଼ୀ ଓ ବଟାଲୀ ଆଦି ହତିଆର ଦ୍ୱାରା କାଠକୁ କାଟି ତିଆରି କରିଥାନ୍ତି । ଏହି ଉପକରଣ ଗୁଡ଼ିକରେ ସେମାନେ ବିଭିନ୍ନ ପ୍ରକାରର ଫୁଲ ଚିତ୍ରଅଙ୍କନ କରିଥାନ୍ତି । ଫଳରେ ଏହାର ସୌନ୍ଦର୍ଯ୍ୟ ବୃଦ୍ଧିପାଇଥାଏ ।

## ଗୃହ ଉପକରଣ:

ପାହାଡ଼ି ଖଡ଼ିଆମାନଙ୍କ ଗୃହ ଉପକରଣ ମଧ୍ୟରେ ଭାତହାଣ୍ଡି, ତରକାରୀ ଡ଼େକ୍‌ଚି, ଥାଳୀ ଗ୍ଲାସ୍, ବେଲା, ଚଟୁ, ପନ୍‌କି, କୁଲା, ପିଢ଼ା ଆଦି ବ୍ୟବହାର କରିଥାନ୍ତି । ଏହିସବୁ ପଦାର୍ଥ ସେମାନଙ୍କ ନିଜସ୍ୱ ପ୍ରସ୍ତୁତ ନୁହେଁ । ତେଣୁ କଳାର ସ୍ପର୍ଶ ଏ ସବୁରେ ପରିଲକ୍ଷିତ ହୁଏନାହିଁ ।

## ବ୍ୟକ୍ତିଗତ ଆସବାବପତ୍ର:

ପାହାଡ଼ି ଖଡ଼ିଆମାନେ ବ୍ୟବହାର କରୁଥିବା ବ୍ୟକ୍ତିଗତ ଆସବାବପତ୍ର ମଧ୍ୟରେ ଚପଲ, ଠେଙ୍ଗା, ନାଶଦାନୀ ଓ ନିଜର ପୋଷାକପତ୍ର ଆଦି ବ୍ୟବହାର କରନ୍ତି । ଏହି ସବୁ ଦ୍ରବ୍ୟ ତିଆରି ଓ କିଣିବା ସମୟରେ ପସନ୍ଦ କରି କିଣନ୍ତି । ଚପଲର ମାପ, ଠେଙ୍ଗାର ଉଚ୍ଚତା ଓ ନାଶଦାନୀର ଆକାର ସବୁ ଆଖିଆଗରେ ରଖି ଏମାନେ ବ୍ୟବହାର ପାଇଁ ସଂଗ୍ରହ କରିଥାନ୍ତି ।

## ପୋଷାକ:

ପାହାଡ଼ି ଖଡ଼ିଆମାନେ ବିଭିନ୍ନ ପ୍ରକାରର ପୋଷାକ ପରିଧାନ କରନ୍ତି । ପୁରୁଷ ଲୋକମାନେ ୬-୭ ହାତ ଲମ୍ବ ଧଳା ରଙ୍ଗର ଗାମୁଛା, ଗଞ୍ଜି, ଧୋତି, ପରିଧାନ କରିଥାନ୍ତି । ଏହା ସହିତ କୁର୍ତ୍ତା, ଲୁଙ୍ଗି ଆଦି ପିନ୍ଧିଥାନ୍ତି । ଏହି ପୋଷାକପତ୍ର ଓ ଲୁଗାପଟାମାନଙ୍କରେ ବିଭିନ୍ନ ପ୍ରକାରର ଫୁଲ ଚିତ୍ର, ବିଭିନ୍ନ ପଶୁପକ୍ଷୀଙ୍କ ଚିତ୍ର, ବିଭିନ୍ନ ଗଛଲତା ଚିତ୍ର ହୋଇଥିଲେ ତାହା ପିନ୍ଧିବାକୁ ଅଧିକ ପସନ୍ଦ ଯୋଗ୍ୟ ହୋଇଥାଏ ।

## ଗହଣା / ଅଳଙ୍କାର:

ଶରୀରର ସୌନ୍ଦର୍ଯ୍ୟ ବଢ଼ାଇବା ପାଇଁ ପାହାଡ଼ି ଖଡ଼ିଆମାନେ ବିଭିନ୍ନ ପ୍ରକାର ଅଳଙ୍କାର ଓ ଗହଣା ବ୍ୟବହାର କରିଥାନ୍ତି । ସେହି ଅଳଙ୍କାର ମଧ୍ୟରେ ହାର, ଚୁଡ଼ି, ମୁଦି, କାନଫୁଲ, ନାକଫୁଲ ପ୍ରଧାନ । ସାଧାରଣତଃ ଝିଅ ବିବାହ ସମୟରେ ଏଗୁଡ଼ିକର ବହୁଳ ବ୍ୟବହାର ଦେଖାଯାଏ । ଏହି ସବୁ ଅଳଙ୍କାରଗୁଡ଼ିକ  ରୂପା ଓ ତମ୍ବାରେ ତିଆରି ହୋଇଥାଏ । ଏହାର କ୍ରୟ ମୂଲ୍ୟ ଅତି ଶସ୍ତା ସାଧାରଣତଃ ହାରଟି ସରୁ ସରୁ ହୋଇ ଗୁନ୍ଥା ଯାଇଥାଏ । ଏହାକୁ ସ୍ତ୍ରୀ ଲୋକମାନେ ବେକରେ ପିନ୍ଧିଥାନ୍ତି । ଚୁଡ଼ି, ଖଡୁ ଆଦିକୁ ରୂପା କିମ୍ବା ତମ୍ବାର ନଳୀକୁ ବକ୍ର କରି ତହିଁରେ ବିଭିନ୍ନ ଆକୃତିର କାରୁକାର୍ଯ୍ୟ ସହ ସୁନେଲି ରଙ୍ଗର ପ୍ରଲେପ ଦିଆଯାଇଥାଏ । ଏହାକୁ ସ୍ତ୍ରୀ ଲୋକେ ହାତରେ ପିନ୍ଧନ୍ତି । ପୁରୁଷମାନେ ଏହାକୁ ଖଡୁ ଆକାରରେ କେବଳ ଡାହାଣ ହାତରେ ପିନ୍ଧିଥାନ୍ତି । କାନଫୁଲ ରୂପାର ସରୁ ସରୁ ତାରରେ ଗୋଲ୍ ଗୋଲ୍ କରି ତିଆରି ହୋଇଥାଏ । ମୁଦିଟି ମଧ ତମ୍ବା  କିମ୍ବା ରୂପାରେ ତିଆରି ହୋଇଥାଏ ଓ ତାହା ଉପରେ ବିଭିନ୍ନ ଫୁଲର ଚିତ୍ର ଥାଏ । ନାକଫୁଲଟି ଅତି ଛୋଟ ଆକୃତିର ହୋଇଥାଏ । ଏହିସବୁ ଅଳଙ୍କାର ବ୍ୟବହାର କରିବା ଦ୍ୱାରା ତାଙ୍କର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଥାଏ ।

## ଚିତ୍ର କଳା:

ପାହାଡ଼ି ଖଡ଼ିଆ ସ୍ତ୍ରୀ ଲୋକମାନେ ଚିତ୍ର । ଘରର କାନ୍ଥରେ ସ୍ତ୍ରୀ ଲୋକମାନେ ନାଲି ଓ ଧଳା ରଙ୍ଗମାଟିରେ କାନ୍ଥକୁ ଚିତ୍ର ବିଚିତ୍ର କରିଥାନ୍ତି । ବିଭିନ୍ନ ପ୍ରକାରର ଫୁଲ, ଗଛଲତା, ପଶୁ ପକ୍ଷୀଙ୍କ ଚିତ୍ର ଅଙ୍କନ କରାଯାଇଥାଏ । ଫଳରେ କାନ୍ଥର ସୌନ୍ଦର୍ଯ୍ୟ ବୃଦ୍ଧିପାଇଥାଏ ।

## ଚିତା:

ପାହାଡ଼ି ଖଡ଼ିଆମାନଙ୍କ ସାମାଜିକ ପ୍ରଥାନୁସାରେ ଶରୀରର ଅଙ୍ଗପ୍ରତ୍ୟଙ୍ଗରେ ଚିତା କୁଟାଇଥାନ୍ତି । ଚିତା କୁଟାଇବା ଜଣେ ପଡ଼ୋଶୀ କେଲୁଣୀ ଦ୍ୱାରା ହୋଇଥାଏ । ପାହାଡ଼ି ଖଡ଼ିଆ ମହିଳାମାନେ ନାକର ଉପର ଅଂଶ, ଦୁଇ ଆଖିର ମଧ୍ୟ ଭାଗରେ ତୀର ଚିହ୍ନିତ ଚିତା ଏବଂ ଡାହାଣ ହାତ ପାପୁଲି ଉପରକୁ ଏବଂ ବାହୁରେ କଦମ୍ବ ଗଛ ଆକାରରେ ଚିତା କୁଟାଇଥାନ୍ତି । ପୁରୁଷମାନେ ବାମହାତରେ ନିଜର ନାମ କିମ୍ବା ପଇସା ଆକୃତିର ତିନୋଟ ଚିତା କଟାଇଥାନ୍ତି । ଚିତା କଟାଇବା ଶରୀର ପାଇଁ କଷ୍ଟଦାୟକ ହେଲେ ହେଁ ଏହା ଶରୀର ସୌନ୍ଦର୍ଯ୍ୟ ବୃଦ୍ଧିରେ ସହାୟକ ହୋଇଥାଏ ।

## ଦେବଦେବୀଙ୍କୁ ଉତ୍ସର୍ଗିତ ସାମଗ୍ରୀ:

ପାହାଡ଼ି ଖଡ଼ିଆ ସମ୍ପ୍ରଦାୟର ଲୋକେ ନିଜର ମଙ୍ଗଳ ଉଦ୍ଦେଶ୍ୟରେ ଦେବଦେବୀଙ୍କୁ ବିଭିନ୍ନ ପୂଜାପାଠରେ ସିନ୍ଦୂର, ଝୁଣା, ଧୂପ, ପଞ୍ଚବର୍ଣ୍ଣୀ ମୁରୁଜ, ଶାଳ ଓ ଶିଆଳୀ ପତ୍ର, ଫଳମୂଳ, କୁକୁଡ଼ା, ବୋଦା ଇତ୍ୟାଦି ଦ୍ରବ୍ୟ ଉତ୍ସର୍ଗ କରିଥାଆନ୍ତି । ଏହି ଦ୍ରବ୍ୟମାନଙ୍କର କଳା ଓ ଶିଳ୍ପର ସେପରି କୌଣସି ସୌନ୍ଦର୍ଯ୍ୟ ପରିଲକ୍ଷିତ ହୁଏନାହିଁ ।

## ବାଦ୍ୟଯନ୍ତ୍ର:

ପାହାଡ଼ି ଖଡ଼ିଆ ଲୋକମାନେ ସେମାନଙ୍କ ବିବାହତ୍ସୋବ, ବିଭିନ୍ନ ପ୍ରକାରର ପର୍ବପର୍ବାଣିମାନଙ୍କରେ ନାଚ-ଗୀତର ଆସରରେ ବାଦ୍ୟଯନ୍ତ୍ରର ବ୍ୟବହାର କରିଥାନ୍ତି । ଏହି ବାଦ୍ୟଯନ୍ତ୍ର ଗୁଡ଼ିକ ହେଲା ଟାଙ୍ଗୁବାଦ୍ୟ, ବଂଶୀ ଇତ୍ୟାଦି । ବାଦ୍ୟଯନ୍ତ୍ର ସେମାନଙ୍କ ଗୀତ ଓ ନାଚର ଉତ୍ସାହକୁ ଦ୍ୱି-ଗୁଣିତ କରିଥାଏ । ଏହି ବାଦ୍ୟଯନ୍ତ୍ର ଗୁଡ଼ିକ କାରୁକାର୍ଯ୍ୟପୂର୍ଣ୍ଣ ହୋଇଥାଏ । ବଡ଼ କାଠଗଣ୍ଡିକୁ ଖୋଳି ତାହାର ଉଭୟ ପାର୍ଶ୍ୱକୁ ଛେଳି ଚମଡ଼ା ଦ୍ୱାରା ଆବୃତ୍ତ କରାଯାଇଥାଏ । ଉପରଭାଗଟି ଅଧିକ ମଜବୁତ୍ କରିବା ପାଇଁ ଚମଡ଼ାକୁ ସରୁ ସରୁ ଲମ୍ବ ଆକାରରେ କାଟି କାଠର ହାଣ୍ଡି ଉପରେ ଛକ ଛକ ପକାଇ ବାନ୍ଧିଦିଆଯାଏ । ଏହାଫଳରେ ବାଦ୍ୟଯନ୍ତ୍ରର ସୌନ୍ଦର୍ଯ୍ୟବୃଦ୍ଧି ଘଟିଥାଏ । ବଂଶୀଟି ବାଉଁଶ ନଳୀରେ ତିଆରି କରାଯାଇଥାଏ । ଗୋଟିଏ ପଟରେ ଛୋଟ ଛୋଟ କଣା କରାଯାଇଥାଏ । ବଂଶୀଟି ସୁନ୍ଦର ଦେଖାଯିବା ପାଇଁ କୁକୁଡ଼ା ଓ ମୟୂରପର ଲଗାଯାଇଥାଏ ।

## ଦେବସ୍ଥଳୀ ଚାରୁକଳା:

ପାହାଡ଼ି ଖଡ଼ିଆ ଲୋକମାନେ ନିରାକାର ବାଦୀ, ବିଭିନ୍ନ ପ୍ରକାରର ଦେବଦେବୀଙ୍କୁ ସେମାନେ ମାନସ ପଟରେ ସ୍ମରଣ ପୂର୍ବକ ପୂଜା କରିଥାନ୍ତି । କେବଳ

ପଥରରେ ସିନ୍ଦୂର ବୋଳି ତାଙ୍କୁ ଗ୍ରାମଦେବତୀର ରୂପ ଦେଇ ପୂଜା କରନ୍ତି । ଏହି ପଥରଟିରେ ଆଉ କୌଣସି କାରୁକାର୍ଯ୍ୟ ନିହିତ ଥିବା ଦେଖାଯାଏନାହିଁ ।

## କାଠ ଖୋଦେଇ:

ପାହାଡ଼ି ଖଡ଼ିଆମାନେ କାଠ ଖୋଦେଇ ସାମଗ୍ରୀ ମଧ୍ୟରେ ଖଟ, ପିଢ଼ା, କୁରାଢ଼ୀ ବେଣ୍ଟ, କବାଟ, ଝରକା, ଲଙ୍ଗଳ, ଜୁଆଳି, ଈଷ, ମଇ ପ୍ରଭୃତି ବ୍ୟବହାର କରନ୍ତି । ଏହି ଜିନିଷଗୁଡ଼ିକରେ ଫୁଲ ଓ ଗଛଲତାର ଚିତ୍ର ଦେଖାଯାଇଥାଏ । କବାଟରେ ମୟୂର, ଶୁଆ, ସୂର୍ଯ୍ୟମୁଖୀ ଫୁଲର ଚିତ୍ର ଆଙ୍କିଥାନ୍ତି । ପିଢ଼ାଟିରେ ମଧ୍ୟ ଫୁଲର ଚିତ୍ର ଅଙ୍କନ କରାଯାଇଥାଏ ।

## ମୃତ୍ତିକା ଶିଳ୍ପ:

ପାହାଡ଼ି ଖଡ଼ିଆ ଲୋକମାନେ ମାଟିରେ କେବଳ ନିଜ ଘରର ରୋଷେଇ ପାଇଁ ଚୁଲ୍ଲି ତିଆରି କରନ୍ତି । କିନ୍ତୁ ମାଟି ନିର୍ମିତ କଳସୀ, ଭାତହାଣ୍ଡି କୁମ୍ଭାରମାନଙ୍କ ପାଖରୁ କିଣି ଆଣିବା ବ୍ୟତୀତ ଅନ୍ୟ କୌଣସି ସାମଗ୍ରୀ ନିର୍ମାଣ କରିବା ଦେଖାଯାଏନାହିଁ । ଚୁଲ୍ଲି ପ୍ରସ୍ତୁତି ସମୟରେ ସୁନ୍ଦର ଦେଖାଯିବା ତଥା ମଜବୁତ୍ ହେବାପାଇଁ ମାଟି ସହିତ ନାଲିଗୋଡ଼ି ମିଶାଇ ତିଆରି କରିଥାନ୍ତି ।

## ଘାସ ଓ ପତ୍ରରୁ ନିର୍ମିତ ସାମଗ୍ରୀ:

ପାହାଡ଼ି ଖଡ଼ିଆ ଲୋକମାନେ ସବାଇ ଘାସରୁ ଦଉଡ଼ି ତିଆରି କରି ଖଟ ବୁଣିଥାନ୍ତି । ଗୃହ ନିର୍ମାଣ କାର୍ଯ୍ୟରେ ଓ ଖଟବୁଣିବାରେ ଏହା ବ୍ୟବହାର କରନ୍ତି । ଶାଳପତ୍ର ଓ ଶିଆଳୀ ପତ୍ରରୁ ଖଲି, ଦୋନା ପ୍ରସ୍ତୁତ କରନ୍ତି । ଖାଦ୍ୟ ସେବନରେ ଓ ପୂଜାକାର୍ଯ୍ୟରେ ଏହାକୁ ବ୍ୟବହାର କରନ୍ତି ।

## ତନ୍ତୁ ନିର୍ମିତ ସାମଗ୍ରୀ:

ପାହାଡ଼ି ଖଡ଼ିଆମାନେ ଜଙ୍ଗଲରୁ ବିଭିନ୍ନ ତନ୍ତୁ ସଂଗ୍ରହ କରି ତାହାକୁ ପାଣିରେ ପଚାଇ ପରିଷ୍କାର କରି ସେଥିରେ ଦଉଡ଼ି ତିଆରି କରନ୍ତି ଏବଂ ଗୋରୁ-ଗାଈମାନଙ୍କ ପାଇଁ ପଘା ତିଆରି କରିଥାନ୍ତି ।

## ବାଉଁଶ ଓ ବେତ ନିର୍ମିତ ସାମଗ୍ରୀ:

ବାଉଁଶରୁ ବିଭିନ୍ନ ଉପକରଣ ପାହାଡ଼ି ଖଡ଼ିଆମାନେ ତିଆରି କରିଥାନ୍ତି । ଗୃହ ନିର୍ମାଣରେ ବାଡ଼, ବୁଜିବା ପାଇଁ ବତା, ହାତରେ ଧରିବା ପାଇଁ ଠେଙ୍ଗା, ମାଛ ଧରିବା ପାଇଁ ଅନ୍ଧୁଲି, ଖଇଞ୍ଚ ଇତ୍ୟାଦି ତିଆରି କରିଥାନ୍ତି । ବେତରୁ ସମୟ ସମୟରେ ଗଉଣି, କଠା ଆଦି ତିଆରି କରି ବ୍ୟବହାର କରିଥାନ୍ତି ।

## ପର, ନଖ, ଓ ହାଡ଼ରୁ ନିର୍ମିତ ସାମଗ୍ରୀ:

ବିଭିନ୍ନ ପ୍ରକାର ପକ୍ଷୀପର କେତେକ ଦ୍ରବ୍ୟର ସୌନ୍ଦର୍ଯ୍ୟ ବଢ଼ାଇବା ପାଇଁ ବ୍ୟବହାରରେ ଲାଗିଥାଏ । ଶୁଆ ପର ଧନୁତୀର ଓ ଧନୁରେ ବନ୍ଧାଯାଇଥାଏ । ଫଳରେ ଏହା ଅଧିକ ସୁନ୍ଦର ଦେଖାଯାଏ । ମୟୂରପରରେ ଗୁଣିଆ ମନ୍ତ୍ରତନ୍ତ୍ର ଝାଡ଼ିବାରେ ବ୍ୟବହାର କରିଥାନ୍ତି । ବାଘ ନଖରେ ଲକେଟ୍ ତିଆରି କରାଯାଇଥାଏ ଓ ପୁରୁଷମାନେ ଏହାକୁ ବେକରେ ପରିଧାନ କରିଥାନ୍ତି । କେତେକ ଜୀବର ହାଡ଼କୁ ଗୁଣିଆ ଗୁଣି କାମରେ ବ୍ୟବହାର କରନ୍ତି ।

## ପଥରଖୋଦେଇ:

ପାହାଡ଼ ଜଙ୍ଗଲରେ ଥିବା ଖଡ଼ି ପଥର ସଂଗ୍ରହ କରି ଶିଳ ଓ ଶିଳପୁଆ ତିଆରି କରି ବ୍ୟବହାର କରନ୍ତି । ରୋଷେଇ ଘରେ ବସିବା ପାଇଁ ପିଢ଼ାସ୍ୱରୂପ ପଥରକୁ ଖୋଦନ କରି ବ୍ୟବହାର କରିଥାନ୍ତି । ଗ୍ରାମ ଦେବତୀ (ବାଉଳୀ ଠାକୁରାଣୀଙ୍କୁ)ଙ୍କ ଉଦ୍ଦେଶ୍ୟରେ ପଥର ଉପରେ ସିନ୍ଦୂର ବୋଳି ତାଙ୍କୁ ଦେବତୀ ରୂପେ ପୂଜା କରାଯାଇଥାଏ ।

## ଲେଖା ପଢ଼ା ଉପକରଣ:

ପୂର୍ବେ ମୟୂର ପରକୁ ନିବ୍ ସଦୃଶ ଅଗ୍ରଭାଗ ମୁନିଆ କରି ସମାନ ଦୁଇଭାଗ ହେବା ଭଳି ମଝିରେ କଟାଯାଇ, କାଳି ଦୁଆତରେ ବୁଡ଼ାଇ କାଗଜରେ ଲେଖା-ଲେଖି କରୁଥିଲେ । ତାଳପତ୍ରକୁ କାଟି ମଧ ତାହାକୁ ତାପରେ ଲେଖାଲେଖି କରିବା କାର୍ଯ୍ୟରେ ବ୍ୟବହାର କଲେ ।

## ପାନିଆ:

ମୁଣ୍ଡ କୁଣ୍ଡାଇବା ପାଇଁ ପାହାଡ଼ି ଖଡ଼ିଆମାନେ ବିଭିନ୍ନ ପ୍ରକାର ପାନିଆ ବ୍ୟବହାର କରିଥାନ୍ତି । ସାଧାରଣତଃ କାଠ ଓ ଶିଙ୍ଗ ପାନିଆ ପାହାଡ଼ି ଖଡ଼ିଆ ଲୋକମାନେ ବ୍ୟବହାର କରନ୍ତି । କାଠ ପାନିଆ ଗୁଡ଼ିକର ଉଭୟ ପାର୍ଶ୍ୱରେ ଲମ୍ବ ଭାବରେ ଗାର ପକାଯାଇଥାଏ । ଶିଙ୍ଗ ପାନିଆ ଗୁଡ଼ିକରେ ବିଭିନ୍ନ ପ୍ରକାର ଫୁଲର ଚିତ୍ର ଅଙ୍କନ କରାଯାଇଥାଏ । ଶିଙ୍ଗ ପାନିଆଗୁଡ଼ିକରେ ବିଭିନ୍ନ ପ୍ରକାର ଫୁଲ ଓ ପକ୍ଷୀମାନଙ୍କ ଚିତ୍ର ଖୋଦେଇ କରାଯାଇଥାଏ ।

ଏହିପରି ବିଭିନ୍ନ ଦ୍ରବ୍ୟମାନଙ୍କରେ କଳାକୃତିର ପରିଚୟ ପାହାଡ଼ି ଖଡ଼ିଆମାନଙ୍କ ମଧ୍ୟରେ ଦେଖିବାକୁ ମିଳିଥାଏ ।

# ଭେଷଜ ଓ ଲୋକ-ଭେଷଜଜ୍ଞ

ମନୁଷ୍ୟ ଜୀବନ କାଳରେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଥାଏ । ରୋଗମୁକ୍ତ ହେବା ପାଇଁ ଔଷଧ ଉପରେ ନିର୍ଭର କରି ବିଭିନ୍ନ ବ୍ୟବହାର କରିଥାଏ ।

## ତୃଣ ଜାତୀୟ:

ପ୍ରକୃତିରେ ବିଭିନ୍ନ ଔଷଧ ଥିବା ଦେଖାଯାଏ । ପାହାଡ଼ି ଖଡ଼ିଆମାନେ ବିଭିନ୍ନ ପ୍ରକାର ଔଷଧ ତିଆରି କରିଥାନ୍ତି । ବିଭିନ୍ନ ତୃଣ ବା ଘାସରୁ ଭେଷଜ ତିଆରି କରିଥାନ୍ତି।  ମୁଥା ଘାସର ମୂଳ ସହିତ ପାଞ୍ଚ ଗୋଟି ଗୋଲମରିଚ, ଖଣ୍ଡ ସୁଣ୍ଠି ଓ ପିପ୍ଲୀକୁ ଭଲଭାବରେ ଗୁଣ୍ଡ କରି ଜଳ, ମହୁ ମିଶାଇ ଖାଇଲେ କାଶ ଭଲ ହୋଇଥାଏ । ଦୁବଘାସ ସହିତ ମିଶ୍ରୀ /ଚିନି ବାଟି ଗୁଣ୍ଡ କରି ରକ୍ତସ୍ରାବ ସ୍ଥାନରେ ପ୍ରଲେପ ଦେଲେ ରକ୍ତ ସ୍ରାବ ବନ୍ଦ ହୋଇଯାଇଥାଏ ଏବଂ ଘା' ମଧ୍ୟ ଶୀଘ୍ର ସୁଖିଯାଇଥାଏ ।

## ଗୁଳ୍ମ ଜାତୀୟ:

ଜଙ୍ଗଲରୁ ମିଳୁଥିବା ପାଳୁଅକୁ ସଂଗ୍ରହ କରି ତାକୁ ପଥରରେ ବାରମ୍ବାର ଘସି ରସ ବାହାର କରାଯାଏ । ସେହି ରସକୁ ଖରାରେ ଶୁଖାଇ ଦିଆଯାଏ । ଶୁଖିବା ପରେ ପାଳୁଅ ପ୍ରସ୍ତୁତ ହୋଇ ପେଟ ଗରମ ସମୟରେ ପାଣି ସହିତ ମିଶାଇ ପାନକଲେ ପେଟ ଥଣ୍ଡା ହୋଇଥାଏ । ଏହାକୁ ପାନ କଲେ କାମଳ ରୋଗ ମଧ୍ୟ ଯଥାଶୀଘ୍ର ଉପଶମ ହୋଇଯାଇଥାଏ ।

## ପତ୍ର:

କେତେକ ପତ୍ରରୁ ଔଷଧ ପ୍ରସ୍ତୁତ କରାଯାଏ । ତୁଳସୀପତ୍ରର ରସ ସହିତ ମହୁ ମିଶାଇ ଖାଇଲେ ଥଣ୍ଡା, ସର୍ଦ୍ଦି ଓ କାଶରୁ ରକ୍ଷା ମିଳେ । ବେଲ ପତ୍ର ଓ ତୁଳସୀ ପତ୍ର ଏକତ୍ର ବାଟି ଖାଇଲେ କେତେକ ପେଟ ରୋଗ ଭଲ ହୋଇଥାଏ । ଇଉପଟାସ ପତ୍ର ଖାଇଲେ ପତଳା ଝାଡ଼ା ଭଲ ହୋଇଥାଏ । ବାସଙ୍ଗ ପତ୍ର ଓ କଦଳୀପତ୍ରକୁ ପୋଡ଼ି ତାହାକୁ ପାଣିରେ ଗୋଳାଇ ମଥାରେ ଲଗାଇଲେ ଉକୁଣୀ ନିପାତ ହୋଇଥାନ୍ତି । ପସାରୁଣୀ ପତ୍ର ସହିତ ବିରି ଚାଉଳର ଚୁନାରେ ପ୍ରସ୍ତୁତ ଆଣକୁ ପିଠାକରି ଖାଇଲେ କୋଷ୍ଠକାଠିନ୍ୟ ଦୂରୀଭୂତ ହୋଇଥାଏ ।

## କାଣ୍ଡ:

ବିଭିନ୍ନ ବୃକ୍ଷର ଡ଼ାଳରେ ମଦାଙ୍ଗ ସୃଷ୍ଟି ହୋଇଥାଏ । ମଦାଙ୍ଗକୁ ଔଷଧ ଭାବରେ ବ୍ୟବହାର କରାଯାଏ। ବିଭିନ୍ନ ମଦାଙ୍ଗ ମଧ୍ୟରେ ଡାଳିଆ, ତୁଳସୀ, କେନ୍ଦୁ ଏବଂ କୁଚିଲା ମଦାଙ୍ଗ ଇତ୍ୟାଦି ଏବଂ ତୁଳସୀପତ୍ରର ଡ଼ାଳରୁ ସଂଗୃହୀତ ମଦାଙ୍ଗର ଗୁଣ୍ଡ ଡେଉଁରିଆରେ ଭର୍ତ୍ତି କରି ବ୍ୟବହାର କଲେ ଭୂତପ୍ରେତ ଦାଉରୁ ରକ୍ଷା ମିଳିଥାଏ । ଗଦ ଜାତୀୟ ବୃକ୍ଷର ଔଷଧୀୟ ଗୁଣ ରହିଛି। ଏହାକୁ ଖାଇଲେ ସର୍ପଦର୍ଶନରୁ ରକ୍ଷାମିଳେ ।

## ଚେର:

ସୁନାରୀ ଗଛର ଚେରଆଣି ନାକରୁ ରକ୍ତ ପଡ଼ିବା ସମୟରେ ଶରୀରର ଯେକୌଣସି ସ୍ଥାନରେ ବାନ୍ଧିଲେ ନାକରୁ ରକ୍ତ ପଡ଼ିବା ବନ୍ଦ ହୋଇଥାଏ । ଅରଖ ଚେରକୁ କାଟି ତାକୁ ବାଟି ପାନ କଲେ କୁକୁର କିମ୍ବା ବିଲୁଆ କାମୁଡ଼ିବା ବିଷ ଚାଲିଯାଏ । ପାତାଳଗରୁଡ଼ର ଚେର ବାଟି ପାନ କଲେ ସର୍ପଦଂଶନରୁ ରକ୍ଷାମିଳେ ।

## କନ୍ଦା:

ଶରୀରର ସନ୍ଧି ସ୍ଥାନରେ ଘା' ହେଲେ କିମ୍ବା ଗୋଡ଼ର ଆଙ୍ଗୁଳି ସନ୍ଧିରେ ବାଲି ଖାଇଲେ ବାଇଡ଼ଙ୍କ ନାମକ ଲତାକୁ ବାଟି ଅଳ୍ପ ଉଷୁମ କରି ଶୋଇଲା ବେଳେ କ୍ଷତ ସ୍ଥାନରେ ଲେପନ ଦେଲେ ବାଲିଖିଆ ବା କନ୍ଦା ରୋଗ ଯଥାଶୀଘ୍ର ଭଲ ହୋଇଥାଏ । ଏହା ବ୍ୟତୀତ ମଞ୍ଜୁଆତି ବା ମେହେନ୍ଦୀ ଗଛର ପତ୍ରକୁ ବାଟି ଅଳ୍ପ ପାଣିରେ ମିଶାଇ ଗରମ କରି ପ୍ରଲେପ କଲେ ବାଲିଖିଆ ରୋଗ ଉପଶମ ହୋଇଥାଏ ।

## ତନ୍ତୁ:

ମୁଣ୍ଡ ବ୍ୟଥା ସମୟରେ ଚୂଡ଼ାର ଗଛର ତନ୍ତୁ ଅଳ୍ପ ସମୟ ପାଇଁ ବାନ୍ଧି ରଖିଲେ ମୁଣ୍ଡ ବ୍ୟଥା ଚାଲିଯାଏ। କୌଣସି ବ୍ୟକ୍ତିର ଏକସିରା ରୋଗ ହୋଇଥିଲେ ଗୁଡ଼ାଲା ଗଛର ତନ୍ତୁ ଗୋଟିଏ ଦିନ ପାଇଁ ଶରୀରରେ ବାନ୍ଧିଲେ ଏକଶିରା ରୋଗ ଭଲ ହୋଇଥାଏ ।

## ଫୁଲ:

ଦୁଦୁରା ଫୁଲ ସଂଗ୍ରହ କରି ଖରାରେ ଶୁଖାଇ ଗୁଣ୍ଡ କରାଯାଏ । ମହୁ ସହିତ ଦୁଦୁରା ଫୁଲର ଗୁଣ୍ଡ ପ୍ରାୟ ପନ୍ଦର ଦିନ ସେବନ କଲେ ସ୍ତ୍ରୀର ବନ୍ଧ୍ୟା ଦୋଷ ଭଲ ହୋଇଥାଏ । ଗେଣ୍ଡୁ ଫୁଲର ରସ କାନରେ ପକାଇଲେ କାନ ବ୍ୟଥା ଭଲ ହୋଇଥାଏ ।

ନାଲି ମନ୍ଦାର ଫୁଲ ସହିତ ନାଲି ପଦ୍ମ ଫୁଲକୁ ମିଶାଇ ବାଟି ସାତ ଦିନ ସେବନ କଲେ ମହିଳା ଋତୁମତୀ ହୋଇଥାଏ ।

**ବଲ୍କଳ / ଛେଲି:**

ସାଲମା ଗଛର ଛେଲି, ଆମ୍ବଗଛର ଛେଲି, ଶାଳଗଛର ଛେଲିକୁ ପଥରରେ ଛେଚି ରସ ବାହାର କରାଯାଏ । ତାହାକୁ ଅଳ୍ପ କଲିଚୂନ ରସରେ ମିଶାଇ ପିଇବାକୁ ଦେଲେ ତରଳ ଝାଡ଼ା ଓ ନାଳ ଝାଡ଼ା ସମ୍ପୂର୍ଣ୍ଣ ଭଲ ହୋଇଥାଏ । ଲିମ୍ବ ଗଛର ଛେଲିକୁ ପାଣିରେ ଫୁଟାଇ ସେହି ପାଣିକୁ ନେଇ ଗାଧେଇଲେ କାଛୁ, କୁଣ୍ଡିଆ କିଛି ଦିନ ପରେ ଭଲ ହୋଇଥାଏ । ତାଳସାଗର ଗଛର ଛେଲିକୁ ପାଣିରେ ଶିଝାଇ ଖରାରେ ତାହାକୁ ଛେଚି ଗୁଣ୍ଡ କରାଯାଏ । ପୁରୁଣା କଟା ଘା' ସ୍ଥାନରେ ପ୍ରସ୍ତୁତ ଗୁଣ୍ଡକୁ ଲଗାଇଲେ ଅଳ୍ପ ଦିନ ମଧ୍ୟରେ ଘା' ସୁଖି ଭଲ ହୋଇଯାଏ । ମଝି ଆଗଣାର ନାଳୁଆରେ ସାପ ପ୍ରବେଶ କରି ପଦାକୁ ବାହାରୁ ନଥିଲେ ସଜନା ଗଛର ଛେଲିକୁ ପାଣି ସହିତ ମିଶାଇ ସେହି ପାଣିକୁ ନାଳୁଆରେ ପକାଇଲେ ସାପ ନାଳୁଆରୁ ଯଥାଶୀଘ୍ର ବାହାରି ଆସେ ।

**ଶୁଣ୍ଠି ପାପ୍ପଳିଃ:** ଏହାକୁ ଏକତ୍ର ଗୁଣ୍ଡ କରି ବେଗୁନିଆ ରସରେ ମିଶାଇ ସାମାନ୍ୟ ଗରମ କରି ପାଟି ଘା ହୋଇଥିବା ଶିଶୁକୁ ପାନ କରିବାକୁ ଦେଲେ ପାଟି ଘା ଆରୋଗ୍ୟ ହୋଇଥାଏ । ଚଉଷଠନି ଗୁଣ୍ଡ ଏବଂ ଆଟିକା ଫୁଲକୁ ଏକତ୍ର ଗୁଣ୍ଡ କରି ଏକ ତୋଳା ମହୁରସ ସହିତ ପାନ କଲେ ବା ସେବନ କଲେ ଥଣ୍ଡା ଭଲ ହୋଇଯାଏ ।

**କୀଟପତଙ୍ଗ:** ଅରଖପତ୍ରରେ ଥିବା ପୋକକୁ ଖରାରେ ସୁଖାଇ ଗୁଣ୍ଡକରି ଶୁଙ୍ଘିଲେ ଅପସ୍ମାର ରୋଗରୁ ରକ୍ଷା ମିଳେ । ଗୋବରରେ ଥିବା ଧଳା ପୋକକୁ ମାରି ଖାରାରେ ସୁଖାଇ ଗୁଣ୍ଡକରି ନାକରେ ଶୁଙ୍ଘିଲେ ନାକରୁ ପଡୁଥିବା ରକ୍ତ ବନ୍ଦ ହୋଇଯାଏ ।

**ଝିଟିପିଟି:** ଝିଟିପିଟିକୁ ମାରି ତାହାର ମାଂସ ସହିତ ସପ୍ତଫେଣୀର ରସକୁ ଏକତ୍ର ସିଝାଇ ରୋଗରେ ଆକ୍ରାନ୍ତ ହୋଇଥିବା କୁକୁଡ଼ାକୁ ଖାଇବାକୁ ଦେଲେ କୁକୁଡ଼ା ଆରୋଗ୍ୟ ହୋଇଥାଏ ଏବଂ ଶ୍ୱାସ ରୋଗରେ ଆକ୍ରାନ୍ତ ଘୁଷୁରୀକୁ ଖାଇବାକୁ ଦେଲେ ସେ ଶ୍ୱାସ ରୋଗରୁ ମୁକ୍ତ ହୋଇଥାଏ ।

**ପକ୍ଷୀ:** ଘରଚଟିଆ ମାଂସ ଖାଇଲେ ଯୌନଶକ୍ତି ବଢ଼ିଥାଏ । ପାରାମାଂସ ଖାଇଲେ ଶ୍ୱାସ ରୋଗ ଭଲ ହୋଇଥାଏ । କୋଚିଲା ଖାଇ ପକ୍ଷୀର ମାଂସ ଖାଇଲେ ଗଣ୍ଠିବାତ ରୋଗ ଭଲ ହୋଇଥାଏ ।

ପର: ମୟୂର ପକ୍ଷୀର ଚନ୍ଦ୍ରିକା ଖାଇଲେ ପୁଅ ଛୁଆ ହୋଇଥାଏ ।

ଚମଡ଼ା: ବାଦୁଡ଼ି ଚମଡ଼ା ଅଣ୍ଟାରେ ବାନ୍ଧିଲେ ମ୍ୟାଲେରିଆ ଜ୍ୱର ଭଲ ହୋଇଥାଏ । ଭାଲୁ ଚମଡ଼ା ଓ ଚୁଟି ଅଣ୍ଟାରେ ବାନ୍ଧିଲେ କମ୍ପଜ୍ୱର ତୁରନ୍ତ ଭଲହୁଏ ।

ପଥର: ଢେ଼କ ପଥରକୁ ଘୋରି ସେଥିରେ ଅଳ୍ପ ପାଣି ମିଶାଇଲେ ଏବଂ ତାହାକୁ ମୁଣ୍ଡରେ ଲଗାଇଲେ ମୁଣ୍ଡ ବ୍ୟଥା ଭଲ ହୋଇଥାଏ ।

ଗେଣ୍ଡା: ସାଧାରଣତଃ ଗେଣ୍ଡା ଓ କୁଜି ଗେଣ୍ଡା ନଦୀବନ୍ଧ, ପୋଖରୀ, ବିଲ ଇତ୍ୟାଦିରେ ଦେଖାଯାଏ । ଉଭୟ ଗେଣ୍ଡା ଓ କୁଜି ଗେଣ୍ଡାର ମାଂସ ବାହାର କରି ତରକାରି ହିସାବରେ ଖାଇଲେ ଦୃଷ୍ଟିଶକ୍ତି ବୃଦ୍ଧିପାଏ ତଥା ବେରି ବେରି ରୋଗରୁ ମୁକ୍ତି ହୋଇଥାଏ ।

ଶାମୁକା: ଗେଣ୍ଡା ଖୋଳ ଓ ଶାମୁକା ଖୋଳ ଏକତ୍ର ଗୁଣ୍ଡ କରି ପାରାମଳ ଏଥିରେ ମିଶାଇ ଶିଳରେ ବାଟି ବଥ ଉପରେ ପ୍ରଲେପ ଦେଲେ ବଥ ପାଚି ଫାଟିଯାଏ ।

ପାଳୁଅ ବୁଦାରୁ ପାଳୁଅ ସଂଗ୍ରହ କରାଯାଇଥାଏ । ମନ୍ଦାରଫୁଲ, ଅରଖ ଫୁଲ, ସୂର୍ଯ୍ୟମୁଖୀ ଫୁଲ ସଂଗ୍ରହ କରି ଗୁଣ୍ଡ ଆକାରରେ ରଖାଯାଏ । ସାଉଳି ଗଛର ଚେର ଏବଂ କୁସୁମ ଗଛର ଡାଳରେ ଥିବା କଙ୍କଡ଼ାଶୃଙ୍ଗକୁ ଏକତ୍ର ଗୁଣ୍ଡ କରି ମଲମ ଆକାରରେ ତିଆରି କରିବା ପାଇଁ ସଂଗ୍ରହ କରାଯାଏ । ଜଳାପୋଡ଼ା ରୋଗ ହୋଇଥିଲେ ଏହା ମଧ୍ୟ ବ୍ୟବହାର କରାଯାଏ । କଳା ବିଛୁଆତିର ଚେର, ଚାକୁଣ୍ଡା ଗଛର ଚେର ଏବଂ କବୁଲ୍ ଗଛର ଚେର ସଂଗ୍ରହ କରି ତେଉଁଗୁଆରେ ପୁରାଇ ହାତରେ ବାନ୍ଧିଲେ ଭୂତ, ପ୍ରେତ ଆଦି ଦାଉରୁ ରକ୍ଷା ମିଳେ। ଲହଲାଙ୍ଗୁଡ଼ିଆ ଚେର ସଂଗ୍ରହ କରି ଅଣ୍ଟାରେ ବାନ୍ଧିଲେ ଗର୍ଭ ଶୀଘ୍ର ହୋଇଥାଏ । ଗୟସ ପତ୍ରର ରସ ସେବନ କଲେ ପାଟି ଘା' ଭଲ ହୋଇଥାଏ । ପେଟ ରୋଗ ପାଇଁ ବେଲ ପତ୍ର, ଗମ୍ଭାରି ପତ୍ରର ରସ ପାନ କଲେ ପେଟ ରୋଗ ଭଲ ହୋଇଥାଏ ।

## ପ୍ରୟୋଗ ପ୍ରଣାଳୀ:

ଚର୍ବ୍ୟ: ଚେଚେକ ଚେରମୂଳି ଔଷଧକୁ ଚୋବାଇ କରି ଖିଆଯାଏ । ଏହା ଦ୍ୱାରା ପେଟ ପରିଷ୍କାର ରହେ ଏବଂ ଝାଡ଼ା ପରିଷ୍କାର ହୋଇଥାଏ ।

ଗିଳିବା: ମୟୂର ଚନ୍ଦ୍ରିକା ପାଚିଲା କଦଳୀ ଭିତରେ ପୁରାଇ ଚବାଇ ଗିଳିକରି ଖିଆଯାଏ । ଏହାଦ୍ୱାରା ବନ୍ଧ୍ୟା ଦୋଷ ଭଲ ହୋଇ ଗର୍ଭସଂଚାର ହୋଇଥାଏ ।

କଳରେ ଜାକିବା: ପାତାଳ ଗରୁଡ ଚେରକୁ ବାଟି ପାନ କଲେ ସର୍ପ ଦଂଶନ ବିଷ ନଷ୍ଟ ହୋଇଥାଏ । ଶିମୁଳି ଫୁଲ ଓ ପଳାସଫୁଲ ଗୁଣ୍ଡ କରି ପାନ କଲେ ବାଧକଶୂଳ ରୋଗ ଭଲ ହୋଇଥାଏ । ଅରଖ ଚେରକୁ ବାଟି ପାନ କଲେ କୁକୁର କିମ୍ବା ବିଲୁଆ କାମୁଡ଼ା ବିଷ ଭଲ ହୋଇଥାଏ ।

## ଅନ୍ୟ ଭେଷଜ ପଦାର୍ଥ:

ସତାବରୀ ଗଛର ଚେର ଏବଂ ଗାଇଶିରା ଲତାର ଚେର ସହିତ ଭୂଇଁ କଖାରୁକୁ ବାଟି ସେଥିରେ ମିଶ୍ରୀ /ଚିନି ମିଶାଇ ସେବନ କଲେ ଧାତୁ କ୍ଷୟ ରୋଗ ଭଲ ହୋଇଥାଏ । ଦୁଦୁରା ଫୁଲ ଖରାରେ ସୁଖାଇ ଗୁଣ୍ଡ କରି ମହୁ ସହିତ କିଛି ଦିନ ସେବନ କଲେ ବନ୍ଧ୍ୟା ଦୋଷ ଦୂର ହୋଇ ନୂତନ ଗର୍ଭ ସଂଚାର ହୋଇଥାଏ ।

## ଔଷଧୀୟ ଉଦ୍ଭିଦ ନିରୂପଣ ସ୍ଥାନ:

ଝରଣା କୂଳରୁ ସତାବରୀର କାଣ୍ଡ ଓ ପତ୍ର ସଂଗ୍ରହ କରାଯାଏ ଏବଂ ସେଥିରୁ ଔଷଧ ତିଆରି କରି ପାଟି ଘା' ଭଲ ହେବା ପାଇଁ ବ୍ୟବହାର କରାଯାଏ । ପାଳୁଅ ବୃକ୍ଷକୁ ମଧ୍ୟ ଝରଣା କୂଳରୁ ସଂଗ୍ରହ କରାଯାଇ ସେଥିରୁ ପ୍ରସ୍ତୁତ ଔଷଧ କାମଳ ରୋଗ ପାଇଁ ବ୍ୟବହାର କରାଯାଇଥାଏ । ଝରଣା କୂଳରେ ଥିବା କିଆ ଗହଳରୁ ଚେରକୁ ସଂଗ୍ରହ କରାଯାଇଥାଏ । ଏହି ଚେରକୁ ବାଟି ତାର ରସକୁ ସେବନ କଲେ ପାଟି ଘା ଭଲ ହୋଇଥାଏ । ଶୀର୍ଷରୁ, ସତାବରୀ ଲତାର ଚେର ଏବଂ ଭୁଇଁ କଖାରୁ ସଂଗ୍ରହ କରି ଏକତ୍ର ବାଟି ଗୁଣ୍ଡ କରି ମିଶ୍ରୀ /ଚିନି ସହିତ ସେବନ କରାଯାଏ । ଏହାଦ୍ୱାରା ଧାତୁ କ୍ଷୟ ରୋଗ ଭଲ ହୋଇଥାଏ । ଅଣ୍ଡିରା ପାଗଡ଼ା ଗଛ ଗଣ୍ଡିରେ ଥିବା କଙ୍କଡ଼ା ଶୃଙ୍ଗକୁ ବାଟି ଗରମ କରି ଦେହରେ ଲେପ ଦେଲେ ଜଳାପୋଡ଼ା ରୋଗ ଭଲ ହୋଇଥାଏ । ସୁନୁସୁନିଆ ଶାଗ, ଥାଲକୁଡ଼ି ଏବଂ ଗଇଁଶପତ୍ର ଇତ୍ୟାଦି ସନ୍ତସନ୍ତିଆ ଜାଗାରୁ ସଂଗ୍ରହ କରାଯାଇଥାଏ । ଥାଲକୁଡ଼ିପତ୍ର ସେବନରେ ଲୌହଶକ୍ତି ଏବଂ ଗଇଁଶ ପତ୍ର ରସ ସେବନରେ ଯାବତୀୟ ପେଟ ରୋଗ ଭଲ ହୋଇଥାଏ । ଗଇଁସ ପତ୍ରକୁ ଶିଝାଇ ଖାଇଲେ ପେଟ ରୋଗ ବ୍ୟତୀତ ପାଟିଘା' ମଧ୍ୟ ଭଲ ହୋଇଥାଏ ।

## ଔଷଧ ସଂଗ୍ରହ କାଳ:

ଔଷଧୀୟ ବୃକ୍ଷଲତାଗୁଡ଼ିକ ବିଭିନ୍ନ ସ୍ଥାନରୁ ବିଭିନ୍ନ କାଳରେ ସଂଗ୍ରହ କରାଯାଏ । ସକାଳ ସମୟରେ ମନ୍ଦାର ଫୁଲ, ଅରଖ ଫୁଲ, ଶିମିଳିଫୁଲ ସଂଗ୍ରହ କରାଯାଏ ।

ଶିମିଳିଫୁଲ ଓ ପଳାସ ଫୁଲ ସ୍ତ୍ରୀମାନଙ୍କର ଶ୍ୱେତପ୍ରଦର ରୋଗ ପାଇଁ ସଂଗ୍ରହ କରାଯାଏ । ଗାଈଖୀରା ଚେର, ଲାଜକୁଳି ଲତାର ଚେର, ପାତାଳଗରୁଡ଼ ଚେର, ଅରଖ ଚେର ମଧ୍ୟ ଦିନରେ ସଂଗ୍ରହ କରାଯାଏ । ତେନ୍ତୁଳି ଗଛର ଚେର ସଂଗ୍ରହ ସମୟରେ ଦକ୍ଷିଣ ଦିଗକୁ ଯାଇଥିବା ଚେର ଏକ ନିଶ୍ୱାସରେ ବାମ ହାତରେ ଟାଣି ବାହାର କରି ଗର୍ଭବତୀ ସ୍ତ୍ରୀ ବେକରେ ବାନ୍ଧିଲେ ପ୍ରସବ ସମୟରେ ଯନ୍ତ୍ରଣା  କମ୍ ହେବା ସଙ୍ଗେ ସଙ୍ଗେ ପ୍ରସବ ଶୀଘ୍ର ହୋଇଥାଏ । ଏହି ଚେର ମଧ୍ୟ ଦିନରେ ସଂଗ୍ରହ କରାଯାଏ । ସନ୍ଧ୍ୟା ସମୟରେ ଜ୍ୱର ପାଇଁ  ଗଙ୍ଗଶିଉଳୀ ପତ୍ର, ପାଟିଘା’ ପାଇଁ ଗୟିସ ପତ୍ର, ପେଟ ଘା ପାଇଁ ଗୟିସ ପତ୍ର, ପେଟ ରୋଗ ପାଇଁ ବେଲ ପତ୍ର ସଂଗ୍ରହ କରି ସେବନ କରାଯାଏ । ଲାଙ୍ଗୁଡ଼ିଆ ଚେର ମଧ୍ୟ ରାତ୍ରିରେ ସଂଗ୍ରହ କରି ଗର୍ଭବତୀ ସ୍ତ୍ରୀର ମୁଣ୍ଡ ଚୁଟିରେ ବାନ୍ଧିଲେ ପ୍ରସବ ଅତି ଶୀଘ୍ର ହୋଇଥାଏ । ଚାକୁଣ୍ଡା ଗଛର ଚେର ଏବଂ ବବୁଲ୍ ଗଛର ଚେର ମଧ୍ୟ ଜହ୍ନରାତ୍ରିରେ ସଂଗ୍ରହ କରି ଦେଉଁରିଆରେ ଭର୍ତ୍ତି କଲେ ଭୂତ ପ୍ରେତ ଭୟରୁ ରକ୍ଷା ମିଳେ। ଏହା ବ୍ୟତୀତ ବିଷଧର ସର୍ପ ଦଂଶନରୁ ମଧ୍ୟ ରକ୍ଷା ମିଳେ ।  ଅଣ୍ଡିରା କୁସୁମ ଗଛର ଗଣ୍ଡିରେ ଥିବା କଙ୍କଡ଼ା  ଅନ୍ଧାର ରାତ୍ରିରେ ସଂଗ୍ରହ କରି ଏହାକୁ ବାଟି ସାମାନ୍ୟ ଗରମ କରି ଦେହରେ ଲେପନ କଲେ ଜଳାପୋଡ଼ା ରୋଗ ଭଲ ହୋଇଥାଏ ।

## ଔଷଧ ପ୍ରସ୍ତୁତି ଓ ପ୍ରୟୋଗ:

କୌଣସି ବ୍ୟକ୍ତିକୁ ସାପ କାମୁଡ଼ିଲେ ବାର ବର୍ଷ ପୁଅ ପିଲାଙ୍କ ପରିଶ୍ରା ପାଣି ପିଆଇଲେ ସାପ ବିଷ ନଷ୍ଟ ହୋଇଯାଇଥାଏ । ଅବିବାହିତା ବାଳିକା ଅଧୁଆମୁହଁରେ ଅସାମରଙ୍କ ଚେର ଏକ ନିଶ୍ୱାସରେ ଉଠାଇ ଆଣି ପାଳି ଜ୍ୱରରେ ପିଡ଼ିତ ବ୍ୟକ୍ତିର ବେକରେ ବାନ୍ଧିଲେ ପାଳିଜ୍ୱର ଭଲ ହୋଇଥାଏ । ନବଜାତ ଶିଶୁର ମା’କ୍ଷୀର ହେଉନଥିଲେ ଟଗର ଗଛର ଢେଲି ସଂଗ୍ରହ କରି ବାଟି ପାନ କଲେ ମା’ର କ୍ଷୀର ଯଥା ଶୀଘ୍ର ଆସିଥାଏ । କୌଣସି ବ୍ୟକ୍ତିଙ୍କ ଆଖି ଧରିଲେ ଆଖିରେ ଦୁଗ୍ଧ ଦାତ୍ରୀ ମା’ର କ୍ଷୀର ଆଖିରେ ତିନି ଟୋପା ପକାଇଲେ ଆଖିଧରା ରୋଗ ଭଲ ହୋଇଥାଏ । ନବଜାତ ଶିଶୁର ମୁଣ୍ଡରେ ଖାଲ ହୋଇଥିଲେ ତାକୁ ତାଲୁକା କୁହାଯାଏ । କୋଚିଲାଖାଇ ପକ୍ଷୀର ବସାରେ ଥିବା ମାଟି ବୃଦ୍ଧା ମହିଳା ସଂଗ୍ରହ କରି ଶିଶୁର ମୁଣ୍ଡରେ ପ୍ରଲେପ କଲେ ତାଲୁକା ରୋଗ ଭଲ ହୋଇଥାଏ । ପିମ୍ପୁଡ଼ି ବୋହିନେଉଥିବା ଧାନରୁ ତିନିଗୋଟି ଧାନରୁ ଚାଉଳ ବାହାର କରି ବାନ୍ତି ହେଉଥିବା ଶିଶୁକୁ ଖାଇବାକୁ ଦେଲେ ବାନ୍ତି ବନ୍ଦ ହୋଇଯାଏ ।

# ପଡ଼ୋଶୀ ଗୋଷ୍ଠୀ

ମଣିଷ ସୁସ୍ଥ ସୁନ୍ଦର ଜୀବନ ଯାପନ କରିବା ପାଇଁ ତା'ର ପଡ଼ୋଶୀ ଗୋଷ୍ଠୀମାନଙ୍କ ସହିତ ସୁ-ସଂପର୍କ ସ୍ଥାପନ କରିବା ଅନିବାର୍ଯ୍ୟ । କାରଣ ସମସ୍ତ ବିପଦ ଆପଦ ସମୟରେ ଏହି ପଡ଼ୋଶୀ ଗୋଷ୍ଠୀ ହିଁ ପ୍ରକୃତ ବନ୍ଧୁର ଭୂମିକା ତୁଲାଇଥାନ୍ତି । ଏହା ମନୁଷ୍ୟକୁ ବିଭିନ୍ନ ଅଭାବ ପରିପୂରଣ ଦିଗରେ ସହାୟତା ପ୍ରଦାନ କରିଥାଏ । କୌଣସି ଘରେ ବା ଗ୍ରାମରେ ଅଗ୍ନିକାଣ୍ଡ ଘଟିଲେ, ସଂକ୍ରାମକ ରୋଗ ବ୍ୟାପିଲେ ପଡ଼ୋଶୀ ଗୋଷ୍ଠୀର ଲୋକ ଛୁଆଁ-ଅଛୁଆଁ, ଜାତି-ଅଜାତିର ସଂକୀର୍ଣ୍ଣତା ଭୁଲି ପ୍ରପୀଡ଼ିତ ଗ୍ରାମର ଲୋକମାନଙ୍କୁ ସବୁପ୍ରକାର ସହାୟତା ପ୍ରଦାନ କରିଥାନ୍ତି । ଏହାଦ୍ୱାରା ସାମାଜିକ ଜୀବନ ସୁନ୍ଦର ଓ ସୁଖମୟ ହୁଏ । ପାହାଡ଼ି ଖଡ଼ିଆମାନଙ୍କ ଅନ୍ୟ ଗୋଷ୍ଠୀମାନଙ୍କ ସହିତ ବା ଅନ୍ୟ ପଡ଼ୋଶୀ ଗୋଷ୍ଠୀମାନଙ୍କର ଖଡ଼ିଆମାନଙ୍କ ସହିତ ବେଶ୍ ସୁ-ସମ୍ପର୍କ ଦେଖାଯାଏ ।

## ପଡ଼ୋଶୀ ସମ୍ପର୍କିତ ଧାରଣା:

ପାହାଡ଼ି ଖଡ଼ିଆମାନଙ୍କ ପଡ଼ୋଶୀ ଗୋଷ୍ଠୀ ଉପରେ ଧାରଣା ବେଶ୍ ଉତ୍ତମ । ଖଡ଼ିଆମାନେ ଯେପରି ଶାନ୍ତିପ୍ରିୟ ପଡ଼ୋଶୀ ଗୋଷ୍ଠୀମାନଙ୍କ ସହିତ ସେହିପରି ଉତ୍ତମ ସମ୍ପର୍କ ସ୍ଥାପନ କରି ଶାନ୍ତିମୟ ଜୀବନଯାପନ କରିବାକୁ ଆଗଭର । ନିଜର ଜୀବିକା ନିର୍ବାହ ପାଇଁ ଅନେକ ସମୟରେ ସେମାନେ ପଡ଼ୋଶୀ ଗୋଷ୍ଠୀମାନଙ୍କ ଚାଷକ୍ଷେତରେ କିମ୍ବା ଦିନ ମଜୁରିଆଭାବେ କାର୍ଯ୍ୟ କରୁଥିବାରୁ ସେମାନଙ୍କ ସହିତ ସୁ-ସଂପର୍କରେ ଆବଦ୍ଧ ହେବା ପାଇଁ ବାଧ୍ୟ ହୋଇଥାନ୍ତି । ପଡ଼ୋଶୀମାନେ ମଧ୍ୟ ସୁଖ-ଦୁଃଖ, ଭଲ-ମନ୍ଦ ପ୍ରତିଟି କ୍ଷେତ୍ରରେ ଯଥାସାଧ୍ୟ ସାହାଯ୍ୟ ସହଯୋଗ କରିବା ପାଇଁ ଉଦ୍ୟମଶୀଳ ହୋଇଥାନ୍ତି ।

## ତାଙ୍କ ସହିତ ବସବାସ କରୁଥିବା ଅନ୍ୟାନ୍ୟ ଗୋଷ୍ଠୀ:

ପାହାଡ଼ି ଖଡ଼ିଆ ଲୋକମାନଙ୍କ ସହିତ ଅନ୍ୟ ଗୋଷ୍ଠୀର ଲୋକେ ମଧ୍ୟ ଏକତ୍ର ବସବାସ କରୁଛନ୍ତି । ପାତ୍ର, ବିନ୍ଧାଣୀ, ସାନ୍ତାଳ, ମାଙ୍କଡ଼ିଆ, ମାହାଲି ବାଥୁଡ଼ି, ବିନ୍ଧାଣୀ ଆଦି ଲୋକେ ବସବାସ କରୁଛନ୍ତି । ନିଜର ଗୋଷ୍ଠୀ ଗତ ବିଭେଦତାକୁ ଭୁଲି ଏକତ୍ର ସହାବସ୍ଥାନ କରି କାହିଁ କେତେକାଳରୁ ରହିଆସୁଛନ୍ତି ଓ ନିଜର ସମ୍ପ୍ରଦାୟିକ ସଦ୍‌ଭାବକୁ ଅକ୍ଷୁର୍ଣ୍ଣ ରଖିଛନ୍ତି ।

## ଗୋଷ୍ଠୀ ଅନୁଯାୟୀ ପଡ଼ୋଶୀ ଗୋଷ୍ଠୀଙ୍କ ତାଲିକା:

ଏହି ପାହାଡ଼ି ଖଡ଼ିଆ ବସ୍ତିଗୁଡ଼ିକରେ ଖଡ଼ିଆ ଗୋଷ୍ଠୀର ଲୋକେ ବହୁଳ ଭାବରେ ବସବାସ କରୁଛନ୍ତି । ଏହିପରି ଏକ ଗ୍ରାମ ବଣିଆବସା ବସ୍ତିଟିର ଦକ୍ଷିଣ ଓ ମଧ୍ୟଭାଗରେ ପାହାଡ଼ି ଖଡ଼ିଆ ଲୋକମାନେ ସଂଖ୍ୟାଧିକ। ଗ୍ରାମର ଉତ୍ତର ଭାଗରେ କୁମ୍ଭାର,ପାତ୍ର ଓ ବିନ୍ଧାଣୀ, ତନ୍ତୀ ଓ କେଉଟ ଆଦି ଗୋଷ୍ଠୀର ଲୋକମାନେ ବସବାସ କରୁଛନ୍ତି ।

## ବିଭିନ୍ନ ପ୍ରଜାତିକ ଗୋଷ୍ଠୀମାନଙ୍କ ମଧ୍ୟରେ ସଂପର୍କ:

ପାହାଡ଼ି ଖଡ଼ିଆମାନେ ଅନ୍ୟ ଗୋଷ୍ଠୀମାନଙ୍କ ସହିତ ଓ ପଡ଼ୋଶୀମାନଙ୍କର ଖଡ଼ିଆମାନଙ୍କ ସହିତ ଯେଉଁସବୁ କ୍ଷେତ୍ରରେ ସମ୍ପର୍କ ରକ୍ଷା କରାଯାଇଥାଏ, ସେହି ସବୁ ନିମ୍ନରେ ବର୍ଣ୍ଣିତ ହେଲା-

## ଆର୍ଥିକ ସମ୍ପର୍କ:

ଆର୍ଥିକ ସର୍ମ୍ପକ ରକ୍ଷାକ୍ଷେତ୍ରରେ ପାହାଡ଼ି ଖଡ଼ିଆମାନେ ଅନ୍ୟ ଗୋଷ୍ଠୀମାନଙ୍କ ସହିତ ଓତଃପ୍ରୋତ ଭାବେ ଜଡ଼ିତ । ପାହାଡ଼ି ଖଡ଼ିଆର ଲୋକମାନେ ଅନ୍ୟ ଗୋଷ୍ଠୀମାନଙ୍କ କୃଷିକ୍ଷେତ୍ରରେ କାର୍ଯ୍ୟକରି ମଜୁରି ପାଇ ସିଧାସଳଖ ଲାଭବାନ ହେଉଥିବା ସ୍ଥଳେ ଅନ୍ୟାନ୍ୟ ଗୋଷ୍ଠୀମାନେ ସହଜରେ ଓ ଠିକ୍ ସମୟରେ ଖଡ଼ିଆମାନଙ୍କର ଶ୍ରମଶକ୍ତିକୁ କ୍ରୟ କରି କାର୍ଯ୍ୟ ହାସଲ କରିପାରିଥାନ୍ତି । ଏତଦ୍‌ବ୍ୟତୀତ ଖଡ଼ିଆମାନେ, ଅନ୍ୟ ଗୋଷ୍ଠୀ ଲୋକମାନଙ୍କଠାରୁ ଟଙ୍କା ପଇସା ଧାନ ଚାଉଳ ଧାର ଓ କରଜ ସୂତ୍ରରେ ନେଇ ଅନେକ ସମୟରେ ସେମାନଙ୍କର ଅଭାବକୁ ମେଣ୍ଟାଇଥାନ୍ତି । ପାହାଡ଼ି ଖଡ଼ିଆ ଗୋଷ୍ଠୀର ଲୋକେ ଜଙ୍ଗଲରୁ ସଂଗୃହିତ ପାଳୁଅ, ଝୁଣା, ମହୁ, ଶାଳ ଓ ଶିଆଳୀପତ୍ରକୁ ସିଧାସଳଖ ଅନ୍ୟ ଗୋଷ୍ଠୀମାନଙ୍କ ଗ୍ରାମରେ ବୁଲି ବୁଲି ଲୋକଙ୍କୁ ବିକ୍ରୟ କରିଥାନ୍ତି । ଏଣୁ ଆର୍ଥିକ ଦୃଷ୍ଟିରୁ ପାହାଡ଼ି ଖଡ଼ିଆ ଓ ବିଭିନ୍ନ ଗୋଷ୍ଠୀ ଉଭୟ ନିବିଡ଼ ସମ୍ପର୍କରେ ଆବଦ୍ଧ ।

## ସାମାଜିକ ସମ୍ପର୍କ:

ମନୁଷ୍ୟ ଏକ ସାମାଜିକ ପ୍ରାଣୀ ହୋଇଥିବାରୁ ନିଜର ସାମାଜିକ ପ୍ରକୃତି ତାକୁ ପଡ଼ୋଶୀମାନଙ୍କ ସହିତ ଉତ୍ତମ ସମ୍ପର୍କ ରକ୍ଷା କରିବାକୁ ବାଧ୍ୟ କରିଥାଏ । ବିଭିନ୍ନ ସାମାଜିକ ଉତ୍ସବ, ଯଥା:- ବିବାହୋତ୍ସବ, ଅନ୍ନ ଛୁଆଁଣି, ନାମକରଣ ଉତ୍ସବରେ ପରସ୍ପର

ପରସ୍ପରକୁ ନିମନ୍ତ୍ରଣ ଜଣାଇ ଉତ୍ସବମାନଙ୍କରେ ଯୋଗଦେବାକୁ କହିଥାନ୍ତି । ପ୍ରତ୍ୟେକ ମଧ୍ୟ ନିମନ୍ତ୍ରଣ ରକ୍ଷାକରି ଉକ୍ତ ଉତ୍ସବମାନଙ୍କରେ ଯୋଗ ଦିଅନ୍ତି । ଅବଶ୍ୟ ଖାଦ୍ୟଗ୍ରହଣ ଓ ପାନୀୟରେ କେତେକ କଟକଣା ପରିଲକ୍ଷିତ ହୁଏ । ପାହାଡି ଖଡ଼ିଆ ଲୋକମାନେ ବାଥୁଡ଼ି, ସାନ୍ତାଳ, ମାଙ୍କଡ଼ିଆ, ଲୋଧା, ମାହାଲି ଇତ୍ୟାଦି ଲୋକଙ୍କ ବାହାଘର ତଥା ଅନ୍ୟାନ୍ୟ ଉତ୍ସବରେ ଯୋଗ ଦେଇପାରନ୍ତି । କିନ୍ତୁ ସେମାନଙ୍କ ଘରୁ ଖାଦ୍ୟ ଗ୍ରହଣ କରନ୍ତି ନାହିଁ । ଏତଦ୍‌ବ୍ୟତୀତ ଖେଳକୁଦ ଓ ଜାନିଯାତ୍ରାମାନଙ୍କରେ ପ୍ରତ୍ୟେକ ଗୋଷ୍ଠୀ ପ୍ରତ୍ୟେକଙ୍କୁ ସହଯୋଗକରି ଏସବୁକୁ ଆଗେଇ ନେଇଥାନ୍ତି । ଏହି ସମୟରେ ଜାତି, ଧର୍ମକୁ ଭୁଲି ପରସ୍ପରକୁ ସହଯୋଗ କରିଥାନ୍ତି । ପଡ଼ୋଶୀ ଗ୍ରାମର କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ; ଯଥା: ଗାଁଣ, ଯାତ୍ରା, ଡ୍ରାମା ନାଚଗୀତ ଇତ୍ୟାଦି ମାନଙ୍କରେ ପ୍ରତ୍ୟେକ ଗୋଷ୍ଠୀ ଦର୍ଶକ ସାଜି ଉପଭୋଗ କରୁଥିବା ଦେଖାଯାଇଥାଏ ।

## ରାଜନୈତିକ ସମ୍ପର୍କ:

କୌଣସି କାରଣରୁ ବିଭିନ୍ନ ପ୍ରଜାତିକ ଗୋଷ୍ଠୀମାନଙ୍କ ସହିତ ଗଣ୍ଡଗୋଳ ସୃଷ୍ଟିହେଲେ ତାହାର ସମାଧାନ ପାଇଁ ପ୍ରଥମେ ଗ୍ରାମସଭାରେ ଆଲୋଚନା ହୋଇ ସଭାପତିଙ୍କ ଲୋକଲୋଚନକୁ ଅଣାଯାଏ ଓ ତାଙ୍କ ନିଷ୍ପତ୍ତି ଅନୁସାରେ କାର୍ଯ୍ୟ ହୁଏ । ନିଜ ଗ୍ରାମର କୌଣସି ଲୋକ ଯଦି ପଡ଼ୋଶୀ ଗ୍ରାମର ଲୋକ ସହିତ ଗଣ୍ଡଗୋଳରେ ଲିପ୍ତ ରହେ, ତେବେ ପଡ଼ୋଶୀ ଗ୍ରାମର ଗଣ୍ଡଗୋଳକାରୀଙ୍କ ସହିତ ପଡ଼ୋଶୀଗ୍ରାମର କେତେକ ଭଦ୍ରବ୍ୟକ୍ତି ଓ ପ୍ରତ୍ୟକ୍ଷ ସାକ୍ଷୀଙ୍କୁ ଭିତିକରି ଯେ କୌଣସି ଗ୍ରାମରେ ଆଲୋଚନା ହୁଏ । ଦୋଷୀ ସାବ୍ୟସ୍ତ ଲୋକଙ୍କୁ ଉପଯୁକ୍ତ ଜୋରିମାନା ଓ ଦଣ୍ଡ ଦିଆଯାଇଥାଏ । ପ୍ରତ୍ୟେକ ବିବାଦର ବିଚାର କ୍ଷେତ୍ରରେ ଉପଯୁକ୍ତ ନ୍ୟାୟ ପ୍ରଦାନ କରାଯାଏ । ଯିଏ ଯେଉଁ ଗୋଷ୍ଠୀର ବ୍ୟକ୍ତି ହୋଇଥାଆନ୍ତି ନା କାହିଁକି ସମସ୍ତଙ୍କୁ ଉଚିତ ନ୍ୟାୟ ପ୍ରଦାନ କରାଯାଇଥାଏ । ଯେଉଁ ନିଷ୍ପତ୍ତି ଗ୍ରାମସଭା ଦ୍ୱାରା ନିଆଯାଇନପାରେ, ତାହା ପାଞ୍ଚଟି ଗ୍ରାମର ମୁଖ୍ୟ ତଥା ବିଚାରକମଣ୍ଡଳୀକୁ ଆମନ୍ତ୍ରଣ କରାଯାଇ ମାମଲାର ସମାଧାନ ନିମନ୍ତେ ଏକ ସଭାର ଆୟୋଜନ କରାଯାଇଥାଏ । ଏହାକୁ 'ପାଞ୍ଚଟ୍' ବୋଲି କୁହାଯାଏ । ପଞ୍ଚାୟତର ସରପଞ୍ଚ, ୱାର୍ଡ଼ମେମ୍ବର, ପ୍ରତ୍ୟେକ ଗ୍ରାମର ଗ୍ରାମ ସଭାପତି, ଅନ୍ୟାନ୍ୟ ସଦସ୍ୟ ଏହି ସଭାରେ ଅଂଶଗ୍ରହଣ କରି ମୋକଦ୍ଦମାର ବିଚାର କରିଥାନ୍ତି ।

## ଧର୍ମୀୟ ସମ୍ପର୍କ:

କେତେକ ବିଶେଷ ପରିସ୍ଥିତିରେ ବିଭିନ୍ନ ଗୋଷ୍ଠୀ ଲୋକମାନଙ୍କ ମଧ୍ୟରେ ଧର୍ମୀୟ ସଂପର୍କ ରକ୍ଷା କରାଯାଉଥିବା ପରିଲକ୍ଷିତ ହୋଇଥାଏ । ଦୀର୍ଘଦିନ ଧରି ବର୍ଷା ନହେବା ଓ ଶୀକାର ସମୟରେ ଶୀକାର ନ ମିଳିବା କାରଣରୁ ବିଭିନ୍ନ ଗୋଷ୍ଠୀମାନଙ୍କ ସହାୟତାରେ ଶିକାର ଦେବଦେବୀଙ୍କୁ ପଶୁ-ପକ୍ଷୀ ବଳି ଦେଇ ପୂଜା ପାଠ କରାଯାଇଥାଏ। ପୂଜାପାଠ ସମୟରେ ବିଭିନ୍ନ ଗୋଷ୍ଠୀର ମୁଖ୍ୟ ଧର୍ମୀୟ କର୍ମକର୍ତ୍ତାଙ୍କୁ ସ୍ୱତନ୍ତ୍ର ଭାବରେ ନିମନ୍ତ୍ରଣ ମଧ୍ୟ କରିଥାନ୍ତି, ପୂଜାପାଠ ପରେ ଭୋଜିଭାତର ଆୟୋଜନ କରି ମିଳିମିଶି ଭୋଜନ କରିଥାନ୍ତି। ପ୍ରତ୍ୟେକ ସମ୍ପ୍ରଦାୟ ଅନ୍ୟ ସମ୍ପ୍ରଦାୟର ଧାର୍ମିକ ରୀତିନୀତି ଓ ବିଶ୍ୱାସକୁ ସମ୍ମାନ ଦେଇଥାନ୍ତି। କେଉଁଥିରେ ହସ୍ତକ୍ଷେପ କରିବା କିମ୍ୱା ଧର୍ମାନ୍ତରୀକରଣ କରିବା ଦେଖାଯାଏ ନାହିଁ ।

## ଅନ୍ୟାନ୍ୟ ସମ୍ପର୍କ:

ଏତଦ୍‌ଭିନ୍ନ ଅନ୍ୟାନ୍ୟ ସାମୂହିକ କାର୍ଯ୍ୟ, ଯଥା:- ରାସ୍ତା ମରାମତି, ସ୍ଥାନୀୟ ହାଟ ପ୍ରତିଷ୍ଠା, ଗ୍ରାମ ପୋଖରୀ ସଫା, ପାଣି ବନ୍ଧ ପ୍ରତିଷ୍ଠା, ଆଦିକ୍ଷେତ୍ରରେ ପ୍ରତ୍ୟେକ ପ୍ରତ୍ୟେକଙ୍କ ସହିତ ସହଯୋଗ ରକ୍ଷାକରି ସୁସମ୍ପର୍କ ରକ୍ଷା କରିଥାନ୍ତି ।

## ଖାଦ୍ୟ ଗ୍ରହଣ ଓ ପ୍ରତ୍ୟାଖାନ:

ପାହାଡ଼ି ଖଡ଼ିଆ ଲୋକମାନେ ଅନ୍ୟ ଗୋଷ୍ଠୀଙ୍କଠାରୁ ପ୍ରାୟତଃ ଖାଦ୍ୟ ଗ୍ରହଣ କରନ୍ତି ନାହିଁ । ମାଙ୍କଡ଼ିଆ, ସାନ୍ତାଳ, ଲୋଧା, କୋହ୍ଲ, ଭୂମିଜ, ବାଥୁଡ଼ି ଆଦି ଗୋଷ୍ଠୀଙ୍କ ଘରୁ ଖାଦ୍ୟ ଗ୍ରହଣ କରନ୍ତି ନାହିଁ । ସେମାନଙ୍କ ବିବାହଭୋଜ ତଥା ଅନ୍ୟାନ୍ୟ ସାମାଜିକ କର୍ମକର୍ମାଣିରେ ଯୋଗ ଦେଇଥାନ୍ତି। ମାତ୍ର ଖାଦ୍ୟ ସେବନ କରନ୍ତି ନାହିଁ, କିମ୍ୱା ପାନୀୟ ଗ୍ରହଣ ମଧ୍ୟ କରନ୍ତି ନାହିଁ । ଯଦି ବାହାଘରରେ ଖଡ଼ିଆ ଗୋଷ୍ଠୀର ଲୋକେ ରନ୍ଧାବଢ଼ା କରିଥାନ୍ତି, ତେବେ ସେମାନେ ଖାଦ୍ୟ ଗ୍ରହଣ କରିଥାନ୍ତି । ସାଧାରଣତଃ ଅନ୍ୟଗୋଷ୍ଠୀଙ୍କ ବିବାହ କାମ କାର୍ଯ୍ୟରେ ଖଡ଼ିଆମାନଙ୍କ ପାଇଁ ଅନ୍ୟତ୍ର ଖଡ଼ିଆ ଗୋଷ୍ଠୀ ଲୋକଙ୍କ ଦ୍ୱାରା ଖାଦ୍ୟ ପ୍ରସ୍ତୁତ କରାଯାଇଥାଏ । ଅନ୍ୟ ସମସ୍ତ ଗୋଷ୍ଠୀ ଯଥା- ଭୂମିଜ, ମାଙ୍କିଡ଼ିଆ, ଲୋଧା, କୋହ୍ଲ, ସାନ୍ତାଳ, ବାଥୁଡ଼ି, ପାତ୍ର, ପ୍ରଭୃତି କିନ୍ତୁ ପାହାଡ଼ି ଖଡ଼ିଆମାନଙ୍କ ଘରୁ ଖାଦ୍ୟ ଗ୍ରହଣ କରିପାରନ୍ତି ।

## ପଡ଼ୋଶୀ ଗୋଷ୍ଠୀର ସାଂପ୍ରତିକ ଅବସ୍ଥା:

ପାହାଡ଼ି ଖଡ଼ିଆମାନଙ୍କ ଅନ୍ୟ ଗୋଷ୍ଠୀମାନଙ୍କ ସହିତ ଓ ଅନ୍ୟମାନଙ୍କର ଖଡ଼ିଆମାନଙ୍କ ସହିତ ନିର୍ଭରଶୀଳତା ଏତେ ପରିମାଣରେ ବୃଦ୍ଧିପାଇଲାଣି ଯେ ସେମାନଙ୍କ ସମ୍ପର୍କକୁ ପରିତେଜ୍ୟ କରିବା ସମ୍ଭବ ନୁହେଁ। ଖଡ଼ିଆମାନେ ସେମାନଙ୍କ କେତେକ ଲୁହା ଉପକରଣ, ଯଥା:- ଗୁଜିଆ, ଶାବଳ, କୁଡ଼ି, କଟୁରୀ, କୁରାଢ଼ୀ, ବାର୍ଚ୍ଚା ପଡ଼ୋଶୀ କମାରମାନଙ୍କଠାରୁ କିଣିଥାନ୍ତି । ତେଣୁ କୌଣସି ପରିସ୍ଥିତିରେ ଖଡ଼ିଆମାନେ କମାରମାନଙ୍କୁ ଛାଡ଼ିପାରିବେ ନାହିଁ, କମାରମାନେ ମଧ୍ୟ ଖଡ଼ିଆମାନଙ୍କୁ ଉପକରଣମାନ ବିକ୍ରୟ କରି ଲାଭବାନ ହୋଇଥାନ୍ତି । ସେହିପରି ଭାତ ରାନ୍ଧିବା ପାଇଁ ମାଟିହାଣ୍ଡି, କଳସୀ ଇତ୍ୟାଦି କୁମ୍ଭାରମାନଙ୍କଠାରୁ ଆଣିଥାନ୍ତି । ମାହାଲୀ ଗୋଷ୍ଠୀଙ୍କଠାରୁ ଡଲା, କୁଲା, ଝୁଡ଼ି, ଚଲା ଇତ୍ୟାଦି ସଂଗ୍ରହ କରନ୍ତି । ମାଙ୍କଡ଼ିଆମାନଙ୍କଠାରୁ ଦଉଡ଼ି, ପଘା ଆଣିଥାନ୍ତି । ପ୍ରତିବଦଳରେ ଅନ୍ୟ ପ୍ରଜାତି ଗୋଷ୍ଠୀର ଲୋକେ ଖଡ଼ିଆ ଲୋକଙ୍କ ଠାରୁ ମହୁ, ଝୁଣା, ପାଳୁଅ, ଲାଖ ଆଦି ମୂଲ୍ୟବାନ ଦ୍ରବ୍ୟ ପାଇପାରିଥାନ୍ତି । ଏହା ବ୍ୟତୀତ ଯେ କୌଣସି ଗୋଷ୍ଠୀର ଲୋକେ ଅନ୍ୟ ଗୋଷ୍ଠୀର ଚାଷ ଜମିରେ ଚାଷକାର୍ଯ୍ୟ କରିବା ପାଇଁ ଡାକରା ପାଇଲେ ଯାଇ ଶ୍ରମଦାନ କରନ୍ତି ଓ ପ୍ରତିବଦଳରେ ମଜୁରୀ ପାଇଥାନ୍ତି । ଫଳରେ ସମସ୍ତ ସମ୍ପ୍ରଦାୟଙ୍କ କାର୍ଯ୍ୟ ଠିକ୍ ସମୟରେ ହୋଇପାରିଥାଏ । ତେଣୁ ପଡ଼ୋଶୀ ପ୍ରଜାତି ଗୋଷ୍ଠୀର ପାହାଡି ଖଡ଼ିଆମାନଙ୍କ ସହିତ ଏକ ବନ୍ଧୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

## ବିଭିନ୍ନ ଗୋଷ୍ଠୀମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟିକରୁଥିବା କାରକ ଓ କାରଣ:

ବେଳେବେଳେ ଅନ୍ୟ ଗୋଷ୍ଠୀମାନଙ୍କ ସହିତ ପାହାଡ଼ି ଖଡ଼ିଆମାନଙ୍କ ତଥା ଅନ୍ୟ ଗୋଷ୍ଠୀ ମଧ୍ୟରେ ବିଭିନ୍ନ ବିଷୟକୁ ନେଇ ଗଣ୍ଡଗୋଳ ଓ ଉତ୍ତେଜନା ସୃଷ୍ଟି ହୋଇଥାଏ । ପ୍ରଜାତିଗୋଷ୍ଠୀର ଲୋକେ ପାହାଡ଼ି ଖଡ଼ିଆମାନଙ୍କୁ ଜମିରେ କାମ କରାଇ ନିର୍ଦ୍ଧାରିତ ମଜୁରି ଠାରୁ କମ୍ ମଜୁରି ଦେଇଥାନ୍ତି । ଫଳରେ ଦୁଇଗୋଷ୍ଠୀ ମଧ୍ୟରେ ବାଦାନୁବାଦ ସୃଷ୍ଟି ହୁଏ । ଅନେକ ସମୟରେ ମଧ୍ୟ ପାହାଡ଼ି ଖଡ଼ିଆମାନଙ୍କୁ ମଜୁରୀ ଆକାରରେ ନିମ୍ନମାନର ଶସ୍ୟ, ପୋକା ବା ଖରାପ ଚାଉଳ କିମ୍ବା ଅଟା ଦିଅନ୍ତି । ଏହା ପାହାଡ଼ି ଖଡ଼ିଆମାନଙ୍କ ଯଥେଷ୍ଟ କ୍ଷତି କରେ। ବେଳେବେଳେ ଖଡ଼ିଆ ବସ୍ତି

ସଂଲଗ୍ନ ହୋଇଥିବା ପଡ଼ୋଶୀ ଲୋକଙ୍କ ଚାଷ ଜମିରେ ପାହାଡ଼ି ଖଡ଼ିଆ ଲୋକଙ୍କ ଛେଳି, ଗୋରୁ, କୁକୁଡ଼ା, ଶସ୍ୟ ନଷ୍ଟ କରିଦେବା ଫଳରୁ ବିବାଦ ତଥା ଉତ୍ତେଜନା ସୃଷ୍ଟି ହୋଇଥାଏ । ଏହିସବୁ ଘଟଣା ଯୋଗୁଁ ବିଭିନ୍ନ ଗୋଷ୍ଠୀମାନଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇ ସମସ୍ତଙ୍କ ପାଇଁ କ୍ଷତି ପହଞ୍ଚାଇଥାଏ ।

## ସୁ-ସମ୍ପର୍କ ସ୍ଥାପନ ନିମନ୍ତେ ପ୍ରସ୍ତାବ ଓ ସୁପାରିଶ :

ପଡ଼ୋଶୀ ଗୋଷ୍ଠୀମାନଙ୍କ ସହିତ ସୁ-ସଂପର୍କ ସ୍ଥାପନ ପାଇଁ ଉତ୍ତମ ବାତାବରଣର ଆବଶ୍ୟକତା ରହିଛି । ପରସ୍ପର ମଧ୍ୟରେ ଏଥିପାଇଁ ଦୃଢ଼ ବିଶ୍ୱାସ ତଥା ଆସ୍ଥାଭାବ ରହିବା ବିଧେୟ । ସମସ୍ତେ ସମସ୍ତଙ୍କ ସାମାଜିକ ରୀତିନୀତିକୁ ସମ୍ମାନ ଜଣାଇବା, ସଂସ୍କୃତିକୁ ଗ୍ରହଣ କରିବା, ପୂଜା ପାର୍ବଣରେ ସକ୍ରିୟ ଅଂଶ ଗ୍ରହଣ କରିବା, ସାମୂହିକ କାର୍ଯ୍ୟରେ ସହଯୋଗ କରିବା ଇତ୍ୟାଦି ବାତାବରଣ ସୃଷ୍ଟି ହୋଇପାରିଲେ ସେମାନଙ୍କ ମଧ୍ୟରେ ସୁ-ସମ୍ପର୍କ ସ୍ଥାପନ ସମ୍ଭବ ହୋଇପାରିବ ।


ପାହାଡ଼ି ଝଡ଼ିଆ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଭୁବନେଶ୍ୱର